ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ଜାନୁୟାରୀ ୧୭/୨୦୧୯ (୧୬ ପୃଷ୍ଠା) | Bhubaneswar, Thursday, January 17/ 2019 | ★★★★
୪୫ଶ ଭାଗ ୫୫ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹ ୪/-



**ବିଶ୍ୱ ବ୍ୟାଙ୍କ ମୁଖ୍ୟ ହୋଇପାରନ୍ତି ଇନ୍ଦ୍ରା ନୁୟୀ**
ପ୍ରବାସୀ ଭାରତୀୟ ମହିଳା ତଥା ପେପ୍ସିକୋର ପୂର୍ବତନ ସିଇଓ ଇନ୍ଦ୍ରା ନୁୟୀ ବିଶ୍ୱ ବ୍ୟାଙ୍କ ଅଧକ୍ଷ ଦୌଡ଼ରେ ଆଗରେ ରହିଛନ୍ତି। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ କନ୍ୟା ଇଭାଙ୍କା ଟ୍ରମ୍ପ ତାଙ୍କ ନାମ ପ୍ରସ୍ତାବ ଦେଇଛନ୍ତି। **୧୩**

**୧୫** **ଗ୍ରାଣ୍ଡସ୍ଲାମରେ କର୍ବରଙ୍କ ଶତକ ବିଜୟ**
ମେଲବୋର୍ନରେ ଚାଲିଥିବା ଅଷ୍ଟ୍ରେଲିଆନ ଓପନ ଟେନିସରେ କ୍ୟାରିୟରର ୧୦୦ତମ ଗ୍ରାଣ୍ଡସ୍ଲାମ ମ୍ୟାଚ ଜିତିଛନ୍ତି ଜର୍ମାନୀର ଆଞ୍ଜେଲିକ୍ କର୍ବର।



ମିଶନ ଶକ୍ତି
ମିଶନ ଶକ୍ତି ରୁ ମିଳିଛି ଆମକୁ ସ୍ୱତନ୍ତ୍ର ପରିଚୟ
70 ଲକ୍ଷ ସଶକ୍ତ ମହିଳା
● ନୂତନ ସଙ୍ଘ ସହାୟକ ଗୋଷ୍ଠୀ ନିମନ୍ତେ ୧୫,୦୦୦ ଟଙ୍କା
● ସ୍ମାର୍ଟଫୋନ୍ ପାଇଁ ୩,୦୦୦ ଟଙ୍କା ଆର୍ଥିକ ସହାୟତା
● ବ୍ଲକ ମହାସଂଘ ପାଇଁ ୨୫ ଲକ୍ଷ ଟଙ୍କାର ଆବର୍ତ୍ତନ ପାଣ୍ଠି
● ୦% ସୁଧରେ ୩ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ମିଶନ ଶକ୍ତି ଋଣ
● ପ୍ରତି ପଞ୍ଚାୟତରେ ମିଶନ ଶକ୍ତି ଗୃହ ନିର୍ମାଣ
DSPL-353
33001/13/0026/1819
/missionshakti.odisha/ @mission_shakti mission.shakti mission.shakti







## ଅମିତ ଶାହଙ୍କୁ ସ୍ୱାଇନ୍ ଫ୍ଲୁ

■ ୧୮ରେ ଓଡ଼ିଶା ଗସ୍ତ ବାତିଲ



ନୂଆଦିଲ୍ଲୀ, ୧୬।୧

ଭାଜପା ରାଷ୍ଟ୍ରୀୟ ଅଧକ୍ଷ ଅମିତ ଶାହଙ୍କୁ ସ୍ୱାଇନ୍ ଫ୍ଲୁ ହୋଇଛି। ସେ ଏବେ ଦିଲ୍ଲୀସ୍ଥିତ ଏମ୍ସରେ ଚିକିତ୍ସିତ ହେଉଛନ୍ତି। ଖୁବ୍‌ଶୀଘ୍ର ଭଲ ହେବା ନେଇ ଆଶା କରୁଥିବା ସେ ଟୁଇଟ୍ କରି ଜଣାଇଛନ୍ତି। ସ୍ୱରାଷ୍ଟ୍ର ମନ୍ତ୍ରୀ ରାଜନାଥ ସିଂ ତାଙ୍କର ଆଶୁ ଆରୋଗ୍ୟ କାମନା କରିଛନ୍ତି। ଏହି ପରିପ୍ରେକ୍ଷୀରେ ଶାହଙ୍କ ଆସନ୍ତା ୧୮ରେ ଥିବା ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମକୁ ବାତିଲ କରାଯାଇଛି। ଏନେଇ ଦଳର ରାଜ୍ୟ ଉପସଭାପତି ସମୀର ମହାନ୍ତି ସୂଚନା ଦେଇଛନ୍ତି।

**ଆଜିର ସମ୍ପାଦକୀୟ**
ପ୍ରାଣୀଙ୍କ ଲାଟରାଲିଟି

### ୨୦୧୪ରୁ ଅଦ୍ୟାବଧି କେତେ ଲୋକଙ୍କୁ ଚାକିରି ଦିଆଯାଇଛି କେନ୍ଦ୍ରକୁ ଜଣାନାହିଁ

# ନିଯୁକ୍ତି ବାଟବଣା

ନୂଆଦିଲ୍ଲୀ, ୧୬।୧

କେନ୍ଦ୍ରର ଏନ୍‌ଡିଏ ସରକାର କେତେବେଳେ କୋଟି କୋଟି ଚାକିରି ଆଶାୟୀଙ୍କୁ କର୍ମସଂସ୍ଥାନ ପ୍ରଦାନ କରାଯାଇଥିବା ନେଇ ଡିଣ୍ଡିମ ପିଟୁଥିବାବେଳେ ଆଉ କେତେବେଳେ ଏହାର ନେତାମାନେ ଯୁବତୀଯୁବକଙ୍କୁ ପକୁଡ଼ି ଛାଣି ଆତ୍ମନିଯୁକ୍ତିର ପରାମର୍ଶ ଦେଉଛନ୍ତି। ଏବେ ସମସ୍ତଙ୍କୁ ଚକିତ କରିଦେବା ଭଳି ଏକ ତଥ୍ୟ ସାମ୍ନାକୁ ଆସିଛି। ତାହା ହେଲା ନିଯୁକ୍ତି ଅଭିବୃଦ୍ଧି ନେଇ ମୋଦି ସରକାରଙ୍କ ପାଖରେ ବାସ୍ତବ ତଥ୍ୟ ନାହିଁ ବୋଲି ଖୋଦ୍ ସରକାର ସ୍ୱୀକାର କରିଛନ୍ତି। ବରିଷ୍ଠ ଭାଜପା ନେତା ମୁରଲୀ ମନୋହର ଜୋଷୀଙ୍କ ଅଧକ୍ଷତାରେ ଗଠିତ ଏକ କମିଟି ଏ ସମ୍ପର୍କିତ ରିପୋର୍ଟ ପାର୍ଲାମେଣ୍ଟରେ ଉପସ୍ଥାପନ କରିବାକୁ ଯାଉଛି।

୨୦୧୪ ମେ ୨୬ରେ କେନ୍ଦ୍ରରେ ମୋଦି ସରକାର କ୍ଷମତାସୀନ ହୋଇଥିଲେ। ସେବେଠୁ ଅଦ୍ୟାବଧି ଦେଶରେ କେତେସଂଖ୍ୟକ ନିଯୁକ୍ତି ସୁଯୋଗ ସୃଷ୍ଟି କରାଯାଇଛି, ସେନେଇ ସରକାରଙ୍କ ପାଖରେ ତଥ୍ୟ ନାହିଁ। ଏକ

■ କର୍ମ ସଂସ୍ଥାନ ଅଭିବୃଦ୍ଧି ନେଇ ବାସ୍ତବ ତଥ୍ୟର ଅଭାବ
■ ସଂସଦୀୟ କମିଟି ଆଗରେ ଏହା ସ୍ୱୀକାର କରିଛନ୍ତି ସରକାର
■ ଲୋକ ସଭାରେ ଉପସ୍ଥାପିତ ହେବ ଏଷ୍ଟିମେଟ କମିଟି ରିପୋର୍ଟ
■ ମୁରଲୀ ମନୋହର ଜୋଷୀ କମିଟି ଅଧକ୍ଷ

ସଂସଦୀୟ କମିଟି ଆଗରେ ମୋଦି ସରକାର ଏହି ବିଷୟ ସ୍ୱୀକାର କରିଛନ୍ତି। ଜୋଷୀ ଅଧକ୍ଷତା କରୁଥିବା ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ସମ୍ପର୍କିତ ଆକଳନ କମିଟି ସହ କେନ୍ଦ୍ର ସରକାର ବିଗତ ୬ ମାସରୁ ଊର୍ଦ୍ଧ୍ୱ ସମୟ ଧରି ମୁହାଁମୁହିଁ ଅବସ୍ଥାରେ ଅଛନ୍ତି। ଭାରତରେ ନିଯୁକ୍ତିର ମାନଦଣ୍ଡ ଭାବେ ଗ୍ରହଣ କରିହେବା ଭଳି ଏକ ବିଶ୍ୱସନୀୟ ବ୍ୟବସ୍ଥା ଅଛି କି ନାହିଁ ଭଳି କେତେକ ପ୍ରସଙ୍ଗକୁ ନେଇ ଭାଜପା ଏବଂ ଏହି ସଂସଦୀୟ କମିଟିର କେତେଜଣ ସଦସ୍ୟ ଏକମତ ନୁହନ୍ତି। ସୂତ୍ରରୁ ମିଳିଥିବା ସୂଚନାନୁସାରେ ଜୋଷୀଙ୍କ ରିପୋର୍ଟ ଲୋକ ସଭାରେ ଉପସ୍ଥାପିତ ହେବାକୁ ଯାଉଛି। ଏହା ସହ କମିଟିର ୩ ଭାଜପା ସଦସ୍ୟ ଅସନ୍ତୋଷ ବ୍ୟକ୍ତ କରିଥିବା ପତ୍ର ପ୍ରଥମଥର ପାଇଁ ଉପସ୍ଥାପନ କରାଯିବ। ପ୍ରକୃତ ନିଯୁକ୍ତି ଅଭିବୃଦ୍ଧି ସହ କମିଟିର ନିଷ୍କର୍ଷ ମେଳ ଖାଉନାହିଁ ବୋଲି ସରକାରଙ୍କ ଦ୍ୱାରା ପ୍ରୋତ୍ସାହିତ ଭାଜପାର କେତେଜଣ ସଦସ୍ୟ ଯୁକ୍ତି ବାଢ଼ିଥିବା ନିଃସନ୍ଦେହରେ କୁହାଯାଇପାରେ। ଅନ୍ୟପକ୍ଷରେ ମୁଦ୍ରା ଋଣ ପ୍ରଦାନରେ ବୃଦ୍ଧି ଘଟିଛି। ଏହାସହ କର୍ମଚାରୀ ଭବିଷ୍ୟନିଧି ପାଣ୍ଠି ସଙ୍ଗଠନ (ଇପିଏଫ୍‌ଓ)ରେ ନୂଆ ପଞ୍ଜୀକରଣଗୁଡ଼ିକରୁ ନିଯୁକ୍ତି ଅଭିବୃଦ୍ଧି ପ୍ରତିଫଳିତ ହେଉଛି ବୋଲି ୨୦୧୮ରେ ବର୍ଷସାରା ପ୍ରଧାନମନ୍ତ୍ରୀ ଓ ତାଙ୍କ କ୍ୟାବିନେଟର ଅନେକ ବରିଷ୍ଠ ମନ୍ତ୍ରୀ ଯୁକ୍ତି ବାଢୁଥିଲେ। ତେବେ ସଂସଦୀୟ କମିଟି ନିଯୁକ୍ତି ତଥ୍ୟ ସଂଗ୍ରହର ☞ ପୃଷ୍ଠା-୪

## ଓଟିଇଟି ପ୍ରଶ୍ନପତ୍ର ଲିକ୍



ଓଟିଇଟି ବାତିଲ୍ ପରେ କଟକ ବୋର୍ଡ ହାଇସ୍କୁଲ୍ ପରୀକ୍ଷା କେନ୍ଦ୍ର ପରିସରରେ ଅସନ୍ତୁଷ୍ଟ ପରୀକ୍ଷାର୍ଥୀ।

କଟକ ଅଫିସ, ୧୬।୧

ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ରାଜ୍ୟ ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଓଟିଇଟି) ପ୍ରଶ୍ନପତ୍ର ଲିକ୍ ହୋଇଛି। ସୋସିଆଲ୍ ମିଡିଆରେ ତାହା ଭାଇରାଲ ହେବା ପରେ ବୋର୍ଡ ପକ୍ଷରୁ ପରୀକ୍ଷାକୁ ବାତିଲ କରିଦିଆଯାଇଛି। ଘଟଣାର ତଦନ୍ତ ନିମନ୍ତେ ବୋର୍ଡ ପକ୍ଷରୁ କ୍ରାଇମବ୍ରାଞ୍ଚକୁ ଚିଠି କରାଯାଇଛି। ମାର୍ଚ୍ଚ ୮ରେ ମାଟ୍ରିକ ପରୀକ୍ଷା ସରିବା ପରେ ପୁନର୍ବାର ଓଟିଇଟି ପରୀକ୍ଷା ପାଇଁ ଦିନଧାର୍ଯ୍ୟ କରାଯିବ ବୋଲି ବୋର୍ଡ ସଭାପତି ଡ. ଜାହାନାରା ବେଗମ୍ ସୂଚନା ଦେଇଛନ୍ତି।

ବୁଧବାର ଥିଲା ଓଟିଇଟି ପରୀକ୍ଷା। ସକାଳ ୧୦ଟାରୁ ଅପରାହ୍ଣ ସାଢେ ୧୨ଟା ପର୍ଯ୍ୟନ୍ତ ପେପର-୧ ଓ ଅପରାହ୍ଣ ୨ଟାରୁ ସାଢେ ୪ଟା ପର୍ଯ୍ୟନ୍ତ ପେପର-୨ ପରୀକ୍ଷା ଥିଲା। ପ୍ରଥମ ସିଟିଂ ପରୀକ୍ଷା ଆରମ୍ଭ ହୋଇଯାଇଥିଲା। ରାଜ୍ୟର ୨୫୦ଟି କେନ୍ଦ୍ରରେ ମୋଟ ୧ ଲକ୍ଷ ୧୨ହଜାର ୭୧୬ ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେଉଥିଲେ। ହେଲେ ଉଭୟ ପେପର-୧ ଓ ପେପର-୨ ପ୍ରଶ୍ନପତ୍ର ସୋସିଆଲ ମିଡିଆରେ ଭାଇରାଲ ହୋଇଥିବା ଦେଖିବାକୁ ☞ ପୃଷ୍ଠା-୪

■ ଭାଇରାଲ୍ ପରେ ପରୀକ୍ଷା ବାତିଲ
■ କ୍ରାଇମବ୍ରାଞ୍ଚ ତଦନ୍ତ ପାଇଁ ବୋର୍ଡର ଚିଠି
■ କାନ୍ଦି କାନ୍ଦି ଘରକୁ ଫେରିଲେ ପରୀକ୍ଷାର୍ଥୀ

## କଲରାପତରିଆ ମୃତଦେହ ଉଦ୍ଧାର

ପାଲଲହଡ଼ା, ୧୬।୧ (ଡି.ଏନ.ଏ.)

ଅନୁଗୋଳ ଜିଲା ପାଲଲହଡ଼ା ବ୍ଲକ ଖମାର ରେଞ୍ଜ ଅଞ୍ଚଳରେ ଥିବା ରେଙ୍ଗାଳି ଜଳଭଣ୍ଡାରରୁ ବୁଧବାର ଏକ କଲରାପତରିଆ ବାଘର ମୃତଦେହ ଉଦ୍ଧାର କରାଯାଇଛି। ମୃତ ବାଘର ବୟସ ୫ରୁ ୬ ବର୍ଷ ହେବ। ତେବେ କେଉଁ କାରଣରୁ ବାଘର ମୃତ୍ୟୁ ଘଟିଛି ତାହା ଜଣାପଡ଼ି ନ ଥିବା ବେଳେ ବ୍ୟବଚ୍ଛେଦ ପରେ ଘଟଣା ସ୍ପଷ୍ଟ ହେବ ବୋଲି ବନ ବିଭାଗ ସୂଚନା ଦେଇଛି।

ପ୍ରକାଶ ଯେ, ଜଳଭଣ୍ଡାରର ମାଙ୍କଡଚୁଆ ଗାଁ ନିକଟରେ ସକାଳେ ବାଘ ମରି ଭାସୁଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। ଏହା ପ୍ରଚାରିତ ହେବା ପରେ ସେଠାକୁ ଲୋକଙ୍କ ସୁଅ ଛୁଟିଥିଲା।



ଜଳଭଣ୍ଡାର ପରିସରରେ ପଡ଼ିଥିବା ବାଘର ମୃତଦେହ।

■ ରେଙ୍ଗାଳି ଜଳ ଭଣ୍ଡାରରେ ଭାସୁଥିଲା

ଗ୍ରାମବାସୀଙ୍କଠାରୁ ଖବରପାଇ ଖମାର ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲେ। ମୃତ ଯୁବ ବାଘର ଲମ୍ବ ୫ ଫୁଟ ହେବ ବୋଲି ରେଞ୍ଜର ରମାକାନ୍ତ ସେଠୀ ସୂଚନା ଦେଇଛନ୍ତି। ଘଟଣାସ୍ଥଳରେ ଦେବଗଡ ଡିଏଫଓ କାର୍ତ୍ତିକ ଚନ୍ଦ୍ର ସାମନ୍ତରାୟ, ବନ ସଂରକ୍ଷକ ପହଞ୍ଚିଛନ୍ତି। ଜାତୀୟ ବ୍ୟାଘ୍ର ସଂରକ୍ଷଣ ଅଧିକାରୀଙ୍କ ଉପସ୍ଥିତିରେ ମୃତଦେହ ବ୍ୟବଚ୍ଛେଦ କରାଯିବ। ଏହାପରେ ମୃତ୍ୟୁର କାରଣ ଜଣାପଡ଼ିବ ବୋଲି ରେଞ୍ଜର କହିଛନ୍ତି।

## କଂଗ୍ରେସରୁ ନବ ଦାସଙ୍କ ଇସ୍ତଫା

ଭୁବନେଶ୍ୱର, ୧୬।୧ (ବ୍ୟୁରୋ)

ଦୀର୍ଘଦିନ ଧରି ଲାଗି ରହିଥିବା ଚର୍ଚ୍ଚାର ଶେଷରେ ଅବସାନ ଘଟିଛି। କଂଗ୍ରେସ ଛାଡିବା ତାଲିକାରେ ପୁଣିଥରେ ଜଣେ ଆଗ ଧାଡ଼ି ନେତାଙ୍କ ନାମ ଯୋଡ଼ି ହୋଇଯାଇଛି। ଝାରସୁଗୁଡା ବିଧାୟକ ନବ ଦାସ ବୁଧବାର କଂଗ୍ରେସର ପ୍ରାଥମିକ ସଦସ୍ୟ ପଦ ଏବଂ ପ୍ରଦେଶ କଂଗ୍ରେସ କମିଟି(ପିସିସି) କାର୍ଯ୍ୟକାରୀ ସଭାପତି ପଦରୁ ଇସ୍ତଫା ଦେଇଛନ୍ତି। ଦୀର୍ଘଦିନ ହେବ ନବଙ୍କ ବିଜେଡିରେ ମିଶିବା ନେଇ ଚର୍ଚ୍ଚା ହେଉଥିଲେ ମଧ୍ୟ ନିକଟରେ ଥରେ ଦୁଇଥର ସେ ଚର୍ଚ୍ଚାକୁ ଅସ୍ୱୀକାର କରିଥିଲେ। ଆସନ୍ତା ସାଧାରଣ ନିର୍ବାଚନ ସେ କଂଗ୍ରେସରୁ ଲଢିବେ ବୋଲି କହୁଥିଲେ। ଶେଷରେ କିନ୍ତୁ ଚର୍ଚ୍ଚା ସତ ହୋଇଛି, ନବ ନିଜ ଇସ୍ତଫାପତ୍ର କଂଗ୍ରେସ ଅଧକ୍ଷ ରାହୁଲ ଗାନ୍ଧୀଙ୍କ ନିକଟକୁ ପଠାଇ ଦେଇଛନ୍ତି। ଏହାସହ ସେ ତାଙ୍କ ଇସ୍ତଫା ପତ୍ର



■ ଖୁବ୍‌ଶୀଘ୍ର ଛାଡ଼ିପାରନ୍ତି ବିଧାୟକ ପଦ
■ ଇସ୍ତଫା ପରେ ବହିଷ୍କାର

ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ନିରଞ୍ଜନ ପଟ୍ଟନାୟକ, ଦଳର ରାଜ୍ୟ ପ୍ରଭାରୀ ଜିତେନ୍ଦ୍ର ସିଂଙ୍କ ନିକଟକୁ ମଧ୍ୟ ପଠାଇଛନ୍ତି। ଦଳ ଛାଡିବା ନେଇ ନବ କାହାରିକୁ ଦୋଷ ଦେଇନାହାନ୍ତି, ଝାରସୁଗୁଡ଼ାବାସୀଙ୍କ ମତାମତକୁ ଆଧାର କରି ଏହି ନିଷ୍ପତ୍ତି ନେଇଥିବା କହିଛନ୍ତି। ଖୁବ୍‌ଶୀଘ୍ର ବିଧାୟକ ପଦରୁ ଇସ୍ତଫା ଦେବେ ବୋଲି ମଧ୍ୟ ସେ କହିସାରିଛନ୍ତି। ହେଲେ ନବ ଇସ୍ତଫା ଦେବାର କିଛି ସମୟ ପରେ ତାଙ୍କୁ ଦଳରୁ ବହିଷ୍କାର କରିଦିଆଯାଇଛି। ଏହି ଘଟଣାକୁ ନେଇ ଚର୍ଚ୍ଚା ଥମି ନ ଥିବାବେଳେ ଦଳର ଆଉ କେତେଜଣ ବିଧାୟକ ଖୁବ୍‌ଶୀଘ୍ର କଂଗ୍ରେସ ଛାଡି ବିଜେଡିରେ ☞ ପୃଷ୍ଠା-୪

**ଆଜିର ମନ୍ତବ୍ୟ**

" ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ତୁରନ୍ତ ନକଲି ଫିଲିପ୍ କୋଟ୍‌ଲର ଆୱାର୍ଡ ଫେରାଇଦେବା ଉଚିତ।
—ଶଶୀ ଥରୁର, ବରିଷ୍ଠ କଂଗ୍ରେସ ନେତା

NECC NATIONAL EGG CO-ORDINATION COMMITTEE 16.01.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 72 | 122 | 132 |
| CTC | 72 | 122 | 132 |
| DKL | 72 | 122 | 132 |
| BDK | 75 | 126 | 136 |
| BLS | 76 | 127 | 137 |
| ANG | 75 | 126 | 136 |

*Conditions Apply
Eggs Retail Price- 55/-Dozen
Issued in the Interest of Consumers

### ନାବାଳକଙ୍କୁ ଅପହରଣ ପରେ ହତ୍ୟା ଘଟଣା

## ଅଭିଯୁକ୍ତ ସମ୍ପର୍କୀୟ ମାମୁ ଗିରଫ

ବ୍ରହ୍ମପୁର ଅଫିସ୍, ୧୬।୧

ବ୍ରହ୍ମପୁର ସହର ଗୋଷାଣୀନୂଆଗାଁ ଥାନା ଅଧୀନ ସଦାନନ୍ଦ ବିହାର ସପ୍ତମ ଲେନ୍‌ର ଜଣେ ୭ବର୍ଷର ନାବାଳକଙ୍କୁ ଅପହରଣ ଓ ହତ୍ୟା ଘଟଣାରେ ପୋଲିସ ବୁଧବାର ଅଭିଯୁକ୍ତ ସମ୍ପର୍କୀୟ ମାମୁଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଯାଜପୁର ଜିଲା ଯଖପୁରା ଥାନା ଅନ୍ତର୍ଗତ ଗୌଡସାହିର ଦେବାଶିଷ ପଣ୍ଡା (୩୦)। ସୋନପୁର ଜିଲା ଡୁଙ୍ଗୁରିପାଲି ଗ୍ରାମରେ ଥିବା ତାଙ୍କ ବନ୍ଧୁଘରୁ ଦେବାଶିଷଙ୍କୁ ପୋଲିସ ମଙ୍ଗଳବାର ଗିରଫ କରିଥିଲା। ବୁଧବାର ସକାଳେ ଅଂଶୁମାନଙ୍କ ମୃତଦେହ ତାରାତାରିଣୀ ଜଙ୍ଗଲରୁ ଉଦ୍ଧାର କରାଯାଇଛି। ☞ ପୃଷ୍ଠା-୨



ଦେବାଶିଷ ପଣ୍ଡା

■ ମା' ପାଇଁ ଶିଶୁକୁ କରିଥିଲେ ହତ୍ୟା
■ ତାରାତାରିଣୀ ଜଙ୍ଗଲରୁ ମିଳିଲା ଗଳିତ ମୃତଦେହ

## ଧାର୍ଯ୍ୟ ଦିବସ ପୂରଣ କରୁନାହିଁ ଓଡ଼ିଶା ବିଧାନସଭା

ଭୁବନେଶ୍ୱର, ୧୬।୧ (ବ୍ୟୁରୋ)

ବିଧାନସଭା ଗଣତନ୍ତ୍ରର ମନ୍ଦିର ସଦୃଶ। ଏଠାରେ ହିଁ ରାଜ୍ୟ ପାଇଁ ଶାସନ ଖସଡା ପ୍ରସ୍ତୁତ ହୋଇଥାଏ। ରାଜ୍ୟ ତଥା ଜାତୀୟ ସ୍ୱାର୍ଥ ସମ୍ପର୍କିତ ସମସ୍ତ ବିଷୟରେ ବିତର୍କ ହୋଇଥାଏ। ବଜେଟ୍ ଉପସ୍ଥାପନଠାରୁ ବିଭିନ୍ନ ପ୍ରଶ୍ନର ଉତ୍ତର ଅଧିବେଶନରେ ମିଳିଥାଏ। ନିଜ ଅଞ୍ଚଳର ସମସ୍ୟାକୁ ଉପସ୍ଥାପିତ କରିବା ପାଇଁ ବିଧାୟକଙ୍କୁ ସୁଯୋଗ ମିଳେ। ହେଲେ ଗଣତନ୍ତ୍ର ଯେତିକି ପୁରୁଣା ହେଉଛି, ବିଧାନସଭା ଅଧିବେଶନ ଦିନଗୁଡିକ ସେତିକି ହ୍ରାସ ପାଇବାରେ ଲାଗିଛି। ଏହା ସୂଚନା ଅଧିକାର ଜରିଆରେ ହସ୍ତଗତ ହୋଇଥିବା ତଥ୍ୟରୁ ଜଣାପଡ଼ିଛି। ଏମିତି କି ବିଭିନ୍ନ ଆଳ ଦେଖାଇ



**ବିଧାନସଭା ଅଧିବେଶନ**

| ମସିହା | ଧାର୍ଯ୍ୟଦିନ | ଗୃହ ଚାଲିବା ଦିନ |
|---|---|---|
| ୨୦୦୯ | ୬୧ | ୫୧ |
| ୨୦୧୦ | ୬୦ | ୬୦ |
| ୨୦୧୧ | ୬୦ | ୫୪ |
| ୨୦୧୨ | ୬୦ | ୬୦ |
| ୨୦୧୩ | ୬୦ | ୫୨ |
| ୨୦୧୪ | ୫୯ | ୪୮ |
| ୨୦୧୫ | ୬୨ | ୫୨ |
| ୨୦୧୬ | ୬୪ | ୪୫ |
| ୨୦୧୭ | ୬୫ | ୪୮ |
| ୨୦୧୮ | ୬୫ | ୪୨ |

ନିର୍ଦ୍ଦିଷ୍ଟ ସମୟସୀମା ପୂର୍ବରୁ ବିଧାନସଭାକୁ ବନ୍ଦ କରି ଦିଆଯାଉଛି, ଯାହାକୁ ନେଇ ପୂର୍ବତନ ବିଧାୟକ, ମନ୍ତ୍ରୀ ଏବଂ ବୁଦ୍ଧିଜୀବୀ ଉଦ୍‌ବେଗ ପ୍ରକାଶ କରିଛନ୍ତି। କେତେଜଣ ରାଜନେତା ଶାସକ ଦଳର ଇଚ୍ଛା ଏବଂ ଅଫିସରମାନଙ୍କ ମନମାନିକୁ ଦାୟୀ କରିଛନ୍ତି।

ଗତ ନଭେମ୍ବର ୧୬ରେ ପଞ୍ଚଦଶ ବିଧାନସଭାର ଶୀତ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏହି ଅଧିବେଶନ ଡିସେମ୍ବର ୧୫ ଯାଏ ଚାଲିବା ନେଇ ସ୍ଥିରୀକୃତ ହୋଇଥିଲା। ମୋଟ କାର୍ଯ୍ୟ ଦିବସ ୨୩ ଦିନ ରଖାଯାଇଥିଲେ ମଧ୍ୟ ଏହା ମାତ୍ର ୫ ଦିନ ଚାଲିଥିଲା। କୌଣସି ସରକାରୀ କାର୍ଯ୍ୟ ନ ଥିବାରୁ ବନ୍ଦକୁ ଶାସକ ଦଳ ପକ୍ଷରୁ ଯଥାର୍ଥ ଦର୍ଶାଯାଇଥିଲା। ☞ ପୃଷ୍ଠା-୪

# କାଳିଆ ଯୋଜନାରେ ୬୫ ଲକ୍ଷ ଆବେଦନକାରୀ

- ସବୁଜ ଫର୍ମ ଆଧାରରେ ନାମ ସଂଯୋଗୀକରଣ ପ୍ରକ୍ରିୟା ଆରମ୍ଭ
- ୨୪ ଲକ୍ଷ ଲୋକଙ୍କୁ ଏସ୍‌ଏମ୍‌ଏସ, ୩୫ ଲକ୍ଷ ୱେବ୍‌ସାଇଟ୍ ପରିଦର୍ଶନ କରିଛନ୍ତି

ଭୁବନେଶ୍ୱର,୧୬।୧(ବ୍ୟୁରୋ)

କାଳିଆ ଯୋଜନାରେ ଆବେଦନକାରୀ ତାଲିକାରେ ନାମ ସଂଯୋଗ ପାଇଁ ଜାନୁୟାରୀ ୧୫ ସୁଦ୍ଧା ରାଜ୍ୟରେ ୬୫ ଲକ୍ଷରୁ ଅଧିକ ସବୁଜ ଫର୍ମ ସଂଗୃହୀତ ହୋଇଛି। ଏହି ବିଶାଳ କାର୍ଯ୍ୟକ୍ରମକୁ ସୁଚାରୁରୂପେ ସମ୍ପାଦନ କରିବା ପାଇଁ ୧୪,୦୦୦ରୁ ଅଧିକ ସଂଖ୍ୟକ ଡିଇଓ(ଡାଟା ଏଣ୍ଟ୍ରି ଅପରେଟର)ଙ୍କୁ ବ୍ଲକସ୍ତରରେ ନିୟୋଜିତ କରାଯାଇଛି। କାଳିଆ ଯୋଜନାର ସୁପରିଚାଳନା ପାଇଁ ୩୦ ଜିଲା ନିମନ୍ତେ ୨୮ଜଣ ପର୍ଯ୍ୟବେକ୍ଷକଙ୍କୁ ଦାୟିତ୍ୱ ଦିଆଯାଇଛି । ଯୋଗ୍ୟ ଆବେଦନକାରୀଙ୍କ ନାମ ପ୍ରଥମ ପର୍ଯ୍ୟାୟ ଚିଠା ତାଲିକାରେ ସଂଯୋଗ ପାଇଁ ରାଜ୍ୟ ସରକାର ସବୁଜ ଫର୍ମ ଆବେଦନର ଶେଷ ତାରିଖ ଜାନୁୟାରୀ ୧୦ ପରିବର୍ତ୍ତେ ୧୫ ତାରିଖକୁ ବୃଦ୍ଧି କରିଥିଲେ। ଏହି ଯୋଜନାରେ ରାଜ୍ୟର କ୍ଷୁଦ୍ର ଓ ନାମମାତ୍ର ଚାଷୀ, କୃଷି ପରିବାର, ଅସମର୍ଥ କୃଷି ପରିବାର, ଭୂମିହୀନ କୃଷି ଶ୍ରମିକ ଓ ଭାଗଚାଷୀମାନେ ସହାୟତା ପାଇବେ। ଚାଷୀ ଓ ଭୂମିହୀନ କୃଷି ପରିବାରଙ୍କୁ ମଧ୍ୟ ଜୀବନ ବୀମାର ସୁବିଧା ଦିଆଯିବାର ବ୍ୟବସ୍ଥା କରାଯାଇଛି। ରାଜ୍ୟର ସମସ୍ତ ଗ୍ରାମପଞ୍ଚାୟତସ୍ତରରେ ପ୍ରତି ମାସରେ 'ପିଠା' କାର୍ଯ୍ୟକ୍ରମର ଆୟୋଜନ କରାଯାଉଛି । ଏଥିରେ ମଧ୍ୟ କାଳିଆ ଯୋଜନାରେ କୃଷକଙ୍କୁ କୃଷି କାର୍ଯ୍ୟ ପାଇଁ ଯୋଗାଇ ଦିଆଯାଉଥିବା ସମସ୍ତ ସହାୟତା ସମ୍ବନ୍ଧରେ ଅବଗତ କରାଯାଉଛି।

'ପିଠା' କ୍ୟାମ୍ପରେ ଗ୍ରାମପଞ୍ଚାୟତ ନୋଡାଲ ଅଧିକାରୀଙ୍କ ଜରିଆରେ ହିତାଧିକାରୀଙ୍କୁ ଯୋଗାଇ ଦିଆଯାଉଥିବା ସହାୟତା ସମ୍ବନ୍ଧରେ ବିସ୍ତୃତ ଭାବେ ସୂଚନା ପ୍ରଦାନ କରାଯାଉଛି । ବଡ଼ ପରଦାରେ ଭିଡିଓ, ଲିଫ୍‌ଲେଟ୍, ପୋଷ୍ଟର ଓ ସାର୍ବଜନୀନ ପ୍ରଚାର ମାଧ୍ୟମରେ ଅବଗତ କରାଯାଉଛି। ଏହି କାର୍ଯ୍ୟକ୍ରମ ଅନ୍ତର୍ଭୁକ୍ତ ସମସ୍ତ ଗ୍ରାମପଞ୍ଚାୟତସ୍ତରରେ ପ୍ରତି ମାସ ୧୫ରୁ ୨୦ ତାରିଖ ମଧ୍ୟରେ ସ୍ୱତନ୍ତ୍ର କ୍ୟାମ୍ପ ମାଧ୍ୟମରେ ବିଭିନ୍ନ ଜନହିତକାରୀ ଯୋଜନାରେ ଯୋଗାଇ ଦିଆଯାଉଥିବା ସହାୟତା ବିଷୟରେ ଅବଗତ କରାଯାଉଛି। କାଳିଆ ବାର୍ତ୍ତା ଜରିଆରେ କୃଷକମାନଙ୍କୁ ଯୋଜନା ବିଷୟରେ ଅବଗତ କରାଯାଇଥାଏ। ଆଜି ସୁଦ୍ଧା ଏହି ସୂଚନା ପ୍ରକ୍ରିୟାରେ ୩.୦୯ ଲକ୍ଷ କୃଷକ ଯୋଗଦାନ କରିଛନ୍ତି। ଯୋଜନା ବିଷୟରେ ସୂଚନା ଦେବା ପାଇଁ ୨୪ ଲକ୍ଷ ୬୮ ହଜାରରୁ ଅଧିକ ଏସ୍‌ଏମ୍‌ଏସ ପଠାଯାଇଛି । ବର୍ତ୍ତମାନ ସୁଦ୍ଧା ୩୫ ଲକ୍ଷ ୨୮ହଜାର ଲୋକ 'କାଳିଆ ୱେବ୍‌ସାଇଟ୍'କୁ ବ୍ୟବହାର କରି ଏହି ଯୋଜନା ସମ୍ବନ୍ଧରେ ଅଧିକ ତଥ୍ୟ ଜାଣିପାରିଛନ୍ତି। ଏହା ରାଜ୍ୟ ସରକାରଙ୍କ ଦ୍ୱାରା ସ୍ଥାପନ କରାଯାଇଥିବା କାଳିଆ ଯୋଜନା ସମ୍ବନ୍ଧୀୟ ଏକ ସୂଚନା ପ୍ରଦାନର ବ୍ୟବସ୍ଥା। କୌଣସି ଚାଷୀ / ବ୍ୟକ୍ତି ୦୮୦୬୧୧୭୪୨୨୨ ନମ୍ବରକୁ ମିସ୍‌ଡ କଲ କଲେ ତାଙ୍କ ମୋବାଇଲ ଫୋନ୍‌କୁ ଆପେ ଆପେ କାଳିଆ ଯୋଜନା ସମ୍ପର୍କରେ ବିଭିନ୍ନ ସୂଚନା ଏସଏମ୍‌ଏସ ମାଧ୍ୟମରେ ପହଞ୍ଚିଯିବ ବୋଲି ଜଣେ ବିଭାଗୀୟ ଅଧିକାରୀ କହିଛନ୍ତି।




## ଖଟିରେ ଖଟିରେ...

### ଲିଷ୍ଟରେ ଅଛନ୍ତି

ନୂଆବର୍ଷ ପରଠାରୁ ରାଜ୍ୟର ରାଜନୈତିକ ପାଣିପାଗ ବଦଳିବାକୁ ଲାଗୁଛି। କେତେବେଳେ ପ୍ରଧାନମନ୍ତ୍ରୀ ଆସୁଛନ୍ତି ତ କେତେବେଳେ ମୁଖ୍ୟମନ୍ତ୍ରୀ କୁଆଡେ ଯାଉଛନ୍ତି। ଆଉ ହାତ ହାଇକମାଣ୍ଡ ବି ପଛରେ ନାହାନ୍ତି। ସିଏ ବି ଦିନ କେଇଟା ପରେ ଓଡ଼ିଶା ଆସିବେ। ସଭାସମିତି ଭଲ ଜମିବା ସହ ଖଟିରେ ଗହଳି ବଢୁଛି। ହାଇପ୍ରୋଫାଇଲ ନେତାଙ୍କ ଗସ୍ତ ଭିତରେ କିନ୍ତୁ ଖଟିରେ ଭିନ୍ନ ଚର୍ଚ୍ଚା। ଭୋଟ୍ ପୂର୍ବରୁ କିଏ କାହା ଖୁଆଡକୁ ଯିବ, ସେନେଇ ଚର୍ଚ୍ଚା ଜୋର ଧରିଛି। ଏହି କଥା ସୋମବାର ଖଟିରେ ଭାରି ଜମିଥିଲା। ଜଣେ ସମ୍ବଲପୁରିଆ ଖଟି ମେମ୍ବର କହିଲେ–ବିଜେପୁର ଉପନିର୍ବାଚନ ପରଠାରୁ ପଶ୍ଚିମ ଓଡ଼ିଶାର ପାପୁଲି କୁବେର ନେତା ଶଙ୍ଖୁଆଙ୍କ ଲିଙ୍କ୍‌ରେ ଅଛନ୍ତି। ସେଥିପାଇଁ ପାପୁଲି ଭୋଟ୍ ଯେପରି ଶଙ୍ଖକୁ ଯିବ, ସେ ବ୍ୟବସ୍ଥା କରିଥିଲେ। ଏଥିସହିତ ଶ୍ରୀକ୍ଷେତ୍ର ପାପୁଲି ନେତାଙ୍କୁ ମୁଖିଆ ପଦରୁ ବାହାର କରିବା ପାଇଁ ଯୋଜନା ପ୍ରସ୍ତୁତ ହୋଇଥିଲା। ତେଣୁ ତାଙ୍କ ଇସ୍ତଫା ଗୋଟେ ନାଟକ। ଅବଶ୍ୟ ବର୍ତ୍ତମାନର ପାପୁଲି ମୁଖିଆଙ୍କୁ ପଦରେ ଅବସ୍ଥାପିତ କରିବା ପାଇଁ କୁବେର ନେତା ଦିଲ୍ଲୀରେ ଲବି କରିଥିଲେ। ହେଲେ ଶଙ୍ଖ ମାର୍କା କ୍ଷମତା ଲଡୁ ଆଗରେ ସବୁ ତୁଚ୍ଛ। ଏହା ଶୁଣି ଜଣେ ସୁନ୍ଦରଗଡ ଖଟି ମେମ୍ବର କହିଲେ, କେବଳ କୁବେର ନେତା ନୁହନ୍ତି। ଆମ ପ୍ରତିନିଧି ବି ଲିଷ୍ଟରେ ଅଛନ୍ତି। କ୍ଷମତା ପ୍ୟାକେଜ ଭଲ ରହିଲେ କଟକ, କୋରାପୁଟ ବି ଶଙ୍ଖ ଫୁଙ୍କିବେ।

### ଚାଲିକି ଚାଲ

ଆହେ ଛାଡ଼ ହୋ, ମୁଁ ଏଠିକା କାର୍ଯ୍ୟକ୍ରମର ମୁଖ୍ୟ ଲୋକ। କାହିଁ ଆମକୁ ଝଗଡ଼ା କରିବାକୁ ବାଧ କରୁଛ ହୋ। ଜଣେ ଗେରୁଆ ବାବୁଙ୍କ ଏମନ୍ତ କଥା ଶୁଣି ଜଣେ ପୋଲିସିଆ ମ୍ୟାଡାମ୍ ଚେଇଁକି ଉଠି କହିଲେ, କ'ଣ କହିଲ, ଝଗଡା। ଆମକୁ କୁହାଯାଇଛି ଝଗଡା କରି ଅଡୁଆ ବଢାଇବ ନାହିଁ, ସିଧା ଗୋଡେଇ ଗୋଡେଇ ପିଟିବାକୁ। ଚାଲନ୍ତୁ ନିଜ ନିଜର ସୁବିଧାରେ କାମ କରିବା। ପଶ୍ଚିମ ଓଡ଼ିଶା ଆଡ଼େ ଆମ ଭାରତର ମୁଖିଆ ମଙ୍ଗଳବାର ଆସିବାର କାର୍ଯ୍ୟକ୍ରମ ଥାଏ। ଆଉ ଛାମୁଙ୍କୁ ସ୍ୱାଗତ କରିବାକୁ ଗେରୁଆ ଦଳର ବହୁ ମାନ୍ୟବର ବେଶଭୂଷା ହୋଇ ଆସୁଥାଆନ୍ତି। ସେତିକିବେଳେ ଚାଷୀଙ୍କ ମୁଖିଆ ବନିଥିବା ଗେରୁଆ ଦଳର ବାବୁ ନିଜ ଗାଡିରେ ବସି ଆସୁଥାଆନ୍ତି। ହେଲେ ଠିକ୍ ସଭାର ପାଖାପାଖି ପୋଲିସ୍ ତାଙ୍କ ଗାଡିଟିକୁ ରଖି ପକାଇଲା। ଆଉ ଚାଲିଚାଲି ଯିବାକୁ କହିଦେଲା। କଥାଟି ବାବୁଙ୍କ ମନକୁ ଜମାପାଇଲା ନାହିଁ। ହେଲେ ସେଇ ପୋଲିସ୍ ମ୍ୟାଡାମ୍ ଜଣକ କିଛି ନ ଶୁଣନ୍ତି । ନିଜ ବାବୁଙ୍କୁ ଏତେ ଅସମ୍ମାନ, ସାଙ୍ଗରେ ଥିବା କର୍ମୀମାନଙ୍କୁ ଜମା ଭଲ ଲାଗିଲା ନାହିଁ। ବାବୁଙ୍କ ସାଙ୍ଗରେ ଥିବା କିଛି ଲୋକ ଗରମ ଦେଖାଇବାକୁ ବାହାରି ଆସିଲେ। ହେଲେ ବାବୁ ଆଉ ସାହସ କଲେନାହିଁ। ଆଉ ତାଙ୍କ ସାଙ୍ଗରେ ଥିବା ଲୋକଙ୍କୁ ଧୀରେକିନା କହିଲେ, ଏଠି ଜମା ରଡିବା ଦରକାର ନାହିଁ। ନ ହେଲେ କଥାଟା ଚାରିଆଡେ ବାଜିବ, ତୁମ ବାବୁଙ୍କୁ ପୋଲିସ୍ ଛାଡୁନି। ସେଥିପାଇଁ କହୁଛି ନିଜ ଗୋଡକୁ କୁରାଢି ନ ମାରି ଚାଲିକି ଚାଲ। ହେଲେ କଥାଟି ନ ଲୁଚି ସିଧା ବଲାଙ୍ଗୀର ଜିଲାପାଳ ଅଫିସ ଆଗ ଚା ଖଟିରେ ମୁଖ୍ୟ ବିଷୟ ପାଲଟିଥିଲା। ଘଟଣାର ମୂକସାକ୍ଷୀ ଥିବା ୨ ଯୁବକ ଶୁଣାଇ ଚାଲିଥିଲେ ପୂରା କଥା।

# ଲେଉଟିଲା ଶୀତ

- ୧୦ ଡିଗ୍ରୀ ତଳେ ୭ ସହର
- ଫୁଲବାଣୀରେ ୭ ଡିଗ୍ରୀ

ଭୁବନେଶ୍ୱର, ୧୬।୧(ବ୍ୟୁରୋ)

ରାଜ୍ୟରେ ପୁଣି ଶୀତ ଲେଉଟିଛି। ପାରଦ ତଳମୁହାଁ ହୋଇଛି। ଉପକୂଳବର୍ତ୍ତୀ ଜିଲାଗୁଡିକରେ ସର୍ବନିମ୍ନ ତାପମାତ୍ରା ୧୦ ଡିଗ୍ରୀ ଉପରେ ରହିଥିବା ବେଳେ ଆଭ୍ୟନ୍ତରୀଣ ଓ ଦକ୍ଷିଣ ଓଡିଶାରେ ୭ ଡିଗ୍ରୀକୁ ଖସିଆସିଛି। ଆଞ୍ଚଳିକ ପାଣିପାଗ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ଫୁଲବାଣୀରେ ରାଜ୍ୟର ସର୍ବନିମ୍ନ ତାପମାତ୍ରା ୭ ଡିଗ୍ରୀ ସେଲସିୟସ ରେକର୍ଡ କରାଯାଇଥିବା ବେଳେ ଅନୁଗୋଳ ୮, ଝାରସୁଗୁଡା ୮.୫, କେନ୍ଦୁଝର ୮.୪, ସୁନ୍ଦରଗଡ ୯, ସମ୍ବଲପୁର ୯.୫, ହୀରାକୁଦ ୧୦.୬, ସୋନପୁର ୮.୬ ଏବଂ ଦାରିଙ୍ଗିବାଡ଼ିରେ ସର୍ବନିମ୍ନ ତାପମାତ୍ରା ୯ ଡିଗ୍ରୀ ରହିଛି। ଆସନ୍ତା ୨୧ ତାରିଖ ଯାଏ ପାଗରେ କୌଣସି ପରିବର୍ତ୍ତନ ହେବନାହିଁ। ୨୨ ତାରିଖରୁ ସର୍ବନିମ୍ନ ତାପମାତ୍ରା ୨ରୁ ୩ ଡିଗ୍ରୀ ସେଲସିୟସ ବୃଦ୍ଧି ପାଇବ ଏବଂ କେତେକ ସ୍ଥାନରେ ମଧ୍ୟମ ଧରଣର କୁହୁଡି ପଡ଼ିବ ବୋଲି ଅନୁମାନ କରାଯାଇଛି।

## ଅଭିଯୁକ୍ତ ସମ୍ପର୍କୀୟ...

ପ୍ରଥମ ପୃଷ୍ଠାରୁ

ଅଭିଯୁକ୍ତ ଦେବାଶିଷ ତାଙ୍କୁ ପଥରରେ ଛେଚି ହତ୍ୟା କରିଥିବା ବେଳେ ହତ୍ୟାସ୍ଥଳରୁ ବ୍ୟବହୃତ ପଥର ପୋଲିସ ଚିହ୍ନଟ କରି ଜବତ କରିଛି। ବ୍ରହ୍ମପୁର ବଡ ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ ହେବା ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି।

ପ୍ରକାଶଯେ, ଗତ ୧୨ତାରିଖରେ ସଦାନନ୍ଦ ବିହାର ସପ୍ତମଲେନ୍‌ର ନିରୁପା ରାଣୀ ଆଚାର୍ଯ୍ୟଙ୍କ ପ୍ରଥମ ଶ୍ରେଣୀରେ ପଢୁଥିବା ପୁଅ ଅଂଶୁମାନ(୭)ଙ୍କୁ ସମ୍ପର୍କୀୟ ମାମୁ ଦେବାଶିଷ ସ୍କୁଟି ନଂ. ଓଡି୦୭ବି ୪୯୪୬ରେ ନେଇ ସ୍କୁଲରେ ଛାଡ଼ିବାକୁ ଯାଇ ଫେରି ନ ଥିଲେ। ବହୁ ଖୋଜାଖୋଜି କରିବା ପରେ ନିରୁପା ଗୋଷଣାନୂଆଗାଁ ଥାନାରେ ଏତଲା ଦେଇଥିଲେ। ପୋଲିସ ନଂ. ୩/୧୯ରେ ଏକ ଅପହରଣ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ଅତିରିକ୍ତ ଏସ୍‌ପି ପ୍ରଭାତ ରାଉତରାୟ ଏବଂ ଶାନ୍ତନୁ ଦାସ ଓ ଆଇଆଇସି କୁଳମଣି ସେଠୀଙ୍କୁ ନେଇ ୨ଟି ସ୍ୱତନ୍ତ୍ର ଟିମ୍ ପ୍ରସ୍ତୁତ କରାଯାଇ ଖୋଳତାଡ ଆରମ୍ଭ ହୋଇଥିଲା। ତଦନ୍ତ ସମୟରେ ଗତ ୧୩ରେ ଅପହୃତ ଅଂଶୁମାନଙ୍କ ବିଦ୍ୟାଳୟ ପରିଚୟ ପତ୍ର, ଛତ୍ରପୁର ନିକଟସ୍ଥ ୧୬ନଂ. ଜାତୀୟ ରାଜପଥରୁ ପୋଲିସ ଠାବ କରିଥିଲା। ଜାନୁୟାରୀ ୧୪ରେ ଦେବାଶିଷ ନେଇଯାଇଥିବା ସ୍କୁଟି ଏବଂ ତାଙ୍କ ରକ୍ତଭିଜା ଶାର୍ଟକୁ ହଳଦିଆପଦର ନିକଟସ୍ଥ ଅଟୋନଗର ଅଞ୍ଚଳରୁ ଜବତ କରିଥିଲା। ଶାର୍ଟରେ ଲାଗିଥିବା ରକ୍ତ ନମୁନାକୁ ଫରେନ୍‌ସିକ୍ ଲ୍ୟାବ୍‌କୁ ପଠାଇ ପରୀକ୍ଷା କରିବା ସମୟରେ ରକ୍ତ ଛିଟା ଅଂଶୁମାନଙ୍କର ବୋଲି ଜଣାପଡ଼ିଥିଲା। ଘଟଣା ପରେ ଦେବାଶିଷ ନିଖୋଜ ଥିବାରୁ ପୋଲିସର ସନ୍ଦେହ ବଢିଥିଲା। ଅଭିଯୁକ୍ତ ଦେବାଶିଷଙ୍କ ମୋବାଇଲ ଫୋନକୁ ଟ୍ରାକିଂକରି ଡୁଙ୍ଗିରିପାଲିରୁ ତାଙ୍କୁ ଧରିଥିଲା। ଜେରା ସମୟରେ ନିଜେ ହିଁ ଅଂଶୁମାନଙ୍କୁ ପଥରରେ ଛେଚି ହତ୍ୟା କରିଥିବା ନେଇ ପୋଲିସ ସମ୍ମୁଖରେ ବୟାନ୍ ଦେଇଥିଲେ। ଗତ ୧୨ତାରିଖରେ ଅଂଶୁମାନଙ୍କୁ ଘରୁ ସ୍କୁଟିରେ ସ୍କୁଲ ନେବା ପାଇଁ ଆଣି ତାରାତାରିଣୀ ବୁଲାଇବାକୁ ନେଇଥିଲେ। ମନ୍ଦିରରେ ଠାକୁର ଦର୍ଶନ କରିବା ପରେ ତାଙ୍କୁ ମନ୍ଦିର ତଳେ ଥିବା ଜଙ୍ଗଲକୁ ନେଇଥିଲେ। ସେଠାରେ ତାଙ୍କୁ ନିର୍ଘୁମ ମାଡମାରିବା ପରେ ପଥରରେ ଛେଚି ହତ୍ୟା କରିଥିଲେ। ରକ୍ତଭିଜା ଶାର୍ଟକୁ ସ୍କୁଟିରେ ରଖିବା ପରେ ଭାଟକୁମୁରଡା ଗ୍ରାମର ଏକ ପୋଷାକ ଦୋକାନରୁ ନୂଆ ଶାର୍ଟ କିଣିଥିଲେ। ଦେବାଶିଷ ହତ୍ୟାକାଣ୍ଡ ସାରି ଫେରୁଥିବା ବେଳେ ରାସ୍ତା ଭୁଲି ଛତ୍ରପୁର ରାସ୍ତାରେ ଚାଲି ଯାଇଥିଲେ। ୧୬ନଂ. ଜାତୀୟ ରାଜପଥ ପାର୍ଶ୍ୱରେ ଅଂଶୁମାନଙ୍କ ବିଦ୍ୟାଳୟ ପରିଚୟପତ୍ର ଫିଙ୍ଗି ଦେଇଥିଲେ। ପରେ ହଳଦିଆପଦର ନିକଟସ୍ଥ ଅଟୋନଗର ଆସି ସେଠାରେ ସ୍କୁଟି ଏବଂ ରକ୍ତଭିଜା ଶାର୍ଟ ଫିଙ୍ଗି ବ୍ରହ୍ମପୁର ରେଳବାଇ ଷ୍ଟେଶନକୁ ଚାଲି ଯାଇଥିଲେ। ପ୍ଲାଟଫର୍ମରେ ଗାଧୋଇସାରି କିଣିଥିବା ନୂଆ ଶାର୍ଟକୁ ପିନ୍ଧି ସୋନପୁର ଅଭିମୁଖେ ଚାଲିଯାଇଥିଲେ। ଅଭିଯୁକ୍ତଙ୍କ ବୟାନ୍ ରେକର୍ଡ ପରେ ବୁଧବାର ସାଇଣ୍ଟିଫିକ୍ ଟିମ୍ ଏବଂ ସନ୍ଧାନୀ କୁକୁର ସହାୟତାରେ ପୋଲିସ ତାରାତାରିଣୀ ନିକଟସ୍ଥ ଜଙ୍ଗଲରୁ ଅଂଶୁମାନଙ୍କ ମୃତଦେହ ଠାବ କରିଥିଲା। ହତ୍ୟାରେ ବ୍ୟବହୃତ ପଥର, ରକ୍ତଭିଜା ଶାର୍ଟ ଓ ସ୍କୁଟି ଜବତକରି ଦେବାଶିଷଙ୍କୁ କୋର୍ଟ ଚାଲାଣ କରାଯାଇଛି ବୋଲି ବୁଧବାର ବ୍ରହ୍ମପୁର ପୋଲିସ ମୁଖ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ପି ପିନାକ ମିଶ୍ର ସୂଚନା ଦେଇଛନ୍ତି ।

ସୂଚନାଯୋଗ୍ୟ, ନିରୁପାରାଣୀଙ୍କର କୌଣସି କାରଣରୁ ତାଙ୍କ ସ୍ୱାମୀଙ୍କ ସହ ବିବାହ ବିଚ୍ଛେଦ ହୋଇଥିଲା । ସେ ବ୍ରହ୍ମପୁର ସଦାନନ୍ଦ ବିହାର ସପ୍ତମ ଲେନ୍‌ର ତାଙ୍କ ୭ବର୍ଷର ନାବାଳକ ପୁଅଙ୍କ ସହ ଘରଭଡା ନେଇ ରହୁଥିଲେ । ପରେ ଅଭିଯୁକ୍ତ ଦେବାଶିଷଙ୍କ ସହିତ ନିରୁପାରାଣୀଙ୍କର ଗତ ସେପ୍ଟେମ୍ବର ମାସରୁ ବନ୍ଧୁତା ସ୍ଥାପନ ହୋଇଥିଲା । ବନ୍ଧୁତ୍ୱ ଘନିଷ୍ଠ ହେବା ପରେ ଦେବାଶିଷଙ୍କୁ ଧର୍ମ ଭାଇର ମାନ୍ୟତା ଦେଇଥିଲେ । ବିଭିନ୍ନ ସମୟରେ ଦେବାଶିଷ ଯାଜପୁରରୁ ବ୍ରହ୍ମପୁର ଆସିଲେ ନିରୁପାଙ୍କ ଘରେ ରହୁଥିଲେ। ହେଲେ ଏକତରଫା ପ୍ରେମକରି ଆସୁଥିବା ଦେବାଶିଷଙ୍କ ରାସ୍ତାରେ ଅଂଶୁମାନ କଣ୍ଟା ହେଉଥିବା ଭାବି ହତ୍ୟା ତାଙ୍କୁ ହତ୍ୟା କରିଛନ୍ତି ବୋଲି ଅଭିଯୁକ୍ତ ଦେବାଶିଷ ନିଜ ବୟାନ୍‌ରେ ଜଣାଇଛନ୍ତି ।

ଧରିତ୍ରୀ
DHARITRI
ଭୁବନେଶ୍ୱର,ଗୁରୁବାର, ୧୭ ଜାନୁୟାରୀ, ୨୦୧୯



## ସଂକ୍ଷେପରେ

### ନୂଆ ସିବିଆଇ ନିର୍ଦ୍ଦେଶକ ନିଯୁକ୍ତି
## ୨୪ରେ ଚୟନ କମିଟି ବୈଠକ

**ନୂଆଦିଲ୍ଲୀ,୧୬।୧(ପି.ଟି.):** ନୂଆ ସିବିଆଇ ନିର୍ଦ୍ଦେଶକ ନିଯୁକ୍ତି ଲାଗି ଆସନ୍ତା ୨୪ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧକ୍ଷତାରେ ଉଚ୍ଚ କ୍ଷମତାସମ୍ପନ୍ନ ଚୟନ କମିଟି ବୈଠକ ବସୁଥିବା ଜଣାପଡିଛି। ଏହି କମିଟିରେ ପ୍ରଧାନ ବିଚାରପତି ଏବଂ ଲୋକ ସଭାରେ କଂଗ୍ରେସ ଦଳର ନେତା ମଲ୍ଲିକାର୍ଜୁନ ଖାର୍ଗେ ସଦସ୍ୟ ଅଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ୨୧ ତାରିଖରେ ଉକ୍ତ ବୈଠକ ବସିବାକୁ ଥିବାବେଳେ ଏହାକୁ ୨୪ କିମ୍ବା ୨୫ ତାରିଖକୁ ଘୁଞ୍ଚାଇବା ଲାଗି ଖାର୍ଗେ ଚାହିଁଥିଲେ। ଆପୋସ ପରାମର୍ଶକ୍ରମେ ୨୪ରେ ବୈଠକ କରିବା ଲାଗି ସରକାର ଚୂଡାନ୍ତ କରିଛନ୍ତି। ଆଲୋକ ବର୍ମାଙ୍କୁ ସିବିଆଇ ମୁଖ୍ୟ ପଦରୁ ହଟାଇ ତାଙ୍କୁ ଅଗ୍ନିଶମ ବିଭାଗ ଡିଜି ନିଯୁକ୍ତ କରାଯିବା ପରେ ସେ ଇସ୍ତଫା ଦେଇଥିଲେ। ଏବେ ଆଇପିଏସ୍ ଅଫିସର ଏମ. ନାଗେଶ୍ୱର ରାଓ ସିବିଆଇର ଅନ୍ତରୀଣ ନିର୍ଦ୍ଦେଶକ ଅଛନ୍ତି। ନିୟମିତ ନିର୍ଦ୍ଦେଶକ ନିଯୁକ୍ତି କରାଯାଉ ନ ଥିବାରୁ କଂଗ୍ରେସ ପକ୍ଷରୁ ସରକାରଙ୍କୁ ସମାଲୋଚନା କରାଯାଇଥିଲା। ଅନ୍ତରୀଣ ନିର୍ଦ୍ଦେଶକ ନିଯୁକ୍ତି ବେଆଇନ ବୋଲି ଦର୍ଶାଇ ନିୟମିତ ନିର୍ଦ୍ଦେଶକ ନିଯୁକ୍ତି କରିବା ଲାଗି ତୁରନ୍ତ ଚୟନ କମିଟି ବୈଠକ ଡାକିବାକୁ ଖାର୍ଗେ ମଙ୍ଗଳବାର ପ୍ରଧାନମନ୍ତ୍ରୀଙ୍କୁ ପତ୍ର ଲେଖି ଜଣାଇଥିଲେ।

## ସତ୍ୟଜିତ ନାୟକ ଏନ୍ଆଇଏ ଏସ୍ପି ନିଯୁକ୍ତ

**ଭୁବନେଶ୍ୱର, ୧୬।୧(ବ୍ୟୁରୋ):** ୨୦୦୮ ବ୍ୟାଚ୍‌ର ଓଡ଼ିଶା କ୍ୟାଡର୍ ଆଇପିଏସ୍ ଅଧିକାରୀ ସତ୍ୟଜିତ ନାୟକ ଏନ୍ଆଇଏ(ଜାତୀୟ ତଦନ୍ତକାରୀ ସଂସ୍ଥା)ର ଆରକ୍ଷୀ ଅଧୀକ୍ଷକ(ଏସ୍ପି) ଭାବେ ନିଯୁକ୍ତ ହୋଇଛନ୍ତି। ସେ ରାଜ୍ୟ କ୍ରାଇମବ୍ରାଞ୍ଚର ଏସ୍‌ଟିଏଫ୍ ଏସ୍ପି ଭାବେ କାର୍ଯ୍ୟ ଭାର ତୁଲାଉଥିଲେ। ସତ୍ୟଜିତ ୪ ବର୍ଷ ପର୍ଯ୍ୟନ୍ତ କେନ୍ଦ୍ରୀୟ ଡେପୁଟେଶନରେ ଯିବା ନେଇ କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ଗତ ୧୫ ତାରିଖରେ ଏକ ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଡେପୁଟେଶନରେ ଯିବା ପରେ ସେ ଏନ୍ଆଇଏ ଏସ୍ପି ଭାବେ ଦାୟିତ୍ୱ ଗ୍ରହଣ କରିବେ। ସୂଚନାଯୋଗ୍ୟ, ଗ୍ୟାଙ୍ଗଷ୍ଟର ଟିଟୋ ଏବଂ ତାଙ୍କ ସହଯୋଗୀଙ୍କୁ ଗିରଫ କରିବାରେ ସତ୍ୟଜିତଙ୍କର ପ୍ରମୁଖ ଭୂମିକା ରହିଥିଲା। ଏଥିସହ ସେ ଅନ୍ତର୍ଜାତୀୟ ବଜ୍ରକାପ୍ତା ଚୋରା ଚାଲାଣ ର୍ୟାକେଟ୍‌ର ପର୍ଦ୍ଦାଫାଶ କରି ଅଭିଯୁକ୍ତମାନଙ୍କୁ ଗିରଫ କରିଥିଲେ।

## ଆଜିଠୁ ୩ ଦିନିଆ ଆଇପିଏସ୍ ସମ୍ମିଳନୀ

**ଭୁବନେଶ୍ୱର, ୧୬।୧(ବ୍ୟୁରୋ):** ଭୁବନେଶ୍ୱରସ୍ଥିତ ପୋଲିସ ଭବନଠାରେ ଗୁରୁବାରଠାରୁ ଅରମ୍ଭ ହେବ ୬୧ତମ ଆଇପିଏସ୍(ଭାରତୀୟ ପୋଲିସ ସେବା) ସମ୍ମିଳନୀ। ପୋଲିସ ଡିଜି ଡ. ରାଜେନ୍ଦ୍ର ପ୍ରସାଦ ଶର୍ମା ଏହାକୁ ଉଦ୍‌ଘାଟନ କରିବେ। ସମ୍ମିଳନୀରେ ସମସ୍ତ ଜିଲାର ଏସ୍ପି, ଡିଏସ୍ପି, ସମସ୍ତ ପୋଲିସ ବାଟାଲିୟନର କମାଣ୍ଡାଣ୍ଟ, ରେଞ୍ଜ ଆଇଜି, ଡିଆଇଜି, ପୋଲିସ ପ୍ରତିଷ୍ଠାନର ବିଭିନ୍ନ ବିଭାଗର ଅଧିକାରୀଙ୍କ ସମେତ ଅଣ୍ଡର ଟ୍ରେନିଂ ଆଇପିଏସ୍ ଅଫିସରମାନେ ଯୋଗଦେବେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ସମ୍ମିଳନୀରେ ଆଇନଶୃଙ୍ଖଳା, ଅପରାଧ ନିୟନ୍ତ୍ରଣ, ସଡ଼କ ସୁରକ୍ଷା, ମାଓବାଦୀ ଦମନ ଓ ବିଭିନ୍ନ କାର୍ଯ୍ୟକ୍ରମରେ ପୋଲିସର ଭୂମିକା ସମ୍ପର୍କରେ ଆଲୋଚନା ହେବ।

### ମହିଳା ଓ ଶିଶୁ ବିକାଶ ଚିନ୍ତା
## ୧୦୮ ନୂତନ ପଦବୀ ଘୋଷଣା କଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୧୬।୧(ବ୍ୟୁରୋ):** ରାଜ୍ୟ ସରକାର ମହିଳା ଓ ଶିଶୁମାନଙ୍କର ମଙ୍ଗଳ ପାଇଁ ଗୁରୁତ୍ୱ ଦେଇଆସୁଛନ୍ତି। ସମନ୍ୱିତ ଶିଶୁ ବିକାଶ ସେବା(ଆଇସିଡିଏସ୍) ସଂସ୍ଥାଗୁଡିକ ଏ ଦିଗରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ଏହି ସଂସ୍ଥାଗୁଡିକୁ ଆହୁରି ମଜଭୁତ କରିବାକୁ ସବ୍‌ଡିଭିଜନ, ଜିଲା ଓ ରାଜ୍ୟସ୍ତରରେ ଆବଶ୍ୟକ ମାନବ ସମ୍ବଳ ଯୋଗାଇଦେବା ଲାଗି ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଆଇସିଡିଏସ୍ ଯୋଗାଇ ଦେଉଥିବା ସେବାଗୁଡିକୁ ଆହୁରି କ୍ରିୟାଶୀଳ କରିବା ପାଇଁ ରାଜ୍ୟ ସରକାର ସବଡିଭିଜନ ସ୍ତରରେ ୯୩ଟି ପ୍ରୋଗ୍ରାମ ଅଫିସର ପଦବୀ ସୃଷ୍ଟି କରିଛନ୍ତି। ସେହିପରି ଜିଲାସ୍ତରରେ ୧୩ଟି ଜିଲା ସମାଜ ମଙ୍ଗଳ ଅଧିକାରୀ ପଦବୀ ଓ ରାଜ୍ୟସ୍ତରରେ ୨ଟି ଡେପୁଟି ଡାଇରେକ୍ଟ କମ୍ ଡେପୁଟି ସେକ୍ରେଟାରୀ ପଦବୀ ସୃଷ୍ଟି କରାଯାଇଛି। ବୁଧବାର ସଚିବାଳୟଠାରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏ ନେଇ ଘୋଷଣା କରିଛନ୍ତି।




# କେନ୍ଦ୍ର ମନ୍ତ୍ରୀ ଗଡ଼କରୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଚିଠି

■ ରାଜ୍ୟ ପ୍ରସ୍ତାବକୁ ତୁରନ୍ତ ଅନୁମୋଦନ କର

**ଭୁବନେଶ୍ୱର,୧୬।୧(ବ୍ୟୁରୋ)**

ରାଜ୍ୟ ସରକାର କେନ୍ଦ୍ର ଭୂପୃଷ୍ଠ ପରିବହନ ଏବଂ ଜାତୀୟ ରାଜପଥ ମନ୍ତ୍ରଣାଳୟ ନିକଟକୁ କେନ୍ଦ୍ରୀୟ ରାସ୍ତା ପାଣ୍ଠି(ସିଆରଏଫ) ଯୋଜନାରେ ୨୦୧୮ ଡିସେମ୍ବର ୨୦ ତାରିଖରୁ ୧୨୬୧.୯୮ କୋଟି ଟଙ୍କାର ପ୍ରକଳ୍ପ ପ୍ରଦାନ କରିଛନ୍ତି। ସମୁଦାୟ ୩୦ଟି ପ୍ରସ୍ତାବ ମଧ୍ୟରୁ ରାସ୍ତା ସମ୍ପ୍ରସାରଣ ଓ ମରାମତି ପାଇଁ ୨୯ଟି ପ୍ରସ୍ତାବ ଦିଆଯାଇଥିବା ବେଳେ ଗୋଟିଏ ପ୍ରସ୍ତାବ ଜାତୀୟ ରାଜପଥ –୧୬ ଯାଇଥିବା ସୁବର୍ଣ୍ଣରେଖା ନଦୀ ଉପରେ ଏକ ପୋଲ ନିର୍ମାଣ ପାଇଁ ଦିଆଯାଇଛି। ମାତ୍ର ଏ ପର୍ଯ୍ୟନ୍ତ ମନ୍ତ୍ରଣାଳୟ ପକ୍ଷରୁ କୌଣସି ସବୁଜ ସଙ୍କେତ ମିଳି ନାହିଁ। ପ୍ରକଳ୍ପ ଅନୁମୋଦନ ନେଇ ବିଳମ୍ବ ହେଉଥିବାରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବୁଧବାର କେନ୍ଦ୍ର ଭୂପୃଷ୍ଠ ପରିବହନ ଏବଂ ଜାତୀୟ ରାଜପଥ ମନ୍ତ୍ରୀ ନୀତିନ ଗଡକରୀଙ୍କୁ ଚିଠି ଲେଖିଛନ୍ତି। ଚିଠିରେ ମୁଖ୍ୟମନ୍ତ୍ରୀ ଉଲ୍ଲେଖ କରିଛନ୍ତି, ସେଥିରୁ କେବଳ ପୁରୀ ଜିଲାରେ ଗୋଟିଏ ରାସ୍ତା ପ୍ରକଳ୍ପ ପର୍ଯ୍ୟଟକମାନଙ୍କ ଯାତାୟାତ ପାଇଁ ଉଦ୍ଦିଷ୍ଟ ଥିବା ବେଳେ ଅନ୍ୟ ସମସ୍ତ ପ୍ରକଳ୍ପ ରାଜ୍ୟର ୧୩ଟି ଆଦିବାସୀ ଓ ପଛୁଆ ଜିଲା ମଧ୍ୟଦେଇ ଯାଉଛି। ଓଡିଶା ପାଇଁ ସିଆରଏଫରୁ ଗତବର୍ଷ କିମ୍ବା ଚଳିତ ବର୍ଷ ଗୋଟିଏ ହେଲେ ପ୍ରକଳ୍ପ ପାଇଁ ଅର୍ଥ ଅନୁମୋଦନ କରାଯାଇ ନାହିଁ। ରାଜ୍ୟର ଆଦିବାସୀ ଓ ପଛୁଆ ଅଞ୍ଚଳର ବିକାଶକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ଦେଇଥିବା ପ୍ରସ୍ତାବଗୁଡିକୁ ଶୀଘ୍ର ଅନୁମୋଦନ କରିବାକୁ ମୁଖ୍ୟମନ୍ତ୍ରୀ ଗଡକରୀଙ୍କୁ ଅନୁରୋଧ କରିଛନ୍ତି।

ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ବଲାଙ୍ଗୀର ଏବଂ ଭଇଁସାପାଲି ମଧ୍ୟରେ ଏକ ଯାତ୍ରୀବାହି ଟ୍ରେନ ଏବଂ ନୟାଗଡ ସହରରୁ ଏକ୍ସପ୍ରେସ ଟ୍ରେନ କୋଲକତା ଓ ବିଶାଖାପାଟଣାକୁ ଚଳାଇବାକୁ ଚଳିତ ମାସ ୪ ତାରିଖରେ କେନ୍ଦ୍ର ରେଳ ମନ୍ତ୍ରୀ ପିୟୁଷ ଗୋଏଲଙ୍କୁ ଚିଠି ଲେଖିଥିଲେ। ୨୦୧୮ ଅକ୍ଟୋବରରୁ ବଲାଙ୍ଗୀର ଏବଂ ଭଇଁସାପାଲି ସେକ୍ସନ ପାଇଁ ସୁରକ୍ଷା ସମ୍ପର୍କିତ ଅନୁମତି ମିଳି ସାରିବା ପରେ ମଧ୍ୟ ଟ୍ରେନ ଚଳାଚଳ ଆରମ୍ଭ ହୋଇ ନାହିଁ। ଏହି ସେକ୍ସନ ପାଇଁ ଯାତ୍ରୀବାହି ଟ୍ରେନ ଚଳାଇବାକୁ ମୁଖ୍ୟମନ୍ତ୍ରୀ ଦାବି କରିବା ସହ ନୟାଗଡ ସହରରୁ ଭାୟା ବିଶାଖାପାଟନମ ଦେଇ କୋଲକତା ମଧ୍ୟରେ ଏକ ଏକ୍ସପ୍ରେସ ଟ୍ରେନ ଚଳାଇବାକୁ ଦାବି କରିଛନ୍ତି।

# ବିଜେଡି ଫୋକସରେ ପଶ୍ଚିମ ଓଡ଼ିଶା

■ନବଙ୍କୁ ମିଳିପାରେ ଗୁରୁଦାୟିତ୍ୱ
■ବିଜେଡିରେ ଅସନ୍ତୋଷ କୁହୁଳୁଛି
■ସମାଧାନ କରିବାକୁ ଆସୁଛନ୍ତି ପ୍ରଣବ, ସଞ୍ଜୟ

**ଝାରସୁଗୁଡ଼ା ଅଫିସ,୧୬।୧**

ଝାରସୁଗୁଡ଼ା ବିଧାୟକ ନବ କିଶୋର ଦାସ ବୁଧବାର କଂଗ୍ରେସର ପ୍ରାଥମିକ ସଭ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ତାଙ୍କ ଇସ୍ତଫା ଘୋଷଣା ପରେ ବହୁ ଦିନର କଳ୍ପନାଜଳ୍ପନାର ଅବସାନ ଘଟିଛି। ସେ ବିଜେଡିରେ ମିଶିବେ ବୋଲି ସ୍ପଷ୍ଟ କରିଛନ୍ତି। ନିର୍ବାଚନ ପାଖେଇ ଆସୁଥିବାରୁ ଆଶାୟୀ ପ୍ରାର୍ଥୀମାନେ ନିଜ ନିଜର ସିଟ୍‌କୁ ନିଶ୍ଚିତ କରିବା ଓ ସୁରକ୍ଷିତ ରଖିବାକୁ ପ୍ରୟାସ ଆରମ୍ଭ କରିଛନ୍ତି। ଅନ୍ୟପଟେ ପଶ୍ଚିମ ଓଡ଼ିଶାରେ ଉଭୟ ଭାଜପା ଓ କଂଗ୍ରେସର ଭୋଟବ୍ୟାଙ୍କ ସଦୃଢ ରହିଛି। ଏହାକୁ ପ୍ରତିହତ କରିବାକୁ ବିଜେଡି ଝାରସୁଗୁଡ଼ା ବିଧାୟକ ନବ ଦାସଙ୍କୁ ନିଜ କ୍ୟାମ୍ପକୁ ଆଣିବାକୁ ସୁଚିନ୍ତିତ ଯୋଜନା କରୁଥିବା କୁହାଯାଉଛି। ଜାନୁୟାରୀ ୨୪ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଝାରସୁଗୁଡା ଆସୁଛନ୍ତି। ସେଦିନ ହିଁ ନବ ଦାସ ବିଜେଡିରେ ନିଜ ସମର୍ଥକଙ୍କ ସହ ମିଶି ନିଜର ଶକ୍ତି ପ୍ରଦର୍ଶନ କରିବେ ବୋଲି ଜଣାପଡିଛି ।

କଂଗ୍ରେସ କାର୍ଯ୍ୟକାରୀ ସଭାପତି ଥିବା ବିଧାୟକ ଦାସଙ୍କ ପଶ୍ଚିମ ଓଡ଼ିଶା ରାଜନୀତିରେ ଦଖଲ ରହିଛି। ଏହାର ନମୁନା ଗତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ସେ ଦେଖାଇ ସାରିଛନ୍ତି। ଝାରସୁଗୁଡ଼ା ଜିଲାର ମୋଟ ୯ଟି ଜିଲା ପରିଷଦ ଜୋନରୁ ୮ଟି ଏବଂ ସମସ୍ତ ୫ଟି ବ୍ଲକ୍‌ର ଅଧ୍ୟକ୍ଷ ପଦ କଂଗ୍ରେସ ଅକ୍ତିଆର କରିଥିଲା। ଏଥିରେ ଭାଜପା ଓ ବିଜେଡି ସମ୍ପୂର୍ଣ୍ଣ ନିରାଶ ହୋଇଥିଲେ। ସରକାରଙ୍କ ଲଗାତର ୧୯ ବର୍ଷର ଶାସନ ପରେ ପଶ୍ଚିମ ଓଡ଼ିଶାରେ ସରକାର ବିରୋଧୀ ହାୱା ବହୁଛି। ଏହି ସରକାର ବିରୋଧୀ ହାୱାକୁ ପ୍ରତିହତ କରିବା ପାଇଁ ବିଜେଡି ପଶ୍ଚିମ ଓଡ଼ିଶାର ଦକ୍ଷ ସଙ୍ଗଠକ ଭାବେ ପରିଚିତ ବିଧାୟକ ଦାସଙ୍କୁ ନିଜ ଦଳକୁ ନେଇ ଆଗାମୀ ସାଧାରଣ ନିର୍ବାଚନ ବୈତରଣୀ ପାର ହେବାକୁ ମନସ୍ଥ କରିସାରିଛି। ଅନ୍ୟପକ୍ଷେ ନବଙ୍କ ବିଜେଡିରେ ମିଶିବା ଘୋଷଣା ପରେ ପଶ୍ଚିମ ଓଡ଼ିଶାର ବିଜେଡିର ଟାଣୁଆ ନେତାମାନେ ପ୍ରମାଦ ଗଣିବା ଆରମ୍ଭ କଲେଣି। ପଶ୍ଚିମ ଓଡ଼ିଶାରେ ବିଜେଡିର ମଙ୍ଗ ହାତଗଣତି କେତେକ ନେତାଙ୍କ ହାତରେ ରହିଥିବା ବେଳେ ଆଗାମୀ ଦିନରେ ବିଜେଡି ସଭାପତି ନବୀନ ପଟ୍ଟନାୟକ ନବଙ୍କୁ ଗୁରୁଦାୟିତ୍ୱ ଦେଇପାରନ୍ତି ବୋଲି ଚର୍ଚ୍ଚା ହେଉଛି।

୨୦୧୪ ସାଧାରଣ ନିର୍ବାଚନରେ ପଶ୍ଚିମ ଓଡ଼ିଶାର ଝାରସୁଗୁଡ଼ା, ସମ୍ବଲପୁର, ବରଗଡ଼, ଦେବଗଡ଼ ଏବଂ ସୁନ୍ଦରଗଡ଼ ଜିଲାର ମୋଟ ୧୯ଟି ବିଧାନସଭା ନିର୍ବାଚନମଣ୍ଡଳୀ ମଧ୍ୟରୁ ବିଜେଡି ମାତ୍ର ୮ଟି ଆସନ ପାଇଥିଲା। ୧୧ଟି ଆସନରେ ପରାଜିତ ହୋଇଥିଲା। କିନ୍ତୁ ଗତ ପଞ୍ଚାୟତ ନିର୍ବାଚନରେ ବିଜେଡିର ଭୋଟହାର ସାଙ୍ଘାତିକ ଭାବେ ହ୍ରାସ ପାଇଥିଲା। ଏହାକୁ ନେଇ ଦଳ ସୁପ୍ରିମୋଙ୍କ ଚିନ୍ତା ବଢିଯାଇଥିଲା। ୨୦୧୯ ସାଧାରଣ ନିର୍ବାଚନରେ ବିଜେଡି ପୂର୍ବରୁ ହରାଇଥିବା ଆସନରେ ବିଜୟୀ ହେବାକୁ ଚେଷ୍ଟା କରୁଛି। ନବଙ୍କୁ ଏଣ୍ଟ୍ରି କରାଇ ଏବଂ ତାଙ୍କ ସାଙ୍ଗଠନିକ ଦକ୍ଷତାକୁ ବ୍ୟବହାର କରି ବିଜେଡି ଅଧିକ ଆସନରେ ଜିତିବାକୁ ରଣନୀତି ପ୍ରସ୍ତୁତ କରୁଛି। ହେଲେ ପଶ୍ଚିମ ଓଡ଼ିଶାରେ ନିଜର ପତିଆରା ଜାହିର କରିଥିବା ବିଜେଡି ନେତାମାନେ ଏହାକୁ ସହଜରେ ଗ୍ରହଣ କରିପାରୁନାହାନ୍ତି। ଖୋଲାଖୋଲି ବିରୋଧ ନ କଲେ ମଧ ସେମାନଙ୍କ ଭିତରେ ଅସନ୍ତୋଷ କୁହୁଳୁଛି। ଏହି ଅସନ୍ତୋଷକୁ ପ୍ରଶମିତ କରିବାକୁ ଖୁବ୍‌ଶୀଘ୍ର ଦଳୀୟ ବ୍ୟାପାର ବୁଝୁଥିବା ଯୁବ ନେତା ପ୍ରଣବ ପ୍ରକାଶ ଦାସ ଏବଂ ସଞ୍ଜୟ ଦାସବର୍ମା ଝାରସୁଗୁଡ଼ା ଗସ୍ତରେ ଆସୁଛନ୍ତି। ସେମାନଙ୍କ ଝାରସୁଗୁଡ଼ା ଗସ୍ତର ମୁଖ୍ୟ ପ୍ରସଙ୍ଗ ହେଲା, ୨୪ ତାରିଖ ଦିନ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମକୁ ସଫଳ କରାଇବା ଏବଂ ବିଜେଡିର ଛାମୁଆ ସଙ୍ଗଠନର ନେତାଙ୍କ ସହ ପର୍ଯ୍ୟାୟକ୍ରମେ ଆଲୋଚନା କରି ଉଠୁଥିବା ଅସନ୍ତୋଷକୁ ପ୍ରଶମିତ କରିବା। ୨୦୧୯ ପାଇଁ ବିଜେଡି ଆପଣଉଥିବା ରଣନୀତି କେତେ ସଫଳ ସାବ୍ୟସ୍ତ ହେବ ତା'ର ଚିତ୍ର ଆଗାମୀ ନିର୍ବାଚନ ଫଳାଫଳ ପରେ ହିଁ ଜଣାପଡିବ ବୋଲି ଏଠାରେ ଆଲୋଚନା ଜୋର ଧରିଛି। ଅନ୍ୟପକ୍ଷେ କଂଗ୍ରେସ ଶୃଙ୍ଖଳା କମିଟି ଅଧ୍ୟକ୍ଷ ହେମାନନ୍ଦ ବିଶ୍ୱାଳ କହିଛନ୍ତି ଝାରସୁଗୁଡ଼ା ନିର୍ବାଚନମଣ୍ଡଳୀର ର୍କିମିରା, କୋଲାବିରା ଏବଂ ଲଇକେରା ହେଉଛି କଂଗ୍ରେସର ଗଡ଼। ବିଧାୟକଙ୍କ କଂଗ୍ରେସ ତ୍ୟାଗ ଦଳର କିଛି କ୍ଷତି ହେବନି। ନବଙ୍କ ଦଳ ବଦଳ କଂଗ୍ରେସ ଓ ବିଜେଡିର ଆଭ୍ୟନ୍ତରୀଣ ବ୍ୟାପାର। ଏହାର କୌଣସି ପ୍ରଭାବ ଭାଜପା ଉପରେ ପଡିବ ନାହିଁ। ଭାଜପା ନିଜ ଶକ୍ତିରେ ନିର୍ବାଚନ ଲଢିବ। ସେଥିପାଇଁ ଦଳ ପ୍ରସ୍ତୁତ ବୋଲି ଭାଜପା ରାଷ୍ଟ୍ରୀୟ ସମ୍ପାଦକ ସୁରେଶ ପୂଜାରୀ କହିଛନ୍ତି। ସେହିପରି ପୂର୍ବତନ ବିଧାୟକ ତଥା ପଶ୍ଚିମ ଓଡ଼ିଶା ବିକାଶ ପରିଷଦର ଅଧ୍ୟକ୍ଷ କିଶୋର ମହାନ୍ତି ପୂର୍ବରୁ କହିଥିଲେ ନବ କଂଗ୍ରେସ ଛାଡ଼ି ଆସୁଛନ୍ତି। ସେ ବିଜେଡିର ପତାକା ଧରିବେ। ଏଥିରେ ଆମର କିଛି କହିବାର ନାହିଁ। ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତିକୁ ଆମେ ଗ୍ରହଣ କରିବୁ । ତାଙ୍କ ନିର୍ଦ୍ଦେଶ ମାନି ଚଳିବୁ।

# ଶିକ୍ଷାବିତ୍ କମରୁଦ୍ଦିନ ଖାନ୍‌ଙ୍କ ପରଲୋକ

**କଟକ ଅଫିସ, ୧୬।୧:** ରାଜ୍ୟର ଜଣାଶୁଣା ଶିକ୍ଷାବିତ୍ ତଥା ଇଂଲିଶ ଭାଷା ବିଶାରଦ ପ୍ରଫେସର ଡ. ମହମ୍ମଦ କମରୁଦ୍ଦିନ ଖାନ୍‌ଙ୍କ ବୁଧବାର ହୃଦ୍‌ଘାତରେ ପରଲୋକ ଘଟିଛି। ତାଙ୍କୁ ୮୧ ବର୍ଷ ବୟସ ହୋଇଥିଲା। ଭୋର ସାଢେ ୪ଟାରେ ଡ. ଖାନ ନମାଜ ପଢିବା ପାଇଁ ଉଠିଥିଲେ। ବାଥ୍ ରୁମ୍‌କୁ ଯାଉଥିବା ସମୟରେ ହଠାତ୍ ପଡ଼ି ଯାଇଥିଲେ। ସେଠାରେ ତାଙ୍କର ହୃଦ୍‌ଘାତ ହୋଇଥିଲା। ପୂର୍ବରୁ ଡ. ଖାନ୍‌ଙ୍କର ଓପନ ହାର୍ଟ ସର୍ଜରୀ ହୋଇଥିଲା। ଏହି ଖବର ପାଇ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ସଇଦାନି ବଗିଚାସ୍ଥିତ ବାସଭବନକୁ ଆସି ଶେଷ ଦର୍ଶନ କରିଥିଲେ।

୧୯୩୮ ଜାନୁୟାରୀ ୨୪ ତାରିଖରେ ପ୍ରଫେସର ଖାନ କଟକ ସଇଦାନି ବଗିଚା ଅଞ୍ଚଳରେ ଜନ୍ମଗ୍ରହଣ କରିଥିଲେ। ୧୯୫୮ରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଇଂଲିଶରେ ସ୍ନାତକୋତ୍ତର ଶେଷ କରିବା ପରେ ରାଜ୍ୟର ପ୍ରଥମ ବ୍ୟକ୍ତି ଭାବେ ୧୯୮୨ରେ ଡିଲିଟ୍ ଡିଗ୍ରୀ ହାସଲ କରିଥିଲେ। ସେ ରେଭେନ୍ସା ବିଶ୍ୱବିଦ୍ୟାଳୟର ଇଂଲିଶ ବିଭାଗର ମୁଖ୍ୟ ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ କୁଳପତି ଥିଲେ। ସେହିପରି ୧୯୯୨ରୁ ୧୯୯୫ ପର୍ଯ୍ୟନ୍ତ ଓଡ଼ିଶା ଟେକ୍ସଟ୍ ବୁକ୍ ବ୍ୟୁରୋର ନିର୍ଦ୍ଦେଶକ ଦାୟିତ୍ୱ ତୁଲାଇଥିଲେ। ଡ. ଖାନ ହେଉଛନ୍ତି କଟକରେ ପ୍ରତିଷ୍ଠା ହୋଇଥିବା ମୌଲାନା ଆଜାଦ ଉର୍ଦ୍ଦୁ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଉପଦେଷ୍ଟା। ଏହାବ୍ୟତୀତ ସେ କଟକ ସମେତ ରାଜ୍ୟର ବହୁ ଶିକ୍ଷା, ସଂସ୍କୃତି ଓ ସାମାଜିକ ଅନୁଷ୍ଠାନ ସହିତ ଓତଃପ୍ରୋତ ଭାବେ ଜଡ଼ିତ ଥିଲେ। କଦମରସୁଲଠାରେ ଡ. ଖାନ୍‌ଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

KiiT International School
[A CONSTITUENT OF KIIT GROUP OF INSTITUTIONS]
Selfless Service Endless Learning
IB WORLD SCHOOL
Cambridge Assessment International Education
Cambridge International School
1ST RANKED IN EASTERN INDIA & ODISHA
KiiT International School is proud to have iconic writer Padma Bhushan Ruskin Bond as its Goodwill Ambassador
ADMISSION OPEN
FOR NURSERY TO GRADE-XI (2019 - 2020) (Limited Seats only)
NURSERY TO GRADE XII, CBSE (SCIENCE, HUMANITIES & COMMERCE)
GRADES XI & XII, IBDP (INTERNATIONAL BACCALAUREATE DIPLOMA PROGRAMME)
& GRADES VII-X, CAMBRIDGE IGCSE
- RANKED 7TH IN INDIA (EDUCATION WORLD)
- A+++ CATEGORY (PIONEER GROUP)
- RATED AMONG TOP 20 SCHOOLS IN INDIA (ENGINEERING WATCH)
- INTERNATIONAL SCHOOL AWARD WINNER (BCI)
- Indian and Foreign University Career Counselling Support Programme
- Offering Day-boarding & Full-boarding programmes with world-class facilities
- 24x7 Health Care by KIMS Super-speciality Hospital
- 'Renaissance' Digital Innovation Lab, Intel Hub, Mayo Clinic Support & Anweshika Centre, 3D Educational Studio
- Ideal Teacher-Student ratio of 1:10
- Wi-fi, Air-conditioned & CC TV surveillance Campus
Eligibility Criteria for provisional admission into CBSE (Grade - XI) & IBDP (Year 1) | For XI (Science) & Year 1 (IBDP) 80% or above in 9th Final / 10th Pre-Board | For XI (Commerce & Humanities) 70% or above in 9th Final / 10th Pre-Borad | Register Online / Offline
Campus-9, KIIT, Patia, Bhubaneswar-751024, Odisha, Contact: (0674) 2725 805, 9437061572, 7894905658, 9078399610, 9937220263 (IGCSE & IBDP)
Fax: (0674) 2726 115, Website: www.kiitis.ac.in, E-mail: kiitis@kiitis.ac.in

# ୨୦୨୨ ସୁଦ୍ଧା ସବୁ ଜିଲାରେ ପହଞ୍ଚିବ ସିଏନ୍‌ଜି



ପିସିଆର୍‌ଏ କାର୍ଯ୍ୟକ୍ରମରେ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ଅନ୍ୟମାନେ।

**ଭୁବନେଶ୍ୱର,୧୬।୧**

ବର୍ତ୍ତମାନ ସୁଦ୍ଧା ଦେଶର ୪୦୦ ଜିଲାରେ ସିଏନ୍‌ଜି ଉପଲବ୍ଧ ହେଉଛି। ଆଗାମୀ ୨୦୨୨ ବେଳକୁ ଦେଶର ସବୁ ଜିଲାରେ ଏହାକୁ ପହଞ୍ଚାଇବାକୁ ଲକ୍ଷ୍ୟ ରଖାଯାଇଛି। ଜିଲାଗୁଡ଼ିକରେ ସିଏନ୍‌ଜି ପହଞ୍ଚାଇ ସମସ୍ତଙ୍କୁ ଶକ୍ତି ସଂରକ୍ଷଣର ଦାୟିତ୍ୱ ନେବାକୁ ପଡ଼ିବ ବୋଲି କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି। ଭୁବନେଶ୍ୱରର ଜୟଦେବ ଭବନଠାରେ ଅନୁଷ୍ଠିତ ପେଟ୍ରୋଲିୟମ କନଜରର୍ଭେସନ ରିସର୍ଚ୍ଚ ଆସୋସିଏଶନ(ପିସିଆର୍‌ଏ) ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପ୍ରଧାନ କହିଛନ୍ତି, ଶକ୍ତି ସଂରକ୍ଷଣ ସଂକ୍ରାନ୍ତ ସଚେତନତାକୁ ବଢାଇବାର ଆବଶ୍ୟକତା ରହିଛି। ସଚେତନତାକୁ କେବଳ ସ୍କୁଲସ୍ତରରେ ସମୀତ ନ ରଖି ଏହାକୁ ଜନ ଆନ୍ଦୋଳନରେ ପରିଣତ କରିବା ଉଚିତ।

ସେ କହିଛନ୍ତି ଯେ, ସାମାଜିକ ଗଣମାଧ୍ୟମ ଯୁଗରେ ଏଭଳି ସଚେତନତା ସୃଷ୍ଟି କରିବା ଦିଗରେ ସମସ୍ତଙ୍କ ଯୋଗଦାନ ଜରୁରୀ। ଆଗାମୀ ଦିନରେ ଇନ୍ଧନ ଖର୍ଚ୍ଚରେ ବିଶେଷ ବୃଦ୍ଧି ଘଟିବ। ୨୦୧୪ ସୁଦ୍ଧା ଦେଶରେ ୧୩ କୋଟି ଗ୍ୟାସ ସଂଯୋଗ ରହିଥିବା ବେଳେ ଗତ ୪ ବର୍ଷରେ ଏହା ୨୬ କୋଟିକୁ ବୃଦ୍ଧି ଘଟିଛି। ଗ୍ରାମାଞ୍ଚଳରେ ମୋଟର ସାଇକେଲ କ୍ରୟ ବୃଦ୍ଧି ହେଉଥିବା ଯୋଗୁ ପେଟ୍ରୋଲ ବ୍ୟବହାରରେ ବୃଦ୍ଧି ପରିଲକ୍ଷିତ ହେଉଥିବା ସେ ପ୍ରକାଶ କରିଛନ୍ତି। ଶକ୍ତି ସଂରକ୍ଷଣ ନେଇ ପ୍ରଥମେ ଗାଡ଼ି ଚାଳକଙ୍କ ସଚେତନତା ଉପରେ ପ୍ରଧାନ ଗୁରୁତ୍ୱାରୋପ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଲୋକଙ୍କୁ ସେ ଶକ୍ତି ସଂରକ୍ଷଣ ନେଇ ଶପଥ ପାଠ କରାଇଥିଲେ। ଏଥିରେ ଇଣ୍ଡିଆନ ଅଏଲ ସିଜିଏମ ପ୍ରତୀଶ ଭରତ, ବିପିସିଏଲ୍ ରିଟେଲ ଷ୍ଟେଟହେଡ ଦେବାଶିଷ ପାଲିତ, ଏଚ୍‌ପିସିଏଲ୍ ଏଲ୍‌ପିଜି ଡିଜିଏମ୍ ଧର୍ମେନ୍ଦ୍ର ବେହୁରା, ଆଇଏଲଏସ୍ ଡ଼ିଜିଏମ୍ ଅଶୋକ କୁମାର, ପିସିଆର୍‌ଏ ଭୁବନେଶ୍ୱରର ଅତିରିକ୍ତ ନିର୍ଦ୍ଦେଶକ ପି.କେ. ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

# ପୋଲିସ ଦୌଡ଼କୁଦ ପ୍ରତିଯୋଗିତା ଉଦ୍‌ଘାଟିତ

**କଟକ ଅଫିସ, ୧୬।୧**

୭୧ତମ ରାଜ୍ୟ ପୋଲିସ ଦୌଡକୁଦ ପ୍ରତିଯୋଗତା ୨୦୧୯ ବୁଧବାର ବକ୍ସିବଜାରସ୍ଥିତ ରିଜର୍ଭ ପୋଲିସ ପଡିଆଠାରେ ଉଦ୍‌ଘାଟିତ ହୋଇଯାଇଛି। କ୍ରାଇମବ୍ରାଞ୍ଚ ଅତିରିକ୍ତ ଡିଜି ସନ୍ତୋଷ ଉପାଧ୍ୟାୟ ଏହାକୁ ଉଦ୍‌ଘାଟନ କରି ଖେଳାଳିମାନଙ୍କୁ ଖେଳୁଆଡ଼ ମନୋଭାବ ନେଇ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାକୁ ପରାମର୍ଶ ଦେଇଛନ୍ତି। ଏହି ପ୍ରତିଯୋଗିତାରେ ବିଭିନ୍ନ ଜିଲାରୁ ୩୧ ଦଳ, ବାଟାଲିୟନରୁ ୧୮, ବେତାର ଓ ରେଲ୍‌ୱେ ପ୍ରତିଷ୍ଠାନରୁ ୨ ଏବଂ କମିଶନରେଟ ପୋଲିସରୁ ୨ ଦଳକୁ ମିଶାଇ ମୋଟ ୫୩ ଦଳରେ ୯୯୯ ଜଣ ଖେଳାଳି ଅଂଶଗ୍ରହଣ କରିଛନ୍ତି। ଏହି ପ୍ରତିଯୋଗୀଙ୍କ ମଧ୍ୟରେ ୮୦୦ ପୁରୁଷ ଓ



ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇଥିବା ଅତିଥିମାନେ।

### ଭାଗନେଲେ ୯୯୯ ପ୍ରତିଯୋଗୀ

୧୯୯ଜଣ ମହିଳା ରହିଛନ୍ତି। ପୁରୁଷଙ୍କ ପାଇଁ ୨୩ଟି ବିଭାଗ ଓ ମହିଳାଙ୍କ ପାଇଁ ୧୩ ବିଭାଗ ରହିଛି। ୪ଦିନ ଧରି ହେବାକୁ ଥିବା ଏହି ପ୍ରତିଯୋଗିତାରେ ୪୨ କିମି ମାରାଥନ ପ୍ରତିଯୋଗିତା ସହ ଦୌଡ, ହାଇ ଜମ୍ପ, ଲଙ୍ଗ ଜମ୍ପ, ଟ୍ରିପଲ ଜମ୍ପ, ହର୍ଡଲ୍ସ, ଜାଭେଲିନ ଥ୍ରୋ, ଡିସ୍କସ୍ ଥ୍ରୋ, ପୋଲ୍ ଭଲ୍ଟ, ସଟ୍‌ପୁଟ ଆଦି ବିଭିନ୍ନ ବିଭାଗରେ ପ୍ରତିଯୋଗତା ଆୟୋଜନ କରାଯାଇଛି। ଉଦ୍‌ଘାଟନୀ ଉତ୍ସବରେ କେନ୍ଦ୍ରାଞ୍ଚଳ ଆଇଜି ସୌମେନ୍ଦ୍ର ପ୍ରିୟଦର୍ଶୀ, ଡିସିପି ଅଖିଳେଶ୍ୱର ସିଂଙ୍କ ସମେତ ପୋଲିସ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଆସନ୍ତା୧୯ ତାରିଖ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଡିଜିପି ରାଜେନ୍ଦ୍ର ପ୍ରସାଦ ଶର୍ମା କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ଟ୍ରଫି ପ୍ରଦାନ କରିବାର କାର୍ଯ୍ୟକ୍ରମ ରହିଛି।

National Pension System (NPS)
Retired life ka sahara, NPS hamara
Portable PRAN Account | Customised Investment & Pension Options
Exclusive Tax Benefit u/s 80CCD (1B) | Low Cost Structure
NSDL e-Governance Infrastructure Limited invites you to Subscriber Awareness Programme on NPS
VENUE
Hotel The Royal Suites, Juhi Block-7, Infront of Durga Mandap, Satya Nagar, Bhubaneswar - 751004, Odisha. Date: Friday, January 18, 2019 Time: 5.30 pm
Hotel Grand Residency, Palamandap, Badambadi, Cuttack - 753012, Odisha. Date: Saturday, January 19, 2019 Time: 5.30 pm
PROGRAM

| | |
|---|---|
| Presentation by NSDL e-Governance Infrastructure Limited | 45 mins. |
| Question and Answer session | 45 mins. |
| Tea/Coffee | 30 mins. |

NSDL e-Governance Infrastructure Limited
Central Recordkeeping Agency
(CIN U72900MH1995PLC095642)
1st Floor, Times Tower, Kamala Mills Compound, Senapati Bapat Marg, Lower Parel, Mumbai - 400 013
Admission is FREE
Tel: +91-22-2499 3499 · Fax: +91-22-2499 4974
Website: www.npscra.nsdl.co.in / www.egov-nsdl.co.in
Follows us on www.facebook.com/nps.NSDL
(This event is conducted by NSDL e-Governance Infrastructure Limited in the interest of the subscribers)
Open your NPS account NOW !

## ଜନ୍ମଦିନର ଶୁଭେଚ୍ଛା

ନାମ: ...................................
ବୟସ:...................................
ଜନ୍ମ ତାରିଖ: ..............................


ସଂଘମିତ୍ରା
ପରିବାରବର୍ଗ


ଶୂନ୍ୟବାସୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ । ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ ।

## ୬ଷ୍ଠ ଜନ୍ମଦିନ ଶୁଭେଚ୍ଛା



ସ୍ମାଇଲ୍ (ରିତା)
ଜିଜିପି କଲୋନୀ, ରସୁଲଗଡ଼, ଭୁବନେଶ୍ୱର

ତୋର ୬ଷ୍ଠ ବାର୍ଷିକ ଜନ୍ମଦିନ ଅବସରରେ ଶ୍ରୀଜଗନ୍ନାଥଙ୍କ ନିକଟରେ ଏତିକି ପ୍ରାର୍ଥନା ତୋର ଚଲାପଥ କୁସୁମିତ ତଥା ଯଶସ୍ୱୀ କରନ୍ତୁ।
ଶୁଭେଚ୍ଛା ସହ: ଜେଜେବାପା, ଜେଜେମା, ଅଜା, ଆଇ, ବାପା, ମାମା, ଆଶୁତୋଷ, ଆଦ୍ୟାଶା, ରାଉଳ ଓ ପରିବାରବର୍ଗ
D-10593

# classified




## SALE

L&T Pc 71 Komatsu show room condition, 2009 Dec (Mo): 7978887806. D-10485




## SALE

Prime property at Khandagiri (land & building) 2 storied with under ground cost Rs. 1.35 core (negotiable). Contact: 9338579645. D-64935

ଭୁବନେଶ୍ୱର ସୁନ୍ଦରପଦା Indus Engineering କଲେଜ backside sqft.- 199/-ରେ ପ୍ଲଟ ମିଳୁଛି । 8338932027. D-65312

Residential plot 30' road at KIIT College, Sunderpada, Nakhara. Flat/ duplex, Patia Chhak. 8328811411, 7978620820. D-65332

Hurry Up litigation free residential plot available Nandankanan flat-Hanspal duplex- Raghunathpur. 9853821712, 8270565956. D-10585

ଭୁବନେଶ୍ୱର ଉତ୍ତରା/ Krupajal ପାଖରେ ଘରବାଡି ପାଚେରି ପ୍ଲଟ ପଟ୍ଟାରୁ ବିକ୍ରିହେବ । 9178660666. D-65509

Plot sale near AIIMS Hospital, Bhubaneswar 30' wide road. 8280401077. D-65333

Bhubaneswar Patia KIIT University ନିକଟରେ ବାସୋପଯୋଗୀ plot ବିକ୍ରୟ । 9439444251, 9078085655. D-65334

ଭୁବନେଶ୍ୱର ବାଲିଅନ୍ତା roadside Puri Bypass sideରେ ପ୍ଲଟ ମିଳୁଛି । 8093465134. D-65338

BDA yellowzone gharabadi boundary, electricity and greenery facilities plot at Patrapada, Tamando and Infovally GITA College Square. 9938770157, 7008818121. D-65339

ଭୁବନେଶ୍ୱର ପଟିଆ KIIS University boundary ପାଖରେ ସମ୍ପୂର୍ଣ୍ଣ development 40/30" road, electricity, ପାଚେରି ସହିତ plot ବିକ୍ରି ହେବ । 9937366406. D-64692

**ପାଠକଙ୍କ ପାଇଁ ସୂଚନା:** କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି । ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ । ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

## GENERAL

## SALE

Agarbati Machine ଏବଂ Paperplate Machine ପାଇଁ ଯୋଗାଯୋଗ କରନ୍ତୁ । 9853089865. D-65329




1400 sqft. commercial space at BMC Bhabani mall sqft. 50/-. 9337119834. D-65331

3BHK first floor suitable for family/ MESS. Available in Sailashree Vihar. 9437101413. D-63930

3BHK marbal flat Unit-8, Souvagya Nagar, Main road. Contact. 9000004523. D-64937




Fully refreshed/ relaxed body massage by expert therapist, Shastri Nagar. 7377984773. D-65282

Rejuvenate and Ayurvedic full body massage by smart therapist. 9114402304. D-65283

Herbal full body massage by smart/ expert therapist. Contact: 8338067247. D-65503

Newly opening ayurvedic massage smart therapist, Shree herbal. 7750020754. D-65504

Improving your health, skin care through expert therapist, excellent offer. 9668374480. D-65505

Pamper yourself this Mansoon professional massage. Contact Purple Orchid. 9776598888. D-65506

Herbal full body massage with refreshment by well trained therapist. 7381239385. D-65513

Saishree ayurvedic full body massage ladies & gents. Contact: 7438896074. D-64689

Experience full body massage with us by expert Enquiry: 06742597822, 7377048581. D-65512




Buy one Jean Pant only 850/- and earn upto 10.000/- Per month. We need business partner for every Town. +918114680173. D-64773

## LOST

I have lost my 10th Certificate Sl. No.- 0611241 on 13th January on the way Unit-9 to Utkal University. If any one found it please contact: 7978065788. D-64774

## AFFIDAVIT

By virtue of an affidavit before Notary Public, Boudh Dist. Orissa, I, Sanjukta Kumari Pradhan, D/o- Antaryami Pradhan have changed my name from Sanjukta Kumari Pradhan to Sanjukta Pradhan. Hence, I will be known as Sanjukta Pradhan for all purposes. D-69698

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୩୧୫/- (ଫଟୋ ସହ) ଏବଂ ଟ୨୧୦/- (ବିନା ଫଟୋ)ରେ। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।


## ଧାର୍ଯ୍ୟ ଦିବସ ପୂରଣ ...

ଏହା ପୂର୍ବ ତଥା ତ୍ରୟୋଦଶ ଅଧିବେଶନରେ ଧାର୍ଯ୍ୟ ହୋଇଥିବା ସମୁଦାୟ ୧୧ ଦିନ ଗୃହ ଚାଲିଥିଲା । କିନ୍ତୁ ଦ୍ୱାଦଶ ଅଧିବେଶନରେ ୩୧ ଦିନ ଧାର୍ଯ୍ୟ ହୋଇଥିଲେ ମଧ୍ୟ ୨୬ ଦିନ ବସିଥିଲା । ଧାର୍ଯ୍ୟ ଦିବସର ୫ ଦିନ ପୂର୍ବରୁ ଗୃହକୁ ମୁଲତବୀ କରାଯାଇଥିଲା । ଏହାର ପୂର୍ବ ଅର୍ଥାତ ୧୧ତମ ଅଧିବେଶନକୁ ଅଧାରୁ ବନ୍ଦ କରିଦିଆଯାଇଥିବା ସୂଚନା ଅଧିକାର ତଥ୍ୟରେ ଉଲ୍ଲେଖ କରାଯାଇଛି । ଧାର୍ଯ୍ୟ ହୋଇଥିବା ମୋଟ ୨୬ ଦିନ ମଧ୍ୟରୁ ମାତ୍ର ୧୩ ଦିନ ଗୃହ କାର୍ଯ୍ୟ ଚାଲିଥିଲା । ସେ ସମୟରେ ମଧ୍ୟ କୌଣସି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ନ ଥିବା ଶାସକ ଦଳ ପକ୍ଷରୁ ଯୁକ୍ତି କରାଯାଇଥିଲା । ସେହିପରି ଦଶମ ଓ ସପ୍ତମ ଅଧିବେଶନ ଧାର୍ଯ୍ୟ ୮ଦିନ ସମ୍ପୂର୍ଣ୍ଣ ଭାବେ ବସିଥିଲାବେଳେ ୯ମ ଅଧିବେଶନ ୨୮ ଦିନରୁ ୨୪ ଏବଂ ଅଷ୍ଟମ ଅଧିବେଶନ ୨୪ ଦିନରୁ ମାତ୍ର ୯ଦିନ ଚାଲିଥିଲା । ଷଷ୍ଠ ଅଧିବେଶନଟି ୩୧ ଦିନ ମଧ୍ୟରୁ ୨୭ ଦିନ ଚାଲିଥିଲାବେଳେ ପଞ୍ଚମ ଅଧିବେଶନ ୨୧ ଦିନ ବଦଳରେ ମାତ୍ର ୧୩ ଦିନ ପାଇଁ ବସିଥିଲା । ସେହିପରି ପ୍ରଥମ ଓ ଚତୁର୍ଥ ଅଧିବେଶନ ଯଥାକ୍ରମେ ଧାର୍ଯ୍ୟ ହୋଇଥିବା ସମ୍ପୂର୍ଣ୍ଣ ୨୫ ଏବଂ ୧୧ ଦିନ ବସିଥିଲାବେଳେ ଦ୍ୱିତୀୟ ଅଧିବେଶନ ୨୬ ଦିନରୁ ୧୪ ଦିନ, ତୃତୀୟ ଅଧିବେଶନ ୩୦ ଦିନ ମଧ୍ୟରୁ ୨୮ ଦିନ ବସିଥିଲା । ଏନେଇ ସୂଚନା ଆବେଦନକାରୀ ପ୍ରଦୀପ ପ୍ରଧାନ କହିଛନ୍ତି ଯେ, ବିଧାନସଭା କରଦାତାଙ୍କ ଅର୍ଥରେ ଚାଲିଥାଏ । ରାଜ୍ୟର ସମସ୍ୟା ସମ୍ପର୍କରେ ଆଲୋଚନା କରିବା ପାଇଁ ଏହା ସର୍ବୋଚ୍ଚ ଫୋରମ୍ । ଅନେକ ସମୟରେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଆଲୋଚନା ନ ହୋଇ ଗୃହ ଅଧାରୁ ବନ୍ଦ ହୋଇଯାଉଛି । ଏହାକୁ ବିରୋଧୀ ଦଳମାନେ ପରୋକ୍ଷରେ ସମର୍ଥନ ଦେଉଥିବା ଲକ୍ଷ୍ୟ କରାଯାଇଛି । ପୂର୍ବତନ ଅର୍ଥମନ୍ତ୍ରୀ ପଞ୍ଚାନନ କାନୁନ୍‌ଗୋ କହିଛନ୍ତି ଯେ, ବିଧାନସଭାରେ ସରକାରଙ୍କୁ ସଭ୍ୟମାନଙ୍କ ପ୍ରଶ୍ନର ଉତ୍ତର ଦେବା ଓ ବିଭିନ୍ନ ପ୍ରସଙ୍ଗରେ ଉତ୍ତରଦାୟୀ ହେବାକୁ ପଡ଼ିଥାଏ । ଏଥିପାଇଁ ଖାଲି ସରକାରଙ୍କୁ ଦୋଷ ଦେଲେ ହେବ ନାହିଁ । ଅନେକ ସମୟରେ ଅମଲାତାନ୍ତ୍ରିକ ହସ୍ତକ୍ଷେପ ହିଁ ଏଥିପାଇଁ ଦାୟୀ । ବିଭିନ୍ନ ପ୍ରସଙ୍ଗରେ ତଥ୍ୟ ଯୋଗାଡ଼ କରିବା, ଉତ୍ତର ପ୍ରସ୍ତୁତ କରିବା ଅଧିକାରୀଙ୍କ କାର୍ଯ୍ୟ ଅଟେ । ଏଥିରୁ ସେମାନଙ୍କ ପାରିବାପଣିଆ ମଧ୍ୟ ଜଣାପଡିଥାଏ, ତେଣୁ ସରକାରୀ ଦଳ-ଅଫିସରଙ୍କ ଆନ୍ତରିକତା ଦ୍ୱାରା ହିଁ ଗୃହ କାର୍ଯ୍ୟ ସୁରୁଖୁରୁରେ ସମ୍ପାଦନ ହୋଇପାରିବ ।

## କିଛି ତଥ୍ୟ

୨୦୧୮ ଏପ୍ରିଲ-ଡିସେମ୍ବର ସମୟରେ ଦେଶର ପ୍ରମୁଖ ଇସ୍ପାତ ଉତ୍ପାଦନକାରୀ କମ୍ପାନିଗୁଡ଼ିକ ୪୭.୪୬୨ ନିୟୁତ ଟନ୍ ଇସ୍ପାତ ଉତ୍ପାଦନ କରିଛନ୍ତି ।
– ଇସ୍ପାତ ମନ୍ତ୍ରଣାଳୟ

**ପ୍ରଥମ ପୃଷ୍ଠାରୁ...**

## ଓଟିଇଟି ପ୍ରଶ୍ନପତ୍ର ...

ମିଳିଥିଲା । ଏହା ଜଣାପଡିବା ମାତ୍ରେ ଭାଇରାଲ ପ୍ରଶ୍ନପତ୍ର ସହିତ ବୋର୍ଡ ପକ୍ଷରୁ ପ୍ରସ୍ତୁତ ପ୍ରଶ୍ନପତ୍ରକୁ ମେଳ କରାଯାଇଥିଲା । ଉଭୟ ସମାନ ଥିବାରୁ ବୋର୍ଡ ପକ୍ଷରୁ ଅପରାହ୍ନ ଗୋଟାଏରେ ପରୀକ୍ଷା ବାତିଲ ଘୋଷଣା କରାଯାଇଥିଲା ।

ତେବେ ମୟୂରଭଞ୍ଜ ଜିଲାର କୌଣସି ଏକ ସେଣ୍ଟରରୁ ପ୍ରଶ୍ନପତ୍ର ଲିକ୍ ହୋଇଥିବା ଚର୍ଚ୍ଚା ହୋଇଥିଲା । ଏହି ଜିଲାର ୧୮ଟି ସେଣ୍ଟରରେ ଓଟିଇଟି ପରୀକ୍ଷା କରାଯାଉଥିଲା । ପ୍ରଥମ ସିଟିଂ ଚାଲିଥିବା ସମୟରେ ଉଭୟ ପ୍ରଶ୍ନପତ୍ର ହ୍ୱାଟ୍‌ସ ଆପ୍‌ରେ ଘୂରି ବୁଲିଥିଲା । ପରେ ସାମାଜିକ ତଥା ବୈଦ୍ୟୁତିକ ଗଣମାଧ୍ୟମରେ ଏହି ଖବର ପ୍ରସାରିତ ହେବା ପରେ ରାଜ୍ୟବ୍ୟାପୀ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଲା । ଏହାପରେ ମୟୂରଭଞ୍ଜ ଜିଲା ଶିକ୍ଷାଧିକାରୀ ଧ୍ରୁବଚରଣ ବେହେରା ଗଣମାଧ୍ୟମକୁ କହିଥିଲେ ଯେ, ଦ୍ୱିତୀୟ ସିଟିଂ ପ୍ରଶ୍ନପତ୍ର କୌଣସି ସେଣ୍ଟରରେ ଖୋଲାଯାଇ ନାହିଁ । ଅନ୍ୟ କୌଣସି ଅଞ୍ଚଳରୁ ଏହା ପ୍ରଘଟ ହୋଇଥାଇପାରେ ବୋଲି ସେ କହିଥିଲେ । ସେହିପରି ଭଦ୍ରକ ଜିଲାରୁ ମଧ୍ୟ ପ୍ରଶ୍ନପତ୍ର ଲିକ୍ ହୋଇଥିବା ଶୁଣିବାକୁ ମିଳିଥିଲା । କିନ୍ତୁ ବୋର୍ଡ ସଭାପତି ଡ. ବେଗମ୍ କହିଛନ୍ତି, ଗତ ତିନିଦିନ ହେବ ୨୫୦ଟି କେନ୍ଦ୍ରକୁ ପ୍ରଶ୍ନପତ୍ର ପଠାଯାଉଛି । ଦୂରରେ ଥିବା କେନ୍ଦ୍ରଗୁଡ଼ିକୁ ଦୁଇଦିନ ତଳୁ ପ୍ରଶ୍ନପତ୍ର ପଠାଯାଇଥିବା ବେଳେ ନିକଟରେ ଥିବା କେନ୍ଦ୍ରଗୁଡ଼ିକୁ ମଙ୍ଗଳବାର ପଠାଯାଇଥିଲା । କୌଣସି ଏକ କେନ୍ଦ୍ରରୁ ହିଁ ପ୍ରଶ୍ନପତ୍ର ଲିକ୍ ହୋଇଛି । ତେବେ କ୍ରାଇମବ୍ରାଞ୍ଚ ତଦନ୍ତ ପରେ ସବୁକିଛି ସ୍ପଷ୍ଟ ହୋଇଯିବ ବୋଲି ସେ ସୂଚନା ଦେଇଛନ୍ତି । ଅନ୍ୟପକ୍ଷରେ ପ୍ରଶ୍ନପତ୍ର ଲିକ୍ ହୋଇଥିବା ଶୁଣିବା କ୍ଷଣି ପରୀକ୍ଷାର୍ଥୀଙ୍କ ମଧ୍ୟରେ ମଧ୍ୟ ନୈରାଶ ଭାବ ଦେଖିବାକୁ ମିଳିଥିଲା । ପରୀକ୍ଷା ବାତିଲ ପରେ ରାଉରକେଲା ସମେତ ଅନ୍ୟ କେତେକ କେନ୍ଦ୍ରରେ ପରୀକ୍ଷାର୍ଥୀମାନେ ହୋହଲ୍ଲା କରିବା ସହ ଧାରଣା ମଧ୍ୟ ଦେଇଥିଲେ । ଏହି ଘଟଣା ପରେ ପରୀକ୍ଷା ପରିଚାଳନାକୁ ନେଇ ମାଧ୍ୟମିକ ଶିକ୍ଷା ପରିଷଦ ପୁଣି ବିବାଦ ଘେରକୁ ଆସିଛି । ପୂର୍ବରୁ ମାଟ୍ରିକ ପରୀକ୍ଷା ପ୍ରଶ୍ନପତ୍ର ପ୍ରଘଟ ହେବାକୁ ନେଇ ମାଧ୍ୟମିକ ଶିକ୍ଷା ପରିଷଦ ସହିତ ଗଣଶିକ୍ଷା ବିଭାଗ ବଦନାମ ହୋଇସାରିଛି । ୨୦୧୮ ଫେବୃୟାରୀରେ ହୋଇଥିବା ମାଟ୍ରିକ ପରୀକ୍ଷାରେ ଓଡ଼ିଆ ଓ ଇଂଲିଶ ପ୍ରଶ୍ନପତ୍ର ପ୍ରଘଟ ହୋଇଥିଲା । ଏହି ଘଟଣାରେ ମଧ୍ୟ ବୋର୍ଡ ପକ୍ଷରୁ କ୍ରାଇମବ୍ରାଞ୍ଚକୁ ତଦନ୍ତ ପାଇଁ ସୁପାରିସ କରାଯାଇଥିଲା । ମାତ୍ର ଅଦ୍ୟାବଧି ତଦନ୍ତ ରିପୋର୍ଟ ବୋର୍ଡର ହସ୍ତଗତ ହୋଇ ନ ଥିବା ମାଧ୍ୟମିକ ଶିକ୍ଷା ପରିଷଦ ନିୟନ୍ତ୍ରକ ଡ. ନିହାର ରଞ୍ଜନ ମହାନ୍ତି କହିଛନ୍ତି । ଏପରିସ୍ଥଳେ ଓଟିଇଟି ପ୍ରଶ୍ନପତ୍ର ଲିକ୍ ଘଟଣାର କ୍ରାଇମବ୍ରାଞ୍ଚ ତଦନ୍ତକୁ ନେଇ ପରୀକ୍ଷାର୍ଥୀମାନେ ଆଶଙ୍କା ପ୍ରକାଶ କରିଛନ୍ତି । ବୋର୍ଡ ସଭାପତି ଡ. ବେଗମ୍ କୁହନ୍ତି, ୧ ଲକ୍ଷ ୧୨ହଜାର ୭୧୬ ଜଣ ପିଲାଙ୍କ ଭାଗ୍ୟ ଓ ଭବିଷ୍ୟତ ସହିତ ଖେଳିବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ । ପରୀକ୍ଷାର୍ଥୀଙ୍କ ମଧ୍ୟରେ ଅନେକ ପିଲାଙ୍କ ପାଇଁ ଚାକିରିର ନିତାନ୍ତ ଆବଶ୍ୟକ ଥିବା ଆମ ନିଜ କେନ୍ଦ୍ର (ବୋର୍ଡ ହାଇସ୍କୁଲ)ରୁ ଜାଣିପାରିଛୁ । ଅନେକ ପରୀକ୍ଷାର୍ଥୀ ଏହି ଘଟଣା ପରେ କାନ୍ଦି କାନ୍ଦି ଘରକୁ ଫେରିଥିବା ଖୋଦ୍ ସଭାପତି ବେଗମ୍ ସ୍ୱୀକାର କରିଛନ୍ତି । ଏ ସମ୍ପର୍କରେ ଗଣଶିକ୍ଷାମନ୍ତ୍ରୀ ବଦ୍ରିନାରାୟଣ ପାତ୍ର କୁହନ୍ତି, ଘଟଣାର ବିଭାଗୀୟ ତଦନ୍ତ କରାଯାଇ ଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ । ଆଉଥରେ ପରୀକ୍ଷା ହେବ । ପରୀକ୍ଷାର୍ଥୀମାନେ ନିରାଶ ନ ହେବାକୁ ମନ୍ତ୍ରୀ ପାତ୍ର ନିବେଦନ କରିଛନ୍ତି ।

## କଂଗ୍ରେସରୁ ନବ ...

ସାମିଲ ହେବା କଥା ଶୁଣାଯାଉଛି । ରାହୁଲଙ୍କୁ ଦେଇଥିବା ଚିଠିରେ ନବ ଉଲ୍ଲେଖ କରିଛନ୍ତି ଯେ, ତାଙ୍କୁ ପିସିସି କାର୍ଯ୍ୟକାରୀ ସଭାପତି ପଦରେ ଅବସ୍ଥାପିତ କରାଯାଇଥିବାରୁ ହୃଦୟର ସହ କୃତଜ୍ଞତା ଜ୍ଞାପନ କରୁଛି । ପିସିସି ସଭାପତି ନିରଞ୍ଜନ ପଟ୍ଟନାୟକଙ୍କ ବିରୋଧରେ ମୋର କୌଣସି ଅଭିଯୋଗ ନାହିଁ । ତାଙ୍କ ସହ ମୋର ଭଲ ସମ୍ପର୍କ ରହିଛି । ୨୦୧୯ ନିର୍ବାଚନରେ ମୁଁ ବିଜେଡିରୁ ଲଢେ ବୋଲି ନିର୍ବାଚନମଣ୍ଡଳୀ ଲୋକେ ଏବଂ ଭୋଟରମାନେ ଚାହୁଁଛନ୍ତି । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ମିଶି ନିର୍ବାଚନମଣ୍ଡଳୀର ଉନ୍ନତି କରେ ବୋଲି ଭୋଟର ଚାହୁଁଛନ୍ତି । ଏହାସହ ଆସନ୍ତା ୨୪ତାରିଖରେ ମୁଖ୍ୟମନ୍ତ୍ରୀଙ୍କ ଝାରସୁଗୁଡା ଗସ୍ତ ସମୟରେ ଲୋକମାନଙ୍କ ମୂଲ୍ୟବାନ ପରାମର୍ଶ ସମ୍ପର୍କରେ ଜଣାଇବି । ଇସ୍ତଫା ପାଇଁ କ୍ଷମା ମାଗିବା ସହ ବିକାଶ ପାଇଁ ବିଜେଡିରେ ସାମିଲ ହେବା ଭଲ ହେବ ବୋଲି ନବ ଚିଠିରେ ଉଲ୍ଲେଖ କରିଛନ୍ତି । ଅନ୍ୟପଟେ କଂଗ୍ରେସ ଶୃଙ୍ଖଳା କମିଟି ସଦସ୍ୟ ଅନନ୍ତ ନାରାୟଣ ସେଠୀ କହିଛନ୍ତି ଯେ, ନବ ଦାସ ଦଳ ଛାଡିବା ନେଇ ବାରମ୍ବାର ଗଣମାଧ୍ୟମକୁ ମନ୍ତବ୍ୟ ଦେବା ଦ୍ୱାରା ଏହା ଦଳକୁ କ୍ଷତି ପହଞ୍ଚାଉଥିଲା । ଶେଷରେ ଦଳ ପକ୍ଷରୁ ତାଙ୍କୁ ଏକ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଥିଲା । ସେ କୌଣସି ଉତ୍ତର ନ ଦେବା କାରଣରୁ ତାଙ୍କୁ ଦଳରୁ ବହିଷ୍କାର କରାଯାଇଛି ବୋଲି ଅନନ୍ତ କହିଛନ୍ତି । ସେହିପରି ସନ୍ଧ୍ୟାରେ ଏକ ଖବରଦାତା ସମ୍ମିଳନୀ କରି ନିରଞ୍ଜନ ପଟ୍ଟନାୟକ କହିଛନ୍ତି ଯେ, କିଏ ଦଳ ଛାଡ଼ିବା ଖବର କଷ୍ଟ ଦିଏ ମାତ୍ର ଏହା ଆମ ପାଇଁ ଭଲ । ଆଦର୍ଶହୀନ ରାଜନୀତି କରୁଥିବା ବ୍ୟକ୍ତି ଦଳରୁ ଚାଲିଯିବା ଭଲ । ନବ ରାଜନୀତିକୁ ବ୍ୟବସାୟିକ ସ୍ୱାର୍ଥରେ ଲଗାନ୍ତି । ଓଡିଶାରେ କଂଗ୍ରେସ ପୂର୍ବାପେକ୍ଷା ଅଧିକ ସୁଦୃଢ ହୋଇଛି ବୋଲି ନିରଞ୍ଜନ କହିଛନ୍ତି । ଏପରିକି ରବିବାର ଦଳର ରାଜ୍ୟ କାର୍ଯ୍ୟାଳୟଠାରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ମଧ୍ୟ ନିରଞ୍ଜନ ନବଙ୍କୁ ଜଣେ ବେପାରୀ ବୋଲି ଆଖ୍ୟା କରିଥିଲେ । ନିକଟରେ ବିଜେଡିରେ ସାମିଲ ହୋଇ ସୌମ୍ୟରଞ୍ଜନ ପଟ୍ଟନାୟକ ରାଜ୍ୟ ସଭା ଯାଇଛନ୍ତି । ସୌମ୍ୟ ରାଜନୀତିକୁ ବ୍ୟବସାୟିକ ସ୍ୱାର୍ଥରେ ଲଗାଇବା ପାଇଁ ବିଜେଡି ଯାଇଥିଲେ କି ବୋଲି ପ୍ରଶ୍ନ କରିବାରୁ ନିରଞ୍ଜନ କହିଛନ୍ତି, ସେ ବେପାର କରନ୍ତି ନାହିଁ । ଗୋଟେ ଦଳରେ ରହି ରାଜନୀତି କରୁଥିଲେ । ସେହି ଦଳରୁ ବାହାର କରିଦିଆଯିବା ପରେ ସେ ପୁଣି ରାଜନୀତି କରିବେ ନା ନାହିଁ । ସେଥିପାଇଁ ବିଜେଡିରେ ମିଶିଛନ୍ତି । ମୋ ଭାଇ ବୋଲି କହୁନାହିଁ, କୌଣସି ପ୍ରକାର ବେପାର ପାଇଁ ସେ ବିଜେଡି ଯାଇନାହାନ୍ତି ବୋଲି ନିରଞ୍ଜନ କହିଛନ୍ତି । ନିରଞ୍ଜନଙ୍କ ବେପାରୀ ଆଖ୍ୟା ସମ୍ପର୍କରେ ନବ କହିଛନ୍ତି ଯେ, ମୋତେ କ'ଣ କରିବାକୁ ପଡ଼ିବ, କ'ଣ କରୁଛି, ସେଥିପାଇଁ ନିରଞ୍ଜନ ବାବୁଙ୍କ ସାର୍ଟିଫିକେଟର ଆବଶ୍ୟକତା ନାହିଁ ।

## ନିଯୁକ୍ତି...

ପାରମ୍ପରିକ ଗ୍ରହଣୀୟ ପଦ୍ଧତିକୁ କଡ଼ାକଡ଼ି ଭାବେ ଅନୁସରଣ କରିଛି । ଜାତୀୟ ନମୁନା ସର୍ବେକ୍ଷଣ ସଙ୍ଗଠନ (ଏନ୍‌ଏସ୍‌ଏସ୍‌ଓ) ପକ୍ଷରୁ ପ୍ରକାଶିତ ତଥ୍ୟକୁ ମଧ୍ୟ ଏଥିରେ ଅନ୍ତର୍ଭୁକ୍ତ କରାଯାଇଛି । ୨୦୧୧-୧୨ ପରେ ଏନ୍‌ଏସ୍‌ଏସ୍‌ଓ ତଥ୍ୟ ନ ଥିବା ଖୋଦ୍ ସରକାର ସ୍ୱୀକାର କରିଛନ୍ତି । ଏନ୍‌ଏସ୍‌ଏସ୍‌ଓ ସର୍ଭେ ପ୍ରତି ୫ ବର୍ଷରେ କରାଯାଇଥାଏ । ୨୦୧୮ ଶେଷ ସୁଦ୍ଧା ଏହା ପ୍ରକାଶ କରିବା ପାଇଁ ସରକାର ପ୍ରତିଶ୍ରୁତି ଦେଇଥିଲେ ହେଁ ସଦ୍ୟ ପର୍ଯ୍ୟାୟ ଫଳାଫଳ ବିଳମ୍ବିତ ହୋଇଛି । ୨୦୧୬-୧୭ରେ ସର୍ବଭାରତୀୟ ବାର୍ଷିକ ଲେବର୍ ବ୍ୟୁରୋ ସର୍ଭେର ଅନ୍ତରୀଣ ରିପୋର୍ଟ ଆସିଥିଲା, ଯାହାକୁ ସରକାର ଆନୁଷ୍ଠାନିକ ଭାବେ ଜାରି ନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ବାସ୍ତବରେ ସରକାର ଏହି ସର୍ଭେକୁ ମଧ୍ୟ ବନ୍ଦ କରିଦେଇଛନ୍ତି । ଏହି ସର୍ଭେର ଶେଷ ଆକଳନ ନିକଟରେ ଗଣମାଧ୍ୟମ ହାତରେ ଲାଗିଥିଲା । ୨୦୧୬-୧୭ ଆର୍ଥିକବର୍ଷରେ ବେକାରି ସମସ୍ୟା ପୂର୍ବ ୪ ବର୍ଷରୁ ସର୍ବାଧିକ ଥିଲା । ମୋଦି ସରକାର ଏହି ସର୍ଭେ ରିପୋର୍ଟକୁ ଆନୁଷ୍ଠାନିକ ଭାବେ ସାର୍ବଜନୀନ କରି ନ ଥିବାରୁ ଶ୍ରମ ବିଭାଗ ଏହାକୁ ସଂସଦୀୟ କମିଟିକୁ ପ୍ରଦାନ କରିନାହିଁ । ତେଣୁ ୨୦୧୧-୧୨ ଆର୍ଥିକବର୍ଷର ଏନ୍‌ଏସ୍‌ଏସ୍‌ଓ ସର୍ଭେ ପରେ ସରକାରଙ୍କ ନିକଟରେ ନିଯୁକ୍ତି ସମ୍ପର୍କିତ କିଛି ତଥ୍ୟ ନାହିଁ ବୋଲି କମିଟି ଅଧ୍ୟକ୍ଷ ଜୋଷୀ ଯୁକ୍ତିଯୁକ୍ତ ସିଦ୍ଧାନ୍ତରେ ଉପନୀତ ହୋଇଛନ୍ତି । ଅର୍ଥ ସଚିବ, ମୁଖ୍ୟ ପରିସଂଖ୍ୟାନ ଅଧିକାରୀ, ବ୍ୟାଙ୍କିଙ୍ଗ୍ ସେକ୍ରେଟାରି, ଶ୍ରମ ସଚିବ ଓ ଭାରତର ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ)ର ପୂର୍ବତନ ଗଭର୍ନର ଉର୍ଜିତ ପଟେଲଙ୍କଠାରୁ ମିଳିଥିବା ଅନେକ ଲିଖିତ ଜବାବ ଆଧାରରେ ନିଯୁକ୍ତି ସମ୍ପର୍କିତ କିଛି ତଥ୍ୟ ନ ଥିବା ଏବଂ ୨୦୧୧-୧୨ରେ ଏଭଳି ଶେଷ ତଥ୍ୟାବଳୀ ପ୍ରସ୍ତୁତ ହୋଇ ନ ଥିବା ମୋଦି ସରକାର ସ୍ୱୀକାର କରିଛନ୍ତି(ଏନ୍‌ଏସ୍‌ଏସ୍‌ଓ ସର୍ଭେ) । କମିଟିର ରିପୋର୍ଟ ଉପରେ ୩ ଭାଜପା ଏମ୍‌ପି ରାଜୀବ ପ୍ରତାପ ରୁଡ଼ି (ଯିଏକି କୌଣସି ବୈଠକରେ ଉପସ୍ଥିତ ନ ଥିଲେ), ନିଶିକାନ୍ତ ଦୁବେ ଓ ରମେଶ ବିଧୁରୀ ଗତ ସପ୍ତାହରେ ଅସନ୍ତୋଷ ପତ୍ର ଦାଖଲ କରିଛନ୍ତି । ଏଷ୍ଟିମେଟ୍ କମିଟି 'ନିଜ ସୀମା ଉଲ୍ଲଂଘନ' କରି କାର୍ଯ୍ୟସୂଚୀର ପ୍ରସଙ୍ଗଗୁଡ଼ିକ ସହ ତାଳମେଳ ରଖୁନାହାନ୍ତି ବୋଲି ସେମାନେ ଏଥିରେ ଦର୍ଶାଇଛନ୍ତି । ଏହି ସୂତ୍ରରୁ ଜଣାପଡ଼ିଛି, ୨୦୧୯ ସାଧାରଣ ନିର୍ବାଚନ ପୂର୍ବରୁ ଏଭଳି ରିପୋର୍ଟ ପ୍ରଘଟ ହେଲେ ଏନ୍‌ଡିଏ କ୍ଷତିଗ୍ରସ୍ତ ହୋଇପାରେ ବୋଲି ଆଶଙ୍କା କରାଯାଉଥିବାରୁ ଏହା ପ୍ରକାଶ ନ ପାଉ ବୋଲି ଭାଜପା ଓ କେନ୍ଦ୍ର ସରକାର ଚାହୁଁଛନ୍ତି । ସାଧାରଣତଃ ଏଷ୍ଟିମେଟ୍ କମିଟିର ରିପୋର୍ଟଗୁଡ଼ିକ ସବୁ ସଦସ୍ୟଙ୍କ ସହମତିକ୍ରମେ ଗୃହୀତ ହୋଇଥାଏ । ତେବେ ଏହି କ୍ଷେତ୍ରରେ ଅସନ୍ତୁଷ୍ଟ ଜୋଷୀ ୩ ଚିଠିକୁ ରିପୋର୍ଟରେ ସଂଲଗ୍ନ କରିବାକୁ ନିଷ୍ପତ୍ତି ନେଇଛନ୍ତି । ମୋଦି ସରକାର କର୍ମନିଯୁକ୍ତି ସୃଷ୍ଟି କ୍ଷେତ୍ରରେ ଇପିଏଫ୍‌ଓ ତଥ୍ୟକୁ ଆତ୍ମସୁରକ୍ଷା ପାଇଁ ଢାଲ ଭାବେ ବ୍ୟବହାର କରୁଥିବାବେଳେ ଜୋଷୀ ଏହାକୁ ଗ୍ରହଣ କରିବାକୁ ଅନିଚ୍ଛୁକ । 'ଉତ୍କଟ ବେକାରି ସମସ୍ୟା'ର ପରିମାଣ ସ୍ଥିର କରିବା ପାଇଁ ପାରମ୍ପରିକ ମାନଦଣ୍ଡ ଆଧାରିତ 'ସାମଗ୍ରିକ' ଓ 'ବାସ୍ତବ ସର୍ଭେ ତଥ୍ୟ' ହାସଲ କରିଥିବା ନେଇ ନିଯୁକ୍ତି ଓ ଆୟ ଅଭିବୃଦ୍ଧିର ପରିମାପ କରିବାବେଳେ ଉକ୍ତ କମିଟି ଲଗାତର ଦାବି କରିଛି ।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ** – ଉଚ୍ଚସ୍ଥ ଚନ୍ଦ୍ରଙ୍କ ପ୍ରଭାବରୁ ହସି ହସି କଥା କହି ବନ୍ଧୁଙ୍କ ପ୍ରିୟପାତ୍ର ହେବେ । କୌଣସି ପଦସ୍ଥ ବ୍ୟକ୍ତିଙ୍କ ସହଯୋଗରୁ ଅଟକି ରହିଥିବା କାମରେ ଅଗ୍ରଗତି ଘଟିବ । ଆର୍ଥିକ ସଙ୍କଟ ଲାଗି ରହିଥିଲେ ମଧ୍ୟ ନୂତନ ଯୋଜନା ଆରମ୍ଭ କରିପାରନ୍ତି । ଅଶାନ୍ତ ପାରିବାରିକ ସ୍ଥିତି ବହୁଳାଂଶରେ ଥମିଯିବ ।

**ବୃଷ** – ଦୃଢ଼ ମନୋବଳ ସମସ୍ତ ପ୍ରକାର ପ୍ରତିବନ୍ଧକକୁ ଏଡାଇବାରେ ସମର୍ଥ ହେବ । ସ୍ଥଗିତ କାର୍ଯ୍ୟ, ପାଉ ନ ଥିବା ଅର୍ଥ, ଲାଗିରହିଥିବା ବିବାଦର ପରିସମାପ୍ତି ଘଟାଇପାରନ୍ତି । କଳା, ସାହିତ୍ୟରେ ଉନ୍ନତି କରିବା ସହ ସମାଜରେ ପ୍ରଶଂସିତ ହେବେ । ଆନୁଷ୍ଠାନିକ କାମରେ ଅପ୍ରିୟ ସତକଥା କହି ବିରୋଧୀ ହୋଇପାରନ୍ତି ।

**ମିଥୁନ** – ଆପଣ ଯେତେ ନାହିଁ ନାହିଁ କରୁଥିଲେ ମଧ୍ୟ ପରିଶେଷରେ ବନ୍ଧୁଙ୍କ କଥାରେ ହଁ ଭରିବାକୁ ବାଧ୍ୟ ହେବେ । ପ୍ରତ୍ୟେକ କାର୍ଯ୍ୟକୁ ସତର୍କତାର ସହ କରି ନ ପାରିଲେ ପରିସ୍ଥିତି ବଦଳି ଯାଇପାରେ । ବନ୍ଧୁଙ୍କ ମୁଡ୍ ଦେଖି ଓ ପରଖି କଥାରେ ଆଗକୁ ବଢିବା ଭଲ ହେବ । ଅପରାହ୍ନରେ ପୁରାତନ ରୋଗର ପୀଡ଼ା ଅନୁଭବ ହୋଇପାରେ ।

**କର୍କଟ** – ରାଶି ପାଇଁ ଚନ୍ଦ୍ରଙ୍କ ଶୁଭ ସଂସ୍ଥିତି ସାମଗ୍ରିକ ସୁଖ ସାଧନର କେନ୍ଦ୍ରବିନ୍ଦୁ ପାଲଟିଯିବ । ବିଶେଷ ଖର୍ଚ୍ଚାନ୍ତ ହୋଇ ନୂଆ କାମଟିକୁ ଆରମ୍ଭ କରିବେ । କଥାର ସଚ୍ଚୋଟତା ଓ କାର୍ଯ୍ୟଦକ୍ଷତା କାରଣରୁ ବନ୍ଧୁମାନଙ୍କ ମଧ୍ୟରେ ପ୍ରଶଂସିତ ହେବେ । ପରିବାରରେ କାହାର ସ୍ୱାସ୍ଥ୍ୟ ସମସ୍ୟା ଯୋଗୁ ମାନସିକ ସୁସ୍ଥତା ବ୍ୟାହତ ହେବାର ସମ୍ଭାବନା ରହିଛି ।

**ସିଂହ** – ପ୍ରତ୍ୟେକ କ୍ଷେତ୍ରରେ ସଫଳତା ଲାଭକରି ଏକପ୍ରକାର ଖୁସୀ ଅନୁଭବ କରିବେ । କର୍ମକ୍ଷେତ୍ରରେ ଉଚ୍ଚ ପଦାଧିକାରୀଙ୍କ ସାନ୍ନିଧ୍ୟରୁ ଉପକୃତ ହେବେ । ଅନ୍ୟମାନଙ୍କୁ ସାହାଯ୍ୟ କରିବା ପରିପ୍ରେକ୍ଷୀରେ ନିଜେ ହଇରାଣରେ ପଡ଼ିପାରନ୍ତି । ଅସଫଳତାର କାରଣ ଖୋଜିବାକୁ ଯାଇ ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି । ଆଶା କରୁଥିବା ଶୁଭ ଖବର ପାଇବେ ।

**କନ୍ୟା** – ଭୁଲ୍ ବୁଝାମଣା କାରଣରୁ ପ୍ରିୟ ବନ୍ଧୁଟି ସାହାଯ୍ୟ କରିବାର ପ୍ରତିଶ୍ରୁତି ଦେଇ ମଧ୍ୟ ପାଖ ମାଡିବ ନାହିଁ । ବ୍ୟବସାୟରେ କ୍ରମଶଃ ଲାଭ ଅପେକ୍ଷା କ୍ଷତି ଅଧିକ ହେବା ଆଶଙ୍କା ରହିଛି । କୌଣସି ଗୁରୁତ୍ୱପୂର୍ଣ୍ଣ କାରଣ ନ ଥାଇ ମଧ୍ୟ ଯାତ୍ରା ସମୟରେ ଝଗଡ଼ା ଲାଗିପାରେ । ଅବଶ୍ୟ ହସ୍ତା ନକ୍ଷତ୍ର ଅର୍ଥ, କର୍ମକ୍ଷେତ୍ର, ନିର୍ମାଣ, ସଭାସମିତି ଓ ମଙ୍ଗଳଜନକ କାମରେ ଉତ୍ସାହିତ ହୋଇ କାମ କରିବେ ।

**ତୁଳା** – ପରିବାରରେ ଦୀର୍ଘଦିନରୁ ଲାଗି ରହିଥିବା ସମସ୍ୟା ସମାଧାନ ହେବ । କର୍ମକ୍ଷେତ୍ରରେ ପରୋକ୍ଷ ଶତ୍ରୁତା ସାମୟିକ ବାଧା ସୃଷ୍ଟି କରିପାରେ । ପଡ଼ୋଶୀ ନିଜ ନିଜର ସ୍ୱାର୍ଥ ସାଧନ ମାନସରେ ନିଜ କାମକୁ ଅଗ୍ରାଧିକାର ଦେଇପାରନ୍ତି । ପୁରୁଣା ରୋଗ, ଘର ଲୋକଙ୍କ ଚୁପ୍‌ଚାପ୍ କଥା ମନକୁ ବିଚଳିତ କରିବ । ସ୍ୱାତୀ ନକ୍ଷତ୍ର ସକାଶେ ଅସୁବିଧା ହେବନାହିଁ ।

**ବିଛା** – ମନ ଅନୁଯାୟୀ କାର୍ଯ୍ୟ ସାଧନ କରିବା କାରଣକୁ ନେଇ ଖୁସୀ ରହିପାରନ୍ତି । କର୍ମକ୍ଷେତ୍ରରେ ସାହସିକତା ପ୍ରଦର୍ଶନ କରି ଉଚ୍ଚ ପ୍ରଶଂସିତ ହେବେ । ସାହିତ୍ୟ, ରଚନାତ୍ମକ କାର୍ଯ୍ୟ, ସଂଗୀତରେ ସୁନାମ ଅର୍ଜନ କରିବେ । ସ୍ଥଗିତ କାମକୁ ପୂରା ଦମ୍‌ରେ କରିବା ପାଇଁ ନିଷ୍ପତ୍ତି ନେଇପାରନ୍ତି । ସ୍ୱାସ୍ଥ୍ୟ ସମସ୍ୟା ମନକୁ ସାମୟିକ ଭାରାକ୍ରାନ୍ତ କରିବ ।

**ଧନୁ** – ସକାଳୁ ସକାଳୁ ଶୁଭଖବର ପାଇ ମନଟା ଖୁସି ହୋଇଯିବ । ଆପଣଙ୍କ ସାହାଯ୍ୟ ପ୍ରାପ୍ତିର ଅନୁରୋଧକୁ ବନ୍ଧୁଙ୍କ ମିଥ୍ୟା ପ୍ରତିଶ୍ରୁତି କାମକୁ ଆସି ନ ପାରେ । ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହେବେ । ବିବାଦୀୟ ଘଟଣା, ପରିବହନ, ବ୍ୟବସାୟ, ଆଧ୍ୟାତ୍ମିକ କାର୍ଯ୍ୟକ୍ରମରେ ଯଥାସମ୍ଭବ ଶତ୍ରୁଠାରୁ ଦୂରେଇ ରହିବା ଭଲ ହେବ ।

**ମକର** – ଅତୀତକୁ ମନେ ପକାଇ ଭାବବିଭୋର ହୋଇପାରନ୍ତି । ସାମାନ୍ୟ ଥଣ୍ଡାଜନିତ ଦେହଟା ଭଲ ଲାଗି ନ ପାରେ । ଶିଳ୍ପ, ବାଣିଜ୍ୟ, କଳା, ସାହିତ୍ୟ, ପରିବାର ଭିତରେ, ପରିବହନରେ ସୁଫଳ ପାଇବାର ଆଶା ରହିଛି । ଭୁଲ୍ ବୁଝାମଣା କାରଣରୁ ଭଲ ସମ୍ପର୍କ ଥିବା ପ୍ରିୟ ବନ୍ଧୁଟି କ୍ରମଶଃ ଦୂରେଇ ଯିବାର ଅନୁଭବ କରିବେ । ଅପରାହ୍ନେ ଶୁଭ ଖବର ପାଇବେ ।

**କୁମ୍ଭ** – ସ୍ୱାସ୍ଥ୍ୟ ସମସ୍ୟା ନିୟନ୍ତ୍ରଣ ମଧ୍ୟରେ ରହିବ । ପ୍ରତ୍ୟେକ କ୍ଷେତ୍ରରେ ଧୈର୍ଯ୍ୟହରା ନ ହୋଇ କାର୍ଯ୍ୟ କଲେ ଉପକୃତ ହେବେ । ପାରିବାରିକ କ୍ଷେତ୍ରରେ ଜାଣିଶୁଣି ମଧ୍ୟ ନୀରବ ରହିବାକୁ ବାଧ୍ୟ ହେବେ । କୌଣସି ନୀଚ ଜାତିର ବ୍ୟକ୍ତିଙ୍କ ସହାୟତାରୁ ଉପକୃତ ହୋଇପାରନ୍ତି । ଆକସ୍ମିକ ଅର୍ଥଲାଭ ଓ ବନ୍ଧୁ ସମ୍ପର୍କ ସ୍ଥାପିତ ହୋଇପାରେ ।

**ମୀନ** – ଆପଣଙ୍କ ଆଶା ଓ ଅଭିଳାଷ ପୂରଣ କରିବା ଦିଗରେ ଅନୁକୂଳ ବାତାବରଣ ସୃଷ୍ଟି ହେବ । ଅତି ନିକଟରେ ରହୁଥିବା ବନ୍ଧୁଟି ଦ୍ୱାରା କାମ ହାସଲ କରିବେ । ପୂର୍ବ ବିବାଦକୁ କେନ୍ଦ୍ରକରି ବୃଥା ଆଶଙ୍କାଜନିତ ମନ ଅସ୍ଥିର ରହିବ । ସାଧାରଣ ଘଟଣାରେ ଉତ୍କ୍ଷିପ୍ତ ହୋଇ ପଡୋଶୀ କ୍ରୋଧ ପ୍ରକାଶ କରିପାରନ୍ତି । ଆଜିର ବ୍ୟବସାୟ, ଯାତ୍ରା ଓ ଆନୁଷ୍ଠାନିକ କାମ ପ୍ରୀତିପ୍ରଦ ରହିବ ।

ଆଜି ପୌଷ ଶୁକ୍ଲପକ୍ଷର ପୁତ୍ରଦା ଏକାଦଶୀ ଗୁରୁବାର, ଲକ୍ଷ୍ମୀ ନାରାୟଣ ଏକାଦଶୀ ବ୍ରତ, ଜାନୁୟାରୀ ୧୭ ତାରିଖ, ରାଶି ନକ୍ଷତ୍ର-କୃତିକା/ବୃଷ, ବିଛା ରାଶିର ଘାତଚନ୍ଦ୍ର, ଦିବା ଘ.୨।୨୩ମି. ଗତେ ରୋହିଣୀ ନକ୍ଷତ୍ର, ଏକାଦଶୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ.୭।୫୦ମି. ଗତେ ଘ.୧।୨୩ମି. ମଧ୍ୟେ, ଘ.୨।୪୫ମି. ଗତେ ଘ.୪।୦୯ମି. ମଧ୍ୟେ ଅମୃତ ବେଳା । ସକାଳ ଘ.୭।୫୦ମି. ମଧ୍ୟେ ଘ.୧।୨୩ମି. ଗତେ, ଘ.୨।୪୫ମି. ମଧ୍ୟେ ମାହେନ୍ଦ୍ରବେଳା । ଦିବା ଘ.୧।୧୯ମି. ଗତେ ଘ.୨।୪୧ମି. ମଧ୍ୟେ ରାହୁକାଳ ।


## ମନେ ପଡ଼ନ୍ତି

### ୨୩ତମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତ ବସନ୍ତ କୁମାର ଦାଶ
ଆୟକର ଅଧିକାରୀ
କୁଞ୍ଜକାନ୍ତ, ଉତ୍ତର ମଧୁବନ, ଢେଙ୍କାନାଳ
ଆବିର୍ଭାବ: ୦୪।୦୧।୧୯୩୮
ତିରୋଧାନ: ୦୧।୦୧।୧୯୯୬
ଆପଣଙ୍କ ଅମର ଆତ୍ମା ଶାନ୍ତି ଓ ସଦ୍‌ଗତି ଲାଭକରୁ, ଏହାହିଁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ । ଆପଣଙ୍କର ହତଭାଗ୍ୟ ପୁଅ- ସୁନୀଲ, ସୁଶୀଲ, ପୁତ୍ରବଧୂ- ନୀଳିମା, ସ୍ୱର୍ଣ୍ଣପ୍ରଭା, ନାତି- ଶୁଭମ, ଅଭିଜିତ, ନାତୁଣୀ- ନିକି, ଶ୍ରୀ ଓ ଆତ୍ମୀୟସ୍ୱଜନ ଓ ବନ୍ଧୁବର୍ଗ । ଧ-୬୨୦୬୫

### ଏକାଦଶାହ



ସ୍ୱର୍ଗତା କୁଞ୍ଜଲତା ମହାନ୍ତି
ତିରୋଧାନ: ୦୭।୦୧।୨୦୧୯
ବାଟଗାଁ, ବୀରହରେକୃଷ୍ଣପୁର, ପୁରୀ
ଚାହୁଁ ଚାହୁଁ ଏଗାରଦିନ ହୋଇଗଲା ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା କରୁଛୁ । ହତଭାଗ୍ୟ ପୁତ୍ର- ଦେବେନ୍ଦ୍ର ପ୍ରସାଦ ମହାନ୍ତି, ପୁତ୍ରବଧୂ- ସସ୍ମିତା, ନାତି- ପ୍ରୀତମ, ବନ୍ଧୁ ଓ ମହାନ୍ତି ପରିବାରବର୍ଗ । ଧ-୧୦୫୯୦

### ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ନେତ୍ରମୋହନ ନନ୍ଦୀ
(ବିଶିଷ୍ଟ ବ୍ୟବସାୟୀ ଓ ସମାଜସେବୀ)
ପୁରୁଣା ବଜାର, ଭଦ୍ରକ
ଆବିର୍ଭାବ: ୦୩।୦୭।୧୯୪୩
ତିରୋଧାନ: ୦୨।୦୧।୨୦୧୯
"ତୁମ ସ୍ମୃତି ନୁହେଁ ଭୁଲିବାର"
ପରିବାରବର୍ଗ ଓ ଆତ୍ମୀୟସ୍ୱଜନ । ଧ-୧୦୫୯୧



ଏବେ ବି ବ୍ରେକ୍‌ଜିଟ ବୁଝାମଣା ଲାଗି ସମୟ ଅଛି। ବ୍ରିଟେନ ପ୍ରଧାନମନ୍ତ୍ରୀଙ୍କ ପ୍ରସ୍ତାବ କ'ଣ ରହୁଛି ଆମେ ତାକୁ ଅପେକ୍ଷା କରିଛୁ।

-ଆଞ୍ଜେଲା ମର୍କେଲ, ଜର୍ମାନ ଚାନ୍‌ସେଲର

## ସଂକ୍ଷେପରେ

### ତାଲିବାନ କମାଣ୍ଡର ସମେତ ୪ ଆତଙ୍କବାଦୀ ନିହତ

**ପେଶୱାର, ୧୬।୧ (ପି.ଟି.):** ପାକିସ୍ତାନୀ ସୁରକ୍ଷା କର୍ମୀଙ୍କ ଗୁଳିରେ ଖାଇବର ପାଖତୁନ୍‌ଖ୍ୱା ପ୍ରଦେଶ ବିସ୍ଫୋରଣର ମାଷ୍ଟର ମାଇଣ୍ଡ ତାଲିବାନ ଶୀର୍ଷ କମାଣ୍ଡରଙ୍କ ସମେତ ୪ ଆତଙ୍କବାଦୀ ନିହତ ହୋଇଛନ୍ତି। ନିହତ ତେହରିକ-ଇ-ତାଲିବାନ ପାକିସ୍ତାନ କମାଣ୍ଡର ଇସ୍‌ଲାମ ଏବଂ ମୋହିବୁଲ୍ଲା ବିଭିନ୍ନ ଆତଙ୍କବାଦୀ କାର୍ଯ୍ୟରେ ସମ୍ପୃକ୍ତ ଥିଲେ। ସେମାନଙ୍କଠାରୁ ବିପୁଳ ଅସ୍ତ୍ରଶସ୍ତ୍ର ଜବତ ହୋଇଛି। ଆତଙ୍କବାଦୀ ଆତ୍ମଗୋପନ କରିଥିବା ଘରର ମାଲିକ ମଧ୍ୟ ସୁରକ୍ଷା କର୍ମୀଙ୍କ ଗୁଳିରେ ପ୍ରାଣ ହରାଇଛନ୍ତି।

### ଭାଜପା ଛାଡ଼ିଲେ ଆପାଙ୍ଗ



**ଇଟାନଗର, ୧୬।୧ (ପି.ଟି.):** ଅରୁଣଚଳପ୍ରଦେଶର ପୂର୍ବତନ ମୁଖ୍ୟମନ୍ତ୍ରୀ ଗେଗଙ୍ଗ ଆପାଙ୍ଗ ବୁଧବାର ଭାଜପାରୁ ଇସ୍ତଫା ଦେଇଛନ୍ତି। ଭାଜପା ରାଜଧର୍ମ ପାଳନ କରିବା ପରିବର୍ତ୍ତେ ଏକ କ୍ଷମତା ଆଶାୟୀ ମଞ୍ଚରେ ପରିଣତ ହୋଇଥିବା ସେ କହିଛନ୍ତି। ୪ ବର୍ଷ ପୂର୍ବେ ଆପାଙ୍ଗ କଂଗ୍ରେସ ଛାଡି ଭାଜପାରେ ମିଶିଥିଲେ। ୨୨ ବର୍ଷରୁ ଊର୍ଦ୍ଧ୍ୱ ଅରୁଣାଚଳ ମୁଖ୍ୟମନ୍ତ୍ରୀ ଥିବା ଆପାଙ୍ଗ ତାଙ୍କ ଇସ୍ତଫାପତ୍ର ଭାଜପା ଅଧ୍ୟକ୍ଷ ଅମିତ ଶାହଙ୍କ ପାଖକୁ ପଠାଇ ଦେଇଛନ୍ତି।

### ଏଏପିରୁ ବିଧାୟକ ବଳଦେବ ସିଂଙ୍କ ଇସ୍ତଫା

**ଚଣ୍ଡିଗଡ଼, ୧୬।୧ (ପି.ଟି.):** ପଞ୍ଜାବର ବିଦ୍ରୋହୀ ଏଏପି ବିଧାୟକ ବଳଦେବ ସିଂ ବୁଧବାର ଦଳର ପ୍ରାଥମିକ ସଭ୍ୟ ପଦରୁ ଇସ୍ତଫା ଦେଇଛନ୍ତି। ସେ ଦଳ ଛାଡିବା ନେଇ ଆବାହକ ଅରବିନ୍ଦ କେଜ୍‌ରିୱାଲଙ୍କ ଏକଚ୍ଛତ୍ରବାଦ ଏବଂ ଅହଂକାରିତାକୁ ଦାୟୀ କରିଛନ୍ତି।

## ଜଗନ୍‌ମୋହନଙ୍କୁ ଭେଟିଲେ କେସିଆର୍‌ଙ୍କ ପୁଅ

# ଦାନା ବାନ୍ଧୁଛି ସଂଘୀୟ ସାମ୍ମୁଖ୍ୟ

**ହାଇଦ୍ରାବାଦ, ୧୬।୧**

କେନ୍ଦ୍ରରେ ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାରଙ୍କୁ କ୍ଷମତାଚ୍ୟୁତ କରିବା ପାଇଁ ତେଲଙ୍ଗାନା ରାଷ୍ଟ୍ର ସମିତି (ଟିଆର୍‌ଏସ୍) ଅଧ୍ୟକ୍ଷ ତଥା ମୁଖ୍ୟମନ୍ତ୍ରୀ କେ. ଚନ୍ଦ୍ରଶେଖର ରାଓ (କେସିଆର୍) ଜୋରଦାର ଉଦ୍ୟମ ଚଳାଇଛନ୍ତି। ଏହି କ୍ରମରେ ଆନ୍ଧ୍ରପ୍ରଦେଶ ବିଧାନସଭାର ବିରୋଧୀ ଦଳ ନେତା ତଥା ୱାଇଏସ୍‌ଆର୍ କଂଗ୍ରେସ ଅଧ୍ୟକ୍ଷ ଜଗନ୍‌ମୋହନ୍ ରେଡ୍ଡୀ ବୁଧବାର କେସିଆର୍‌ଙ୍କ ପୁଅ ତଥା ଟିଆର୍‌ଏସ୍ କାର୍ଯ୍ୟକାରୀ ଅଧ୍ୟକ୍ଷ କେ. ତାରକ ରାମାରାଓଙ୍କୁ ହାଇଦ୍ରାବାଦରେ ଭେଟିଛନ୍ତି। ସମଭାବାପନ୍ନ ଦଳଗୁଡ଼ିକୁ ଏକାଠି କରିବା ଉପରେ ଦୁଇନେତା ଗୁରୁତ୍ୱ ଦେଇଛନ୍ତି।

ସଂଘୀୟ ସାମ୍ମୁଖ୍ୟରେ ଅଧିକରୁ ଅଧିକ ଆଞ୍ଚଳିକ ଦଳକୁ ସାମିଲ କରିବା ପାଇଁ କେସିଆର୍ ଏକ ୪ ଜଣିଆ ଟିମ୍ ଗଠନ କରିଛନ୍ତି। ଏଥିରେ କେଟିଆର୍‌ଙ୍କ ସମେତ ଟିଆର୍‌ଏସ୍ ଏମ୍‌ପି ବି. ବିନୋଦ କୁମାର ଏବଂ ବରିଷ୍ଠ ନେତା ପଲ୍ଲା ରାଜେଶ୍ୱର ରେଡ୍ଡୀଙ୍କ ଭଳି ନେତାଙ୍କୁ ନିଆଯାଇଛି। ହାଇଦ୍ରାବାଦସ୍ଥିତ ଜଗନମୋହନଙ୍କ ଲୋଟସ୍ ପଣ୍ଡ୍ ବାସଭବନରେ ତାଙ୍କୁ



ଟିଆର୍‌ଏସ୍ କାର୍ଯ୍ୟକାରୀ ଅଧ୍ୟକ୍ଷ କେ. ତାରକ ରାମାରାଓଙ୍କ ସହ ୱାଇଏସ୍‌ଆର୍ କଂଗ୍ରେସ ପାର୍ଟି ମୁଖ୍ୟ ଜଗନ୍‌ମୋହନ୍ ରେଡ୍ଡୀ।

କେଟିଆର୍ ଭେଟିଛନ୍ତି। ଦୁଇନେତାଙ୍କ ମଧ୍ୟରେ ଏହା ହେଉଛି ପ୍ରଥମ ପ୍ରତ୍ୟକ୍ଷ ସାକ୍ଷାତ। ଆଲୋଚନା ପରେ କେଟିଆର୍ କହିଛନ୍ତି, ସଂଘୀୟ ସାମ୍ମୁଖ୍ୟ ଗଠନ ନେଇ ଉଭୟେ କର୍ଣାଟକ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀ ଏବଂ ଛତିଶଗଡ଼ ଜନତା କଂଗ୍ରେସ ତଥା ଛତିଶଗଡ଼ର ପୂର୍ବତନ ମୁଖ୍ୟମନ୍ତ୍ରୀ ଅଜିତ ଯୋଗୀଙ୍କ ସହ ଆଲୋଚନା କରିଛନ୍ତି। ସେହିପରି ଏହା ପୂର୍ବରୁ ଜଗନ୍‌ମୋହନ୍ କହିଥିଲେ, ଟିଆର୍‌ଏସ୍‌ର ୧୭ ଓ ଆମର ୨୫ ଏମ୍‌ପି ଅଛନ୍ତି। ଦୁଇଦଳର ଏମ୍‌ପିଙ୍କ ସଂଖ୍ୟା ୪୨, ଯାହାକି କେନ୍ଦ୍ର ଉପରେ ଚାପ ପ୍ରୟୋଗ ପାଇଁ ପର୍ଯ୍ୟାପ୍ତ। ଆମେ ଆଗକୁ ନିର୍ଣ୍ଣାୟକ ଭୂମିକା ନେଇପାରିବୁ।

ଆନ୍ଧ୍ରପ୍ରଦେଶ ମୁଖ୍ୟମନ୍ତ୍ରୀ ଏନ୍. ଚନ୍ଦ୍ରାବାବୁ ନାଇଡୁଙ୍କୁ ଆସନ୍ତା ବିଧାନସଭା ନିର୍ବାଚନରେ ହରାଇବା ପାଇଁ ଟିଆର୍‌ଏସ୍ ଏବଂ ୱାଇଏସ୍‌ଆର୍ କଂଗ୍ରେସ ଅତୀତରେ ଘୋଷଣା କରିଥିବାରୁ ଏହି ସାକ୍ଷାତକୁ ନେଇ କେହି ବିଶେଷ ବିସ୍ମିତ ହୋଇନାହାନ୍ତି ବୋଲି କୁହାଯାଉଛି। କାରଣ ଆନ୍ଧ୍ର ବିଧାନସଭାରେ ୱାଇଏସ୍‌ଆର୍ କଂଗ୍ରେସ ବିରୋଧୀ ଦଳ ହୋଇଥିବାବେଳେ ତେଲେଙ୍ଗାନାରେ ଅନୁଷ୍ଠିତ ଗତ ବିଧାନସଭା ନିର୍ବାଚନରେ କେସିଆର୍‌ଙ୍କୁ ମୁକାବିଲା କରିବାକୁ ଯାଇ ଚନ୍ଦ୍ରାବାବୁ କଂଗ୍ରେସ ଓ ବାମପନ୍ଥୀଙ୍କ ହାତ ଧରିଥିଲେ। ପ୍ରକାଶ ଯେ, ନିକଟରେ ସମାପ୍ତ ତେଲେଙ୍ଗାନା ନିର୍ବାଚନରେ ବିପୁଳ ସଫଳତା ହାସଲ କରି ପୁନର୍ବାର କ୍ଷମତାସୀନ ହେବା ପରେ କେସିଆର୍ ଜାତୀୟ ରାଜନୀତିରେ ସକ୍ରିୟ ଭୂମିକା ନେବା କଥା କହିଥିଲେ। ଏହି ପରିପ୍ରେକ୍ଷୀରେ ସେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ, ଓଡ଼ିଶା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସମେତ ଏସ୍‌ପି ଅଧ୍ୟକ୍ଷ ଅଖିଳେଶ ଯାଦବ ଓ ବିଏସ୍‌ପି ସୁପ୍ରିମୋ ମାୟାବତୀଙ୍କ ସହ ଆଲୋଚନା କରିଛନ୍ତି। ତେବେ ସେମାନଙ୍କ ମଧ୍ୟରୁ କେତେଜଣ ସଂଘୀୟ ସାମ୍ମୁଖ୍ୟକୁ ସମର୍ଥନ କରୁଛନ୍ତି ସେନେଇ କିଛି ସ୍ପଷ୍ଟ ହୋଇନାହିଁ।

## ୧୩ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟକୁ ୩୬୩୯ କୋଟି

**ନୂଆଦିଲ୍ଲୀ, ୧୬।୧ (ପି.ଟି.)**



ପିୟୂଷ ଗୋୟଲ

ଓଡ଼ିଶାର କୋରାପୁଟ ସମେତ ବିଭିନ୍ନ ରାଜ୍ୟରେ ୧୩ଟି କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଲାଗି କେନ୍ଦ୍ର କ୍ୟାବିନେଟ ୩୬୩୯.୩୨ କୋଟି ଟଙ୍କା ମଞ୍ଜୁର କରିଛି। ୩୬ ମାସ ମଧ୍ୟରେ ଏହି ବିଶ୍ୱବିଦ୍ୟାଳୟଗୁଡିକର ଭିତ୍ତିଭୂମି ଏବଂ କ୍ୟାମ୍ପସ୍ ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟଧାର୍ଯ୍ୟ କରାଯାଇଛି। ପୂର୍ବରୁ ଏହି ବିଶ୍ୱବିଦ୍ୟାଳୟଗୁଡିକ ଲାଗି କ୍ୟାବିନେଟ ୩୦୦୦ କୋଟି ଟଙ୍କା ମଞ୍ଜୁର କରିଥିବା ବେଳେ ଏହା ଉପରେ ଅଧିକ ୧୪୭୪.୬୫ କୋଟି ଖର୍ଚ୍ଚ କରିବାକୁ ମଞ୍ଜୁରୀ ପ୍ରଦାନ କରାଯାଇଥିବା କେନ୍ଦ୍ରମନ୍ତ୍ରୀ ପିୟୂଷ ଗୋୟଲ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି। କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ଅଧିନିୟମ, ୨୦୦୯ ଅନୁଯାୟୀ ଓଡ଼ିଶା ସମେତ ବିହାର, ଗୁଜରାଟ, ହରିୟାଣା, ହିମାଚଳପ୍ରଦେଶ, ଜମ୍ମୁ-କଶ୍ମୀର, ଝାଡଖଣ୍ଡ, କର୍ଣାଟକ, କେରଳ, ପଞ୍ଜାବ, ରାଜସ୍ଥାନ ଏବଂ ତାମିଲନାଡୁରେ ଏହି ବିଶ୍ୱବିଦ୍ୟାଳୟ ସ୍ଥାପନ ହେବ। ଉକ୍ତ ରାଜ୍ୟଗୁଡିକରେ ଗୋଟିଏ ଲେଖାଏଁ ଏବଂ ଜମ୍ମୁ-କଶ୍ମୀରରେ ଦୁଇଟି ନୂଆ ବିଶ୍ୱବିଦ୍ୟାଳୟ ସ୍ଥାପନ ଲାଗି ନିଷ୍ପତ୍ତି ନିଆଯାଇଛି।

## କଂଗ୍ରେସ କାର୍ଯ୍ୟକ୍ରମରେ ଟାଇଟଲରଙ୍କୁ ନେଇ ବିବାଦ

**ନୂଆଦିଲ୍ଲୀ, ୧୬।୧ (ପି.ଟି.)**



୧୯୮୪ ଶିଖ୍ ବିରୋଧୀ ଦଙ୍ଗାର ଅନ୍ୟତମ ଅଭିଯୁକ୍ତ ଜଗଦୀଶ ଟାଇଟଲର କଂଗ୍ରେସର ଏକ କାର୍ଯ୍ୟକ୍ରମରେ ଯୋଗଦେଇ ଆଗଧାଡ଼ିରେ ବସିବାକୁ ନେଇ ବିବାଦ ଦେଖାଦେଇଛି। ଶୀଲା ଦୀକ୍ଷିତ ବୁଧବାର ଦିଲ୍ଲୀ କଂଗ୍ରେସ ସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିବା ଅବସରରେ ଅନୁଷ୍ଠିତ ଉତ୍ସବରେ ଟାଇଟଲର ଯୋଗ ଦେଇଥିଲେ। କଂଗ୍ରେସ ଦଙ୍ଗା ଅଭିଯୁକ୍ତଙ୍କୁ ସମ୍ମୁଖ ଆସନ ଦେଇ ଏହି ମାମଲାର ସାକ୍ଷୀଙ୍କୁ ଡରାଉଛି ବୋଲି ଶିରୋମଣି ଅକାଳୀ ଦଳ ନେତା ମନ୍‌ଜିନ୍ଦର ସିଂ ସିର୍ସା ଅଭିଯୋଗ କରିଛନ୍ତି। ଟାଇଟଲର ଏବଂ କମଲନାଥଙ୍କୁ ମଧ୍ୟ ଶିଖ୍ ଦଙ୍ଗା ମାମଲାରେ ଜେଲ୍ ହୋଇପାରେ ବୋଲି ଜାଣିଥିବାରୁ କଂଗ୍ରେସ ଭୟଭୀତ ରହିଛି। ତେଣୁ ଟାଇଟଲରଙ୍କୁ ଜାଣିଶୁଣି ଆଗ ଧାଡ଼ିରେ ବସାଇ କଂଗ୍ରେସ ଜଣାଇଦେବାକୁ ଚାହୁଁଛି ତାଙ୍କ ପ୍ରତି ଦଳ ହାଇକମାଣ୍ଡଙ୍କର ସମର୍ଥନ ରହିଛି। ତେଣୁ କେହି ତାଙ୍କ ବିରୋଧରେ ସାକ୍ଷ୍ୟ ନ ଦେବା ଲାଗି କଂଗ୍ରେସ ବାର୍ତ୍ତା ଦେବାକୁ ଚାହୁଁଛି ବୋଲି ଦିଲ୍ଲୀ ଶିଖ୍ ଗୁରୁଦ୍ୱାରା ପରିଚାଳନା କମିଟିର ସାଧାରଣ ସମ୍ପାଦକ ସିର୍ସା କହିଛନ୍ତି।

## ଆମେରିକାରୁ ୧୮ ବିଲିୟନ ଡଲାରର ପ୍ରତିରକ୍ଷା ସାମଗ୍ରୀ କିଣିବ ଭାରତ

**ୱାଶିଂଟନ, ୧୬।୧**



ଭାରତ ଓ ଆମେରିକା ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ବୃଦ୍ଧିପାଉଛି। ଭାରତ ସେଠାରୁ ୧୮ ବିଲିୟନ ଡଲାର ମୂଲ୍ୟର ପ୍ରତିରକ୍ଷା ସାମଗ୍ରୀ ସହିତ ବାର୍ଷିକ ୫ ବିଲିୟନ ଡଲାର ମୂଲ୍ୟର ତୈଳ ଓ ଗ୍ୟାସ୍ କ୍ରୟ କରିବ ବୋଲି ଭାରତର ରାଷ୍ଟ୍ରଦୂତ ହର୍ଷବର୍ଦ୍ଧନ ଶ୍ରିଙ୍ଗଲା କହିଛନ୍ତି। ଭାରତକୁ ଆମେରିକାର ରପ୍ତାନି ୩୦ ପ୍ରତିଶତ ବୃଦ୍ଧି ପାଇଥିବା ଏଠାରେ ଆମେରିକା ବ୍ୟବସାୟୀମାନଙ୍କ ଏକ ବୈଠକରେ ଉଦ୍‌ବୋଧନ ଦେଇ ସେ କହିଛନ୍ତି। ଗତ ଦୁଇ ବର୍ଷ ମଧ୍ୟରେ ଦ୍ୱିପାକ୍ଷିକ ବାଣିଜ୍ୟ ୧୧୯ ବିଲିୟନ ଡଲାରରୁ ୧୪୦ ବିଲିୟନ ଡଲାରକୁ ବୃଦ୍ଧିପାଇଛି। ଭାରତୀୟ ବ୍ୟବସାୟିକ ଏୟାରଲାଇନ୍ସ ୪୦ ବିଲିୟନ ଡଲାର ମୂଲ୍ୟରେ ୩୦୦ ବିମାନ କିଣିବାକୁ ଅର୍ଡର କରିଥିବା ଶ୍ରିଙ୍ଗଲା ସୂଚନା ଦେଇଛନ୍ତି। ଏହାବ୍ୟତୀତ ଆମେରିକାର ଶିକ୍ଷା କ୍ଷେତ୍ରକୁ ୨ ଲକ୍ଷ ୨୭ ହଜାର ଭାରତୀୟ ଛାତ୍ରୀଛାତ୍ରଙ୍କ ଅବଦାନ ୬.୫ ବିଲିୟନ ଡଲାର ବୋଲି ସେ କହିଥିଲେ।

## ଆତଙ୍କବାଦୀ ଆକ୍ରମଣ: ୧୫ ନିହତ

**ନାଇରୋବି, ୧୬।୧ (ଏଏଫ୍‌ପି)**



କେନିଆ ରାଜଧାନୀ ନାଇରୋବିରେ ଥିବା ଏକ ହୋଟେଲ୍ କମ୍ପ୍ଲେକ୍ସ ଉପରେ ଇସ୍‌ଲାମିକ ଆତଙ୍କବାଦୀ ଆକ୍ରମଣ କରିବାରୁ ୧୫ ଜଣଙ୍କର ମୃତ୍ୟୁ ଘଟିଛି। ମୃତକଙ୍କ ମଧ୍ୟରେ ଜଣେ ଆମେରିକୀୟ ଥିବା ଜଣାପଡିଛି। ସେଠାରେ ମଙ୍ଗଳବାର ଅପରାହ୍ନରୁ ବିସ୍ଫୋରଣ ଓ ଗୁଳି ବିନିମୟ ଜାରି ରହିଥିଲା। ଆକ୍ରମଣ ଲାଗି ଅଲ୍-ଶବାବ ଇସ୍‌ଲାମିକ୍ ସଂଗଠନ ନିଜକୁ ଦାୟୀ କରିଛି। ୧୦୧ ହୋଟେଲ ରୁମ୍, ସ୍ପା, ରେସ୍ତୋରାଁ ଏବଂ ଅଫିସ ବିଲ୍ଡିଂ ଥିବା ଡୁସିଟ ଡି୧ କମ୍ପ୍ଲେକ୍ସରେ ଆତଙ୍କବାଦୀମାନେ ପ୍ରବେଶ କରିବା ପରେ ଜଣେ ଆତ୍ମଘାତୀ ନିଜକୁ ବିସ୍ଫୋରଣରେ ଉଡାଇଦେଇଥିଲେ। ଏହାପରେ ବନ୍ଧୁକଧାରୀ ଆଖିବୁଜା ଗୁଳିଚଳାଇଥିଲେ। ଉକ୍ତ କମ୍ପ୍ଲେକ୍ସରେ ଥିବା କିଛି ଲୋକ କୌଣସି ପ୍ରକାରେ ଖସି ପଳାଇଥିବାବେଳେ ଅନ୍ୟମାନେ ନିଜକୁ କୋଠରି ଧରେ ବନ୍ଦ କରି ରଖିଥିଲେ। ସୁରକ୍ଷା କର୍ମୀମାନେ ସେମାନଙ୍କୁ ଉଦ୍ଧାର କରିଛନ୍ତି। ସୁରକ୍ଷା ବାହିନୀ ଗୁଳିରେ କେତେଜଣ ଆକ୍ରମଣକାରୀ ନିହତ ହୋଇଥିବା ବେଳେ ଏବେ ମଧ୍ୟ ହୋଟେଲ ମଧ୍ୟରେ ୨/୩ ଜଣ ଆତଙ୍କବାଦୀ ରହିଥିବା ବିଶ୍ୱାସ କରାଯାଉଛି।

## ଅଟକିଲା ଶିବାଜୀ ପ୍ରତିମୂର୍ତ୍ତି ନିର୍ମାଣ



**ମୁମ୍ବଇ, ୧୬।୧**

ମୁମ୍ବାଇ ଉପକଣ୍ଠ ଆରବ ସାଗରରେ ମରାଠା ଯୋଦ୍ଧା ଛତ୍ରପତି ଶିବାଜୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ କାର୍ଯ୍ୟ ଅବିଳମ୍ବେ ବନ୍ଦ କରିବାକୁ ସୁପ୍ରିମକୋର୍ଟ ମହାରାଷ୍ଟ୍ର ସରକାରଙ୍କୁ ନୋଟିସ୍ ଜାରି କରିଛନ୍ତି। ଫଳରେ ପିଡବ୍ଲ୍ୟୁଡି ପକ୍ଷରୁ ଏହି ପ୍ରକଳ୍ପ କାର୍ଯ୍ୟ ବନ୍ଦ କରାଯାଇଛି। ନିର୍ମାଣରେ ନିୟୋଜିତ ଠିକାଦାରମାନଙ୍କୁ କାର୍ଯ୍ୟରୁ ନିବୃତ୍ତ ରହିବାକୁ ନିର୍ଦ୍ଦେଶ ହୋଇଛି। ଭାଜପା ନେତୃତ୍ୱାଧୀନ ଫଡ୍‌ନବିସ୍ ସରକାରଙ୍କ ଅନ୍ୟତମ 'ଡ୍ରିମ୍ ପ୍ରୋଜେକ୍ଟ' ଭାବେ ପ୍ରସ୍ତାବିତ ୨୧୨ ମିଟର ଉଚ୍ଚତାର ପ୍ରତିମୂର୍ତ୍ତି ନିର୍ମାଣର ଶିଳାନ୍ୟାସ ଡିସେମ୍ବର ୨୦୧୬ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ କରକମଳରେ ହୋଇଥିଲା। ତେବେ ବିନା ଜନଶୁଣାଣିରେ ଏହି ପ୍ରକଳ୍ପକୁ ଜଙ୍ଗଲ, ପରିବେଶ ଓ ପାଣିପାଗ ମନ୍ତ୍ରଣାଳୟ ମଞ୍ଜୁରୀ ଦେଇଥିବା ନେଇ ସିଏଟି ବମ୍ବେ ହାଇକୋର୍ଟର ଦ୍ୱାରସ୍ଥ ହୋଇଥିଲା। ଏହି ପ୍ରକଳ୍ପ କାର୍ଯ୍ୟ ବନ୍ଦ କରାଯିବ ନାହିଁ ବୋଲି ହାଇକୋର୍ଟ ରାୟ ଦେବା ପରେ ସିଏଟି ସୁପ୍ରିମ୍‌କୋର୍ଟକୁ ଯାଇଥିଲା।

ଜାନୁୟାରୀ ୧୧ରେ ସିଏଟିର ଏ ସମ୍ପର୍କିତ ପିଟିଶନ ଉପରେ ଶୁଣାଣି କରି ସୁପ୍ରିମ୍‌କୋର୍ଟ ପ୍ରତିମୂର୍ତ୍ତି ନିର୍ମାଣ କାର୍ଯ୍ୟ ଉପରେ ରହିତାଦେଶ ଜାରି କରିଥିବା ସରକାରୀ ଓକିଲ ନିଶାନ୍ତ ଆର୍ କଟ୍‌ନେଶ୍ୱରକର ଜଣାଇଛନ୍ତି।

## ଫୁରସତ

# ୨୦୦୮ରୁ ୪୨୯ ବାଘ ଶିକାର

**ନୋଏଡା, ୧୬।୧ (ପି.ଟି.)**



ଆର୍‌ଟିଆଇ ତଥ୍ୟ

ଜଙ୍ଗଲ ସୃଷ୍ଟି, ସବୁଜିମା, ବନ୍ୟପ୍ରାଣୀଙ୍କ ସୁରକ୍ଷା ଏକ ସନ୍ତୁଳିତ ପରିବେଶର ଆହ୍ୱାନ। ପ୍ରାକୃତିକ ଖାଦ୍ୟଶୃଙ୍ଖଳରେ ସ୍ଥିରତା ବଜାୟ ରଖିବାକୁ ହେଲେ ଜଙ୍ଗଲ ଓ ବନ୍ୟଜନ୍ତୁ ସଂରକ୍ଷଣ ସହ ବୃକ୍ଷରୋପଣ ବହୁ ଗୁରୁତ୍ୱପୂର୍ଣ୍ଣ। ବିଶେଷକରି ବାଘ ଓ ହାତୀ ଆଦି ବନ୍ୟଜନ୍ତୁଙ୍କ ସୁରକ୍ଷିତ ସହାବସ୍ଥାନରେ ମଣିଷର ସ୍ଥିତାବସ୍ଥା ସମ୍ଭବ। ତେବେ ଜଙ୍ଗଲ କ୍ଷୟ ଯୋଗୁ ହାତୀ-ମଣିଷ ଲଢ଼େଇ ଏବଂ ବାଘ ଶିକାର ଚିନ୍ତାର କାରଣ ହୋଇଛି। ଏହି ଦୃଷ୍ଟିକୋଣରୁ ସରକାରୀ ସ୍ତରରେ ବାଘ ସଂରକ୍ଷଣ ପ୍ରକଳ୍ପ ସୁବ୍ୟବସ୍ଥିତ ଭାବେ କାର୍ଯ୍ୟକାରୀ ହୋଇଛି। ମାତ୍ର ୨୦୦୮ରୁ ୨୦୧୮ ମଧ୍ୟରେ ୪୨୯ ବାଘଙ୍କୁ ହତ୍ୟା ଅଥବା ଶିକାର କରାଯାଇଛି। ରାଜ୍ୟସ୍ତରୀୟ ଏ ସମ୍ପର୍କିତ ମିଳିଥିବା ତଥ୍ୟ ଅନୁଯାୟୀ ମଧ୍ୟପ୍ରଦେଶରେ ସର୍ବାଧିକ ୭୧, ମହାରାଷ୍ଟ୍ର ଏବଂ କର୍ଣାଟକରେ ୪୬, ଆସାମ ଓ ଛତିଶଗଡ଼ରେ ୪୨ ଓ ଉତ୍ତରାଖଣ୍ଡରେ ୩୫ ବାଘଙ୍କ ଜୀବନ ଯାଇଛି। ୨୦୧୧ ଏବଂ ୨୦୧୫ରେ ଯଥାକ୍ରମେ ୮୦ ଓ ୧୫ ବାଘଙ୍କୁ ଶିକାର କରାଯାଇଛି। ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ଅଧୀନ ୱାଇଲ୍ଡ ଲାଇଫ୍ କ୍ରାଇମ୍ କଣ୍ଟ୍ରୋଲ ବୋର୍ଡ (ଡବ୍ଲ୍ୟୁସିସିବି)ରୁ ସୂଚନା ଅଧିକାର ଆଇନ ବଳରେ ଏହି ତଥ୍ୟ ହାସଲ କରିଥିବା ନୋଏଡାସ୍ଥିତ ଆଡ଼ଭୋକେଟ ରଞ୍ଜନ ତୋମାର ଏହା ଜଣାଇଛନ୍ତି। ଏଥିସହ ଏହା ଏକ ସମ୍ବେଦନଶୀଳ ପ୍ରସଙ୍ଗ ବୋଲି ସତର୍କ କରାଇଛନ୍ତି। ତେବେ ଗତ କିଛି ବର୍ଷ ହେବ 'ବାଘ ହତ୍ୟା' ଘଟଣା ହ୍ରାସ ପାଇଥିବା ସେ କହିଛନ୍ତି। ଏହା ବନ୍ୟପ୍ରାଣୀ ସଂରକ୍ଷକଙ୍କ ପାଇଁ ଶୁଭ ଖବର। ଦେଶର ୧୪ ରାଜ୍ୟ ଏବଂ କେନ୍ଦ୍ରଶାସିତ ଅଞ୍ଚଳ ଆଣ୍ଡାମାନ ଓ ନିକୋବର ଦ୍ୱୀପ, ଚଣ୍ଡିଗଡ଼, ଦାଦ୍ରା ଆଣ୍ଡ ନଗର ହାଭେଲି, ଲାକ୍ଷାଦ୍ୱୀପ, ମେଘାଳୟ, ମିଜୋରାମ, ପୁଡୁଚେରୀ, ପଞ୍ଜାବ, ସିକିମ୍ ଏବଂ ତ୍ରିପୁରାରେ ୨୦୦୮ରୁ ୧୦ ବର୍ଷ ମଧ୍ୟରେ ବାଘଙ୍କୁ ହତ୍ୟା ବା ଶିକାର କରାଯାଇ ନ ଥିବା ଜଣାପଡ଼ିଛି।

## କେମିତି ରହିବ ଆଜିର ପାଗ

**ରାଜ୍ୟ–ଆସନ୍ତା** ୨୪ ଘଣ୍ଟା ମଧ୍ୟରେ ଓଡ଼ିଶାରେ ପାଗ ମୁଖ୍ୟତଃ ଶୁଖିଲା ରହିବା ସମ୍ଭାବନା ଅଛି।

**ସ୍ଥାନୀୟ ଅଞ୍ଚଳ–** ଭୁବନେଶ୍ୱର ଓ ଏହାର ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଆକାଶ ମେଘମୁକ୍ତ ରହିବା ସହ ସକାଳେ କୁହୁଡିଆ ରହିବ। ଗୁରୁବାର ଏଠାରେ ସର୍ବୋଚ୍ଚ ତାପମାତ୍ରା ୨୮ ଡିଗ୍ରୀ ଏବଂ ସର୍ବନିମ୍ନ ୧୨ ଡିଗ୍ରୀ ସେଲ୍‌ସିୟସ୍ ରହିବ ବୋଲି ଅନୁମାନ କରାଯାଇଛି। ବୁଧବାର ରାଜ୍ୟରେ ରେକର୍ଡ କରାଯାଇଥିବା ସର୍ବୋଚ୍ଚ ଓ ସର୍ବନିମ୍ନ ତାପାମାତ୍ରା ପାର୍ଶ୍ୱରେ ଦିଆଗଲା।

| ସ୍ଥାନ | ସର୍ବୋଚ୍ଚ ତାପମାତ୍ରା | ସର୍ବ ନିମ୍ନ ତାପମାତ୍ରା |
|---|---|---|
| ବାଲେଶ୍ୱର | ୨୬.୯ | ୧୦.୫ |
| ଚାନ୍ଦବାଲି | ୨୫.୨ | ୧୪.୦ |
| କଟକ | ୨୬.୨ | ୧୧.୫ |
| ପାରାଦ୍ୱୀପ | ୨୫.୭ | ୧୪.୫ |
| ଭୁବନେଶ୍ୱର | ୨୭.୬ | ୧୩.୦ |
| ଗୋପାଳପୁର | ୨୭.୮ | ୧୬.୮ |
| ପୁରୀ | ୨୬.୧ | ୧୫.୨ |
| ଅନୁଗୋଳ | ୨୬.୧ | ୮.୦ |
| ବାରିପଦା | ୨୪.୪ | ୧୧.୪ |
| ଝାରସୁଗୁଡ଼ା | ୨୭.୦ | ୮.୫ |
| କେନ୍ଦୁଝର | ୨୫.୨ | ୯.୪ |
| ସମ୍ବଲପୁର | ୨୭.୮ | ୯.୫ |
| ସୁନ୍ଦରଗଡ଼ | --- | ୯.୦ |
| ହୀରାକୁଦ | ୨୬.୬ | ୧୦.୬ |
| ତାଳଚେର | ୩୧.୧ | ୧୧.୩ |
| ଭବାନୀପାଟଣା | ୨୮.୦ | ୧୦.୦ |
| ବଲାଙ୍ଗୀର | --- | ୧୧.୮ |
| କୋରାପୁଟ | ୨୫.୬ | ୧୦.୪ |
| ଫୁଲବାଣୀ | --- | ୭.୦ |
| ଟିଟିଲାଗଡ଼ | --- | ୧୦.୦ |
| ମାଲକାନଗିରି | ୩୦.୫ | ୧୪.୫ |
| ସୋନପୁର | ୨୭.୬ | ୮.୬ |
| ଦାରିଙ୍ଗିବାଡ଼ି | ୨୪.୫ | ୯.୦ |
| ଢେଙ୍କାନାଳ | --- | --- |

ଡିଗ୍ରୀ ସେଲ୍‌ସିୟସ୍



ବୁଧବାର ଅପରାହ୍ନ ୫ଟାରେ ମହାକାଶରୁ ନିଆଯାଇଥିବା ପାଣିପାଗ ଚିତ୍ର।

## ଇତିହାସର ଆଇନାରେ

### ଜାନୁୟାରୀ ୧୭ର ପ୍ରମୁଖ ଘଟଣା

୧୯୪୬ ଜାନୁୟାରୀ ୧୭ରେ ଜାତିସଂଘ ସୁରକ୍ଷା ପରିଷଦର ପ୍ରଥମ ଅଧିବେଶନ ଅନୁଷ୍ଠିତ ହୋଇଥିଲା। ଏଥିରେ ୧୫ ସଦସ୍ୟ ଦେଶର ପ୍ରତିନିଧି ଉପସ୍ଥିତ ରହିଥିଲେ। ଦ୍ୱିତୀୟ ବିଶ୍ୱଯୁଦ୍ଧରେ ଶକ୍ତିଶାଳୀ ପ୍ରଭାବିତ ହୋଇଥିବା ସେତେବେଳର ସୋଭିଏଟ୍ ୟୁନିୟନ (ବର୍ତ୍ତମାନ ରୁଷିଆ), ବ୍ରିଟେନ, ଫ୍ରାନ୍ସ, ଚାଇନା ଏବଂ ଆମେରିକାର ଭିଟୋ କ୍ଷମତାକୁ ବଜାୟ ରଖାଯାଇଥିଲା। ଏହି ଅଧିବେଶନ ପରେ କୁଏତ୍, ନାମ୍ବିଆ, କାମ୍ବୋଡ଼ିଆ, ବୋସନିଆ, ରୁଆଣ୍ଡା, ସୋମାଲିଆ, ସୁଦାନରେ ଶାନ୍ତିରକ୍ଷା ମିଶନ କାର୍ଯ୍ୟକାରୀ ହୋଇଥିଲା।

୧୯୪୮ ଜାନୁୟାରୀ ୧୭ରେ ନେଦରଲାଣ୍ଡ ଓ ଇଣ୍ଡୋନେସିଆ ମଧ୍ୟରେ ଜାତିସଂଘ ସୁରକ୍ଷା ପରିଷଦର ତତ୍ତ୍ୱାବଧାନରେ ରେନ୍‌ଭିଲ୍ ଚୁକ୍ତି ସ୍ୱାକ୍ଷର ହୋଇଥିଲା। ୧୯୪୬ ଲିଙ୍ଗରଜାତି ଚୁକ୍ତିରୁ ସୃଷ୍ଟ ହୋଇଥିବା ବିବାଦକୁ ଦୃଷ୍ଟିରେ ରଖି ଏଥିରେ ଆବଶ୍ୟକ ସଂଶୋଧନ ଅଣାଯାଇଥିଲା। ଜାକର୍ତ୍ତା ଉପସାଗରରେ ଆମେରିକା ଯୁଦ୍ଧ ଜାହାଜ ୟୁଏସ୍‌ଏସ୍ ରେନ୍‌ଭିଲ୍‌ରେ ଏହି ବୁଝମଣା ହୋଇଥିବାରୁ ଏହାକୁ ରେନ୍‌ଭିଲ୍ ଚୁକ୍ତି ନାମିତ କରାଯାଇଥିଲା।

ପରିପୂର୍ଣ୍ଣ ବିଶ୍ୱଜନୀନ ଦୃଷ୍ଟି ଓ ବିଶ୍ୱଜନୀନ ଭାବ ହେଲା, ସବୁକିଛି ଭ୍ରାନ୍ତି ଓ ଦୁଃଖ ବେଦନାରୁ ଆରୋଗ୍ୟର ମାର୍ଗ। କିନ୍ତୁ ଅଧିକାଂଶ ମଣିଷ କେବଳ ସେମାନଙ୍କର ଅହଂକାରକୁ ପ୍ରସାରିତ କରି ଚାଲିଥାନ୍ତି।
–ଶ୍ରୀଅରବିନ୍ଦ





ପରିବେଶ ପରିଚିନ୍ତା

# ପ୍ରାଣୀଙ୍କ ଲାଟରାଲିଟି

ମାନେକା ଗାନ୍ଧୀ

ଏ ପୃଥିବୀର ଅନ୍ୟ ସମସ୍ତ ପ୍ରାଣୀଙ୍କଠାରୁ ମଣିଷ ନିଜକୁ ଅଲଗା ଭାବେ। କିନ୍ତୁ ସମୟକ୍ରମେ ବୈଜ୍ଞାନିକମାନେ ପ୍ରମାଣ କଲେଣି ଯେ, ଯେଉଁସବୁ ବିଶେଷ ଗୁଣ ଓ ବୁଦ୍ଧିମତ୍ତାକୁ ନେଇ ମଣିଷ ନିଜକୁ ଶ୍ରେଷ୍ଠ ଭାବୁଛି, ସେସବୁ ଗୁଣ ପ୍ରାଣୀମାନଙ୍କଠାରେ ମଧ୍ୟ ଅଛି। ଉଦାହରଣସ୍ୱରୂପ କୀଟପତଙ୍ଗ, ମାଛ, କୁଆ ଓ ବଣମଣିଷ ମଧ୍ୟ ବିଭିନ୍ନ ଉପକରଣର ଉପଯୋଗ କରନ୍ତି। ଏଥିମଧ୍ୟରୁ ଗୋଟିଏ ହେଉଛି ମସ୍ତିଷ୍କର ବାମ ବା ଡାହାଣ ପଟକୁ ପ୍ରାଥମିକ ଭାବେ ଅଧିକ ବ୍ୟବହାର କରିବାର ଗୁଣ, ଯାହାକୁ ଇଂଲିଶରେ କୁହାଯାଏ ଲାଟରାଲିଟି। ପ୍ରାଣୀମାନଙ୍କର ମସ୍ତିଷ୍କର ଦୁଇପଟ ମଧ୍ୟ ପୂରା ସମାନ ନୁହେଁ ଏବଂ ଉଭୟର କାର୍ଯ୍ୟରେ ପାର୍ଥକ୍ୟ ଅଛି। ମସ୍ତିଷ୍କର ବାମପଟ ଶରୀରର ଦକ୍ଷିଣ ଅଙ୍ଗକୁ ନିୟନ୍ତ୍ରଣ କଲାବେଳେ ଡାହାଣପଟ ବାମ ଅଙ୍ଗକୁ ନିୟନ୍ତ୍ରଣ କରିଥାଏ।

ଅଧିକାଂଶ ଲୋକ ଡାହାଁଆ, କାରଣ ସେମାନଙ୍କ ବାମ ମସ୍ତିଷ୍କ ଡାହାଣ ଅଙ୍ଗକୁ ଅଧିକ ଶକ୍ତିଶାଳୀ କରିଥାଏ। ୯୦–୯୨ ପ୍ରତିଶତ ମଣିଷଙ୍କ ବାମ ମସ୍ତିଷ୍କ ସେମାନଙ୍କ ଭାଷାକୁ ନିୟନ୍ତ୍ରଣ କରିଥାଏ। ପ୍ରାଣୀମାନେ କ'ଣ ଏଥିରୁ ଅଲଗା ? ଯଦିଚ ପ୍ରାଣୀମାନଙ୍କ ମସ୍ତିଷ୍କ ସଂରଚନାରେ ଅନେକ ପାର୍ଥକ୍ୟ ଅଛି, ତଥାପି ସେମାନଙ୍କଠାରେ ସମାନ ପ୍ରକାର ଲାଟରାଲିଟି ଦେଖିବାକୁ ମିଳିଥାଏ। ଅନେକ ପ୍ରାଣୀ କୌଣସି ଜିନିଷ ବିପଦପୂର୍ଣ୍ଣ କି ନୁହେଁ, ଜାଣିବା ପାଇଁ ତାକୁ ବାମ ଆଖିରେ ନିରେଖି ଦେଖିଥାନ୍ତି ଓ ତା'ଠାରୁ ଆସୁଥିବା ଶବ୍ଦକୁ ବାମ କାନରେ ହିଁ ବେଶି ଶୁଣିଥାନ୍ତି। ଏଥିରୁ ଜଣାପଡୁଛି ସେମାନଙ୍କ ମସ୍ତିଷ୍କର ଡାହାଣ ଭାଗ ହିଁ ଅଧିକ ସକ୍ରିୟ।

ବାମହାତୀ ମଣିଷମାନେ ସହଜରେ ମାନସିକ ଚାପଗ୍ରସ୍ତ ହୋଇପଡ଼ନ୍ତି। ଠିକ୍ ସେହିପରି ଚାପଗ୍ରସ୍ତ ହୁଅନ୍ତି ବାମଗୋଡ଼ିଆ କୁକୁର ଓ ଅନ୍ୟ ସ୍ତନ୍ୟପାୟୀ ପ୍ରାଣୀ। ଡାହାଣହାତୀ ପ୍ରାଣୀମାନଙ୍କ ରୋଗନିରୋଧକ କ୍ଷମତା ଅଧିକ। ପ୍ରମୁଖ ପ୍ରାଣୀ ଆଚରଣ ବୈଜ୍ଞାନିକ କ୍ୟାକ୍‌ନିଲେଜ୍, ଷ୍ଟୁଡର୍ଟ–କେନେଡ଼ି ଓ ଲିଣ୍ଡବ୍ଲମ୍ ଦର୍ଶାଇଛନ୍ତି ଯେ, ମାକାକ୍ ମାଙ୍କଡ଼ (ଛୋଟ ଲାଞ୍ଜବାଲା ମାଙ୍କଡ଼ ବିଶେଷ) ବାମହାତକୁ ଅଧିକ ସ୍ୱଚ୍ଛନ୍ଦରେ ବ୍ୟବହାର କରିଥାନ୍ତି। ପ୍ରୋସିମିଆନ୍‌ମାନେ (ବୁଶ୍–ବେବି, ଲେମୁର ପ୍ରଭୃତି) ଅଧିକାଂଶ କାମ ପାଇଁ ଡାହାଣ ହାତ ବ୍ୟବହାର କରନ୍ତି, ଯେପରି ଗୋଟିଏ ଡାଳରୁ ଆଉ ଗୋଟିଏ ଡାଳକୁ ଡେଇଁବା ବେଳେ ସେହି ଡାଳକୁ ଡାହାଣ ହାତରେ ଧରନ୍ତି। କିନ୍ତୁ କୀଟପତଙ୍ଗଙ୍କୁ ଧରିବା ଭଳି ତ୍ୱରିତ କ୍ଷୁଦ୍ର ହସ୍ତସଂଚାଳନ କ୍ଷେତ୍ରରେ ବାମହାତ ବ୍ୟବହାର କରନ୍ତି। ଘୋଡ଼ାମାନେ ଡାହାଣ ନାକପୁଡ଼ାରେ ନିଃଶ୍ୱାସ ପ୍ରଶ୍ୱାସ ନେବାକୁ ପସନ୍ଦ କରନ୍ତି। ଭାବପ୍ରବଣ ହୋଇପଡ଼ିବାବେଳେ ସେମାନେ ବାମଆଖିରେ ଦେଖିବାକୁ ପସନ୍ଦ କରନ୍ତି। ନିକଟରେ ପ୍ରାୟୋଗିକ ପ୍ରାଣୀ ଆଚରଣ ବିଜ୍ଞାନରେ ହୋଇଥିବା ଗବେଷଣାରୁ ଜଣାପଡ଼ିଛି ଯେ, ୫୩ ପ୍ରତିଶତ ଘୋଡ଼ା ପ୍ରଥମେ ଡାହାଣ ଗୋଡ଼ରେ ଆଗେଇବାକୁ ପସନ୍ଦ କଲାବେଳେ ୪୦ ପ୍ରତିଶତ ବାମଗୋଡ଼ରେ ପ୍ରଥମେ ଆଗେଇବାକୁ ପସନ୍ଦ କରନ୍ତି ଏବଂ ୭ ପ୍ରତିଶତଙ୍କର ସେପରି କୌଣସି ପସନ୍ଦ ନ ଥାଏ। ରେସ୍‌ହର୍ସମାନେ ବି ସେପରି କରନ୍ତି, ମାତ୍ର ଯେତେବେଳେ ସେମାନେ ବାଙ୍କ ବୁଲନ୍ତି, ଆହତ ହୁଅନ୍ତି ବା କ୍ଳାନ୍ତ ହୋଇପଡ଼ିଥାନ୍ତି, ସେତେବେଳେ ସେମାନଙ୍କ ପସନ୍ଦ ବଦଳିଥାଏ।

କୁକୁରମାନେ ଦୁଇ ଆଗଗୋଡ଼ ମଧ୍ୟରୁ ଗୋଟିଏ ଆପଣଙ୍କ ହାତରେ ରଖିବାବେଳେ ସେମାନଙ୍କର ନିର୍ଦ୍ଦିଷ୍ଟ ପସନ୍ଦ ଥାଏ, ଯାହା କୋଳାହଳ ଆଦି ହେତୁ ଭୟଭୀତ ଥିବାବେଳେ ବଦଳିଯାଏ। ତାଲିମଦାତାମାନେ କୁକୁରଙ୍କ ଲାଟରାଲିଟି ଉପରେ ପରୀକ୍ଷା କରିଥାନ୍ତି– ସେମାନେ ତାଙ୍କ ଅନ୍ଧ ମାଲିକଙ୍କ ବାମପଟରେ ନା ଡାହାଣପଟରେ ଚାଲିବାକୁ ବେଶି ପସନ୍ଦ କରୁଛନ୍ତି। ଗୋରୁମାନେ କୌଣସି ନୂଆ ଜିନିଷ ଦେଖିଲାବେଳେ ବାମ ଆଖିରେ (ଯେପରି ମ୍ୟାଗ୍‌ପାଇ, କୁକୁଡ଼ା, ବେଙ୍ଗ ଓ ମାଛ କରନ୍ତି) ଏବଂ କୌଣସି ପରିଚିତ ଜିନିଷ ଦେଖିଲାବେଳେ ଡାହାଣ ଆଖିରେ ଦେଖିବାକୁ ପସନ୍ଦ କରନ୍ତି। ବାଦୁଡ଼ିମାନେ ଗଛରେ ଚଢ଼ିବା ଓ ଡାଳକୁ ଜାବୁଡ଼ି ଧରିବାବେଳେ ବାମହାତକୁ ଅଧିକ ଗୁରୁତ୍ୱ ଦେଇଥାନ୍ତି। ଅଧିକାଂଶ ଶୁଆ ସାଧାରଣତଃ ବାମଗୋଡ଼ରେ କୌଣସି ଜିନିଷ ଧରିବାକୁ ପସନ୍ଦ କରନ୍ତି।

ରେନ୍‌ବୋ ମାଛଙ୍କୁ ଥରେ ଦର୍ପଣ ଆଗରେ ପରୀକ୍ଷା କରାଗଲା। ଯେଉଁମାନେ ଡାହାଣ ଆଖିରେ ଚାହିଁଥିଲେ, ସେମାନେ ବାମ ଆଡ଼କୁ ପହଁରିବାକୁ ଲାଗିଲେ ଏବଂ ଯେଉଁମାନେ ବାମ ଆଖିରେ ଚାହିଁଥିଲେ ସେମାନେ ଡାହାଣ ଆଡ଼କୁ ପହଁରିବାକୁ ଲାଗିଲେ। ଜେବ୍ରା ଫିଞ୍ଚ୍ (ଗାୟକ ପକ୍ଷୀ ବିଶେଷ) ତା' ପ୍ରେମିକାକୁ ଆମନ୍ତ୍ରଣ କଲାବେଳେ ତା' ଆଡ଼କୁ ଡାହାଣ ଆଖିରେ ଚାହେଁ। ଇମେଇ ମ୍ୟୁଜିକ୍ ଫ୍ରଗ୍ (ବେଙ୍ଗ ବିଶେଷ) କୌଣସି ସକାରାତ୍ମକ ସଂକେତ (ଯେପରି ମିଳନ ଆହ୍ୱାନ) ଡାହାଣକାନରେ ଶୁଣିଲାବେଳେ କୌଣସି ନକାରାତ୍ମକ ସଂକେତ ( ଯେପରି ଶତ୍ରୁ ଆକ୍ରମଣ) ବାମକାନରେ ଶୁଣିଥାଏ। ଖାଦ୍ୟ ଅନୁସନ୍ଧାନ କଲାବେଳେ କୁକୁଡ଼ା ତା' ଡାହାଣ ଗୋଡ଼ରେ ମାଟି ଆଞ୍ଚୁଡ଼ିବାକୁ ବେଶି ପସନ୍ଦ କରେ। ଏଥିରୁ ଜଣାଯାଏ ସେତେବେଳେ ତା'ର ଡାହାଣ ଆଖି ହିଁ ଅଧିକ ସକ୍ରିୟ ଥାଏ।

୧୯୮୦ ଦଶକରେ ବୈଜ୍ଞାନିକ ଆଣ୍ଡ୍ରୁ, ମେଞ୍ଚ୍, ରେନୀ, ଜାପିଆ ଓ ରୋଜର୍ସଙ୍କ ଦ୍ୱାରା କରାଯାଇଥିବା ଅନୁଧ୍ୟାନ ଅନୁସାରେ, କେଉଁଟା ଖାଦ୍ୟଶସ୍ୟ ଓ କେଉଁଟା ଗୋଡ଼ି କୁକୁଡ଼ାଙ୍କୁ ତାହା ଶୀଘ୍ର ଜାଣିବାରେ ଡାହାଣ ଆଖି ବାମ ଆଖି ଅପେକ୍ଷା ବେଶି ସାହାଯ୍ୟ କରିଥାଏ। ଅପରପକ୍ଷେ ଶତ୍ରୁ ଆକ୍ରମଣ ଓ ମିଳନ ଆହ୍ୱାନ ସମ୍ପର୍କିତ ପ୍ରତିକ୍ରିୟା ପାଇଁ ସେ ବାମ ଆଖିକୁ ବେଶି ବ୍ୟବହାର କରିଥାଏ। ପାରାମାନେ ବି ସେମିତି ପ୍ରାୟ ଡାହାଣଆଖିଆ। କିନ୍ତୁ ଖାଦ୍ୟ ପାଇଁ ସେମାନେ ଗୋଡ଼କୁ ମାଟି ଆଞ୍ଚୁଡ଼ିବା କାମରେ ଲଗାଇ ନ ଥାନ୍ତି, ତେଣୁ ସେମାନଙ୍କର ଡାହାଣଗୋଡ଼ିଆପଣର ବିକାଶ ଘଟି ନ ଥାଏ।

ଏପରି କି ଗେଣ୍ଡା ପରି ଅମେରୁଦଣ୍ଡୀ ପ୍ରାଣୀଠାରେ ବି ଲାଟରାଲିଟି ଅଛି। ସେମାନଙ୍କ ଦେହର ଖୋଳ ବାମାବର୍ତ୍ତୀ ବା ଦକ୍ଷିଣାବର୍ତ୍ତୀ ହୋଇ ମୋଡ଼ିହୋଇଥାଏ। ଏହି ଅପ୍ରତିସମତାକୁ କୁହାଯାଏ କାଇରାଲିଟି, ଅର୍ଥାତ୍ ଗେଣ୍ଡାମାନେ ସଙ୍ଗତି ଥିବା ଗେଣ୍ଡାଙ୍କ ସହ ହିଁ ମିଳିତ (ମେଟିଂ) ହୋଇପାରିବେ। ପକ୍ଷୀମାନଙ୍କ ମସ୍ତିଷ୍କର ଲାଟରାଲିଟି ଖୁବ୍ କୌତୂହଳଜନକ। କାରଣ ମଣିଷମାନେ ବିଶ୍ୱାସ କରୁଥିଲେ ଯେ, ମସ୍ତିଷ୍କରେ କର୍ପସ କଲୋସମ୍ (ମସ୍ତିଷ୍କର ଦୁଇ ଗୋଲାର୍ଦ୍ଧକୁ ସଂଯୋଗ କରୁଥିବା ତୀର୍ଯ୍ୟକ୍ ସ୍ନାୟୁ ବିଶେଷ) ଥିଲେ ହିଁ ଏହା ସମ୍ଭବ। ଉଡ଼ନ୍ତା ମସ୍ତିଷ୍କରେ ଏହି ସ୍ନାୟୁ ନ ଥିଲେ ମଧ୍ୟ ତାହା ଲାଟରାଲିଟି ପ୍ରଦର୍ଶନ କରିଥାଏ। ଅର୍ଥାତ୍ ଲାଟରାଲିଟି ଦୃଷ୍ଟିରୁ ମଣିଷ ଓ ପକ୍ଷୀଙ୍କ ମସ୍ତିଷ୍କରେ ସାଦୃଶ୍ୟ ରହିଛି। ଗାୟକପକ୍ଷୀଙ୍କ ଗୀତ ବାମ ମସ୍ତିଷ୍କ ଦ୍ୱାରା ନିୟନ୍ତ୍ରିତ ହୋଇଥାଏ। ପକ୍ଷୀଙ୍କ ଗୀତ ଓ ମଣିଷଙ୍କ ଭାଷାର ସିନ୍‌ଟାକ୍ସ (ପଦବିନ୍ୟାସ)ରେ ସାଦୃଶ୍ୟ ରହିଛି।

ମଣିଷ ଦୁଇହାତରେ କବାଟ ଖୋଲିପାରେ। କିନ୍ତୁ କିଛି ଲେଖିବାବେଳେ ସେ ଯେଉଁ ହାତକୁ କମ୍ ବ୍ୟବହାର କରେ (ସାଧାରଣତଃ ବାମହାତ), ସେ ହାତରେ ସହଜରେ ଲେଖିପାରେ ନାହିଁ। ବହୁତ କଷ୍ଟରେ ଲେଖିବା ବେଳେ ଅକ୍ଷର ଖରାପ ହୁଏ ଓ ଅଧିକ ସମୟ ଲାଗେ। ବାମହାତୀ ବାମହାତରେ ଓ ଡାହାଣହାତୀ ଡାହାଣହାତରେ ସହଜରେ ଲେଖିପାରନ୍ତି। ପଶୁ ଓ ପକ୍ଷୀମାନଙ୍କଠାରେ ବି ଏହି ଗୁଣ ରହିଛି ବୋଲି ପ୍ରମାଣିତ ହୋଇସାରିଲାଣି। ତେଣୁ ପ୍ରାଣୀମାନେ ମଣିଷଠାରୁ କୌଣସି ଗୁଣରେ ଯେ ନ୍ୟୂନ ନୁହନ୍ତି, ଏଥିରୁ ତାହା ପ୍ରମାଣିତ ହେଉଛି।

Email: gandhim@nic.in

# ଆଧୁନିକ ଶିକ୍ଷା ଓ ସମାଜ



ଲଲାଟ କେଶରୀ ନାୟକ

ସ୍ୱାମୀ ବିବେକାନନ୍ଦ ତାଙ୍କର ଶିକାଗୋ ଅଭିଭାଷଣରେ କହିଥିଲେ, କୋଟି କୋଟି ଅଦୃଶ୍ୟ ଶିଶିରବିନ୍ଦୁ ଯେମିତି ରାଶି ରାଶି ଗୋଲାପ କଢ଼ିକୁ ପ୍ରସ୍ଫୁଟିତ କରେ, ଠିକ୍ ସେହିଭଳି ଜଣେ ବ୍ୟକ୍ତିର ମାନସିକତା ଏକ ସୁସ୍ଥ ଏବଂ ବିକାଶଶୀଳ ରାଷ୍ଟ୍ର ଗଠନର ମୂଳମନ୍ତ୍ର ହୋଇଥାଏ। ଆଇନଶୃଙ୍ଖଳାରେ ଯେତେ ବି ପରିବର୍ତ୍ତନ ହେଉ ନା କାହିଁକି ବା ଶାସନ ଖସଡା ଯେତେ କଠୋର ହେଉ ନା କାହିଁକି, ଯଦି ବ୍ୟକ୍ତିର ମାନସିକତାରେ ପରିବର୍ତ୍ତନ ନ ହୋଇଛି ତେବେ ବିକାଶଶୀଳ ରାଷ୍ଟ୍ର ଗଠନ ଅସମ୍ଭବ।

ଆଜିର ଆଧୁନିକ ଶିକ୍ଷାପଦ୍ଧତି କେବଳ ଅର୍ଥକୈନ୍ଦ୍ରିକ ହୋଇଯାଇଛି। ବିଦ୍ୟା ଶିକ୍ଷା ଉପରେ ଗୁରୁତ୍ୱ ଦେଇ ଅର୍ଥଲିପ୍ସୁ ସ୍ୱାର୍ଥପର ମଣିଷ ବିଦ୍ୟା ଶିକ୍ଷା ଦ୍ୱାରା ଉଚ୍ଚ ପଦପଦବୀକୁ ଆପଣେଇ ନେଲା ପରେ ଦୁର୍ନୀତି, ଭ୍ରଷ୍ଟାଚାର ମାଧ୍ୟମରେ ନିଜର ବ୍ୟାଙ୍କ୍ ବାଲାନ୍ସ କିଭଳି ବୃଦ୍ଧି ପାଇବ ତା' ଉପରେ ଗୁରୁତ୍ୱ ଦେଉଛନ୍ତି, ଯାହାକି ଏକ ମାର୍ଜିତ ଏବଂ ଶୃଙ୍ଖଳିତ ସମାଜ ଗଠନ ପାଇଁ ବାଧା ଉପୁଜାଉଛି।

କୋମଳମତି ଶିଶୁମାନଙ୍କ ମଧ୍ୟରେ କେବଳ ପରୀକ୍ଷାରେ ଭଲ ନମ୍ବର ରଖିବା ବା ପ୍ରତିଦ୍ୱନ୍ଦ୍ୱିତା ମନୋଭାବ ନେଇ ଭଲ ଚାକିରି କରିବାର ଆଶା ଅଧିକମାତ୍ରାରେ ବଢ଼ିଯାଉଛି। ମାତାପିତା ବ୍ୟସ୍ତବହୁଳ ଜୀବନର ଦ୍ୱାହିଦେଇ, ମୋଟା ଅଙ୍କର ଅର୍ଥ ବିନିମୟରେ ଟ୍ୟୁଶନ ହେଉ ବା ବିଭିନ୍ନ ପ୍ରତିଯୋଗିତା ମାଧ୍ୟମରେ ଶିକ୍ଷାକୁ କିଣିନେବାକୁ ପଛଘୁଞ୍ଚା ଦେଉନାହାନ୍ତି। ମୋ ପିଲା କିଭଳି ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାରେ ଟପ୍ପର ହୋଇ ଭବିଷ୍ୟତରେ ଉଚ୍ଚ ପଦବୀରେ ଆସୀନ ହେବ ଓ ମୋଟାଅଙ୍କର ଅର୍ଥ ଉପାର୍ଜନ କରିବ, ଏହା ପ୍ରତ୍ୟେକଙ୍କର ଲକ୍ଷ୍ୟ। ଫଳରେ ଏହି ଶିଶୁ ଯିଏକି ଭବିଷ୍ୟତରେ ବିକଶିତ ରାଷ୍ଟ୍ରର ମୂଳମନ୍ତ୍ର, ସ୍ୱାର୍ଥକୈନ୍ଦ୍ରିକ ହୋଇ ସତ୍ ଓ ଅସତ୍ ଉପାୟରେ କେବଳ ଅର୍ଥ ଉପାର୍ଜନ କରିବା ପାଇଁ ଉଦ୍ୟମ ଜାରି ରଖେ।

ଜଣେ ପୂର୍ଣ୍ଣାଙ୍ଗ ମଣିଷ ହେବା ପାଇଁ କେବଳ ଆନୁଷ୍ଠାନିକ ବିଦ୍ୟା ଶିକ୍ଷା ଯେ ଯଥେଷ୍ଟ ତାହା ଭାବିବା ଅନୁଚିତ। କାରଣ ସଫଳତାର ଶୀର୍ଷରେ ପହଞ୍ଚିବା ପାଇଁ ଚାରି ପ୍ରକାର ଶିକ୍ଷାର ଆବଶ୍ୟକତା ରହିଛି, ଯଥା: ପାରିବାରିକ ଶିକ୍ଷା, ସାମାଜିକ ଶିକ୍ଷା, ନୈତିକ ଶିକ୍ଷା ଏବଂ ଆନୁଷ୍ଠାନିକ ବିଦ୍ୟା ଶିକ୍ଷା। ପାରିବାରିକ ଶିକ୍ଷା ପରିବାର ମଧ୍ୟରେ ବାପା, ମା, ଜେଜେ, ଜେଜେ ମା, ଦାଦା, ଖୁଡ଼ୀ, ଭାଇ, ଭଉଣୀ ବା ଆତ୍ମୀୟସ୍ୱଜନଙ୍କଠୁ ପ୍ରାପ୍ତ ହୁଏ। ଗୁରୁଜନମାନଙ୍କୁ ଭକ୍ତି କରିବା, ସମ୍ମାନ ଦେବା, ପ୍ରାତଃ ଏବଂ ସନ୍ଧ୍ୟା ସମୟରେ ପ୍ରାର୍ଥନା କରିବା ଇତ୍ୟାଦି। ପିଲାର ବାପା ମା' କିଭଳି ଭାବରେ ସେମାନଙ୍କ ଗୁରୁଜନମାନଙ୍କୁ ସମ୍ମାନ ପ୍ରଦର୍ଶନ କରୁଛନ୍ତି, ତାହା ମଧ୍ୟ ପିଲାର ମାନସିକତା ଉପରେ ପ୍ରଭାବ ପକାଏ। କିନ୍ତୁ ବିଡମ୍ବନାର ବିଷୟ ବର୍ତ୍ତମାନ ପରିସ୍ଥିତିରେ ଯୌଥ ପରିବାର ମଧ୍ୟରେ କେହି ବି ବାପା ଏବଂ ମା' ରହିବାକୁ ପସନ୍ଦ କରୁନାହାନ୍ତି। ଫଳରେ ଶିଶୁ ପାରିବାରିକ ଶିକ୍ଷାରୁ ବଞ୍ଚିତ ହେଉଛି, ଯାହାଦ୍ୱାରା କି ସେ ପରିବାରର ମୂଲ୍ୟ ବୁଝୁନାହିଁ।

ସାମାଜିକ ଶିକ୍ଷା ସମାଜରୁ ମିଳିଥାଏ– ଯେପରିକି ରାସ୍ତାର ବାମପଟେ ଚାଲିବା ଉଚିତ, ଚୋରି, ଡକାୟତି ବା ଅସାମାଜିକ କାମ କରିବା ଅନୁଚିତ। ପରସ୍ପର ମଧ୍ୟରେ ସ୍ନେହ, ପ୍ରେମ, ଆନ୍ତରିକତା, ଭଲ ପାଇବା, ସାହାଯ୍ୟ ସହାନୁଭୂତି ରହିବା ଉଚିତ। କିନ୍ତୁ ଆଜିର ମଣିଷ ସହରାଭିମୁଖୀ, ଯେଉଁଠି କି ପଡୋଶୀ କିଏ ବା ସେ କ'ଣ କରୁଛନ୍ତି ଜଣାପଡୁନାହିଁ। ସମାଜ ତ ଦୂରର କଥା। ସାମାଜିକ ଶିକ୍ଷାରୁ ଆଜିର ଶିଶୁ ବା ଯୁବସମାଜ ବଞ୍ଚିତ। ସାମାଜିକ ଚଳଣି, ରୀତିନୀତି ବୁଡ଼ିବୁଡ଼ି ଆସିଲାଣି।

ତାହା ନୈତିକ ଶିକ୍ଷା, ଯାହା ମଣିଷକୁ ନୀତି ବା ବିବେକ ଶିକ୍ଷା ଦିଏ। ପାରିବାରିକ ଶିକ୍ଷା ଏବଂ ସାମାଜିକ ଶିକ୍ଷାର ଅଭାବ ହେଲେ ବ୍ୟକ୍ତି ବିବେକଶୂନ୍ୟ ହୁଏ ବା ନୈତିକ ଶିକ୍ଷାର ଅଭାବ ପରିଲକ୍ଷିତ ହୁଏ। ଯେପରିକି ନିଜର ସ୍ୱାର୍ଥ ପାଇଁ ପରର ଅନିଷ୍ଟ କରିବା, ଏପରିକି ନିଜର ସ୍ୱାର୍ଥ ପାଇଁ ମାତାପିତାଙ୍କୁ ମଧ୍ୟ ବାର୍ଦ୍ଧକ୍ୟ ଅବସ୍ଥାରେ ଅଣଦେଖା କରିବା, ଆତ୍ମୀୟ ଲୋକଙ୍କ ଉପରେ କଠୋର ମନୋଭାବ ପ୍ରଦର୍ଶନ କରିବା ଇତ୍ୟାଦି।

ଆନୁଷ୍ଠାନିକ ବିଦ୍ୟା ଶିକ୍ଷା ମଣିଷକୁ କ୍ଷମତା, ଉଚ୍ଚ ପଦପଦବୀ ଏବଂ ଅର୍ଥ ରୋଜଗାର କରିବା ପାଇଁ ସହାୟକ ହୋଇଥାଏ। ସାମାଜିକ ଶିକ୍ଷା, ପାରିବାରିକ ଶିକ୍ଷା ଓ ନୈତିକ ଶିକ୍ଷାର ଅଭାବ ରହିଲେ, ବ୍ୟକ୍ତି ଯେତେ ଡିଗ୍ରୀ ହାସଲ କରୁ ନା କାହିଁକି, ଯେଉଁ ଉଚ୍ଚ ପଦବୀରେ ଅବସ୍ଥାପିତ ହେଉ ନା କାହିଁକି, ସେ ଅସତ୍ ଉପାୟକୁ ଅବଲମ୍ବନ କରେ ଓ ସାମାଜିକ ବିକାଶରେ ପ୍ରତିବନ୍ଧକ ସୃଷ୍ଟି କରେ।

ମୋଟା ଅଙ୍କର ଅର୍ଥ ବିନିଯୋଗ କରି ଶିକ୍ଷା କିଣି ନିଜ ପିଲାର ମାନସିକତାରେ ଯଦି ଲୋଭ ଭର୍ତ୍ତି କରାଯାଏ, ତା' ପାଇଁ ଆତ୍ମାନୁଶୀଳନର ଉପଯୁକ୍ତ ପରିବେଶଟିଏ ସୃଷ୍ଟି କରା ନ ଯାଏ ତେବେ ସେ ଉପଯୁକ୍ତ ବିଦ୍ୟା ଶିକ୍ଷା ହୁଏ ତ ପାଇପାରେ, କିନ୍ତୁ ପୂର୍ଣ୍ଣାଙ୍ଗ ମଣିଷ ହେବାର ଉପାଦାନସବୁକୁ ହରାଇ ବସେ। ମଣିଷର ମାନସିକତାରେ ପରିବର୍ତ୍ତନ ଆସିବା ନିତାନ୍ତ ଆବଶ୍ୟକ। ନିଜେ ବଞ୍ଚି ଅନ୍ୟ ପାଇଁ ବଞ୍ଚିବାର ସୁଯୋଗ ସୃଷ୍ଟି କରିବା ମଣିଷପଣିଆ। ଏହାଦ୍ୱାରା ବ୍ୟକ୍ତି ସଂସ୍କାରୀ ହେବା ସହିତ ବିକଶିତ ଓ ଶୃଙ୍ଖଳିତ ସମାଜ ଗଠନରେ ସହାୟକ ହୋଇପାରିବ। ଅନ୍ୟଥା ଆଧୁନିକ ଶିକ୍ଷାର ଦ୍ୱାହିଦେଇ ଆଜିର ଏ ଅତ୍ୟାଧୁନିକ ମଣିଷ ସମାଜକୁ ଧ୍ୱଂସାଭିମୁଖୀ କରିଦେବ।

ଜଗନ୍ନାଥ ନଗର, ରସୁଲଗଡ,
ଭୁବନେଶ୍ୱର, ମୋ–୯୪୩୮୧୮୧୧୬୨

## ଏଇ ଭାରତରେ

ଭାଇ ଭଉଣୀ ମଧ୍ୟରେ ସାଧାରଣତଃ ସ୍ନେହ ମମତା ଅତୁଟ ଥାଏ। ଗୋଟିଏ ମା'ର ସନ୍ତାନ ହୋଇଥିବାରୁ ଦୁହିଁଙ୍କ ମନୋଭାବ ମଧ୍ୟ ପ୍ରାୟତଃ ଏକାପ୍ରକାର ହୋଇଥାଏ। କିନ୍ତୁ ଏକ ଘଟକ୍ରମରେ ଭାଇ ଭଉଣୀ ଗୋଟିଏ ଘରେ ଏକତ୍ର ମୃତ୍ୟୁବରଣ କରିବା ଘଟଣା ସ୍ଥାନୀୟ ଅଞ୍ଚଳ ଲୋକଙ୍କୁ ଚକିତ କରିଛି। ଏପରି ଏକ ଘଟଣା ଘଟିଛି ନାଗପୁରର ତାନ୍ତ୍ୟା ଟୋପେ ନଗର ଅଞ୍ଚଳରେ। ମୋହନ ଓଟୱାନି ଏବଂ ତାଙ୍କ ଭଉଣୀ ଶାନ୍ତା ଓଟୱାନିଙ୍କ ବୟସ ଯଥାକ୍ରମେ ୭୦ ଏବଂ ୭୫ ବର୍ଷ। ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇବା ପରେ ପୋଲିସ ଦଳ ଘଟଣାସ୍ଥଳରେ ପହଞ୍ଚିଥିଲେ। ତେବେ ଘରର ଭିତରପଟୁ ଝିଡ଼ିକି ଦିଆଯାଇଥିଲା। ସେଇ ଘରେ ଆଉ କେହି ରହୁ ନ ଥିଲେ। ସ୍ଥାନୀୟ ଲୋକମୁଖରୁ ଶୁଣାଯାଏ ଯେ, ଉଭୟ ଭାଇ ଭଉଣୀଙ୍କୁ ସେମାନଙ୍କ ଝିଅପୁଅ ପଚାରୁ ନ ଥିବାରୁ ପରିଣତ ବୟସରେ ସେମାନେ ଏକାଠି ରହିଆସୁଥିଲେ। ସେମାନଙ୍କ ମଧ୍ୟରୁ ଜଣେ ମରିଗଲେ ଅନ୍ୟ ଜଣେ ଦୁଃଖ ସହିପାରିବ ନାହିଁ। ଏକତ୍ର ମରିଗଲେ କେହି କାହାପାଇଁ ଦୁଃଖ ପ୍ରକାଶ କରିବାର ଅବକାଶ ରହିବ ନାହିଁ ବୋଲି ସେମାନେ ଏକଦା କଥାବାର୍ତ୍ତା ହେଉଥିବାର ସ୍ଥାନୀୟ ଲୋକେ ଶୁଣିଥିବା ପ୍ରକାଶ କରିଛନ୍ତି। ଶବ ବ୍ୟବଚ୍ଛେଦ ପରେ ସେମାନେ କୌଣସି ରୋଗ କିମ୍ବା ଆତ୍ମହତ୍ୟା ଯୋଗୁ ମରି ନ ଥିବା ଏବଂ ଏହା ସ୍ୱାଭାବିକ ମୃତ୍ୟୁ ହୋଇଥିବା ଜଣାପଡିଛି। ପରିଣତ ବୟସରେ ଭଉଣୀ–ଭାଇଙ୍କ ଅତୁଟ ସ୍ନେହମମତା ସ୍ଥାନୀୟ ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି।

## ଚିରନ୍ତନୀ

ନୀତି ଧର୍ମ ସ୍ନେହ ପ୍ରେମ ତଳେ ଯେତେ
ଭଣ୍ଡାମି ଛଳନା
କରିଛ ପ୍ରକାଶ ସବୁ, ମୂଲ୍ୟ ତା'ର
କରିଛ କଳନା।
ପୁରୁଷର ସ୍ୱର୍ଗ ତୁମେ, ଧର୍ମ ତପ
ରମଣୀର ପ୍ରେମ
ସବୁ ବନ୍ଧନର ଗ୍ରନ୍ଥି ହେ ଅସ୍ଥିର
ହେ ଅମୂଲ୍ୟ ହେମ !
(ସୁନା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## su | do | ku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | 3 | | | | | D | | 1 | | 2 | B | | | |
| | 4 | D | | | | E | | | 1 | | | | | 6 |
| 9 | | | | | D | 6 | 5 | | | A | | | 3 | E |
| 2 | 7 | | 4 | | | 0 | | | | | | | | |
| E | | | | C | 6 | | | | | 4 | | A | | |
| | D | B | 5 | | | | | 7 | 3 | | | | 4 | 0 |
| | | | | | | | 9 | 4 | A | | | | | B |
| | | | | | | | | | | | | | E | 1 |
| | | | 8 | | 2 | | A | | 5 | | 7 | | | |
| 5 | | | 9 | 7 | 0 | 2 | | | B | D | 1 | | | |
| | | | E | A | | | | 3 | | | | 5 | | D |
| | B | 5 | | | | | | | 2 | | | | | |
| | | | 6 | 5 | | | | D | C | 1 | | | | 3 |
| | | C | 1 | | | A | | 9 | E | | | 8 | | |
| 7 | 9 | A | D | 0 | | 1 | | | | | | C | | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| E | 1 | 7 | 3 | C | 6 | 5 | D | A | 0 | 8 | 9 | 4 | 2 | B |
| 2 | 8 | 5 | 9 | D | 0 | B | E | 4 | 3 | C | 6 | A | 7 | 1 |
| A | C | 3 | B | E | 1 | 9 | 2 | 6 | 4 | 7 | 5 | 0 | 8 | D |
| B | 4 | D | 5 | 7 | 2 | 8 | C | 0 | 1 | A | E | 9 | 6 | 3 |
| 0 | 9 | 6 | 4 | A | 8 | 3 | 1 | 7 | 2 | D | B | E | C | 5 |
| 4 | 6 | B | 8 | 2 | C | E | 7 | 3 | A | 9 | 1 | 5 | D | 0 |
| C | 3 | 2 | A | 0 | E | 6 | 5 | D | 7 | B | 8 | 1 | 9 | 4 |
| 8 | 5 | E | D | 9 | 4 | 1 | 0 | B | 6 | 3 | C | 2 | A | 7 |
| 9 | 7 | A | 1 | 6 | 5 | 4 | 8 | 2 | D | E | 0 | B | 3 | C |
| 1 | D | 0 | 7 | 3 | B | C | A | 9 | 5 | 4 | 2 | 8 | E | 6 |
| 7 | E | 8 | 6 | B | D | A | 9 | 5 | C | 1 | 4 | 3 | 0 | 2 |
| 3 | 2 | 1 | 0 | 4 | A | 7 | 6 | 8 | E | 5 | D | C | B | 9 |
| 5 | 0 | 4 | E | 8 | 9 | 2 | 3 | C | B | 6 | 7 | D | 1 | A |
| 6 | B | C | 2 | 1 | 3 | D | 4 | E | 9 | 0 | A | 7 | 5 | 8 |
| D | A | 9 | C | 5 | 7 | 0 | B | 1 | 8 | 2 | 3 | 6 | 4 | E |

ଗତକାଲିର ଉତ୍ତର



# ଉଚ୍ଚଶିକ୍ଷାରେ ପ୍ରତାରଣା

ଡ. ସୁବାସ ଚନ୍ଦ୍ର ପାତ୍ର

ଜାତୀୟ ପରିପ୍ରେକ୍ଷୀରେ ଯାହାହେଉ ଆପାତତଃ ଓଡ଼ିଶାରେ ଉଚ୍ଚଶିକ୍ଷାର ସ୍ଥିତି ଦେଖିଲେ ଜଣାଯାଏ, ଏଠାରେ ଶୈକ୍ଷିକ ବ୍ୟବସ୍ଥାର ପରିବର୍ତ୍ତନ ଚିନ୍ତା କେବଳ ଉଚ୍ଚାକାଂକ୍ଷାକୈନ୍ଦ୍ରିକ। ଉଚ୍ଚଶିକ୍ଷାକୁ କିପରି ଜାତୀୟ ଅବା ଅନ୍ତର୍ଜାତୀୟ ସ୍ତରକୁ ନିଆଯାଇଛି ଏବଂ ସେହି କ୍ରମରେ ପ୍ରାରମ୍ଭିକ ପଦକ୍ଷେପ ହିସାବରେ ପାଠ୍ୟକ୍ରମର କିପରି ବୈପ୍ଳବିକ ପରିବର୍ତ୍ତନ କରାଯାଇଛି, ଜନସାଧାରଣଙ୍କ ମନରେ ବିଶ୍ୱାସ ଜନ୍ମେଇବା ପାଇଁ ସେ କଥାର ବହୁଳ ପ୍ରଚାର କରାଯାଏ। କିନ୍ତୁ ତା' ପଛରେ ଲୁକ୍କାୟିତ ବିଫଳତାର କରୁଣ କାହାଣୀ ଲୋକଲୋଚନକୁ ଆସିପାରେ ନାହିଁ। ୪/୫ ବର୍ଷ ତଳେ ଜାତୀୟ ପାଠ୍ୟକ୍ରମକୁ ଅନୁକରଣ କରିବାକୁ ଯାଇ +୩ ମହାବିଦ୍ୟାଳୟ ସ୍ତରରେ ସିବିସିଏସ୍ (ଚଏସ ବେସ୍‌ଡ କ୍ରେଡିଟ୍ ସିଷ୍ଟମ୍) ଲାଗୁ କରାଗଲା। କିନ୍ତୁ ତା' ମୂଳରେ ଯେଉଁ ଆନ୍ତଃବିଷୟକ ବିକଳ୍ପ ପ୍ରଦାନର ବ୍ୟବସ୍ଥା ଥିଲା ତାହା କାର୍ଯ୍ୟକାରୀ କରାଗଲା ନାହିଁ ବରଂ ଖାଲି ସ୍ନାତକସ୍ତରରେ ପତ୍ରସଂଖ୍ୟା ୮ରୁ ୧୪କୁ ବଢ଼େଇ ତା' ଦେହରେ ନୂତନ ପାଠ୍ୟକ୍ରମ ସବୁ ଭର୍ତ୍ତି କରାଗଲା, ଅନ୍ୟାନ୍ୟ ଜାତୀୟସ୍ତରର ବିଶ୍ୱବିଦ୍ୟାଳୟର ପାଠ୍ୟକ୍ରମକୁ ଦେଖି। ସ୍ନାତକସ୍ତରରେ ପାଠ୍ୟକ୍ରମକୁ ଏପ୍ରକାର ଉନ୍ନୀତ କଲାବେଳେ କେହି ଥରେ ବାସ୍ତବସ୍ଥିତିକୁ ଦେଖିଲେ ନାହିଁ। ଓଡ଼ିଶାର ସବୁ କଲେଜକୁ ବିଜେବି କଲେଜ (ଯେଉଁଠି ଛାତ୍ରୀଛାତ୍ର ମେଧାବୀ, ଶିକ୍ଷକ ପଦବୀ ଭର୍ତ୍ତି) ଭାବି ଏ ପ୍ରକାର ଏକ ସିଲାବସ ଲଦି ଦିଆଗଲା, ଯାହା ଜିଲା ଓ ବ୍ଲକ୍‌ସ୍ତରରେ ଥିବା କଲେଜଗୁଡ଼ିକର ଛାତ୍ରୀଛାତ୍ରଙ୍କ ପାଇଁ ପ୍ରତାରଣାର ଏକ କ୍ଷେତ୍ର ପାଲଟିଲା। ଅର୍ଥାତ୍ ୮ଟି ସ୍ନାତକ ପତ୍ର ପଢାଉଥିବା ଶିକ୍ଷକମାନେ ନୂତନ ଭାବେ ପ୍ରଚଳିତ ଆଉ ୬ଟି ପତ୍ର ପଢ଼ାଇବାକୁ ସକ୍ଷମ କି ନୁହେଁ, ଛାତ୍ରୀଛାତ୍ର ତାକୁ ବୁଝିବାକୁ ସକ୍ଷମ କି ନୁହେଁ ତାହା କେହି ପରଖିଲେ ନାହିଁ। ସକ୍ଷମ ତ ଦୂରର କଥା ହଠାତ୍ ୮ଟି ପତ୍ରରୁ ୧୪ ପତ୍ରକୁ ପରିବର୍ତ୍ତନଜନିତ ସୃଷ୍ଟ ବର୍ଦ୍ଧିତ କାର୍ଯ୍ୟଭାର ପାଇଁ ଆବଶ୍ୟକ ଶିକ୍ଷକ ଅଛନ୍ତି କି ନାହାନ୍ତି ତାହା ମଧ୍ୟ ବିଚାର୍ଯ୍ୟ ହେଲାନାହିଁ। ଅର୍ଥାତ୍ ଉଭୟ ଗୁଣାତ୍ମକ ଓ ପରିମାଣାତ୍ମକ ଦୃଷ୍ଟିରୁ ସରକାରୀ ଓ ବେସରକାରୀ ମହାବିଦ୍ୟାଳୟଗୁଡ଼ିକ ଛାତ୍ରୀଛାତ୍ରଙ୍କ ଚାହିଦା ପୂରଣ କରିପାରିଲେ ନାହିଁ। କୌତୁକର କଥା ଭାଷା ଓ ସାହିତ୍ୟ ଜାତୀୟ ବିଷୟ ଯେପରି ଓଡ଼ିଆ, ଇଂଲିଶ, ହିନ୍ଦୀ, ସଂସ୍କୃତ ଇତ୍ୟାଦି ଯାହାର ପାଠପଢ଼ା ନିର୍ଦ୍ଦିଷ୍ଟ ପୁସ୍ତକକୈନ୍ଦ୍ରିକ ବା ଏକ ପୁସ୍ତକରେ ସନ୍ନିବେଶିତ କେତୋଟି ପ୍ରବନ୍ଧକୈନ୍ଦ୍ରିକ, ସେ ସବୁ ପୁସ୍ତକ ବଜାରରେ ସହଜରେ ଉପଲବ୍ଧ କି ନୁହେଁ ତାକୁ ମଧ୍ୟ ସିଲାବସ ପ୍ରଣେତାମାନେ ଦେଖିଲେ ନାହିଁ।

ଦୁଃଖର ସହ କହିବାକୁ ପଡୁଛି, ଓଡ଼ିଶାର ଉଚ୍ଚଶିକ୍ଷା କ୍ଷେତ୍ରରେ ପ୍ରଚଳିତ ସିଲାବସ ଖାଲି ଉତରାଉତରିରେ ସୀମିତ। ଅର୍ଥାତ୍ କୌଣସି ଜାତୀୟ ବିଶ୍ୱବିଦ୍ୟାଳୟ ବା ୟୁଜିସିପ୍ରଣୀତ ସିଲାବସ୍‌କୁ ପ୍ରଥମେ ଉତ୍କଳ ବିଶ୍ୱବିଦ୍ୟାଳୟ ଆଣିଲେ ଏବଂ ପରବର୍ତ୍ତୀ ସମୟରେ ଓଡ଼ିଶାର ଅନ୍ୟ ବିଶ୍ୱବିଦ୍ୟାଳୟ ତାକୁ ସାମାନ୍ୟ କାଟଛାଣ୍ଟ କରି ଉତାରି ପକାଇଲେ। କେହି ବଜାରକୁ ଅନେଇଲେ ନାହିଁ। କେହି ଛାତ୍ରୀଛାତ୍ରଙ୍କ ସ୍ୱାର୍ଥ, କାର୍ଯ୍ୟରତ ଶିକ୍ଷକମାନଙ୍କର ଜ୍ଞାନ, ଦକ୍ଷତା ଆଦି ନଜରକୁ ନେଲେ ନାହିଁ। ପରିଣତିସ୍ୱରୂପ 'ଇଣ୍ଟର୍‌ନେଟ୍ ଭରସା' ନାମରେ ପାଠପଢ଼ା ଚାଲିଲା ଓ ଚାଲିଛି। କିନ୍ତୁ ଇଣ୍ଟର୍‌ନେଟ୍‌ରେ ଯେ ସବୁକଥା ନାହିଁ, ଛାତ୍ର ବା ଶିକ୍ଷକର ପୂରା ବହିଟିଏ ବା ପ୍ରବନ୍ଧଟିଏ ଦରକାର, ତା'ର ସାରାଂଶ ନୁହେଁ ଏକଥା ସମସ୍ତେ ଜାଣି ବି ନ ଜାଣିଲା ଭଳି ଅଭିନୟ କରୁଛନ୍ତି। ପରିଣାମ ଏକ ପ୍ରକାର ବିଡ଼ମ୍ବନା। ଆଗରୁ ଶିକ୍ଷକମାନେ ଛାତ୍ରମାନଙ୍କୁ ଦିଗ୍‌ଦର୍ଶନ ଦେଉଥିଲେ, ପାଠ୍ୟ ସାମଗ୍ରୀ ଯୋଗାଇ ଦେଉଥିଲେ ଅବା ତା'ର ଉତ୍ସ କହିଦେଉଥିଲେ। ଆଜି ଇଣ୍ଟର୍‌ନେଟ୍ ଅନଭିଜ୍ଞ ଶିକ୍ଷକଙ୍କୁ ଛାତ୍ରମାନେ 'ଦିଗ୍‌ଦର୍ଶନ' ଦେଉଛନ୍ତି, ପାଠ୍ୟ ସାମଗ୍ରୀ ଏଣୁତେଣୁ ସଂଗ୍ରହ କରି ଦେଉଛନ୍ତି। ଅର୍ଥାତ୍ 'ଇଣ୍ଟର୍‌ନେଟ୍' ସାଜିଛି 'କମନ୍ ମହାଗୁରୁ'। ଛାତ୍ର ଯେଉଁଠି, ଶିକ୍ଷକ ସେଇଠି। ଗୋଟିଏ ଉଦାହରଣରୁ ଜାଣିହେବ। କୌଣସି ଏକ ବିଶ୍ୱବିଦ୍ୟାଳୟର ସ୍ନାତକ ଇଂଲିଶ (ସଂସ୍କୃତ ନୁହେଁ)ର ଏକ ପତ୍ରରେ ରହିଛି ଋଗ୍‌ବେଦରୁ କିଛି ଅଂଶ, ପୁରୁଷସୂକ୍ତରୁ କିଛି ଖଣ୍ଡ, ଅଯୋଧ୍ୟାକାଣ୍ଡରୁ କିଛି ଭାଗ, ଅଭିଜ୍ଞାନ ଶାକୁନ୍ତଳମ୍‌ରୁ ଏକ ଅଙ୍କ, ମୃଚ୍ଛକଟିକମ୍‌ରୁ ଏକ ଅଙ୍କ, ନାଟ୍ୟଶାସ୍ତ୍ରରୁ ଏକ ପରିଚ୍ଛେଦ, ସାହିତ୍ୟ ଦର୍ପଣ ଓ ଭର୍ତ୍ତୃହରିଙ୍କ ନୀତିଶତକମ୍‌ରୁ କିଛି ଶ୍ଳୋକ। ଇଂଲିଶ ଭାଷାର ଉଭୟ ଛାତ୍ର ଓ ଶିକ୍ଷକ ଏହିସବୁ ପାଠ ବିଷୟରେ ସଂପୂର୍ଣ୍ଣ ଅଜ୍ଞ, ସହାୟକ ପୁସ୍ତକର ସୂଚୀରେ ଉଲ୍ଲିଖିତ ପୁସ୍ତକ ବଜାରରେ ଉପଲବ୍ଧ ନୁହେଁ। ତେଣୁ ଆରମ୍ଭ ହେଲା ଛାତ୍ର ଓ ଶିକ୍ଷକଙ୍କର 'ମହାକାଶ' ଯାତ୍ରା। 'ଉପଗ୍ରହ' ମାଧ୍ୟମରେ 'ମହାକାଶ'ରୁ ଜ୍ଞାନ ସଂଗ୍ରହ, ଯେଉଁଠି ପ୍ରମୁଖ ଭୂମିକା ନେଲେ ଛାତ୍ରୀଛାତ୍ର, ଶିକ୍ଷକମାନେ ହେଲେ ତା'ର ଉପଭୋକ୍ତା !

ଏ କି ପ୍ରକାର ପାଠପଢ଼ା ? କ୍ଲାସରୁମ୍‌ଗୁଡ଼ିକ କ'ଣ ଶିକ୍ଷକମାନଙ୍କ ଅଜ୍ଞତା ପ୍ରଦର୍ଶନର ପ୍ଲାଟଫର୍ମ ? ଯେବେଠୁ ୮ ବଦଳରେ ୧୪ଟି ସ୍ନାତକ ପତ୍ର ସନ୍ନିବେଶିତ ହୋଇଛି, ସେ ସବୁ ନୂତନ ପାଠ୍ୟକୁ ନେଇ ସେବେଠୁ ଏକ ବିଚିତ୍ର ସ୍ୱର ଶୁଣିବାକୁ ମିଳୁଛି ଶିକ୍ଷକମାନଙ୍କଠୁ– ''କ'ଣ କରିବା ? ଏ ସବୁ ତ ଆମ ସମୟରେ ନ ଥିଲା। ତା' ଛଡ଼ା ଦୀର୍ଘ ବର୍ଷ +୨ରେ ପଢ଼େଇ ପଢ଼େଇ ଆମେ ସ୍ନାତକ ତଥା ସ୍ନାତକୋତ୍ତର ପାଠ୍ୟକ୍ରମଠୁ ଦୂରେଇ ଯାଇଛୁ। ଏବେ ଏ ବୟସରେ ଆମେ କ'ଣ ଶିଖିବା ଅବସ୍ଥାରେ ଅଛୁ ?'' କହିବା ବାହୁଲ୍ୟ ଏବେ ଅଧିକାଂଶ ସରକାରୀ, ବେସରକାରୀ କଲେଜରେ ୭୦ ପ୍ରତିଶତ ପଦବୀ ଖାଲି। ଯେଉଁ କିଛି ବରିଷ୍ଠ ଅଧ୍ୟାପକ ଅଛନ୍ତି ସେମାନେ ପୁରୁଣା ପାଠ୍ୟକ୍ରମକୁ ନେଇ ଦକ୍ଷ, ନୂତନ ସହ ବେଶି ପରିଚିତି ନାହିଁ। +୨ରୁ ଯେଉଁମାନେ ଆସିଲେ ସେମାନେ ବର୍ଷ ବର୍ଷ ଧରି ଛିନ୍ନମୂଳ। ଯୁବ ଅତିଥି ଶିକ୍ଷକ ଯେଉଁମାନେ ସାମୟିକ ନିଯୁକ୍ତି ପାଆନ୍ତି ସେମାନେ ସେହି ପୁରୁଣା ପାଠ୍ୟକ୍ରମ ପଢ଼ି ଆସିଛନ୍ତି। କାଁ ଭାଁ, ୧୦ ବା ୧୫ ପ୍ରତିଶତ ନୂଆ। ତେଣୁ ପାଠପଢ଼ା କ'ଣ ହେଉଛି ? କେମିତି ଚାଲିଛି ?

କୌତୁକର କଥା ପରଦା ପଛରେ ଏତେକଥା ଚାଲିଲାବେଳେ ଖବରକାଗଜରେ ପରୀକ୍ଷା ଫଳ ବାହାରେ ୯୦ରୁ ୯୫ ପ୍ରତିଶତ ସଫଳତାର କାହାଣୀ ବର୍ଣ୍ଣନା କରି ଏବଂ ସେଥିରୁ ଅଧିକାଂଶ ପ୍ରଥମ ଶ୍ରେଣୀ, ତା'ଠୁ କମ୍ ଦ୍ୱିତୀୟ, ତା'ଠୁ କମ୍ ତୃତୀୟ ଶ୍ରେଣୀ, ଫେଲ୍ ପ୍ରାୟ ନାହିଁ! ଏହା ଯାଦୁ ନୁହେଁ, ଏହା 'ପାରସ୍ପରିକ ଭାବବିନିମୟ'ର କଥା। ଅର୍ଥାତ୍ ଯେହେତୁ ପାଠ ଭଲକରି ପଢ଼ା ହୋଇନାହିଁ, ପିଲାମାନଙ୍କୁ ଭଲ ମାର୍କ ଦିଆଯାଏ– ଛାତ୍ର, ଅଭିଭାବକ, ଗଣମାଧ୍ୟମ ଓ ସରକାରଙ୍କୁ ସନ୍ତୁଷ୍ଟ କରିବାକୁ। କିନ୍ତୁ ଏହି ପ୍ରତାରଣାର ଶିକାର ହୁଏ ଛାତ୍ରଟିଏ ବା ତା'ର ନିରୀହ ଅଭିଭାବକ ଯେ ଏହି ମିଛ ଫଳକୁ ସତ ଭାବି ସ୍ୱପ୍ନ ଦେଖେ।

ଏବେ ପୁଣି ସିଲାବସ ବଦଳିବ ୨୦୧୯–୨୦୨୦ରୁ। ଉପରିଲିଖିତ ଯନ୍ତ୍ରଣାର ପୁନରାବୃତ୍ତି ହେବ। ତେଣୁ ଶିକ୍ଷା ବ୍ୟବସ୍ଥାକୁ ବଞ୍ଚାଇବାକୁ, ସମସ୍ତ ପ୍ରଭାବିତ ପକ୍ଷକୁ ନ୍ୟାୟ ଦେବା ପାଇଁ, ନୂତନ ସିଲାବସ ପ୍ରଚଳନ ପୂର୍ବରୁ ପୂର୍ଣ୍ଣାଙ୍ଗ ସିଲାବସକୁ ଏକ ବର୍ଷ ପାଇଁ ଅଧ୍ୟାପକ, ଶିକ୍ଷିତ ଅଭିଭାବକ, ଉପରଶ୍ରେଣୀର ଛାତ୍ରୀଛାତ୍ରମାନଙ୍କ ଅନୁଶୀଳନ ପାଇଁ କଲେଜସ୍ତରରେ ବା ବିଶ୍ୱବିଦ୍ୟାଳୟର ୱେବ୍‌ସାଇଟ୍‌ରେ ଛାଡ଼ି ଦିଆଯାଉ, ଯଦ୍ୱାରା ଅପାତତଃ ବର୍ଷେ ଭିତରେ ଶିକ୍ଷକମାନେ ଟିକିଏ ପ୍ରସ୍ତୁତ ହେବେ। ଅଧ୍ୟାପକମାନେ, ଉପରଶ୍ରେଣୀର ଛାତ୍ରମାନେ ଏହାର ଅନୁଧ୍ୟାନ କରି ଅସୁବିଧା କଥା ଉଲ୍ଲେଖ କରିବାକୁ ସମୟ ପାଇବେ ଏବଂ ବର୍ଷେ ପରେ ସମସ୍ତଙ୍କ ମତାମତକୁ ବିଚାରକୁ ନେଇ ଅନ୍ତିମ ସିଲାବସ ପ୍ରଚଳିତ ହେଉ। ପାଠର ଅନ୍ୟନାମ ପ୍ରତାରଣା ନ ହେଉ।

ପୂର୍ବତନ ଅଧ୍ୟକ୍ଷ, ଜେଲ ରୋଡ଼, ବାଲେଶ୍ୱର,
ମୋ– ୯୪୩୭୩୭୬୨୧୯

## ପାଠକ ଶ୍ରେଷ୍ଠ ବିଚାରକ

### ଗରିବଙ୍କ ଶୀତକଷ୍ଟ

ମହାଶୟ,

ବର୍ତ୍ତମାନ ଶୀତକାଳ ଉପସ୍ଥିତ। ଉତ୍ତରଦିଗରୁ ଶୀତଲହରି ମାଡିଆସୁଛି। ଦେହ ଥରିଉଠୁଛି। ଶୀତଦିନ କାହା ପାଇଁ ହିତ କାହା ପାଇଁ ଅହିତ। ପ୍ରବଳ ଶୀତକାଳ ଧନୀମାନଙ୍କ ପାଇଁ ଆନନ୍ଦଦାୟକ। କାରଣ ଶୀତକଷ୍ଟରୁ ରକ୍ଷା ପାଇବା ପାଇଁ ସେମାନେ ଶୀତବସ୍ତ୍ର ପରିଧାନ କରିଥାନ୍ତି। କିନ୍ତୁ ଗରିବ ଲୋକମାନେ ଶୀତବସ୍ତ୍ର ବିନା ପ୍ରବଳ ଶୀତରେ କଷ୍ଟ ସହିଥାନ୍ତି। କବିଙ୍କ ଭାଷାରେ– ଧନବନ୍ତ ଜନ ଅଙ୍ଗରେ ଶୀତବସ୍ତ୍ର ବହିଲେ, ଦରିଦ୍ରେ ଭାଗ୍ୟକୁ ଆଦରି ଶୀତକଷ୍ଟ ସହିଲେ। ଈଶ୍ୱରଙ୍କ ସଂସାରରେ ଏପରି ବିଷମତା କାହିଁକି, ମନରେ ପ୍ରଶ୍ନବାଚୀ ସୃଷ୍ଟି ହୁଏ।

ରଞ୍ଜନ ମିଶ୍ର, ସାକ୍ଷୀଗୋପାଳ, ପୁରୀ

### ସୁରକ୍ଷା ଭତ୍ତା ହିଁ ରକ୍ଷାକବଚ

କୃଷକ ଧାରକରଜ କରି ଓ ଦେହରୁ ଝାଳ ନିଗାଡ଼ି ଯାହା ଅମଳ କରୁଛି ଅଭାବୀ ବିକ୍ରି ଯୋଗୁ ତା'ର ଉପଯୁକ୍ତ ମୂଲ୍ୟ ପାଇପାରୁନାହିଁ। ଫଳରେ ନିରାଶ ହୋଇ ଆତ୍ମହତ୍ୟା କରୁଛି। ଏବେ କୃଷିରଣ ଛାଡ ସହ ବିଭିନ୍ନ ପ୍ୟାକେଜ ଘୋଷଣା କରାଯାଉଛି ସତ, କିନ୍ତୁ ଆମେ ପ୍ରାଇସ୍–ପ୍ରେଷ୍ଟିଜ୍–ପେନ୍‌ସନ୍ ଦାବି କରୁଛୁ। ସୁରକ୍ଷା ଭତ୍ତା ହେଉଛି ରକ୍ଷାକବଚ। ବର୍ଷ ତମାମ ଲାଗି ରହିଥିବା ପ୍ରାକୃତିକ ବିପର୍ଯ୍ୟୟ ଏବଂ ରୋଗ–ପୋକ, ଅଭାବୀ ବିକ୍ରିର ମାଡ ସହି ସେହି ସ୍ୱଳ୍ପ ସୁରକ୍ଷା ଭତ୍ତାକୁ ପାଥେୟ କରି ସେ ଆତ୍ମହତ୍ୟାର ବାଟ ଛାଡି ବଞ୍ଚିବାର ରାହା ପାଇଯିବ। ସେ ଚାଷ ଛାଡି ଆଉ ଦାଦନ ଖଟିବାକୁ ଯିବ ନାହିଁ।

ରାମଚନ୍ଦ୍ର ପାଲଟାସିଂହ, ନବନିର୍ମାଣ କୃଷକ ସଂଗଠନ, କୁମାରବସ୍ତ୍ର, ଖୋର୍ଦ୍ଧା

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ୨୫ ବର୍ଷ ତଳର ଧରିତ୍ରୀ

୧୭ ଜାନୁୟାରୀ ୧୯୯୪

- ତୁର୍କମେନିସ୍ତାନରେ ହୋଇଥିବା ଗଣଭୋଟରେ ରାଷ୍ଟ୍ରପତି ସପରମୁରତ ନିୟାଜୋଭ ଶତକଡା ୯୯.୯୯ ଭାଗ ଭୋଟ ପାଇ ନିର୍ବାଚିତ ହେବା ସହ ଆସନ୍ତା ୫ ବର୍ଷ ପାଇଁ ଦେଶର ରାଷ୍ଟ୍ରପତି ରୂପେ ପୁନର୍ନିଯୁକ୍ତ ହୋଇଛନ୍ତି।
- ଆଫଗାନିସ୍ତାନରେ ଦୀର୍ଘ ୧୬ ଦିନ ଧରି ଚାଲିଥିବା ସଂଘର୍ଷରେ ୫୫୦ ବ୍ୟକ୍ତି ପ୍ରାଣ ହରାଇଛନ୍ତି ବୋଲି ଅନ୍ତର୍ଜାତୀୟ ରେଡ୍‌କ୍ରସ କମିଟି ପକ୍ଷରୁ କୁହାଯାଇଛି।
- ଖମାରିଆ ଜିଲାରେ ଏକ ନୌକା ଦୁର୍ଘଟଣାରେ ୧୭ ଜଣଙ୍କର ମୃତ୍ୟୁ ଘଟିଛି।
- ଚଳିତବର୍ଷ ଦେଶରେ ରେକର୍ଡ ୯୬.୭୭ ଲକ୍ଷ ଟନ୍ ଚାଉଳ ସଂଗ୍ରହ କରାଯାଇଥିବା ସୂଚନା ମିଳିଛି।

## ସଂକ୍ଷେପରେ

### ୧୯ରୁ ଭିତରକନିକାରେ ଡଲ୍‌ଫିନ ଗଣନା

ରାଜନଗର,୧୬।୧(ଡି.ଏନ.ଏ.)-ଆସନ୍ତା ୧୯ ତାରିଖ ଠାରୁ କେନ୍ଦ୍ରାପଡା ଜିଲା ରାଜନଗର ବ୍ଲକର ଭିତରକନିକା ଜାତୀୟ ଉଦ୍ୟାନରେ ପ୍ରବାହିତ କ୍ରିକ୍ ଓ ନଦୀନାଳ ତଥା ଧାମରା ମୁହାଣ ଠାରୁ ଦେବୀ ମୁହାଣ ଯାଏଁ ସମୁଦ୍ର ମଧ୍ୟରେ ଡଲ୍‌ଫିନ ଗଣନା କରାଯିବ । ରାଜନଗର ବନବିଭାଗ ସୂତ୍ରରୁ ଏହା ଜାଣିବାକୁ ମିଳିଛି । ପୂର୍ବରୁ କେବଳ ଚିଲିକାରେ ଡଲ୍‌ଫିନ ଗଣନା କରାଯାଉଥିଲା । ୨୦୧୫ ମସିହା ଠାରୁ ରାଜ୍ୟ ସରକାରଙ୍କ ଜଙ୍ଗଲ ଓ ପରିବେଶ ବିଭାଗର ନିଷ୍ପତ୍ତି କ୍ରମେ ଭିତରକନିକା, ପୁରୀ ସମେତ ଅନ୍ୟ କେତେକ ସ୍ଥାନରେ ଡଲ୍‌ଫିନ ଗଣନା କରାଯାଉଛି। ଚଳିତବର୍ଷ ଭିତରକନିକାର ଆଉଟର ହୁଇଲରୁ ଚିଞ୍ଚିରି ମାଉଥ୍, ବରୁଣେଇରୁ ପାରାଦୀପ, ହଂସିଣା ବ୍ରିଜରୁ ମାଇପୁରା ମାଉଥ୍, ରାଜନଗର ହଂସୁଆ ନଦୀରୁ ଖୋଲା, ଖୋଲାରୁ ଧାମରା ମାଉଥ୍ ଭାୟା ନଳିତାପାଟିଆ, କାଳିଭଞ୍ଜଡିଆ, ଜମ୍ବୁ ଖରନାସୀରୁ ହୁକିଟୋଲା, ପାରାଦୀପରୁ ଜଟାଧାର ମୁହାଣ ଓ ଦେବୀ ମୁହାଣରୁ ଜଟାଧାର ମୁହାଣ ପର୍ଯ୍ୟନ୍ତ ଡଲ୍‌ଫିନ ଗଣନା କରାଯିବ। ୨୦୧୫ ମସିହାରେ ପ୍ରଥମଥର ପାଇଁ ଭିତରକନିକାରେ ଡଲ୍‌ଫିନ ଗଣନା କରାଯାଇଥିଲା । ତେବେ ଗତ ୩ ବର୍ଷ ହେଲା ଭିତରକନିକାରେ ଏହା ଗଣନା ପାଇଁ ଦିନ ସ୍ଥିର କରାଯାଉଛି। ମାତ୍ର ପାଗ ଖରାପ ହେତୁ ଡଲ୍‌ଫିନ ଗଣନା କରାଯାଇ ପାରୁନାହିଁ।

### ଜାତୀୟ ସେବା ଦିବସ ପାଳିତ

କେନ୍ଦ୍ରାପଡା ଅଫିସ,୧୬।୧-ଡେରାବିଶ ବ୍ଲକ ସନ୍ଥପୁରାସ୍ଥ ବଟମହାପୁରୁଷ ପରିସରରେ ଜାତୀୟ ସେବା ଦିବସ ଉପଲକ୍ଷେ ଏକ ସଚେତନତା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ନେହେରୁ ଯୁବକେନ୍ଦ୍ର ଓ କଲ୍ୟାଣୀ ଗ୍ରାମ୍ୟ ଗୋଷ୍ଠୀ ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦୟାନିଧି ମଲ୍ଲିକ ଅଧକ୍ଷତା କରିଥିଲେ। ଏଥିରେ ବୁଦ୍ଧିଜୀବୀ ଆଶିଷ କୁମାର ସେନାପତି, ସାମାଜିକ କର୍ମୀ ଅମରବର ବିଶ୍ୱାଳ, ଶରତ ଚନ୍ଦ୍ର ମଲ୍ଲିକ ଓ ଶିକ୍ଷକ ନିରାକାର ମହାରଣା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସେବା ଦ୍ୱାରା ସମାଜର ବହୁ ସମସ୍ୟା ଦୂର ହୋଇ ପାରିବ ବୋଲି ସେମାନେ ପ୍ରକାଶ କରିଥିଲେ। ସନ୍ତୋଷ ପୋଥାଳ, ପ୍ରେମଲତା ପୋଥାଳ, ଜୟନ୍ତୀ ଦାଶ, ସଞ୍ଜୁଲତା ମଲ୍ଲିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ଚାରିଟେବ୍‌ଲ ଟ୍ରଷ୍ଟ ପକ୍ଷରୁ 'ମାଇଁ ଚାଇଲ୍ଡ' କାର୍ଯ୍ୟକ୍ରମ

କେନ୍ଦ୍ରାପଡ଼ା ଅଫିସ୍,୧୬।୧-ଇଏଏସ୍‌କେ ଇଣ୍ଡିଆ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ କେନ୍ଦ୍ରାପଡ଼ା ବ୍ଲକ ତନାରଠାରେ ମାଇଁ ଚାଇଲ୍ଡ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିକ୍ଷାବିତ୍ ନରୋତ୍ତମ ଜେନାଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଆଇନଜୀବୀ ପ୍ରଦୀପ କୁମାର ଦାଶ, ଅଧାପକ ପ୍ରଭାତ ରଞ୍ଜନ ଲେଙ୍କା, କୋରୋ ସରପଞ୍ଚ ତଅପୋଇ ମଲ୍ଲିକ, ସାମାଜିକ କର୍ମୀ କାନନବାଳା ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅତିଥିମାନେ ଗରିବ ବିଦ୍ୟାର୍ଥୀଙ୍କୁ ଆଧୁନିକ ବୈଷୟିକ ଜ୍ଞାନ କୌଶଳ ଶିକ୍ଷା ପ୍ରଦାନକୁ ଗୁରୁତ୍ୱ ଦେଇଥିଲେ। ଅଧକ୍ଷ ସୁଶାନ୍ତ କୁମାର ଦାଶ, ସହ ସମ୍ପାଦିକା ସସ୍ମିତା ଦାଶ, କମଳାକାନ୍ତ ଦାସ, ହରିହର ମହାପାତ୍ର, କମଳାକାନ୍ତ ସାମଲ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ରାଜ୍ୟପାଳଙ୍କ କେନ୍ଦ୍ରାପଡ଼ା ଗସ୍ତ

# ଭାରତ ହେଉଛି ଦେବଭୂମି

### ବାଟିପଡା ନୋଡାଲ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ

ଆଳି, ୧୬।୧ (ଡି.ଏନ୍.ଏ.)

ଆଳି ବ୍ଲକର ବାଟିପଡା ନୋଡାଲ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ବୁଧବାର ରାଜ୍ୟପାଳ ଗଣେଶି ଲାଲ୍ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ସୁବର୍ଣ୍ଣ ଜୟନ୍ତୀ କମିଟିର ସମ୍ପାଦକ ଯୁଗୋଳ କିଶୋର ଦାସଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ସଭାପତି ଚନ୍ଦ୍ରଶେଖର ପରିଡା, ପୂର୍ବତନ ପ୍ରଧାନ ଶିକ୍ଷକ ଲକ୍ଷ୍ମୀଧର ପାତ୍ର, ବାଟିପଡ଼ା ନୋଡାଲ ହାଇସ୍କୁଲ ପ୍ରଧାନଶିକ୍ଷକ ବିବେକାନନ୍ଦ ଚୌଧୁରୀ ପ୍ରମୁଖ ମଞ୍ଚାସୀନ ଥିଲେ। ଏଥିରେ ଯୋଗଦେଇ ମୁଖ୍ୟଅତିଥି କହିଥିଲେ, ଭାରତ ହେଉଛି ଦେବଭୂମି। ଏଠାକୁ ଅନେକ ବିଦେଶୀ ଆସି ଧର୍ମୀୟ ଭାବନାରେ ଉଦ୍‌ବୁଦ୍ଧ ହୋଇ ଭାରତକୁ ନିଜର ବୋଲି ଭାବି ନେଇଛନ୍ତି। ଭାରତ ଏଭଳି ଏକ ଦେଶ ଯେଉଁଠି ନରରୁ ନାରାୟଣ ପର୍ଯ୍ୟନ୍ତ ପରିକଳ୍ପନା କରାଯାଇପାରେ। ସେଥିପାଇଁ ଫରାସୀ ଜଣେ ମହିଳା ଭାରତରେ ଲକ୍ଷଲକ୍ଷ ଲୋକଙ୍କର ମା' ଆସନ ଲାଭ କରିଥିଲେ। ଆଉ ଜଣେ ବିଦେଶିନୀ ବିବେକାନନ୍ଦଙ୍କର ଶିଷ୍ୟା ବନିଯାଇ ଆଧ୍ୟାତ୍ମିକ କଥା ପ୍ରଚାର କରିଥିଲେ। ଧର୍ମକୁ ବିଶ୍ୱାସ କରୁ ନ ଥିବା ରୁଷର ଝିଅଟିଏ ଭାରତକୁ ଆସି ଗଙ୍ଗାନଦୀ କୂଳରେ ନିଜର ଜୀବନ ବିତାଇଥିଲେ ବୋଲି ରାଜ୍ୟପାଳ କହିଥିଲେ। ଏହି ଅବସରରେ ରାଜ୍ୟପାଳ ହାଇସ୍କୁଲ ସୁବର୍ଣ୍ଣ ଜୟନ୍ତୀ ସ୍ମାରକୀ ସ୍ତମ୍ଭକୁ ଉଦ୍‌ଘାଟନ କରିବା ସହ ସୁବର୍ଣ୍ଣ ଜୟନ୍ତୀ କମିଟିର ସ୍ମରଣିକା ଉନ୍ମୋଚନ କରିଥିଲେ। ବାଟିପଡ଼ା ପୁରାତନ ଛାତ୍ର ସଂସଦ ଓ ସୁବର୍ଣ୍ଣ ଜୟନ୍ତୀ କମିଟି ପକ୍ଷରୁ ଆୟୋଜିତ ଏହି ଉତ୍ସବରେ ବହୁ ଛାତ୍ରୀଛାତ୍ର ଓ ସାଧାରଣ ଲୋକେ ଉପସ୍ଥିତ ଥିଲେ।



ବାଟିପଡା ହାଇସ୍କୁଲ ସୁବର୍ଣ୍ଣ ଜୟନ୍ତୀ ଅବସରରେ ଉପସ୍ଥିତ ବୁଦ୍ଧିଜୀବୀ ଓ ଅନ୍ୟମାନେ।

## ■ ଭଗବତୀ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ

# ଶିକ୍ଷା ମଣିଷକୁ ମାର୍ଜିତ କରିଥାଏ

ଡେରାବିଶ, ୧୬।୧ (ସ୍ୱ.ପ୍ର.)

ପ୍ରତ୍ୟେକ ମଣିଷକୁ ଶିକ୍ଷା ମାର୍ଜିତ ଓ ସଂସ୍କୃତି ସମ୍ପନ୍ନ କରିଥାଏ। ଓଡ଼ିଶାର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଡେରାବିଶ ବ୍ଲକ ବେଲାରପୁରସ୍ଥିତ ଭଗବତୀ ସରକାରୀ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ଯୋଗଦେଇ ମତବ୍ୟକ୍ତ କରିଛନ୍ତି। ବୁଧବାର ପୂର୍ବାହ୍ନରେ ସୁବର୍ଣ୍ଣ ଜୟନ୍ତୀ କମିଟି ଉପସଭାପତି ପ୍ରମୋଦ କୁମାର ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଘାଟନୀ ଉତ୍ସବରେ ରାଜ୍ୟପାଳ ମୁଖ୍ୟଅତିଥି ଓ କେନ୍ଦ୍ରାପଡ଼ା ଜିଲାପାଳ ଦାଶରଥି ଶତପଥୀ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ଯୋଗଦେବାକୁ ଆସିବା ବେଳେ ରାଜ୍ୟପାଳଙ୍କୁ ବେଲାରପୁରଠାରେ ଭବ୍ୟ ସ୍ୱାଗତ କରାଯାଇଥିଲା। ରାଜ୍ୟପାଳ ବିଦ୍ୟାଳୟଠାରେ ପହଞ୍ଚି ସୁବର୍ଣ୍ଣ ଜୟନ୍ତୀ ଫଳକକୁ ଉଦ୍‌ଘାଟନ କରିବା ସହ ସୁବର୍ଣ୍ଣ ଜୟନ୍ତୀ ବିଶେଷାଙ୍କ 'ସ୍ୱର୍ଣ୍ଣ ପ୍ରସୂନ' ଉନ୍ମୋଚନ କରିଥିଲେ। ପ୍ରାରମ୍ଭରେ କମିଟି ସମ୍ପାଦକ ବାନାମ୍ବର ସାହୁ ଅତିଥି ପରିଚୟ ଓ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଶେଷରେ ପ୍ରଧାନ ଶିକ୍ଷୟିତ୍ରୀ ମଞ୍ଜୁଶ୍ରୀ ବରାଳ ଧନ୍ୟବାଦ ଦେଇଥିଲେ। ସ୍ୱର୍ଣ୍ଣ ଜୟନ୍ତୀ ଉତ୍ସବର ଦ୍ୱିତୀୟ ଅଧିବେଶନ ଉପସଭାପତି ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଅତିଥିଭାବେ ପ୍ରାଧ୍ୟାପକ ଶେଖ୍ ସମସୁର ମୁଖ୍ୟଅତିଥି, ଗାଳ୍ପିକା ପ୍ରାଧ୍ୟାପକ ସୁଲୋଚନା ଦାସ ମୁଖ୍ୟବକ୍ତା ଓ ସମ୍ମାନିତ ଅତିଥିଭାବେ ପଞ୍ଚାୟତ ସମିତି ଅଧକ୍ଷ ସରୋଜକାନ୍ତ ସାହୁ ଯୋଗଦେଇଥିଲେ। ପ୍ରମୋଦ କୁମାର ଦାସ ଅତିଥି ପରିଚୟ ଦେଇଥିବା ବେଳେ ଇଂ. ଅର୍ଜୁନ କୁମାର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। ନୀଳାମ୍ବର କର, ଅମୀୟ କୁମାର ପଲାଇ, ନିକୁଞ୍ଜ ବିହାରୀ ପୃଷ୍ଟି ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଏସ୍‌ପି ନୀତିଶେଖରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଡେରାବିଶ ଥାନାଧିକାରୀ ସୁଧୀର କୁମାର ସାହୁଙ୍କ ସମେତ ୫ ଜଣ ପୋଲିସ ଅଧିକାରୀ ଓ ଟିମ୍ ଆଇନ୍ ଶୃଙ୍ଖଳା ପାଇଁ ନିୟୋଜିତ ହୋଇଥିଲେ।





ଭଗବତୀ ହାଇସ୍କୁଲର ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ରାଜ୍ୟପାଳ ଗଣେଶୀ ଲାଲ୍ ଓ ଅନ୍ୟମାନେ ।

# ଉଚିତ ଶିକ୍ଷା ପାଇଲେ ବିଶ୍ୱକୁ ଦିଗ୍‌ଦର୍ଶନ ଦେବେ ଛାତ୍ରୀଛାତ୍ର

ରାଜକନିକା, ୧୬।୧ (ଡି.ଏନ୍.ଏ.)

କେନ୍ଦ୍ରାପଡା ଜିଲ୍ଲା ରାଜକନିକା ବ୍ଲକ୍‌ର ବହୁ ପୁରାତନ ବିଦ୍ୟାଳୟ ଆର୍‌ଏନ୍ ହାଇସ୍କୁଲର ୨ ଦିନିଆ ଶତବାର୍ଷିକ ଉତ୍ସବ ବୁଧବାର ଉଦ୍‌ଘାଟିତ ହୋଇଛି। ରାଜ୍ୟପାଳ ପ୍ରଫେସର ଗଣେଶି ଲାଲ୍ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ ଉତ୍ସବ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ରାଜ୍ୟପାଳ କହିଥିଲେ, ଛାତ୍ରୀଛାତ୍ରୀମାନେ ଉଚିତ୍ ଶିକ୍ଷା ପାଇଲେ ବିଶ୍ୱକୁ ଦିଗ୍‌ଦର୍ଶନ ଦେବେ। ସ୍ୱାମୀ ବିବେକାନନ୍ଦ ଓ ବୁଦ୍ଧଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଲକ୍ଷ୍ୟ ପଥରେ ଆଗେଇବାକୁ ଛାତ୍ରୀଛାତ୍ରୀମାନଙ୍କୁ ରାଜ୍ୟପାଳ ଆହ୍ୱାନ ଦେଇଥିଲେ। ଶତବାର୍ଷିକୀ କମିଟି ସଭାପତି ବଂଶୀଧର ରାଉତଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପୁରାତନ ଛାତ୍ର ସଂସଦ ଅଧକ୍ଷ ଧରଣୀଧର ନାୟକ ସ୍ୱଗତ ଭାଷଣ ଦେଇଥିଲେ। ସମ୍ପାଦକ ବିଶ୍ୱନାଥ ବଳ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ସମ୍ମାନିତ ଅତିଥି ଭାବେ ଆଳି ବିଧାୟକ ଦେବେନ୍ଦ୍ର ନାଥ ଶର୍ମା ଯୋଗଦେଇଥିଲେ। ଏହି ଅବସରରେ ବିଦ୍ୟାଳୟର ସ୍ମରଣିକା 'ଅରୁଣିମା' ଉନ୍ମୋଚିତ ହୋଇଥିଲା। ପ୍ରଧାନ ଶିକ୍ଷକ ଶ୍ରୀକାନ୍ତ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ସ୍କୁଲର ଶିକ୍ଷୟିତ୍ରୀଶିକ୍ଷକ, ପରିଚାଳନା କମିଟି, ପୁରାତନ ଛାତ୍ର ସଂସଦ ଓ ଉତ୍ସବ ପରିଚାଳନା କମିଟିର ସଭ୍ୟାସଭ୍ୟମାନେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ପରମ୍ପରା ନାଁରେ ନିରୀହ ଜନ୍ତୁ ହତ୍ୟା

### ଶାମ୍ବଦଶମୀରେ ବାସୁଳେଈ ପୀଠରେ ପଡ଼ିଲା ବଳି

ମହାକାଳପଡ଼ା, ୧୬।୧ (ଡି.ଏନ୍.ଏ.)

ସରକାରୀ କଟକଣା ସତ୍ତ୍ୱେ ବଳବତ୍ତର ରହିଛି ବଳିପ୍ରଥା। ଏବେ ବିବିଭିନ୍ନ ପର୍ବରେ ପୂଜାର୍ଚ୍ଚନା ନାଁରେ କେତେକ ସ୍ଥାନରେ ପଶୁପକ୍ଷୀ ବଳି ପକାଯାଉଛି। ପରମ୍ପରା ଆଳରେ ନିରୀହ ପଶୁପକ୍ଷୀଙ୍କୁ ବଳି ଦିଆଯାଉଛି। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ମହାକାଳପଡ଼ା ବ୍ଲକ ଅଞ୍ଚଳରେ। ବ୍ଲକ ଅଧୀନ ବିଜୟନଗର ପଞ୍ଚାୟତ ଶଙ୍ଖପଦା ଗ୍ରାମ ବେହେରା ସାହିସ୍ଥିତ ମା'ବାସୁଳେଈ ପୀଠରେ ପବିତ୍ର ଶାମ୍ବଦଶମୀ ଅବସରରେ ବୁଧବାର ରାତିରେ କୁକୁଡ଼ା, ମେଣ୍ଢା ଓ ବାରହା ଆଦି ବଳି ପକାଯାଇଛି। ପୀଠ ପରିସରରେ ଏକ ଧାରୁଆ ଅସ୍ତ୍ରରେ ସେମାନଙ୍କ ବେକ କାଟି ମା'ଙ୍କୁ ସମର୍ପଣ କରାଯାଇଥିଲା। ଏହାପରେ ମାଂସ ରାନ୍ଧି ପ୍ରସାଦ ସେବନ କରାଯାଇଥିଲା। କାହିଁ କେଉଁ ଅମଳରୁ ଚାଲି ଆସୁଥିବା ପରମ୍ପରାକୁ ଗତ କିଛିବର୍ଷ ପୂର୍ବେ ପ୍ରଶାସନ ପକ୍ଷରୁ ବାରଣ କରାଯିବା ଯୋଗୁ ଏ ନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ଏହାପରେ ବି ବଳି ପ୍ରଥା ଚାଲୁ ରହିଛି। ବେହେରା ସାହିର ଦୁଇଟି ସ୍ଥାନରେ ଏଭଳି ପୂଜାର୍ଚ୍ଚନା କରାଯାଉଥିବା ଜଣାପଡିଛି।



ବଳି ପାଇଁ ଆସିଥିବା ବାର୍‌ହା।

# ଆମ ଘରେ ଏଲ୍‌ଇଡି ଯୋଜନାରେ ବଲ୍‌ବ ବଣ୍ଟନ

ପାଟକୁରା,୧୬।୧ (ଡି.ଏନ.ଏ.)

ଗରଦପୁର ବ୍ଲକ ପାଟକୁରା ପଞ୍ଚାୟତ କହ୍ନେଇ ଲାଲଜୀଉଙ୍କ ମେଲଣ ପଡିଆଠାରେ ପଞ୍ଚାୟତ ପକ୍ଷରୁ ରାଶନକାର୍ଡ ହିତାଧିକାରୀଙ୍କୁ ଆମ ଘରେ ଏଲ୍‌ଇଡି ଯୋଜନାରେ ୪ଟି ଲେଖାଏଁ ଏଲ୍‌ଇଡି ବଲ୍‌ବ ବଣ୍ଟନ କରାଯାଇଥିଲା। ଏ ନେଇ ଆୟୋଜିତ କାର୍ଯ୍ୟକ୍ରମରେ ପଞ୍ଚାୟତ ବିଜେଡି ସଭାପତି ଯଶୋବନ୍ତ ମହାନ୍ତି ସଭାପତିତ୍ୱ କରିଥିଲେ। ଏଥିରେ ଗରଦପୁର ବ୍ଲକ ପୂର୍ବତନ ଅଧକ୍ଷ ବାସୁଦେବ ବେହେରା, ବ୍ଲକ ବିଜେଡି ସଭାପତି ଶୈଳେନ୍ଦ୍ର କୁମାର ମହାନ୍ତି, ତଳକୁସୁମା ପଞ୍ଚାୟତ ପୂର୍ବତନ ସରପଞ୍ଚ ଅଶୋକ କୁମାର ଜେନା, ପାଟକୁରା ସରପଞ୍ଚ ସୂର୍ଯ୍ୟମଣୀ ସେଠୀ, ସମିତିସଭ୍ୟା ମମତା ମଲ୍ଲିକ, ଜିଲା ପରିଷଦ ସଦସ୍ୟା ଅହଲ୍ୟା ଲେଙ୍କା, ଗରଦପୁର ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଖଗେଶ୍ୱର ସେଠୀ, ପୂର୍ବତନ ସମିତି ସଭ୍ୟ ପ୍ରହ୍ଲାଦ ସାହୁ ଉପସ୍ଥିତ ଥିଲେ। ସେହିପରି ପାଖଡ଼ ପଞ୍ଚାୟତରେ ସରପଞ୍ଚ ଗୌରାଙ୍ଗ ଚରଣ ପରିଡାଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଗରଦପୁର ପଞ୍ଚାୟତ ସମିତି ଅଧକ୍ଷା ସ୍ୱର୍ଣ୍ଣପ୍ରଭା ସେଠୀ, ସାମାଜିକ କର୍ମୀ ଦିଲ୍ଲୀପ କୁମାର ସେଠୀ, ମିଶନ ଶକ୍ତି ବ୍ଲକ ସଂଯୋଜକ ପ୍ରମୁଖ ମଞ୍ଚାସୀନଥିଲେ। ନୂତନ ଭାବେ ଗଠନ ହୋଇଥିବା ସମସ୍ତ ସ୍ୱୟଂ ସହାୟକ ଗୋଷ୍ଠୀକୁ ୧୫ ହଜାର ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। ଏଲ୍‌ଇଡି ଯୋଜନାରେ ହିତାଧିକାରୀମାନଙ୍କୁ ମାଗଣାରେ ୪ ଟି ଲେଖାଏଁ ଏଲଇଡି ବଲବ୍, ସୁ-ନେତ୍ର ଯୋଜନାରେ ୪ ଜଣଙ୍କୁ ଚଷମା ପ୍ରଦାନ କରାଯାଇଥିଲା।

# ଆଦିବାସୀ ଯୁବକ ସଂଘ ପକ୍ଷରୁ ମକର ମହୋତ୍ସବ

ମହାକାଳପଡ଼ା, ୧୬।୧(ଡି.ଏନ୍.ଏ.)

ମହାକାଳପଡ଼ା ବ୍ଲକ ଖରିନାସୀ ପଞ୍ଚାୟତ ଅଧୀନ ବାରନମ୍ବର ଆଦିବାସୀ ପଡ଼ାରେ ଦୁଇଦିନିଆ ମକର ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ମା' ଧରିତ୍ରୀ ଆଦିବାସୀ ଯୁବକ ସଂଘ ପକ୍ଷରୁ ଆୟୋଜିତ ଏହି ମହୋତ୍ସବ ଅବସରରେ ଅଧିଷ୍ଠାତ୍ରୀ ମା'ମାରାଂବୁରୁଙ୍କ ପୂଜାର୍ଚ୍ଚନା କରାଯାଇଥାଏ। ପ୍ରତି ପରିବାରରେ ମାଂସରେ ତିଆରି ଜିଲ୍ ପିଠା ତିଆରି କରାଯାଏ। ସମସ୍ତେ ନୂତନ ବସ୍ତ୍ର ପରିଧାନ କରି ପାରମ୍ପରିକ ନାଚ, ଗୀତରେ ମଜ୍ଜି ଯାଆନ୍ତି। ବୁଧବାର ମହୋତ୍ସବ ଶେଷ ଦିନରେ ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଉଭୟ ମହିଳା ଓ ପୁରୁଷଙ୍କ ମଧ୍ୟରେ ଧନୁତୀର (ଲାଖବିନ୍ଧା), ଦୌଡ଼, ଦଉଡି ଡିଆଁ, ଲମ୍ବ ଡିଆଁ, ପୂର୍ଣ୍ଣ କଳସ ଦୌଡ଼, ମ୍ୟୁଜିକ୍ ଚେୟାର ଆଦି ପ୍ରତିଯୋଗିତା ହୋଇଥିଲା। କାର୍ଯ୍ୟକ୍ରମ ଉଦ୍‌ଯାପନୀ ଅବସରରେ ବ୍ଲକ ଅଧକ୍ଷା ସସ୍ମିତା ବରାଳ ମୁଖ୍ୟଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ଯୁବକ ସଂଘ ସଭାପତି କାନ୍ଦନ ହାଂସଦା, ସମ୍ପାଦକ ଜଗନ୍ନାଥ ସୋରେନ୍‌ଙ୍କ ସମେତ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



ଧନୁତୀର ପ୍ରତିଯୋଗିତାରେ ଭାଗ ନେଇଥିବା ଯୁବତୀମାନେ।

# ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

କେନ୍ଦ୍ରାପଡା ଅଫିସ,୧୬।୧-କେନ୍ଦ୍ରାପଡା ସାନ୍ଧ୍ୟ ମହାବିଦ୍ୟାଳୟର ବାର୍ଷିକ କ୍ରୀଡ଼ା ଉତ୍ସବ ମଙ୍ଗଳବାର ଉଦ୍‌ଯାପିତ ହୋଇଯାଇଛି। ଏହି ଉତ୍ସବରେ ଯୁକ୍ତ ୨ କଳା ବିଭାଗର ଛାତ୍ରୀ କଳ୍ପନା ସାହୁ ଓ ଛାତ୍ର ବିକାଶ କୁମାର ଦାସ ଏବଂ ଯୁକ୍ତ ୩ କଳାରେ ଦେବସ୍ମୃତି ସ୍ୱାଇଁ ଓ ରଶ୍ମିତା ବାରିକ ଚାମ୍ପିୟନ ହୋଇଥିଲେ। ଅଧକ୍ଷ ଅଜୟ କୁମାର ବିଶ୍ୱାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ସଭାରେ ଶିକ୍ଷାବିତ୍ ସଂଗ୍ରାମ କେଶରୀ ବିଶ୍ୱାଳ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ।

**ଶୁଦ୍ଧିପତ୍ର**

**ଇ-ଟେଣ୍ଡର ନଂ. ଏସ୍‌ଇଆର୍‌ସିଓଏନ୍-ଜିଆର୍‌ସି-ସିଇ-ସି-୦୧-୯୪-୧୮ର ଶୁଦ୍ଧିପତ୍ର/ଯୋଗପତ୍ର ନଂ.୧**, ଯାହା ପୂର୍ବରୁ ଚିଫ୍ ଇଞ୍ଜିନିୟର୍ (ସିଓଏନ୍)/I/ଜିଆର୍‌ସି, ଦକ୍ଷିଣ ପୂର୍ବ ରେଳପଥଙ୍କ ଦ୍ୱାରା ପ୍ରକାଶିତ ହୋଇଥିଲା। **କାର୍ଯ୍ୟର ଆନୁମାନିକ ମୂଲ୍ୟକୁ** ₹୧୦୩.୫୧ ପରିବର୍ତ୍ତେ ₹୧୦୩.୪୬ କୋଟି ପଢ଼ାଯିବ, **ଅମାନତ ଜମା ରାଶିକୁ** ₹୫୩,୨୫,୩୦୦/- ପରିବର୍ତ୍ତେ ₹୫୩,୨୩,୨୦୦/- ପଢ଼ାଯିବ। ଅନ୍ୟ ସମସ୍ତ ନିୟମ ଓ ସର୍ତ୍ତାବଳୀ ଅପରିବର୍ତ୍ତିତ ରହିବ। PR-1010/C

**ଦକ୍ଷିଣ ପୂର୍ବ ରେଳପଥ**

IDBI BANK

ଆଇଡ଼ିବିଆଇ ବ୍ୟାଙ୍କ ଲିମିଟେଡ୍, ପୁରୀ ଶାଖା, ବଡଶଙ୍ଖ, ପୁରୀ-୭୫୨୦୦୨, ଓଡ଼ିଶା, ଫୋନ୍ ନଂ.: ୦୬୭୫୨-୨୨୮୩୬୦/୩୭୦/୩୮୦, CIN: L65190MH2004GOI148838

ପରିଶିଷ୍ଟ-୪ [ରୁଲ୍ ୮(୧)]
**ଦଖଲ ନୋଟିସ୍**
ସ୍ଥାବର ସମ୍ପତ୍ତି ନିମନ୍ତେ

ନିମ୍ନ ସ୍ୱାକ୍ଷରକାରୀ **ଆଇଡ଼ିବିଆଇ ବ୍ୟାଙ୍କ ଲିମିଟେଡ୍, ପୁରୀ ଶାଖାର** କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକ୍ସନ୍ ଅଫ୍ ଫାଇନାନ୍‌ସିଆଲ ଆସେଟସ୍ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ ସିକ୍ୟୁରିଟି ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ (୨୦୦୨ର ୫୪) ଏବଂ ଧାରା ୧୩(୧୨) ଅନୁଯାୟୀ ପ୍ରଦତ୍ତ କ୍ଷମତା ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ୍ ୩ ଅନୁସାରେ ନିମ୍ନଲିଖିତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କୁ କଥିତ ଆକ୍ଟ ଅନୁଯାୟୀ ଡ଼ିମାଣ୍ଡ ନୋଟିସ୍ ଜାରି କରି ନୋଟିସ ମାଧ୍ୟମରେ ଦର୍ଶାଯାଇଥିବା ଅର୍ଥରାଶି ନୋଟିସ୍ ପାଇବାର ୬୦ ଦିନ ମଧ୍ୟରେ ପଇଠ କରିବାକୁ କୁହାଯାଇଥିଲା । ଯେହେତୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ତାଙ୍କର ଦେୟ ପଇଠ କରିବାରେ ବିଫଳ ହୋଇଛନ୍ତି ସେହେତୁ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଜଣାଇ ଦିଆଯାଉଅଛି କି ସରଫେଶୀ ଆକ୍ଟର ଧାରା ୧୩ର ଉପଧାରା (୪) ସହିତ ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ରୁଲ ୮ ଅନୁସାରେ ପ୍ରଦତ୍ତ କ୍ଷମତା ପ୍ରୟୋଗ କରି ନିମ୍ନ ସ୍ୱାକ୍ଷରକାରୀ ନିମ୍ନରେ ବର୍ଣ୍ଣିତ ସମ୍ପତ୍ତିକୁ ନିମ୍ନ ଦର୍ଶିତ **୧୧.୦୧.୨୦୧୯**ରେ ଦଖଲ କରିଛନ୍ତି । ତେଣୁ ବିଶେଷକରି ଋଣଗ୍ରହୀତା/ଗ୍ୟାରେଣ୍ଟିଦାତା ଏବଂ ସର୍ବସାଧାରଣଙ୍କୁ ଏତଦ୍‌ଦ୍ୱାରା ଜଣାଇ ଦିଆଯାଉଛି ଯେ, ନିମ୍ନଲିଖିତ ସମ୍ପତ୍ତି ସହିତ କୌଣସି ପ୍ରକାର କାରବାର କରିବେ ନାହିଁ ଏବଂ ଏହି ସମ୍ପତ୍ତି ଉପରେ କୌଣସି କାରବାର ପାଇଁ ନିମ୍ନରେ ଦର୍ଶାଯାଇଥିବା ରାଶି ଏବଂ ସେବାବଦ ସୁଧ ପାଇଁ **ଆଇଡ଼ିବିଆଇ ବ୍ୟାଙ୍କ ଲିମିଟେଡ, ପୁରୀ ଶାଖା** ନିକଟରେ ଉତ୍ତରଦାୟୀ ରହିବେ । **ଏତଦ୍‌ଦ୍ୱାରା ଋଣଗ୍ରହୀତାଙ୍କ ଦୃଷ୍ଟି ଆକର୍ଷଣ କରାଯାଉଅଛି କି କଥିତ ଆକ୍ଟର ଧାରା ୧୩ର ଉପଧାରା (୮) ଅନୁଯାୟୀ ସେମାନଙ୍କର ସୁରକ୍ଷିତ ବନ୍ଧକ ସମ୍ପତ୍ତିକୁ ସମୟ ଥିବା ପୂର୍ବରୁ ବନ୍ଧକମୁକ୍ତ କରନ୍ତୁ।**

| ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାଙ୍କ ନାମ ଏବଂ ଠିକଣା | ବକେୟା ପରିମାଣ | ଡିମାଣ୍ଡ /ଦଖଲ ନୋଟିସ୍‌ର ତାରିଖ | ସ୍ଥାବର ସମ୍ପତ୍ତିର ସମ୍ପୂର୍ଣ୍ଣ ବିବରଣୀ |
|---|---|---|---|
| **ଋଣଗ୍ରହୀତା: ଶ୍ରୀ ସୌମ୍ୟ ରଞ୍ଜନ ଦାଶ,** ଦତ୍ତ ତୋଟା, ପ୍ରଭାତ ଲେନ୍, କୁମ୍ଭାରପଡା, ପୁରୀ-୭୫୨୦୦୨, ଓଡ଼ିଶା / **ଗ୍ୟାରେଣ୍ଟିଦାତାମାନେ: ୧) ଶ୍ରୀ ଶିବ ପ୍ରସାଦ ମିଶ୍ର,** ମାର୍ଫତ: ବାଞ୍ଛାନିଧି ମିଶ୍ର, ନରଣପୁର, ବ୍ରହ୍ମଗିରି, ପୁରୀ-୭୫୨୦୧୧, ଓଡ଼ିଶା, **୨) ଶ୍ରୀ ରାସରଞ୍ଜନ ଦାଶ,** ଦତ୍ତ ତୋଟା, ପ୍ରଭାତ ଲେନ୍, କୁମ୍ଭାରପଡା, ପୁରୀ-୭୫୨୦୦୨, ଓଡ଼ିଶା | ୦୧.୦୨.୨୦୧୮ ସୁଦ୍ଧା ଟ.୫୩,୨୦,୩୩୪/- + ଭବିଷ୍ୟତ ସୁଧ, ଦେୟ ଏବଂ ଆଇନଗତ ଖର୍ଚ୍ଚ | ୦୮.୦୨.୨୦୧୮ / ୧୧.୦୧.୨୦୧୯ | ଶ୍ରୀ ଶିବ ପ୍ରସାଦ ମିଶ୍ରଙ୍କ ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୨୦/୧୪୯, ଖାତା ନଂ.: ୪୦/୨୧, କ୍ଷେତ୍ର: ଏକର ୦.୦୬୩ ଡିସିମିଲି, ମୌଜା: ନରଣପୁର, ଥାନା ନଂ.: ୧୬୬, କିସମ: ଘରବାରୀ ସହିତ ସ୍ଥିତିବାନ୍ ପ୍ରକାର, ଅନୁରୂପ ସାବିକ ଖାତା ନଂ.: ୮, ପ୍ଲଟ୍ ନଂ.: ୨୦, କ୍ଷେତ୍ର: ଏକର୦.୧୯ଡିସିମିଲି, ଥାନା/ତହସିଲ: ବ୍ରହ୍ମଗିରି, ରେଜିଷ୍ଟ୍ରେସନ୍ ସବ-ଡିଷ୍ଟ୍ରିକ୍ଟ: ପୁରୀ ଏବଂ ଜିଲ୍ଲା: ପୁରୀ, ଏହାର ଚତୁପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୧୯, ଦକ୍ଷିଣ: ରାସ୍ତା, ପୂର୍ବ: ଲୋକନାଥ ଦାଶ, ପଶ୍ଚିମ: ପ୍ଲଟ୍ ନଂ.: ୧୮ ସହିତ ସେଠାରେ ଥିବା ସମସ୍ତ ଗୃହ ଏବଂ ନିର୍ମାଣ ଏବଂ ଉକ୍ତ ସ୍ଥାନ ସହିତ ସଂଲଗ୍ନ ହୋଇଥିବା ସମସ୍ତ କାରଖାନା ଓ କଳକବ୍ଜା କିମ୍ବା ସ୍ଥାନ ସହିତ ସ୍ଥାୟୀ ଭାବରେ ଖୋଲା ପଡିଥିବା ଭୂ-ସଂଲଗ୍ନ ଯେକୌଣସି ଦ୍ରବ୍ୟ । |

**ସ୍ଥାନ: ପୁରୀ, ତାରିଖ: ୧୬.୦୧.୨୦୧୯**
ସ୍ୱା/- କ୍ଷମତାପ୍ରାପ୍ତ ଅଧିକାରୀ, **ଆଇଡ଼ିବିଆଇ ବ୍ୟାଙ୍କ ଲିମିଟେଡ**

SBI **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**
କ୍ଷେତ୍ରୀୟ ବ୍ୟବସାୟିକ କାର୍ଯ୍ୟାଳୟ, କ୍ଷେତ୍ର-୪, ଯାଜପୁର ରୋଡ୍, ଯାଜପୁର, ଫୋନ୍: ୯୪୩୭୧୩୦୧୦୬ / ୯୪୩୭୪୮୯୯୪୭

**ଗାଡି ଇ-ନିଲାମ ବିକ୍ରୟ**

**ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, କ୍ଷେତ୍ରୀୟ ବ୍ୟବସାୟିକ କାର୍ଯ୍ୟାଳୟ, କ୍ଷେତ୍ର-୪, ଯାଜପୁର ରୋଡ୍, ଯାଜପୁର** ଅନ୍ତର୍ଗତ ଶାଖାମାନଙ୍କ ଦ୍ୱାରା ଜବତ ହୋଇଥିବା ନିମ୍ନଲିଖିତ ଗାଡିଗୁଡିକର ଇ-ନିଲାମ **"ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି ଭିତ୍ତିରେ" ତା.୨୫.୦୧.୨୦୧୯ରିଖ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୧.୦୦ ଘଟିକା** ମଧ୍ୟରେ **M/s E-procurement Technologies Ltd.**, ଅହମ୍ମଦାବାଦ ଦ୍ୱାରା ସମ୍ପନ୍ନ ହେବ। ଇ-ନିଲାମର ଅନ୍ୟାନ୍ୟ ନିୟମ ଏବଂ ସର୍ତ୍ତାବଳୀ ନିମନ୍ତେ ୱେବସାଇଟ୍ **https://sbi.auctiontiger.net** ଦେଖନ୍ତୁ।

| କ୍ର. ନଂ. | ପଞ୍ଜିକୃତ ମାଲିକ | ପଞ୍ଜିକୃତ ନଂ. | ମଡେଲ / ନିର୍ମାଣ | ସଂରକ୍ଷିତ ମୂଲ୍ୟ | ଅମାନତ ରାଶି |
|---|---|---|---|---|---|
| ୧. | ଜିତେନ୍ଦ୍ର ଆଏଚ | OR02BH3679 | Tata Indigo ECS/LX III | ଟ.୬୮,୦୦୦/- | ଟ.୬,୮୦୦/- |
| ୨. | ବିଶେଶ୍ୱର ସାହୁ | OD02B0266 | Ford Figo 1.4 TCDI Titanium | ଟ.୧,୨୦,୦୦୦/- | ଟ.୧୨,୦୦୦/- |
| ୩. | ଚିତ୍ତରଞ୍ଜନ ସାମନ୍ତରାୟ | OR04Q0394 OR04Q0395 | Tafe Messey Forguson Tractor with Trailor | ଟ.୧,୨୮,୦୦୦/- | ଟ.୧୨,୮୦୦/- |
| ୪. | ଲକ୍ଷ୍ମୀକାନ୍ତ ଶତପଥି | OR04F8831 | Hundai Santro Zing | ଟ.୨୬,୦୦୦/- | ଟ.୨,୬୦୦/- |
| ୫. | ମଦନ ମୋହନ ସାହୁ | OR22F1426 | Mahindra & Mahindra Tractor | ଟ.୧,୦୦,୦୦୦/- | ଟ.୧୦,୦୦୦/- |
| ୬. | ମାନସ କୁମାର ମହାପାତ୍ର | OR02BU9952 | Tata Indica V2 LS | ଟ.୫୦,୦୦୦/- | ଟ.୫,୦୦୦/- |
| ୭. | ପର୍ଶୁରାମ ସେଠୀ | OD04H7972 | Three Wheeler Passenger Auto Rickshaw | ଟ.୬୦,୦୦୦/- | ଟ.୬,୦୦୦/- |
| ୮. | ଶ୍ରୀକାନ୍ତ ପାଉଲ | OR04K7762 | Sonalika Tractor DI 740 | ଟ.୩୨,୦୦୦/- | ଟ.୩,୨୦୦/- |
| ୯. | ଶ୍ରୀମତୀ ଲକ୍ଷ୍ମୀପ୍ରିୟା ତରାଇ | OD33L6332 | Mahindra KUV 100K8 Petrol | ଟ.୩,୭୫,୦୦୦/- | ଟ.୩୭,୫୦୦/- |

ଠିକଣା ସହିତ ପାର୍କିଂ ସ୍ଥାନ (କ୍ର.ନଂ. ୧ ରୁ ୮ ନିମନ୍ତେ) :
ସା: ଲକ୍ଷ୍ମୀନାରାୟଣପୁର, ପୋ: କୋଦଣ୍ଡପୁର, ଜିଲ୍ଲା: ଯାଜପୁର, ଓଡ଼ିଶା, ପିନ୍-୭୫୫୦୨୯,
ଯୋଗାଯୋଗ : ଶ୍ରୀମତୀ ତୃପ୍ତିରାଣୀ ପତି, ମୋବାଇଲ ନଂ.: ୭୮୭୩୨୪୩୪୨୦/୯୭୭୬୯୧୯୫୪୪
ଠିକଣା ସହିତ ପାର୍କିଂ ସ୍ଥାନ (କ୍ର.ନଂ. ୯ ନିମନ୍ତେ) : ପ୍ରିୟଦର୍ଶିନୀ ଷ୍ଟକ୍ ୟାର୍ଡ, ସା: କେନ୍ଦ୍ରାପଡା ଛତା, ଜିଲ୍ଲା: କେନ୍ଦ୍ରାପଡା
ଯୋଗାଯୋଗ : ସୋମନାଥ ମହାନ୍ତି, ମୋବାଇଲ ନଂ. ୯୦୪୦୦୭୭୭୯୨

ଇ-ନିଲାମର ନିୟମ ଓ ସର୍ତ୍ତାବଳୀ ନିମ୍ନମତେ:

୧) ଇ-ନିଲାମ "ଯେଉଁଠାରେ ଯେପରି ଅଛି ଏବଂ ଯାହା ଯେପରି ଅଛି ଭିତ୍ତିରେ" ସମ୍ପନ୍ନ ହେବ।
୨) ଇ-ନିଲାମ ପୋର୍ଟାଲ **https://sbi.auctiontiger.net** ମାଧ୍ୟମରେ **ତା.୨୫.୦୧.୨୦୧୯ରିଖ ପୂର୍ବାହ୍ନ ୧୧.୦୦ ଘଟିକାରୁ ଅପରାହ୍ନ ୧.୦୦ ଘଟିକା** ମଧ୍ୟରେ ପ୍ରତ୍ୟେକଙ୍କ ପାଇଁ ଅସୀମିତ ବର୍ଦ୍ଧିତ ୫ ମିନିଟ୍ ସମୟ ସହିତ ଅନୁଷ୍ଠିତ ହେବ।
୩) ଆଗ୍ରହୀ ନିଲାମଧାରି ମାନେ ଇ-ନିଲାମର ପ୍ରକ୍ରିୟା, ନିୟମ ଏବଂ ସର୍ତ୍ତାବଳୀର ସବିଶେଷ ବିବରଣୀ ପାଇଁ ୱେବସାଇଟ୍ **https://sbi.auctiontiger.net** ଦେଖନ୍ତୁ ଏବଂ ଆବଶ୍ୟକୀୟ କାଗଜ ପତ୍ର ଡାଉନ୍‌ଲୋଡ୍ କରନ୍ତୁ। ଆଗ୍ରହୀ ନିଲାମଧାରୀ ସେବାପ୍ରଦାନକାରୀଙ୍କ ନିମ୍ନଦର୍ଶିତ ଯୋଗାଯୋଗ ନମ୍ବରରେ ସମ୍ପର୍କ କରନ୍ତୁ।
୪) କୌଣସି କାରଣ ବଶତଃ ଇ-ନିଲାମ ପ୍ରକ୍ରିୟାକୁ ବାତିଲ କରିବା ଏବଂ ଅମାନତ ରାଶି ଫେରସ୍ତ (ବିନା ସୁଧରେ) କ୍ଷମତାପ୍ରାପ୍ତ ଅଧିକାରୀଙ୍କ ସ୍ୱତନ୍ତ୍ର କ୍ଷମତାଭୁକ୍ତ ଅଟେ ଏବଂ ବ୍ୟାଙ୍କ ଏ ବିଷୟରେ ନିଲାମଧାରୀଙ୍କ ଠାରୁ କୌଣସି ଦାବୀ କିମ୍ବା ଆପତ୍ତି ଅଭିଯୋଗକୁ ପ୍ରଶ୍ରୟ ଦେବନାହିଁ।
୫) ଉପରଦର୍ଶିତ ସାରଣୀରେ ଦର୍ଶିତ ଅସ୍ଥାବର ସମ୍ପତ୍ତି(ଗାଡି)ର ସବିଶେଷ ବିବରଣୀ କ୍ଷମତାପ୍ରାପ୍ତ ଅଧିକାରୀ/ବ୍ୟାଙ୍କର ସର୍ବୋତ୍ତମ ସୂଚନା ଆଧାରରେ ପ୍ରଦତ୍ତ। ଏହି ସର୍ବସାଧାରଣ ନୋଟିସ୍‌ରେ କୌଣସି ତୃଟି-ବିଚ୍ୟୁତି, ଭୁଲ ବାଖ୍ୟା ନିମନ୍ତେ ବ୍ୟାଙ୍କ / କ୍ଷମତାପ୍ରାପ୍ତ ଅଧିକାରୀ ଦାୟୀ ରହିବେ ନାହିଁ।
୬) ଅମାନତ ରାଶି **RTGS/NEFT** ମାଧ୍ୟମରେ Account No.: **37608292514**, Name of the A/C: **SysSusp Br Parking**, Name of the Beneficiary: **State Bank of India, RBO, Region-IV, Jajpur Road**, IFSC Code No.: **SBIN0005115** କିମ୍ବା ଡ଼ିମାଣ୍ଡ ଡ୍ରାଫ୍ଟ ଯାହାକି ଯେ କୌଣସି ଜାତୀୟକରଣ ବ୍ୟାଙ୍କରୁ **"State Bank of India, RBO, Region-IV, Jajpur Road"**ଙ୍କ ସପକ୍ଷରେ ଯାଜପୁର ରୋଡ୍ ଠାରେ ଦେୟ ଦର୍ଶାଇ ପୈଠ କରି ତତ୍‌ସହିତ ବନ୍ଦ ଲଫାପାରେ ନିଲାମର ଅଂଶଗ୍ରହଣ ପତ୍ର ସହିତ **ତା.୨୪.୦୧.୨୦୧୯ରିଖ ଅପରାହ୍ନ ୫.୦୦ ଘଟିକା** ସୁଦ୍ଧା **ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, କ୍ଷେତ୍ରୀୟ ବ୍ୟବସାୟିକ କାର୍ଯ୍ୟାଳୟ, କ୍ଷେତ୍ର-୪, ଯାଜପୁର ରୋଡ୍, ଯାଜପୁର** ଠାରେ ପଇଠ କରିବା ଆବଶ୍ୟକ ଏବଂ ନିଲାମଧାରୀମାନେ ସେମାନଙ୍କ ନାମକୁ ୱେବସାଇଟ୍ **https://sbi.auctiontiger.net** ରେ ପଞ୍ଜୀକରଣ କରି **M/s E-procurement Technologies Ltd., Ahmedabad** ଠାରୁ **User ID** ଏବଂ **Password** ନିଶୁଳ୍କ ପ୍ରାପ୍ତ ହୁଅନ୍ତୁ ଏବଂ ସେଥିପାଇଁ ଯୋଗାଯୋଗ କରନ୍ତୁ: **07961200595, Toll Free No.: 18001035342, Mobile No. 9937220319, E-mail id: orissa@auctiontiger.net** ଅମାନତ ରାଶି ନିମନ୍ତେ ଚେକ୍ ଗ୍ରହଣ କରାଯିବ ନାହିଁ।

**ତାରିଖ: ୧୬.୦୧.୨୦୧୯, ସ୍ଥାନ: ଯାଜପୁର ରୋଡ୍**
**କ୍ଷମତାପ୍ରାପ୍ତ ଅଧିକାରୀ, ଭାରତୀୟ ଷ୍ଟେଟ୍ ବ୍ୟାଙ୍କ**

## ସଂକ୍ଷେପରେ

### ନାମାଚାର୍ଯ୍ୟ ଶ୍ରୀମଦ୍ ବାୟାବାବାଙ୍କ ରଥ ପରିକ୍ରମା



**ରାଜନଗର, ୧୬।୧ (ଡିଏନଏ):** ରାଜନଗର ମାଟିର ସନ୍ଥ ନାମାଚାର୍ଯ୍ୟ ଶ୍ରୀମଦ୍ ବାୟାବାବାଙ୍କ ପ୍ରଥମ ପ୍ରାଦେଶିକ ଭକ୍ତ ସମ୍ମିଳନୀ ଚଳିତବର୍ଷ ମାର୍ଚ୍ଚ ୮ ତାରିଖରୁ ୧୨ ତାରିଖ ଯାଏଁ ୫ଦିନ ଧରି ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମରେ ଓଡିଶାରେ ଥିବା ବାୟାବାବାଙ୍କ ସମସ୍ତ ମଠର ମଠାଧୀଶ ଓ ଭକ୍ତମାନେ ଅଂଶଗ୍ରହଣ କରିବେ। ପ୍ରଥମଥର ପାଇଁ ତାଙ୍କ ଜନ୍ମମାଟିରେ କରାଯାଉଥିବା ପ୍ରାଦେଶିକ ସମ୍ମିଳନୀ ପାଇଁ ଜନ୍ମପୀଠ ଉତ୍ସବମୁଖର ହୋଇଉଠିଛି। ମକରସଂକ୍ରାନ୍ତି ଠାରୁ ଏକ ସୁସଜ୍ଜିତ ରଥ ନାମ ସଂକୀର୍ତ୍ତନ ସହିତ ଗାଁକୁ ଗାଁ ପରିକ୍ରମା କରିବା ଆରମ୍ଭ କରିଛି। ବାଲିସାହିପାଟଣାସ୍ଥିତ ଶ୍ରୀ ଶଶୀଚନ୍ଦନ ଆଶ୍ରମରୁ ଏହି ରଥ ବାହାରି ପରିକ୍ରମା ଆରମ୍ଭ କରିଛି। ରାଜନଗର ଅଞ୍ଚଳର ଅଧିକରୁ ଅଧିକ ଭକ୍ତଙ୍କୁ ଏହି କାର୍ଯ୍ୟକ୍ରମରେ ସାମିଲ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ପ୍ରାଦେଶିକ ଭକ୍ତ ସମ୍ମିଳନୀ ନିମନ୍ତେ ଏକ ସ୍ମରଣିକା ପ୍ରକାଶ ପାଇଁ ନିଷ୍ପତ୍ତି ନିଆଯାଇଛି।

### ବିଜେଡି ସମ୍ପାଦକ ଭାବେ କେନ୍ଦ୍ରାପଡ଼ାର ୨ ବରିଷ୍ଠ ନେତା ମନୋନୀତ

**ଡେରାବିଶ, ୧୬।୧ (ସ୍ୱ.ପ୍ର.):** କେନ୍ଦ୍ରାପଡ଼ା ଜିଲା ତଥା ପାଟକୁରା ନିର୍ବାଚନ ମଣ୍ଡଳୀର ୨ ବରିଷ୍ଠ ନେତାଙ୍କୁ ବିଜେଡିର ସମ୍ପାଦକ ଭାବେ ମନୋନିତ କରାଯାଇଛି। ଦଳର ସୁପ୍ରିମୋ ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବରିଷ୍ଠ ନେତା ରବି ସାମଲ ଓ ସମବାୟବିତ୍ ପ୍ରମୋଦ କୁମାର ସାହୁଙ୍କୁ ମଙ୍ଗଳବାର ସମ୍ପାଦକ ଭାବେ ନିଯୁକ୍ତ କରିଛନ୍ତି। ଦଳୀୟ ଗଣମାଧମ ସଂଯୋଜକ ମାନସ ମଙ୍ଗରାଜ ଏ ସମ୍ପର୍କରେ ଏକ ପ୍ରେସ୍ ଇସ୍ତାହାରରେ ସୂଚନା ଦେଇଛନ୍ତି। ବରିଷ୍ଠ ନେତା ସାମଲ ପୂର୍ବରୁ ରାଜ୍ୟ ଯୁବ ବିଜେଡି ଉପସଭାପତି ଓ ରାଜ୍ୟ କାର୍ଯ୍ୟକାରିଣୀ କମିଟି ସଭ୍ୟ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ। ସେହିପରି କେନ୍ଦ୍ରାପଡ଼ା ଜିଲାର ପ୍ରମୋଦ ସାହୁ ଜଣେ କୃଷକ ନେତା ଭାବେ ପରିଚିତ। କୃଷି ଓ କୃଷକଙ୍କ ବିକାଶ ପାଇଁ ଉଦ୍ଦିଷ୍ଟ ବିଭିନ୍ନ ଜନକଲ୍ୟାଣ ଯୋଜନାକୁ ସେ ଚାଷୀଙ୍କ ନିକଟରେ ପହଞ୍ଚାଇଥାନ୍ତି। ଦଳୀୟ ସମ୍ପାଦକ ଭାବେ ମନୋନିତ ହେବା ପରେ ବହୁ କର୍ମୀ ବରିଷ୍ଠ ନେତା ସାମଲ ଓ ସାହୁଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ପଟ୍ଟାମୁଣ୍ଡାଇ ଏମ୍‌ଏନ୍ ହାଇସ୍କୁଲ ପ୍ଲାଟିନମ ଜୁବିଲି ଉତ୍ସବ

# 'ଶିକ୍ଷା ଅନ୍ଧକାର ଦୂର କରି ଆଲୋକ ଦେଖାଏ'

**ପଟ୍ଟାମୁଣ୍ଡାଇ, ୧୬।୧ (ସ୍ୱ.ପ୍ର)**

ଶିକ୍ଷାନୁଷ୍ଠାନରେ ପ୍ରବେଶ କଲେ ଶିକ୍ଷା ହିଁ ମିଳିଥାଏ । ଶିକ୍ଷା ଲାଭ ଦ୍ୱାରା ଜୀବନ ସାର୍ଥକ ହୋଇଥାଏ । ଅସତ୍ୟ ଉପରେ ସତ୍ୟର ବିଜୟ, ଅନ୍ୟାୟ ଉପରେ ନ୍ୟାୟର ବିଜୟ କେବଳ ଶିକ୍ଷା ଦ୍ୱାରା ହିଁ ସମ୍ଭବ ହୋଇଥାଏ । ଶିକ୍ଷା ଅନ୍ଧକାରକୁ ଦୂରେଇ ଦେଇ ଆଲୋକର ମାର୍ଗ ଦେଖାଇଥାଏ ବୋଲି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ମତ ପ୍ରକାଶ କରିଛନ୍ତି।

ପଟ୍ଟାମୁଣ୍ଡାଇ ଅଞ୍ଚଳର ସର୍ବ ପୁରାତନ ମନ୍ମଥନାଥ ଉଚ୍ଚ ବିଦ୍ୟାଳୟର ୭୫ ବର୍ଷ ପୂର୍ତ୍ତି ଉପଲକ୍ଷେ ବୁଧବାର ଆୟୋଜିତ ପ୍ଲାଟିନମ ଜୁବିଲି ଉତ୍ସବରେ ରାଜ୍ୟପାଳ ଲାଲ୍ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ ସେ ଆହୁରି କହିଥିଲେ ଯେ, ଆମେ ସମସ୍ତେ ସମାନ ଏ ଭାବନା ସମସ୍ତଙ୍କ ମନରେ ରହିବା ଉଚିତ । ସମାନତା ଆମକୁ ଏକତାର ସୂତ୍ରରେ ବାନ୍ଧି ରଖିଥାଏ । ଏହା ଆମକୁ ଦେଶ ଓ ଜାତିର ଉନ୍ନତି ପାଇଁ ଠିକ୍ ମାର୍ଗରେ ପରିଚାଳିତ କରିପାରିବ ବୋଲି ସେ କହିଥିଲେ । ଏହି ଉତ୍ସବରେ ପରମହଂସ ପ୍ରଜ୍ଞାନାନନ୍ଦ ମହାରାଜ ମୁଖ୍ୟବକ୍ତା ଭାବେ ଯୋଗଦେଇ ପ୍ରଥମେ ଆମେ ନିଜ ବିଦ୍ୟାଳୟ ଓ ନିଜ



ମୁଖ୍ୟ ଅତିଥି ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି।

ଅଞ୍ଚଳକୁ ଭଲ ପାଇଲେ ଉନ୍ନତି କରି ପାରିବା ବୋଲି କହିଥିଲେ । କେନ୍ଦ୍ର ତୈଳ ଓ ପ୍ରାକୃତିକ ଗ୍ୟାସ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କହିଥିଲେ ଯେ, ପଟ୍ଟାମୁଣ୍ଡାଇ ସମ୍ପର୍କରେ ପ୍ରଥମେ ଦିଲ୍ଲୀସ୍ଥିତ ଜଗନ୍ନାଥ ମନ୍ଦିର ପରିଚାଳନା କରୁଥିବା ବ୍ୟକ୍ତିମାନଙ୍କ ଠାରୁ ଜାଣିଲି । ସାରା ବିଶ୍ୱରେ ପଟ୍ଟାମୁଣ୍ଡାଇର ପାଣି ପାଇପ ମିସ୍ତ୍ରୀମାନେ ଏହି ଅଞ୍ଚଳର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା ବେଳେ ସର୍ବ ପୁରାତନ ଏହି ହାଇସ୍କୁଲ ଆଗାମୀ ଦିନରେ ଅଞ୍ଚଳକୁ ଆହୁରି ଆଗେଇ ନେବ ବୋଲି କେନ୍ଦ୍ରମନ୍ତ୍ରୀ ପ୍ରକାଶ କରିଥିଲେ । ସ୍ଥାନୀୟ ବିଧାୟକ ଅଂଶୁମାନ ମହାନ୍ତି ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ପଟ୍ଟାମୁଣ୍ଡାଇ ଅଞ୍ଚଳବାସୀଙ୍କ ସହିତ ମୋର ସମ୍ପର୍କ ଅତି ନିବିଡ । ଆଗାମୀ ଦିନରେ ଏହି ଶିକ୍ଷାନୁଷ୍ଠାନର ଉନ୍ନତି ପାଇଁ ମୋର ଉଦ୍ୟମ ଜାରି ରହିବ ବୋଲି କହିଥିଲେ । ଏହି ଅବସରରେ ପ୍ଲାଟିନମ ଜୁବିଲି ମୁଖପାତ୍ର ଏମଏନଭିଆର ଉନ୍ମୋଚିତ ହୋଇଥିଲା । ଉତ୍ସବରେ ପୁରାତନ ଛାତ୍ର ସଂଗଠନର ସଭାପତି ପ୍ରଫେସର ଅନିରୁଦ୍ଧ ରାଉଳ ସଭାପତିତ୍ୱ କରିଥିଲେ । ସଂଗଠନର ସାଧାରଣ ସମ୍ପାଦକ ଡ. ବୈଷ୍ଣବ ଚରଣ ସିଂହ ମର୍ଯ୍ୟାଦା ସମ୍ପନ୍ନ ଏହି ଉଚ୍ଚ ବିଦ୍ୟାଳୟର ଐତିହ୍ୟ ପରମ୍ପରା ବଜାୟ ରଖିବା ପାଇଁ କହିଥିଲେ । ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ଆରାଧନା ଦାଶ ବିଦ୍ୟାଳୟର ବିଭିନ୍ନ ସମସ୍ୟା ସଂପର୍କରେ କହିଥିଲେ ।

ଅପରାହ୍ନ ୫ଟା ୩୫ମିନିଟରେ ରାଜ୍ୟପାଳ ଏମଏନ ହାଇସ୍କୁଲ ଠାରେ ପହଞ୍ଚିବା ମାତ୍ରେ ଜୁବୁଲୀ କମିଟି ପକ୍ଷରୁ ତାଙ୍କୁ ସ୍ୱାଗତ କରାଯାଇଥିଲା । ହାଇସ୍କୁଲ ପରିସରରେ ମୁଖ୍ୟଅତିଥି ରାଜ୍ୟପାଳ ଲାଲ୍ ପ୍ଲାଟିନମ ଜୁବୁଲୀ ଫଳକ ଉଦ୍‌ଘାଟନ କରିଥିଲେ । ଏହାଛଡା ଚିତ୍ରକଳା ଶିକ୍ଷକ ରମେଶ କୁମାର ଦେଙ୍କ ତତ୍ତ୍ୱାବଧାନରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ପ୍ରଦର୍ଶିତ ଚିତ୍ରକଳା ପ୍ରଦର୍ଶନୀ ପରିଦର୍ଶନ କରିଥିଲେ । ଜୁବିଲି ଉତ୍ସବକୁ ଆନୁଷ୍ଠାନିକ ଭାବେ ରାଜ୍ୟପାଳଙ୍କ ସହିତ ଅନ୍ୟଅତିଥିମାନେ ଉଦ୍‌ଘାଟନ କରିଥିଲେ । ଶେଷରେ କମିଟି କୋଷାଧକ୍ଷ ଗୋପୀନାଥ ତ୍ରିପାଠୀ ଧନ୍ୟବାଦ ଦେଇଥିଲେ। ଏହି ଉତ୍ସବରେ ପୁରାତନ ଛାତ୍ର ସଙ୍ଗଠନ, ପୁରାତନ ଓ ଅଧ୍ୟୟନରତ ଛାତ୍ରୀଛାତ୍ର, ଶିକ୍ଷୟିତ୍ରୀ ଶିକ୍ଷକ, ଶିକ୍ଷାବିତ୍, ବୁଦ୍ଧିଜୀବୀ ଓ ପ୍ରଶାସନିକ ଅଧିକାରୀମାନେ ଯୋଗ ଦେଇଥିଲେ । ଏସଡିପିଓ ରଞ୍ଜନ କୁମାର ଦେ, ଆଇଆଇସି ପ୍ରମୋଦ କୁମାର ମଲିକଙ୍କ ସମେତ ଅନ୍ୟ ପୋଲିସ ଅଧିକାରୀମାନେ କଡା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିଥିଲେ। ଶେଷରେ ସ୍ଥାନୀୟ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା । ଏହି ଉତ୍ସବ ଆସନ୍ତା ଶୁକ୍ରବାର ଉଦ୍‌ଯାପିତ ହେବ ।

# ବାବା ସପନେଶ୍ୱର କ୍ରିକେଟ: ରାଜନଗର ଚାମ୍ପିୟନ

**ରାଜନଗର, ୧୬।୧**

ରାଜନଗରଠାରେ ଚାଲିଥିବା ବାବା ସପନେଶ୍ୱର କ୍ରିକେଟ ଟୁର୍ନାମେଣ୍ଟରେ ରାଜନଗରର ଷ୍ଟାର ଷ୍ଟ୍ରିଟ୍ କ୍ରିକେଟ ଚାମ୍ପିୟନ ହୋଇଛି। ଫାଇନାଲ ମ୍ୟାଚ୍‌ରେ ପଟ୍ଟାମୁଣ୍ଡାଇର ୟୁକେ ମହାବୀର ଟିମକୁ ୩ ଉଇକେଟରେ ହରାଇ ରାଜନଗର ଦଳ ଟାଇଟଲ ହାସଲ କରିଛି। ଟସ ଜିତି ପଟ୍ଟାମୁଣ୍ଡାଇ ପ୍ରଥମେ ବ୍ୟାଟିଂ କରି ୧୬.୩ ଓଭରରେ ସମସ୍ତ ଉଇକେଟ ହରାଇ ୧୩୪ ରନ କରିଥିଲା। ଜବାବରେ ରାଜନଗର ୧୭.୩ ଓଭରରେ ୭ ଉଇକେଟ ହରାଇ ୧୩୫ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ରାଜନଗରର ଚିତ୍ତରଂଜନ ନାୟକ ୩୦ ରନ କରିବା ସହ ୨ଟି ଉଇକେଟ ନେଇଥିବାରୁ ମ୍ୟାନ ଅଫ ଦି ମ୍ୟାଚ ଓ ମ୍ୟାନ୍ ଅଫ ଦ ସିରିଜ ବିବେଚିତ ହୋଇଥିଲେ। ୧୦ଦିନ ଧରି ଚାଲିଥିବା ଏହି ଟୁର୍ନାମେଣ୍ଟରେ ଜିଲାର ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ବୁଧବାର ଉଦ୍‌ଯାପନୀ ଉତ୍ସବରେ କେନ୍ଦ୍ରାପଡା ଜିଲା ବିଜେଡି ସଭାପତି ଧ୍ରୁବ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ସହ ୮ହଜାର ଓ ରନର୍ସଅପ ଦଳକୁ ଟ୍ରଫି



ମୁଖ୍ୟ ଅତିଥି ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି।

ସହ ୫ହଜାର ଟଙ୍କା ପ୍ରଦାନ କରିଥିଲେ। ଆୟୋଜକ ସପନେଶ୍ୱର କ୍ରିକେଟ କ୍ଲବର ସଭାପତି ଦୀପକ କୁମାର ସେଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ସାହୁଙ୍କ ସହ ବ୍ଲକ ବିଜେଡି ସଭାପତି ଅଶୋକ କୁମାର ପ୍ରତିହାରୀ, ଯୁବବିଜେଡି ସଭାପତି ପାରେଶ୍ୱର ନାୟକ, ଜିଲା ପରିଷଦ ସଭ୍ୟ ରବୀନ୍ଦ୍ର କୁମାର ସେଠୀ, ଛାତ୍ର ବିଜେଡି ସଭାପତି ସତ୍ୟବ୍ରତ ପାଣି, ଯୁବନେତା ବାଇଧର ସେଠୀ, ନରହରି ଜେନା, ଗଙ୍ଗାଧର ସେଠୀ, ତପନ କୁମାର ବଳ, ଆର୍ତ୍ତବନ୍ଧୁ ମହାନ୍ତି, ଅନାଥ ପ୍ରଧାନ, ଚିତ୍ତରଂଜନ ଦାସ, ରବୀନ୍ଦ୍ର ମଲିକ, ସୁନୀଲ ପ୍ରଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ଆୟୋଜକ କ୍ଲବର ଅନ କୁମାର ସେଠୀ, ନିର୍ମଳ କୁମାର ସେଠୀଙ୍କ ସହିତ ସଦସ୍ୟମାନେ ପରିଚାଳନା କରିଥିଲେ।

## ମିନି ମାରାଥନ୍ ଜର୍ସି ଉନ୍ମୋଚିତ

**ରାଜକନିକା, ୧୬।୧ (ଡି.ଏନ୍.ଏ.)**

ରାଜକନିକା ବ୍ଲକ ଅନ୍ତର୍ଗତ ତରାସ ନେତାଜୀ କ୍ଲବପକ୍ଷରୁ ଜାନୁୟାରୀ ୨୩ରେ ନେତାଜୀ ଜୟନ୍ତୀ ପାଳନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଛି । ଏହି ଅବସରରେ ପୂର୍ବାହ୍ନରେ ସ୍ଥାନୀୟ ଜୟନଗରଘାଟଠାରୁ ରାଜକନିକାର ମିନିଷ୍ଟାଡ଼ିୟମ ପର୍ଯ୍ୟନ୍ତ ମିନି ମାରାଥନ୍ ଆୟୋଜନ କରାଯିବ। ଏନେଇ ନେତାଜୀ କ୍ଲବ ପରିସରରେ ମଙ୍ଗଳବାର ମାରାଥନ ଜର୍ସି ଉନ୍ମୋଚନ କରାଯାଇଛି । କ୍ଲବର ସଭାପତି ଦେବଜ୍ୟୋତି ଜେନାଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସରପଞ୍ଚ ବାସୁଦେବ ବିଶ୍ୱାଳ, ସମ୍ପାଦକ ଶୁଭ୍ରଜ୍ୟୋତି ବିଶ୍ୱାଳ, ଆଥଲେଟିକ ସମ୍ପାଦକ ବିଶ୍ୱପ୍ରକାଶ ନାୟକ ପ୍ରମୁଖ ଯୋଗଦେଇଥିଲେ। ଚଳିତବର୍ଷ ଓଡ଼ିଶୀ ରାଇସ ମିଲ ଏହି ମିନି ମାରାଥନର ପ୍ରାୟୋଜକ ଭାବେ ସହଯୋଗ କରୁଛି। ଏଥିରେ ଅଂଶଗ୍ରହଣ କରିବା ପାଇଁ ରାଜକନିକାର କନିକା ସ୍ପୋର୍ଟସରେ ନାମ ପଞ୍ଜୀକରଣ କରାଯାଉଛି। ମାରାଥନ୍‌ର ବିଜେତାମାନଙ୍କୁ ବିଭିନ୍ନ ପୁରସ୍କାର ରାଶି ଦିଆଯିବ ବୋଲି କ୍ଲବ ପକ୍ଷରୁ ଘୋଷଣା କରାଯାଇଛି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଉଇ, ଓଡ଼ଶ, ପିମ୍ପୁଡ଼ି, ମଶା**
**ଏ ଚାରିଜାତି ଭାଙ୍ଗନ୍ତି ବସା ।**

ଉଇ, ଓଡ଼ଶ, ପିମ୍ପୁଡ଼ି ଓ ମଶା ଭଳି କୀଟପତଙ୍ଗ ସବୁବେଳେ ଭୀତତ୍ରସ୍ତ ଅବସ୍ଥାରେ ରହିଥାନ୍ତି। ଗୋଟିଏ ସ୍ଥାନରୁ ତଡ଼ିଦେଲେ ଅନ୍ୟସ୍ଥାନରେ ବସା ବାନ୍ଧିଥାନ୍ତି। ଏହି ଚାରିଜାତି କେତେବେଳେ କେଉଁ ବସା ଗଢ଼ନ୍ତି ବା ଭାଙ୍ଗନ୍ତି ତା'ର ହିସାବ କେବଳ ତାଙ୍କୁ ହିଁ ଜଣା। ଏମାନଙ୍କ ଦାଉରେ ମଣିଷ ଅସ୍ତବ୍ୟସ୍ତ ହୋଇଯିବା ସହ ସୁଖଶାନ୍ତିରେ ରହି ପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଉଣା ହିଡ଼ ଯେଉଁଠି,**
**ଜଳ ଗଡ଼େ ସେଇଠି ।**

ପାଣିର ଧର୍ମ ଉଚ୍ଚ ସ୍ଥାନରୁ ନୀଚ ସ୍ଥାନକୁ ବହି ଚାଲିବା। ଯେଉଁଠି ଗଡ଼ାଣିଆ ବା ଖାଲିସ୍ଥାନ ରହିଥାଏ ସେହି ଆଡ଼କୁ ପାଣି ସହଜରେ ଗଡ଼ିଆସିଥାଏ। ଅନ୍ୟ ଅର୍ଥରେ ଦୁର୍ବଳତାର ସୁଯୋଗ ନେଇ ଆଧିପତ୍ୟ ବିସ୍ତାର କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ମଣିଷ ହୃଦୟବାନ୍ ହେଲେ ସମାଜ ଶୃଙ୍ଖଳିତ ହେବ

**କେନ୍ଦ୍ରାପଡ଼ା ଅଫିସ, ୧୬।୧**

କେନ୍ଦ୍ରାପଡା ବ୍ଲକ ବଗଡାସ୍ଥିତ ସିଦ୍ଧ ମରିଚାଣୀ ଉଚ୍ଚ ବିଦ୍ୟାପୀଠର ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ରାଜ୍ୟପାଳ ଗଣେଶି ଲାଲ୍ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏଠାରେ ରାଜ୍ୟପାଳ କହିଥିଲେ ଯେ, ବିଜ୍ଞାନ ସହିତ ମଣିଷ ବଞ୍ଚିବା ଆବଶ୍ୟକ। ମଣିଷ ଖୋଲା ହୃଦୟ ଓ ଦୟାବାନ ହେଲେ ସମାଜକୁ ଶୃଙ୍ଖଳିତ କରିହେବ। ବିଜ୍ଞାନ ଦ୍ୱାରା କିଛି ଘଟଣା ଜାଣିହୁଏ। ତେବେ ବିଚାର ଦ୍ୱାରା ସାମାଜିକ ବନ୍ଧନ ସୁଦୃଢ଼ ହୁଏ। ବିଦ୍ୟାଳୟର ପୁରାତନ ଛାତ୍ର ଅକ୍ଷୟ କୁମାର ପାଣିଙ୍କ ସଞ୍ଚାଳନାରେ ଅନୁଷ୍ଠିତ ଏହି ଉତ୍ସବରେ ବରିଷ୍ଠ ନେତା ପ୍ରତାପ ଷଡ଼ଙ୍ଗୀ, କେନ୍ଦ୍ରାପଡ଼ା ବିଧାୟକ କିଶୋର ଚନ୍ଦ୍ର ତରାଇ, ଜିଲାପାଳ ଦାଶରଥି ଶତପଥୀ, ନାଟ୍ୟକାର ହର ବାରିକ, ସୁବର୍ଣ୍ଣ ଜୟନ୍ତୀ କମିଟି ସଭାପତି ଭଜକୃଷ୍ଣ ରାଉତ, ପ୍ରଧାନ ଶିକ୍ଷକ ଅମୁଲ୍ୟ ନାୟକ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ପୂର୍ବତନ ପ୍ରଧାନଶିକ୍ଷକ ବ୍ରଜ କିଶୋର ବିଶ୍ୱାଳ, ଭଜକୃଷ୍ଣ ରାଉତ ଓ ଦିବାକର ଜେନାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉତ୍ସବକୁ ସମ୍ପାଦକ ସୁକାନ୍ତ କୁମାର ଜେନା, ସ୍ମୃତିରଞ୍ଜନ ଜେନା ପ୍ରମୁଖ ପରିଚାଳନା କରିଥିଲେ। ସେହିପରି ସହରର ମେଡିକାଲ ଛକଠାରେ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ପକ୍ଷରୁ ସ୍ଥାପିତ ଭାରତର ପୂର୍ବତନ ରାଷ୍ଟ୍ରପତି ଡା. ଏପିଜେ ଅବଦୁଲ କଲାମଙ୍କ ପ୍ରତିମୂର୍ତ୍ତିକୁ ରାଜ୍ୟପାଳ ଅନାବରଣ କରିଥିଲେ। ସଂଘର ହେମନ୍ତ ଜେନା, କୁଞ୍ଜବିହାରୀ ସାହୁ, ଗୋପିନାଥ ବାରିକ, ହିରଣ୍ୟ କୁମାର ପଣ୍ଡା, ତ୍ରୈଲୋକ୍ୟ ଚରଣ ସ୍ୱାଇଁ, ରବୀନ୍ଦ୍ର ନାଥ ରଥ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।


**+PILES CLINIC+**
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ଭଗନ୍ଦର (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE — * GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**FINANCE**
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

**ମୁଦ୍ରିକା ଫାଇନାନ୍ସ ଲୋନ**
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508
3rd Floor, D. N. Enclave, Meerut, U.P.

**LOAN**
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

**LOAN**
ଆପଣ ବେରୋଜଗାରିଆ କି? ଏବେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ କମ୍ ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି। ଅଧିକ ଜାଣିବା ପାଇଁ ଯୋଗାଯୋଗ:-
B-19, Moti Bagh, New Delhi
7064382081
8658167603

**FINANCE**
ଘରେ ବସି ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସୋନାଲ, ବିଜିନେସ୍ ଋଣ ମାତ୍ର ୭ ଦିନ ମଧ୍ୟରେ 4% ସୁଧରେ South Asian Finance ଠାରୁ ଋଣ ପାଆନ୍ତୁ।
ମହିଳାମାନଙ୍କ ପାଇଁ ବିଶେଷ ରିହାତି
Email: loanasian@gmail.com
M.G. Road, Bangalore
8658340105

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

**ଡିଜିଟାଲ ଉପକରଣ -କମ୍ପାନୀ- SMS JOB**
ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲ୍‌ଟାଇମ୍ ରୋଜଗାର କରନ୍ତୁ 15000ରୁ 25000 ମାସିକ ଲାପ୍‌ଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
BUKAR, MALEPUR, JAMUI, BIHAR-811313
9065013355, 9162431749

**GET INSTANT CASH AGAINST GOLD**
GOLD CASH
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

**BISWAJIT FINANCE**
Biswajit Financeରେ ସମସ୍ତ ପ୍ରକାର Loan ମିଳିବ। Personal, Business, ଗୃହ, ଶିକ୍ଷା, Certificate, Property ଓ କୃଷି।
ସୁଧ 1% ରେ Loan ପାଆନ୍ତୁ
7750922443
7077432760
AT/PO: Jambhirai, Baleswar, Odisha- 756024

**!!ଋଣ ଋଣ ଋଣ!! ସାଇ ଫାଇନାନ୍ସ**
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

**MAHENDAR FINANCE**
• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
8860754476
7838556518
Block Chack, Balasore-756027

**GTL Telecom Network Company**
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - ୨୦ ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ଗୋଟିଏ ଚାକିରି, ମାଗଣା ମୋବାଇଲ, ବାଇକ୍। ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office G-79 Aadrsh Nagar Krolbagh
Contact:- 8676907143
7050017585

**CO-OPERATIVE INADIA**
Co-Operative India ଦ୍ୱାରା P.M.J.S.Y. ର ଲାଭ ଆଧାର କାର୍ଡଧାରୀ ମାନଙ୍କୁ ଦିଆଯାଉଛି । ଏହି ଯୋଜନା ଦ୍ୱାରା ବର୍ଷକୁ 2% ସୁଧ ଏବଂ ସହଜ ମାସିକ କିସ୍ତି ସହ ସମସ୍ତ ପ୍ରକାର ଲୋନ ନେଇ ଆପଣଙ୍କ ଆବଶ୍ୟକତାକୁ ପୂରଣ କରନ୍ତୁ । ବି.ଦ୍ର.- ପୁରୁଷ ମାନଙ୍କୁ 20% ଏବଂ ମହିଳା ମାନଙ୍କୁ 30% ସବସିଡି ମିଳିବ ।
Address: Ameerpt, Hyderabad, Pin- 5000106 ( Telangana)
7787907927
7787922501
9319932148
Email id- pmjansamridhi@gmail.com

**BIKASA FINANCE**
Bikasa Finance କମ୍ପାନୀଠାରୁ ସମସ୍ତ ପ୍ରକାର Loan କମ୍ ସୁଧରେ ପାଆନ୍ତୁ। ମାର୍କଶିଟ୍, ପର୍ସନାଲ, Business, ଗୃହ, ଶିକ୍ଷା, କୃଷି, ଗାଈ ଓ ଛେଳି ଇତ୍ୟାଦି, 1% ସୁଧ 7 ଦିନ ମଧ୍ୟରେ।
M: 7381973695
8480304782
ବାବାଜୀପଡ଼ା, ପାଟଣାଗଡ଼, ବଲାଙ୍ଗୀର, ପିନ: ୭୬୭୦୨୫

**୧୨୫୨ରୁ ସହସ୍ରାଧିକଙ୍କୁ ଲାଭ**
**ପ୍ରଫେସର ବିପି ଖନ୍ନା**
ତନ୍ତ୍ର-ମନ୍ତ୍ର ଅନୁଭବୀ PhD ଜ୍ୟୋତିଷ କାଳୀ ମହାବିଦ୍ୟାର ତପସ୍ୱୀ ତାନ୍ତ୍ରିକ
(ପ୍ରେମବିବାହର 1757 କେସ୍ ସଫଳ)
ମହାବଶୀକରଣ, ପ୍ରେମରେ ଧୋକା, ସଉତୁଣୀ ଶତ୍ରୁ, ଗୃହକ୍ଲେଶ, ଯାଦୁ-ଟୋନା, ସନ୍ତାନ ବାଧା
'ଠକ ବଙ୍ଗାଳି ମୌଲବୀ ବାବାଙ୍କ ପ୍ରତି ସାବଧାନ'
'ଘଣ୍ଟା-ମିନିଟ୍‌ରେ ନିଦାନର ଦାବି ଧୋକା ଅଟେ'
ହ୍ୱାଟ୍‌ସଆପ୍/Call: 09198771709
MAHAKALI TANTRA SADHANA KENDRA UTTRAKHAND
ସବୁଆଡ଼ୁ ନିରାଶ ବ୍ୟକ୍ତି ସମ୍ପୂର୍ଣ୍ଣ ସମାଧାନ ପାଆନ୍ତୁ


**ପାଠକଙ୍କ ପାଇଁ ସୂଚନା**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ମହ୍ଲାସାହିରେ ବ୍ରାହ୍ମଣ ସମାଜ ବୈଠକ

**କୁଜଙ୍ଗ,୧୬।୧(ସ୍ୱ.ପ୍ର.):** କୁଜଙ୍ଗ ବ୍ଲକ ମହ୍ଲାସାହି ଗ୍ରାମରେ ବ୍ରାହ୍ମଣ ସମାଜର ଏକ ବୈଠକ ଅନୁଷ୍ଠିତ ହୋଇଛି। ସଭାପତି ରବୀନ୍ଦ୍ର ନାଥ ପାଣିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଉପଦେଷ୍ଟା ତଥା ମାର୍ଗଦର୍ଶକ ବଲ୍ଲଭ ଚରଣ ପାଣି ମୁଖ୍ୟ ଅତିଥିଭାବେ ଯୋଗଦେଇ ସେମାନଙ୍କ ପିଲାମାନେ ଶିକ୍ଷିତ ହୋଇ ମଧ କିପରି ସରକାରୀ ସୁବିଧାରୁ ବଞ୍ଚିତ ହେଉଛନ୍ତି ସେ ସମ୍ପର୍କରେ କହିଥିଲେ। ଅନ୍ୟପକ୍ଷରେ ଏହି ସମାଜର ବିଭିନ୍ନ ଆର୍ଥିକ ତଥା ସାମାଜିକ ସମସ୍ୟା ଦିଗରେ ପାଣି ଆଲୋକପାତ କରିଥିଲେ। ଶିକ୍ଷାବିତ ବଳରାମ ଦାଶ, ରବୀନ୍ଦ୍ରନାଥ କର, ଧ୍ରୁବଚରଣ ପାଣି, କାର୍ଯ୍ୟକାରୀ ସଭାପତି ନିର୍ମଳଚନ୍ଦ୍ର ପାଣି, ସମ୍ପାଦକ ଅନନ୍ତ ଚରଣ ପାଣି, ସଙ୍ଗଠନ ସମ୍ପାଦକ ମନୋରଞ୍ଜନ ପାଣି, ଅନ୍ୟତମ ଉପଦେଷ୍ଟା ଡ. ଦିଲୀପ କୁମାର ପାଣି, କୋଷାଧ୍ୟକ୍ଷ ଅଜୟ କୁମାର ଦାଶ, କୃପାସିନ୍ଧୁ ପାଣି, ଗଣେଶ କୁମାର ପାଣି, ବିଶ୍ୱମ୍ଭର ପଣ୍ଡା, ବିଜୟ କୁମାର ପଣ୍ଡା, ପ୍ରଦୀପ୍ତ କୁମାର ପାଣି ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଆସନ୍ତା ବୈଠକ ସାଧାରଣତନ୍ତ୍ର ଦିବସରେ ଅନୁଷ୍ଠିତ ହେବ ବୋଲ ନିଷ୍ପତ୍ତି ହୋଇଥିଲା।

### ବାଲିଘର ବାର୍ଷିକୋତ୍ସବ ୩ରେ

**ତିର୍ତ୍ତୋଲ,୧୬।୧(ଡି.ଏନ.ଏ.):** ପଣ୍ଡୁଆ ପଞ୍ଚାୟତର ମୁଣ୍ଡିଦା ଗ୍ରାମରୁ ଦୀର୍ଘ ୨୯ ବର୍ଷ ଧରି ପ୍ରକାଶ ପାଇଆସୁଥିବା ବାଲିଘର ଶିଶୁପତ୍ରିକା ଓ ବାଲିଘର ସାହିତ୍ୟ ସଂସ୍କୃତି ପ୍ରତିଷ୍ଠାନର ୨୯ ତମ ବାର୍ଷିକୋତ୍ସବ ଆସନ୍ତା ୩ ତାରିଖରେ ଅନୁଷ୍ଠିତ ହେବ। ଏହି ଅବସରରେ ପୂର୍ବାହ୍ନ ୧୦ଟାରେ କବିତା ପାଠୋତ୍ସବ ଓ ୧୨ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଆଲୋଚନାଚକ୍ର ହେବ ବୋଲି ଅନୁଷ୍ଠାନ ପକ୍ଷରୁ କୁହାଯାଇଛି। ଏଥିସହ ବାଲିଘର ବାର୍ଷିକ ସଂଖ୍ୟା ଉନ୍ମୋଚନ, ପୁସ୍ତକ ଉନ୍ମୋଚନ, ପ୍ରତିଭାଧାରୀ ବ୍ୟକ୍ତିଙ୍କୁ ସମ୍ବର୍ଦ୍ଧନା, ଛାତ୍ରୀଛାତ୍ରଙ୍କୁ ପୁରସ୍କାର ବିତରଣ କରାଯିବ। ଏହି ସାରସ୍ୱତ ସମାରୋହରେ ସମସ୍ତ କବି, ଲେଖକ, ସାହିତ୍ୟ, ସଂସ୍କୃତି ଅନୁରାଗୀ ଯୋଗଦେବେ ବୋଲି ଏକ ବୈଠକରେ କୁହାଯାଇଛି। ଏଥିରେ ବାଲିଘର ସଭାପତି ଅଜୟ କୁମାର ବେହେରା, ସମ୍ପାଦକ କୈଳାସ ଚନ୍ଦ୍ର ସ୍ୱାଇଁ, ଉପସଭାପତି ଅବସରପ୍ରାପ୍ତ ପ୍ରାଧାପିକା ଡ. ବିଷ୍ଣୁପ୍ରିୟା ଦାସ ପ୍ରମୁଖ ଉପସ୍ଥିତ ଥିଲେ।

### ଡଙ୍ଗାବୁଡ଼ି ମୃତକଙ୍କୁ ଶ୍ରଦ୍ଧାଞ୍ଜଳି

**କୁଜଙ୍ଗ,୧୬।୧(ସ୍ୱ.ପ୍ର.):** ନିପାଣିଆ ଡଙ୍ଗାବୁଡି ଘଟଣାରେ ମୃତକଙ୍କ ଉଦ୍ଦେଶ୍ୟରେ ମଙ୍ଗଳବାର ସ୍ଥାନୀୟ ୧୫ନମ୍ବର ସ୍ଥିତ ଦୀନବନ୍ଧୁ ଏକାଡେମୀ ପକ୍ଷରୁ ମହମବତୀ ଶୋଭାଯାତ୍ରା ଓ ଶ୍ରଦ୍ଧାଞ୍ଜଳି ସଭା କରାଯାଇଛି। ଏକାଡେମୀ ଅଧ୍ୟକ୍ଷ ରଜତ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଛାତ୍ରୀଛାତ୍ର ଓ ଜନସାଧାରଣ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷକ ଅନଙ୍ଗ କୁମାର ମହାପାତ୍ର, ଚିନ୍ମୟ ରଘୁନାଥ ତ୍ରିପାଠୀ, ପପୁନ୍ କୁମାର ତରାଇ, ନିଳିମା ସେଠୀ, ସୁଧାକର ବିଶ୍ୱାଳ, ଜୀବନ ସେଠୀ ପ୍ରମୁଖ ପରିଚାଳନା କରିଥିଲେ। ସ୍ଥାନୀୟ ବଳଦେବଜୀଉ ଯୁବକ ସଂଘ ସଭ୍ୟମାନେ କାର୍ଯ୍ୟକ୍ରମରେ ସହାୟତା କରିଥିଲେ।

### ହିତାଧିକାରୀଙ୍କୁ ଏଲ୍‌ଇଡି ବଲ୍ବ ପ୍ରଦାନ

**ତିର୍ତ୍ତୋଲ,୧୬।୧(ଡି.ଏନ.ଏ.):** ତିର୍ତ୍ତୋଲ ବ୍ଲକ ଗରାମ ପଞ୍ଚାୟତ କାର୍ଯ୍ୟାଳୟରେ ବୁଧବାର ଆମ ଘରେ ଏଲଇଡି ଯୋଜନାରେ ୧୦୦ ହିତାଧିକାରୀଙ୍କୁ ଏଲଇଡି ବଲ୍ବ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ପୂର୍ବତନ ସରପଞ୍ଚ ଡା.କିଶୋର କୁମାର ସାହୁ ସଭାପତିତ୍ୱ କରିଥିଲେ। ତିର୍ତ୍ତୋଲ ବିଡିଓ ରଞ୍ଜନ କୁମାର ପରିଡ଼ା ମୁଖ୍ୟ ଅତିଥି ଭାବେ ଯୋଗଦେଇ ହିତାଧିକାରୀଙ୍କୁ ବଲ୍ବ ବଣ୍ଟନ କରିଥିଲେ। ସରପଞ୍ଚ ବନଜା ବାସିନୀ ଦାସ, ସମିତି ସଭ୍ୟ ପ୍ରିୟଙ୍କା ସ୍ୱାଇଁ, ସାମାଜିକ କର୍ମୀ ନିକୁଞ୍ଜ ଶତପଥୀ, ସହଦେବ କୁଅଁର, କାର୍ଯ୍ୟନିର୍ବାହୀ ଅଧିକାରୀ ଗୌତମ ପରିଜା, ଗଙ୍ଗାଧର ବିଶ୍ୱାଳ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଅକ୍ଷୟ ବରାଳ, ପ୍ରତାପ ପଣ୍ଡା, ରଶ୍ମିରଞ୍ଜନ କର, ପ୍ରଭାତ ବିଶ୍ୱାଳ ପ୍ରମୁଖ ପରିଚାଳନା କରିଥିଲେ। ସେହିପରି ବୋଧେଇଠାରେ ୧୦୦ ହିତାଧିକାରୀଙ୍କୁ ଏଲଇଡି ବଲ୍ବ ବଣ୍ଟନ କରାଯାଇଛି। ସରପଞ୍ଚ ସନ୍ତୋଷ ସେଠୀଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷା ସୁଜାତା ମହାନ୍ତି ଅତିଥି ଭାବେ ଯୋଗ ଦେଇଥିଲେ। ବୋଧେଇ ସମବାୟ ସମିତି ସଭାପତି ନୃସିଂହ ନାୟକ, ଜବାହରସ୍ମୃତି ବିଦ୍ୟାପୀଠ ପ୍ରଧାନଶିକ୍ଷକ ସମୀର ପଟ୍ଟନାୟକ, ବିକିପୁର ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ ନିମାଇଁ ଚରଣ ଖଟୁଆ, ନାରାୟଣ ସେଠୀ, ନରୋତ୍ତମ ସେଠୀ, ରମାକାନ୍ତ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ।

---

### ଚାଷୀଙ୍କ ଦସ୍ତଖତ ନେଇ ଟଙ୍କା ହଡ଼ପ ଅଭିଯୋଗ

# ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଅନଶନ

**ଜଗତ୍‌ସିଂହପୁର ଅଫିସ,୧୬।୧**

ନୂଆଗାଁ ସେବା ସମବାୟ ସମିତି ସମ୍ପାଦକ ଋଣ କରାଇଦେବା ପାଇଁ ଚାଷୀଙ୍କଠାରୁ ଦସ୍ତଖତ ନେଇ ଅର୍ଥ ହଡ଼ପ କରିଥିବା ଅଭିଯୋଗ ହୋଇଛି। ଏହି ଅର୍ଥ ସେମାନଙ୍କୁ ଫେରାଯାଉ। ଏଥିସହ ଏହାର ସୁଧ ପ୍ରଦାନ କରାଯାଉ। ଋଣ କରିଥିବା ଚାଷୀଙ୍କ ସମସ୍ତ କାଗଜପତ୍ର ଯଥା ପାସ୍‌ବୁକ୍, ଚେକ୍‌ବୁକ୍ ଫେରସ୍ତ କରାଯାଉ। ସମିତିର ଭଡ଼ାଟିଆ ଗୁଣ୍ଡାଙ୍କ ଉପରେ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ। ଏଭଳି ଦାବି ନେଇ ବୁଧବାର ଶତାଧିକ ଭାଗଚାଷୀ ସେମାନଙ୍କ ପିଲାଛୁଆଙ୍କୁ ଧରି ଜଗତ୍‌ସିଂହପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନରେ ବସିଥିଲେ। ଅଭିଯୋଗର ଗୁରୁତ୍ୱ ଦୃଷ୍ଟିରୁ ଉପଜିଲାପାଳ ମହେନ୍ଦ୍ର ପ୍ରସାଦ ମହାନ୍ତି ଏ ସମ୍ପର୍କରେ ତଦନ୍ତ ହେବ ବୋଲି ପ୍ରତିଶ୍ରୁତି ଦେବାରୁ ଚାଷୀମାନେ ଅନଶନରୁ ଓହରିଥିଲେ।


ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରତ ଚାଷୀ।

ଅଭିଯୋଗ ଅନୁଯାୟୀ, ଗଡ଼କୁଜଙ୍ଗ ପଞ୍ଚାୟତ ଅଧୀନ ନୂଆଗାଁ ସେବା ସମବାୟ ସମିତିର ଭାଗଚାଷୀଙ୍କୁ ଖରିଫ ଚାଷ ନିମନ୍ତେ ଋଣ ଯୋଗାଇ ଦେବାକୁ ସମ୍ପାଦକ ନାରାୟଣ ବାରିକ ପ୍ରୋତ୍ସାହିତ କରିଥିଲେ। କିନ୍ତୁ ସମ୍ପାଦକ ଚାଷୀଙ୍କ ଦୁର୍ବଳତାର ସୁଯୋଗ ନେଇ ଚଞ୍ଚକତା କରିଥିଲେ। ପ୍ରତ୍ୟେକ ଚାଷୀଙ୍କଠାରୁ ୭ରୁ ୧୦ଟି ଦସ୍ତଖତ ନେଇଯାଇଥିଲେ। କହିଥିଲେ ସମିତିର ସଭ୍ୟାସଭ୍ୟଙ୍କୁ ଏଣିକି ସର୍ବନିମ୍ନ ୨୦ରୁ ୪୦ ହଜାର ଟଙ୍କା ପର୍ଯ୍ୟନ୍ତ କୃଷି ଋଣ ଯୋଗାଇ ଦିଆଯିବ। ପରବର୍ତ୍ତୀ ସମୟରେ ଋଣ ମଞ୍ଜୁର କରି ସମସ୍ତ ଟଙ୍କା ନିଜେ ଆତ୍ମସାତ କରି ନେଇଛନ୍ତି।

**ନୂଆଗାଁ ସେବା ସମବାୟ ସମିତି**
- ଚାଷୀଙ୍କଠାରୁ ନିଆଯାଇଛି ୭ରୁ ୧୦ ଦସ୍ତଖତ
- ଋଣ ହୋଇଥିଲେ ମଧ ପାଇନାହାନ୍ତି ଚାଷୀ

ଏହା ଜାଣିବା ପରେ ସଭ୍ୟାସଭ୍ୟମାନେ ଏକତ୍ରିତ ହୋଇ ୨୦।୧୧।୧୮ରେ ଜଗତ୍‌ସିଂହପୁର ଆସି ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ଇତିମଧ୍ୟରେ ୪୫ ଦିନ ଅତିକ୍ରାନ୍ତ ହୋଇଥିଲେ ସୁଦ୍ଧା ନ୍ୟାୟ ମିଳିଲା ନାହିଁ। ତେଣୁ ସେମାନେ ବାଧ୍ୟହୋଇ ଆମରଣ ଅନଶନ କରିଥିଲେ ବୋଲି କହିଛନ୍ତି। ଗତ ୭ ତାରିଖରେ ସେମାନେ ଜିଲାପାଳ ଏବଂ ଜିଲା ଆରକ୍ଷୀ ଅଧିକ୍ଷକଙ୍କୁ ଆମରଣ ଅନଶନ କରିବା ସମ୍ପର୍କରେ ଜଣାଇଥିଲେ। ଅନ୍ୟପକ୍ଷରେ ସମ୍ପାଦକ ବାରିକ ଏଭଳି ଅଭିଯୋଗକୁ ଖଣ୍ଡନ କରିଛନ୍ତି।

---

### ବିଭିନ୍ନ ସ୍ଥାନରେ ଖୋଲିଲା ଧାନମଣ୍ଡି

**ବାଲିକୁଦା,୧୬।୧(ସ୍ୱ.ପ୍ର.)**

ବାଲିକୁଦା ବ୍ଲକ କୃଷ୍ଣଦାସପୁର ସମବାୟ ସମିତି ପକ୍ଷରୁ ଧାନମଣ୍ଡି ଖୋଲାଯାଇ ପ୍ରଥମ ପର୍ଯ୍ୟାୟରେ ୧୨ ଚାଷୀଙ୍କଠାରୁ ୫ଶହ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଛି। ସମିତି ସଭାପତି ସଞ୍ଜୁକ୍ତା ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଏକ ସଭା କରାଯାଇଥିଲ। ଏଥିରେ ସମ୍ପାଦକ ଅମୂଲ୍ୟ ପ୍ରସାଦ ସାହୁ, ଉପସଭାପତି ବ୍ରହ୍ମାନନ୍ଦ ଦାସ, କର୍ମଚାରୀ ପ୍ରେମାନନ୍ଦ ରାଉତ, ବୋର୍ଡ ସଦସ୍ୟ ଅଶୋକ ସ୍ୱାଇଁ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଅଳାଭର ସମବାୟ ସମିତି ପକ୍ଷରୁ ଧାନମଣ୍ଡି ଖୋଲାଯାଇ ପ୍ରଥମ ପର୍ଯ୍ୟାୟରେ ୧୬ ଚାଷୀଙ୍କଠାରୁ ୬ ଶହ କୁଇଣ୍ଟାଲ ଧାନ ସଂଗ୍ରହ କରାଯାଇଥିବା ସମ୍ପାଦକ ପତିତପାବନ ଶତପଥୀ କହିଛନ୍ତି। ବ୍ଲକ ଅଧ୍ୟକ୍ଷା ମଧୁସ୍ମିତା ସାହୁ, ବାଲିକୁଦା ତହସିଲଦାର ଅଜୟ ମହାନ୍ତି ଅତିଥି ଭାବେ ଯୋଗଦେଇ ମଣ୍ଡି ଉଦ୍‌ଘାଟନ କରିଥିଲେ। ସରପଞ୍ଚ ଅଶୋକ ବିଶ୍ୱାଳ, ଥାଇଲୋ ସରପଞ୍ଚ ଯତୀନ ପରିଡ଼ା, କଟକ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ କଣିଆଁ ଶାଖାର ପରିଚାଳକ ବିରଞ୍ଚି ନାରାୟଣ ମହାପାତ୍ର, ଅଳାଭର ସେବା ସମବାୟ ସମିତି ସଭାପତି କେଳୁଚରଣ ସାହୁ, ଉପସଭାପତି ବିଜୟଲକ୍ଷ୍ମୀ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

---

### ବିଂଶତମ ଜଗତ୍‌ସିଂହପୁର ପୁସ୍ତକ ମେଳାର ୨ୟ ସନ୍ଧ୍ୟା

## ବହି ପ୍ରତି ଆଗ୍ରହ ସୃଷ୍ଟି ପାଇଁ ବିପ୍ଳବ ଜରୁରୀ

**ଜଗତସିଂହପୁର ଅଫିସ, ୧୬।୧**

ସମ୍ପ୍ରତି ମୋବାଇଲ୍ ଓ ଇଣ୍ଟରନେଟ୍ ଆଦିର ବ୍ୟବହାର ବଢୁଛି। ବିଶେଷକରି ଯୁବପିଢ଼ି ଏହାର ବହୁଳ ବ୍ୟବହାର କରୁଛନ୍ତି। ଯଦ୍ୱାରା ପୁସ୍ତକ ପଠନ ପ୍ରତି ସେମାନଙ୍କ ଆଗ୍ରହ ବୃଦ୍ଧି ପାଉନାହିଁ। ଏଭଳି ସମୟ ଆସିଛି ପୁସ୍ତକ ଆଡୁ ଅନେକ ମୁହଁ ଆଡେଇ ଦେଉଛନ୍ତି। ଏହା ଆଦୌ ଶୁଭଙ୍କର ନୁହେଁ। ପୁସ୍ତକ ମଣିଷକୁ ଜ୍ଞାନ ଦେଇଥାଏ। ଶୃଙ୍ଖଳା ଓ ବ୍ୟକ୍ତିତ୍ୱ ବୃଦ୍ଧି ସାଙ୍ଗକୁ ଅନେକ କିଛି ଶିଖାଇଥାଏ। ତେଣୁ ପୁସ୍ତକ ପଠନ ପ୍ରତି ଆଗ୍ରହ ସୃଷ୍ଟି କରିବା ପାଇଁ ବିପ୍ଳବ ଜରୁରୀ। ଏଥିପାଇଁ ଜଗତ୍‌ସିଂହପୁର ସାଂସ୍କୃତିକ ପରିଷଦ ଏକ ପାଠକ ସାମୁଖ୍ୟ ଗଠନ କଲେ ଅନୁକୂଳ ପରିବେଶ ସୃଷ୍ଟି ହୁଅନ୍ତା। ଏହା କହିଛନ୍ତି ସ୍ୱନାମଧନ୍ୟ ସାହିତ୍ୟିକ ହରପ୍ରସାଦ ଦାସ। ବିଂଶତମ ଜଗତ୍‌ସିଂହପୁର ପୁସ୍ତକ ମେଳାର ୨ୟ ସନ୍ଧ୍ୟାରେ ଭାଷା ସାହିତ୍ୟର ବିକାଶରେ ପ୍ରକାଶକଙ୍କ ଭୂମିକା ଶୀର୍ଷକ ଆଲୋଚନାଚକ୍ରରେ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସେ ଏହି ଆହ୍ୱାନ ଦେବା ସହ ପ୍ରତ୍ୟେକ ଖଣ୍ଡେ ଖଣ୍ଡେ ପୁସ୍ତକ କିଣି ନେବାକୁ ଅନୁରୋଧ କରିଥିଲେ। ପରିଷଦ କାର୍ଯ୍ୟକାରୀ ଅଧ୍ୟକ୍ଷ ବିପ୍ଳବ ଚୌଧୁରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସାହିତ୍ୟିକ ଧରଣୀଧର ନାଥ ଓ ନୀଳ ଲୋହିତ ସିଂହଦେଓ ଯୋଗଦେଇ ପୁସ୍ତକର ଆବଶ୍ୟକତା ସମ୍ପର୍କରେ ଗୁରୁତ୍ୱାରୋପ କରିଥିଲେ। ଦିନରେ କୁଇଜ୍ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ରାତିରେ ୨ଟି ପୁସ୍ତକ ଯଥା ପ୍ରିୟତମା ସାହୁଙ୍କ ଲିଖିତ କବିତା ସଂକଳନ କଅଁଳ ସୁରୁଜ ଓ କବି ଶରତ କୁମାର ମହାପାତ୍ରଙ୍କ ଲିଖିତ ମହାପାତ୍ର ଗୀତି କବିତା ମାଳା ଉନ୍ମୋଚିତ ହୋଇଥିଲା।



ପୁସ୍ତକମେଳା ଦ୍ୱିତୀୟ ସନ୍ଧ୍ୟାରେ ଉପସ୍ଥିତ ଅତିଥି।

---

### ମହାପୁରୁଷ ଯୋଗୀ ଦାସଙ୍କ ଶ୍ରାଦ୍ଧୋତ୍ସବ

**ବିରିଡ଼ି,୧୬।୧(ଡି.ଏନ.ଏ.)**

ବିରିଡ଼ି ବ୍ଲକ କଣ୍ଟାପଡ଼ା ଦେବୀନଦୀ କୂଳରେ ଥିବା ମହାଭୋଇ କୁଳଗୁରୁ ମହାପୁରୁଷ ଯୋଗୀ ଦାସ ଓ ତାଙ୍କ ଶିଷ୍ୟ ବାହୁଡ଼ି ଦାସଙ୍କ ମିଳନ ପୀଠ ରାସ ବଟଠାରେ ବୁଧବାର ଶାମ୍ବ ଦଶମୀ ତିଥିରେ ମହପୁରୁଷଙ୍କ ଶ୍ରାଦ୍ଧୋତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ଧାନକୁଦ ପୀଠାଧିଶ ବାବା ଅରକ୍ଷିତ ଦାସ ମହାରାଜ ଯୋଗଦେଇ କହିଲେ ଯେ ମହାପୁରୁଷ ଯୋଗୀ ଦାସ ଓ ତାଙ୍କ ଶିଷ୍ୟ ବାହୁଡି ଦାସ ସପ୍ତାଙ୍ଗ ସାଧକ ଥିଲେ। ଯୋଗୀଦାସ ମହାଭୋଇ କୁଳର ଗୁରୁ ଓ ଆଧ୍ୟାତ୍ମିକ ଗୁରୁ ଭାବେ ପରିଚିତ। ତାଙ୍କର ବହୁବିଧ ରଚନା ମଧ୍ୟରେ ଶରୀର ତତ୍ତ୍ୱ, ବ୍ରହ୍ମ ଜ୍ଞାନ, ଭଜନ, ଜଣାଣ, ଚଉପଦି, ଚଉତିଶା ଆଦି ରହିଛି। ଏହି ଅବସରରେ ଦିବସସାରା ଭଜନ ଜଣାଣ ପରିବେଷଣ କରାଯାଇଥିଲା। ମହାଭୋଇ କୁଳର ଯୋଗେନ୍ଦ୍ର ଭୋଇ, ବୈରାଗୀ ଭୋଇ, କରୁଣାକର ଭୋଇ, ରାମଚନ୍ଦ୍ର ଭୋଇ, ମନମୋହନ ଭୋଇ, ପୂର୍ଣ୍ଣଚନ୍ଦ୍ର ଭୋଇ, ଭରତ ଚନ୍ଦ୍ର ଭୋଇ, ଜଗବନ୍ଧୁ ଭୋଇ, ଧଡ଼ି ଭୋଇ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

---

## କୁଜଙ୍ଗରେ ଦେବାଶିଷଙ୍କୁ ସମ୍ବର୍ଦ୍ଧନା


ଗଙ୍ଗାଦେବୀଙ୍କ ପୂଜା ଉତ୍ସବରେ ଉପସ୍ଥିତ ବିଧାୟକ ଦେବାଶିଷ ସାମନ୍ତରାୟ ଓ ଅନ୍ୟମାନେ।

**କୁଜଙ୍ଗ,୧୬।୧(ସ୍ୱ.ପ୍ର.)**

କୁଜଙ୍ଗ ବିଜୁ ଯୁବ ଜନତା ଦଳ କାର୍ଯ୍ୟାଳୟରେ କଟକ-ବାରବାଟୀ ବିଧାୟକ ଦେବାଶିଷ ସାମନ୍ତରାୟଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। କଟକ ଜିଲା ବିଜେଡି ସଭାପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ସେ ପ୍ରଥମଥର ପାଇଁ କୁଜଙ୍ଗ ଗସ୍ତ କରିଥିଲେ। ତାଙ୍କୁ ଯୁବ ବିଜେଡି ନେତା ଦିଲୀପ ମହାପାତ୍ରଙ୍କ ନେତୃତ୍ୱରେ ପିନାକୀ ସ୍ୱାଇଁ, ଅବିନାଶ ରାଉତ, ତୁଷାରକାନ୍ତ ପରିଡ଼ା, ଯୁବନେତା ତପନ ସାମନ୍ତରାୟ,ସଞ୍ଜୀବ ମହାପାତ୍ର,ସଞ୍ଜୟ କୁମାର ସ୍ୱାଇଁ, ନରେନ୍ଦ୍ର ପରିଡ଼ା, ଜ୍ୟୋତିରଞ୍ଜନ ସାମଲ ପ୍ରମୁଖ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ଜଣାଇଥିଲେ। ପରେ ଦେବାଶିଷ ଗୋପିଆକୁଦ ପଞ୍ଚାୟତର ନୂଆବାଲିସାହିଠାରେ ହେଉଥିବା ଗଙ୍ଗାଦେବୀଙ୍କ ପୂଜା କାର୍ଯ୍ୟରେ ଯୋଗ ଦେଇଥିଲେ। ସ୍ଥାନୀୟ ସରପଞ୍ଚ ନନ୍ଦିନୀ ପଣ୍ଡା, ବିଜେଡି ନେତା ପୀତାମ୍ବର ତରାଇ, ବିଭୂରଞ୍ଜନ ଦଳାଇ, ଏମ୍‌ପିଙ୍କ ପ୍ରତିନିଧି ମାନସ ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ।

---

### ରେଡ୍ଡୁଆ ସିଏଚସିରେ ୨୪ଘଣ୍ଟିଆ ସେବା ଯୋଗାଇଦେବା ପ୍ରସଙ୍ଗ

## ସିଡିଏମ୍‌ଓଙ୍କ ପ୍ରତିଶ୍ରୁତିକୁ ପ୍ରତ୍ୟାଖ୍ୟାନ କଲେ ଅଞ୍ଚଳବାସୀ

**ରଘୁନାଥପୁର, ୧୬।୧( ଡି.ଏନ.ଏ.)**

ରଘୁନାଥପୁର ବ୍ଲକ ରେଡ୍ଡୁଆ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ୨୪ ଘଣ୍ଟିଆ ସ୍ୱାସ୍ଥ୍ୟସେବା ଯୋଗାଇ ଦେବା ଦାବି ନେଇ ଅଞ୍ଚଳବାସୀଙ୍କ ପକ୍ଷରୁ ଚାଲିଥିବା ଅନଶନ ୨ ଦିନରେ ପହଞ୍ଚିଛି। ଘଟଣାସ୍ଥଳକୁ ସିଡିଏମ୍‌ଓ ଆସି ପ୍ରତିଶ୍ରୁତି ଦେବା ପରେ ମଧ ଏହାକୁ ପ୍ରତ୍ୟାଖ୍ୟାନ କରାଯାଇଛି। ମଙ୍ଗଳବାରରୁ ନବନିର୍ମାଣ ସମିତିର ମୁଖ୍ୟ ସ୍ନେହାଂଶୁ ଜେନାଙ୍କ ପକ୍ଷରୁ କରାଯାଇଥିବା ଅନଶନକୁ ସମର୍ଥନ ଜଣାଇ ସ୍ଥାନୀୟ ଅଞ୍ଚଳବାସୀ ଧାରଣାରେ ସାମିଲ ହୋଇଛନ୍ତି। ବୁଧବାର ପୂର୍ବାହ୍ନରେ ଉପବାସରେ ବସିଥିବା ସ୍ନେହାଂଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ଅପରାହ୍ନ ୧ଟାରେ ସିଡିଏମ୍‌ଓ ମହେଶ୍ୱର ପ୍ରଧାନ ଗଣଧାରଣା ସ୍ଥଳରେ ପହଞ୍ଚି ଦାବି ପୂରଣ ଦିଗରେ ଉପଯୁକ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରତିଶ୍ରୁତି ଦେବା ସହ ଧାରଣାରୁ ଉଠିଯିବା ପାଇଁ ଅଞ୍ଚଳବାସୀଙ୍କୁ ଅନୁରୋଧ କରିଥିଲେ। ଧାରଣାରେ ସାମିଲ ଥିବା ଦେବୀ ପ୍ରସାଦ ମହାରଣା, ସୁରେନ ରାଉତ, ଗୀତା ରଥ, ଚିତ୍ରାଙ୍ଗଦା ପାତ୍ର, ଜ୍ୟୋସ୍ନାମୟୀ ଦୀକ୍ଷିତ, ଆଲୋକ ଲକ୍ଷ୍ମୀ ପାତ୍ର, ତିଳୋତ୍ତମା ବାରିକ ଓ ଉପସ୍ଥିତ ଯୁବଗୋଷ୍ଠୀ ଏହାକୁ ପ୍ରତ୍ୟାଖ୍ୟାନ କରି ଧାରଣା ଅବ୍ୟାହତ ରଖିଛନ୍ତି। ସରକାର ସ୍ୱାସ୍ଥ୍ୟସେବା ଯୋଗାଇ ଦେବାରେ ଏତେ ବିମୁଖ କାହିଁକି ବୋଲି ସ୍ନେହାଂଶୁ ପ୍ରଶ୍ନ କରିଛନ୍ତି।



ଅନଶନକାରୀଙ୍କୁ ସିଡିଏମ୍‌ଓ ବୁଝାଉଛନ୍ତି।

---

### ଜାନୁୟାରୀ ୩୦ ଶାରଳା ମହୋତ୍ସବ ନିମନ୍ତେ ପ୍ରସ୍ତୁତି ବୈଠକ

## ମର୍ଦ୍ଦଳ ବାଦକ ଧନେଶ୍ୱର ସ୍ୱାଇଁଙ୍କୁ ଶୁଦ୍ରମୁନି ସମ୍ମାନ

**ରଘୁନାଥପୁର, ୧୬।୧(ଡି.ଏନ୍.ଏ.)**

ଜଗତ୍‌ସିଂହପୁର ଜିଲାସ୍ତରୀୟ ଶାରଳା ମହୋତ୍ସବ ଜାନୁୟାରୀ ୩୦ରେ କରାଯିବ। ଏଥି ନିମନ୍ତେ ଏକ ବୈଠକ ହୋଇଛି। ଏଥିରେ ଓଡ଼ପଡ଼ାସ୍ଥିତ ସଂକେତ ଆଇଟିଆଇର ମୁଖ୍ୟ ବଦ୍ରିନାରାୟଣ ମହାନ୍ତି ଓ ଅଧ୍ୟକ୍ଷ ଅନ୍ତର୍ଯ୍ୟାମୀ ରାଉତ, ସାମାଜିକ କର୍ମୀ ବୀରବର ପଟ୍ଟନାୟକ, ସ୍ଥାନୀୟ ସମିତିସଭ୍ୟ ବିଦ୍ୟାଧର ମହାନ୍ତି, ମର୍ଦ୍ଦଳ ବାଦକ ଦିବାକର ପରିଡ଼ା, ଓଡ଼ିଶୀ କଣ୍ଠଶିଳ୍ପୀ ମହେଶ ଚନ୍ଦ୍ର ନାୟକ, ଗୌତମ ପାଲିତ ଯୋଗଦେଇଥିଲେ। ଉକ୍ତଦିନ ପୂର୍ବାହ୍ନ ୯ଟାରୁ ବିଭିନ୍ନ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ସ୍ଥିର ହୋଇଥିଲା। ଚଳିତବର୍ଷ ଉତ୍ସବରେ ପ୍ରଖ୍ୟାତ ମର୍ଦ୍ଦଳ ବାଦକ ଧନେଶ୍ୱର ସ୍ୱାଇଁଙ୍କୁ ଶୁଦ୍ରମୁନୀ ସମ୍ମାନ, ନୃତ୍ୟାଙ୍ଗନା ପୁଷ୍ପିତା ମିଶ୍ରଙ୍କୁ ଶାରଳା ସମ୍ମାନ ଏବଂ ସୁନାମଧନ୍ୟ ନୃତ୍ୟଗୁରୁ ଅଶୋକ କୁମାର ଦାସଙ୍କୁ ଶାରଳା ସମ୍ମାନ ପ୍ରଦାନ ନିମନ୍ତେ ସର୍ବସମ୍ମତିକ୍ରମେ ସ୍ଥିର ହୋଇଥିଲା।

---

### ଅଧିକ କ୍ଷମତା ବିଶିଷ୍ଟ ମାଛଧରା ବୋଟ୍‌କୁ ନେଇ ଅଡୁଆ

# ହ୍ରାସପାଉଛି ସାମୁଦ୍ରିକ ମାଛ ବଂଶ

**ପାରାଦୀପ,୧୬।୧(ସ୍ୱ.ପ୍ର.)**

ସମୁଦ୍ରରେ ମାଛ ଧରୁଥିବା ବୋଟ୍‌ର ଇଞ୍ଜିନ କେତେ କ୍ଷମତା ବିଶିଷ୍ଟ ହେବା ଦରକାର, ତାହାକୁ ନେଇ ଏବେ ବିତର୍କ ସୃଷ୍ଟି ହୋଇଛି। କାରଣ ସମୁଦ୍ରରେ ଏବେ ଦିନକୁ ଦିନ ଅଧିକ କ୍ଷମତା (ହର୍ସ ପାୱାର) ବିଶିଷ୍ଟ ଇଞ୍ଜିନ ଥିବା ବୋଟ୍

ଚଳାଚଳ କରୁଥିବାରୁ ଅନେକ ସମସ୍ୟା ସୃଷ୍ଟି ହେଉଛି। ଏହାକୁ ନେଇ ସୁରକ୍ଷା ବଳ ଓ ମତ୍ସ୍ୟ ବିଭାଗ ମଧ୍ୟରେ ସବୁବେଳେ ବିବାଦ, ଛକାପଞ୍ଝା ଲାଗୁଛି। ଏପରି କି ନିକଟରେ ଗୁଳିମାଡ଼ ପର୍ଯ୍ୟନ୍ତ କଥା ଯାଇଛି। ଏହା ଦ୍ୱାରା ମାଛ ବଂଶ ମଧ ଲୋପ ପାଉଛି। କୌତୁହଳର ବିଷୟ ହେଲା, ଏହାର ସମାଧାନ ନିମନ୍ତେ ଓଡ଼ିଶା ସରକାରଙ୍କ ପକ୍ଷରୁ କୌଣସି ନିୟମ କରାଯାଉନାହିଁ। ଓଡ଼ିଶା ସରକାରଙ୍କ ମାଛଧରା ଆଇନ୍ ୧୯୮୧ ଏବେ ମଧ ବଳବତ୍ତର ରହିଛି। ଉକ୍ତ ନିୟମ ଅନୁଯାୟୀ ମତ୍ସ୍ୟ ବିଭାଗ କାର୍ଯ୍ୟ କରୁଛି। ତେଣୁ ସମୁଦ୍ରରେ ଅଧିକ କ୍ଷମତା ବିଶିଷ୍ଟ ଇଞ୍ଜିନ ଥିବା ବୋଟ୍ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି।

ସୂଚନାଯୋଗ୍ୟ, ୧୯୫୮ରେ ପ୍ରଥମକରି ସମୁଦ୍ରରେ ଇଞ୍ଜିନ ବୋଟ୍ ଚଳାଚଳା କରିଥିଲା। ୧୯୮୦ ବେଳକୁ ତାହା ପରିବର୍ତ୍ତିତ ହୋଇ ଟ୍ରଲର ରୂପ ନେଲା। ସେତେବେଳେ ଓଡ଼ିଶା ସରକାର ମାଛଧରା ଆଇନ୍ ୧୯୮୧ ପ୍ରଣୟନ କଲେ। ୧୯୯୦ରେ ମାଛଧରା ଟ୍ରଲରଠାରୁ ଉନ୍ନତ ସୋନା ଟ୍ରଲର ବ୍ୟବହୃତ ହେଲା। ଏବେ ୨ ବର୍ଷ ହେଲା ଓଡ଼ିଶାର ବାଲେଶ୍ୱର, କସାଫଳ, ଧାମରା, ପାରାଦୀପରେ ତା'ଠାରୁ ଆହୁରି ବଡ଼ 'କ୍ୟାରେଟ୍ ବୋଟ୍' ଚଳାଚଳ କରୁଛି। ଏହି ପରିବର୍ତ୍ତିତ ବୋଟ୍‌ରେ ଇଞ୍ଜିନର କ୍ଷମତା ୪୦୦ରୁ ୫୨୦ ହର୍ସ ପାୱାର ରହୁଛି। ତେବେ ତାମିଲନାଡୁ ଓ କେରଳ ଉପକୂଳରେ ଏଭଳି ହେଉନାହିଁ। ସେଠାରେ ସର୍ବାଧିକ ୨୦୦ ହର୍ସ ପାୱାର କ୍ଷମତା ବିଶିଷ୍ଟ ମାଛଧରା ଟ୍ରଲର ଚଳାଚଳ ପାଇଁ ସେଠାକାର ସରକାର ନିୟମ କରିଛନ୍ତି। କିନ୍ତୁ ଉପକୂଳବର୍ତ୍ତୀ ରାଜ୍ୟ ଓଡ଼ିଶା, ଆନ୍ଧ୍ର ପ୍ରଦେଶ ଓ ପଶ୍ଚିମବଙ୍ଗରେ ତାହା ହୋଇନାହିଁ। ଓଡ଼ିଶା ସରକାରଙ୍କ ମାଛଧରା ଆଇନରେ ୧୫ ମିଟରରୁ କମ୍ ଲମ୍ବର ବୋଟ୍ ଓ ୨୦୦ ହର୍ସ ପାୱାର ଇଞ୍ଜିନ ଲଗାଇବାକୁ ନିୟମ ଅଛି। କିନ୍ତୁ ୧୫ ମିଟରରୁ ଅଧିକ ଲମ୍ବ ବୋଟ୍ ବ୍ୟବହାର ସମ୍ପର୍କରେ କିଛି ଉଲ୍ଲେଖ ନାହିଁ। ଅନ୍ୟ ଏକ ପ୍ରସଙ୍ଗ ହେଲା ପୂର୍ବରୁ ପ୍ରାୟତଃ ଦେଶୀୟ କମ୍ପାନୀ ଅଶୋକ ଲେଲ୍ୟାଣ୍ଡ ଇଞ୍ଜିନ ଲାଗୁଥିଲା। ଏବେ ଚାଇନା ନିର୍ମିତ ଇଞ୍ଜିନ ବ୍ୟବହାର କରାଯାଉଛି। ଗତ ୧୨ ତାରିଖ କୋଷ୍ଟଗାର୍ଡ ଗୁଳିମାଡ଼ ଘଟଣା ପରେ ପୋଲିସ, ଗୋଇନ୍ଦା ବିଭାଗ, କୋଷ୍ଟଗାର୍ଡ, ବନ ବିଭାଗ ଓ ମତ୍ସ୍ୟ ବିଭାଗ ତଦନ୍ତ କରିବାବେଳେ ଏହି ଅଧିକ କ୍ଷମତା ବିଶିଷ୍ଟ ଇଞ୍ଜିନ କଥା ଉଠିଛି। ସମୁଦ୍ରରେ ଜାଲ ପକାଇ ଅଧିକ କ୍ଷମତା ବିଶିଷ୍ଟ ଇଞ୍ଜିନରେ ଦ୍ରୁତ ଗତିରେ ମାଟିରୁ ଜାଲ ଟାଣିବା ଫଳରେ ମାଛ ରହୁଥିବା ସ୍ଥାନଗୁଡିକ ନଷ୍ଟ ହୋଇଯାଉଛି ବୋଲି ବନ ବିଭାଗ ରେଞ୍ଜର ଶ୍ରୀରାମପଦ ଅରବିନ୍ଦ ମିଶ୍ର କହିଛନ୍ତି। ଏହା ଆଗାମୀ ଦିନରେ ମାଛବଂଶ ଲୋପ ପାଇବାର ମୁଖ୍ୟ କାରଣ ସାଜିବ ବୋଲି ସେ କହିଛନ୍ତି। ନିଖିଳ ଓଡ଼ିଶା ମତ୍ସ୍ୟ ଉତ୍ପାଦନ ମହାସଂଘ ସଭାପତି କର୍ମେଶ୍ୱର ପ୍ରହରାଜ କୁହନ୍ତି ଏଭଳି ଦ୍ରୁତଗାମୀ ବୋଟ୍ ଆଗାମୀ ଦିନରେ ମାଛ ବଂଶ ଲୋପ କରିବ। ମା' ମାଛ ଦ୍ରୁତଗାମୀ ବୋଟ୍ ଯୋଗୁ ଅଧିକ କ୍ଷତିଗ୍ରସ୍ତ ହେଉଛନ୍ତି। ଏ ସମ୍ପର୍କରେ ରାଜ୍ୟ ସରକାର ସ୍ୱତନ୍ତ୍ର ନିୟମ କରିବା ଦରକାର ବୋଲି ସେ କହିଛନ୍ତି। ସାମୁଦ୍ରିକ ମତ୍ସ୍ୟ ଅଧିକାରୀ ମଧୁମୟ ସାମଲ କହିଛନ୍ତି ଯେ ଏଥିପାଇଁ କୌଣସି ନିୟମ ନ ଥିବାରୁ ଯେଉଁ ମାଲିକ ଯେତେ ବଡ଼ ବୋଟ୍ ଆଣୁଛି, ସେହି ହିସାବରେ ଆମେ ଟ୍ୟାକ୍ସ କାଟିବା ସହ ତାକୁ ସ୍ୱୀକୃତି ଦେଉଛୁ। ଯେ ପର୍ଯ୍ୟନ୍ତ ଆଇନ ପରିବର୍ତ୍ତନ ହୋଇନାହିଁ, ସେ ପର୍ଯ୍ୟନ୍ତ ଆମେ ସେହି ପୁରୁଣା ନିମୟରେ ହିଁ ଚାଲିବାକୁ ବାଧ୍ୟ।



- ସରକାରୀସ୍ତରରେ ନିୟମ ପରିବର୍ତ୍ତନ ଜରୁରୀ
- ସୁରକ୍ଷା ବଳ ପାଇଁ ମଧ ଚିନ୍ତାଜନକ


ମେଳାରେ ପଡ଼ିଥିବା ରାମଦୋଳି।


ଦୁଇ ଝିଅ କୁମ୍ଭି ବିକ୍ରି କରୁଛନ୍ତି।



ବରଗଡ଼ ସୁରଙ୍ଗଙ୍କାର ଗ୍ରୁପର କଳାକାରମାନେ ଗୋଟିପୁଅ ନୃତ୍ୟ ପରିବେଷଣ କରୁଛନ୍ତି।

# ମହୋତ୍ସବରେ ଦର୍ଶକଙ୍କ ମନ ଜିଣିଲେ ଅନୁଭବ

ବିଞ୍ଝାରପୁର,୧୬।୧(ଡି.ଏନ.ଏ)



ବରୁଣେଶ୍ୱର ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ଆୟୋଜିତ ସଭାରେ ମଞ୍ଚାସୀନ ଅତିଥିବୃନ୍ଦ।

ବୁରୁଣେଶ୍ୱର ମେଳାର ବୁଧବାର ତୃତୀୟ ଦିନ। ଗତ ୨ଦିନ ଅପେକ୍ଷା ବୁଧବାର ମେଳାକୁ ଅଧିକ ସଂଖ୍ୟକ ଯାତ୍ରୀଙ୍କୁ ଦେଖିବାକୁ ମିଳିଥିଲା। ଫଳରେ ଆୟୋଜକ ଓ ବ୍ୟବସାୟୀଙ୍କ ମଧ୍ୟରେ ବେଶ୍ ଖୁସି ଦେଖିବାକୁ ମିଳିଥିଲା। ବୁଧବାର ବରୁଣେଶ୍ୱର ମହୋତ୍ସବର ୨ୟ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ରାଜ୍ୟ ସଭା ସାଂସଦ ତଥା ଓଡିଆ ସିନେ ତାରକା ଅନୁଭବ ମହାନ୍ତି ଯୋଗଦେଇ ଯୁବଶକ୍ତି ସ୍ୱାଭିମାନୀ ହୋଇ ସମାଜ ଗଢିବା ପାଇଁ ଆହ୍ୱାନ ଦେଇଥିଲେ। ବରୁଣେଶ୍ୱର କ୍ଷେତ୍ରର ଶିକ୍ଷା, ସଭ୍ୟତା, ସଂସ୍କୃତି ପାଇଁ ରାଜ୍ୟ ଗର୍ବିତ। ଏହି ଅଞ୍ଚଳର ବୁଦ୍ଧିଜୀବୀଙ୍କ ଠାରୁ ଆରମ୍ଭ କରି ଚାଷୀ ଭଉଣୀଭାଇ ମାନେ ଭାରି ସ୍ୱାଭିମାନୀ । ଏଅଞ୍ଚଳର ଯୁବ ଶକ୍ତି ମଧ ସେହିଭଳି ସ୍ୱାଭିମାନୀ ହୋଇ ନିଜର ଲକ୍ଷ୍ୟ ପଥରେ ଅଗ୍ରସର ହେବାକୁ ମୁଖ୍ୟଅତିଥି ମହାନ୍ତି ଆହ୍ୱାନ ଦେଇଥିଲେ। ସମାଜସେବୀ ରବୀନ୍ଦ୍ର କୁମାର ପରିଡାଙ୍କ ସଭାପତିତ୍ୱରେ ଆୟୋଜିତ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ମୁଖ୍ୟବକ୍ତା ଭାବେ ବିଧାୟିକା ପ୍ରମିଳା ମଲ୍ଲିକ, ସମ୍ମାନିତ ଅତିଥି ଭାବେ ବ୍ଲକ ଅଧକ୍ଷ ନନ୍ଦ କିଶୋର ସାମଲ, ବିଡିଓ ଦାମୋଦର ଖୁଣ୍ଟିଆ, ତହସିଲଦାର ଶୁଭ୍ରବାଳା ବେହେରା, ଜିଲାପରିଷଦ ସଭ୍ୟ ସୁଶାନ୍ତ ମିଶ୍ର, ସମାଜସେବୀ ପ୍ରଫୁଲ୍ଲ ନାୟକ, ହେମେନ୍ଦ୍ର ସାମଲ, ଚିକଣା ସରପଞ୍ଚ ଧ୍ରୁବ ଚରଣ ସେଠୀ, ଅରେଇ ସମିତି ସଭ୍ୟ ସମିର ଯେନା, ଅଶୋକ ସାହୁ, ସଙ୍ଗୀତ ନିର୍ଦ୍ଦେଶକ ବୈଦ୍ୟନାଥ ଦାସ ପ୍ରମୁଖ ଯୋଗଦେଇଥିଲେ। ବରୁଣେଶ୍ୱର ମେଳାର ଐତିହ୍ୟ, ସଂସ୍କୃତି ସମ୍ପର୍କରେ ବିଧାୟିକା ପ୍ରମିଳା ମଲ୍ଲିକ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ। ବୁଧବାର ମହୋତ୍ସବରେ ସିନେ ଷ୍ଟାର ଅନୁଭବଙ୍କୁ ଦେଖିବାକୁ ଖଚାଖଚ୍ ଭିଡ଼ ହୋଇଥିଲା। ଅନୁଭବ ମଧ ନିଜର ଫ୍ୟାନ ମାନଙ୍କ ପାଇଁ ଦମଦାର ଡାଇଲଗ ମାରି ମଞ୍ଚରେ ଧୁମ ମଚାଇଥିଲେ। ଅନୁଭବଙ୍କ ସହ ସେଲ୍‌ଫି ନେବାକୁ ଫ୍ୟାନମାନଙ୍କ ମଧ୍ୟରେ ଏକ ପ୍ରକାର ପ୍ରତିଯୋଗିତା ପରିସ୍ଥିତି ସୃଷ୍ଟି ହୋଇଥିଲା। ସେହିପରି ଘୁମୁରା, ଛଉ ନୃତ୍ୟ, ସମ୍ବଲପୁରୀ ନୃତ୍ୟ, ଦୁଦୁଲି ବାଜା ମଧ ଦର୍ଶକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଥିଲା। ସଭାରେ ସଙ୍ଗୀତଜ୍ଞ ଦୀନେଶ ମଲ୍ଲିକ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିବା ବେଳେ ଶିକ୍ଷାବିତ୍ ଗୌରାଙ୍ଗ ସ୍ୱାଇଁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ଜିଲାପରିଷଦ ସଭ୍ୟା ସ୍ୱର୍ଣ୍ଣଲତା ସାମଲ, ପୂର୍ବତନ ବ୍ଲକ ଉପାଧକ୍ଷା ପ୍ରୀୟତମା ବେଉରିଆ, ସରୋଜ ସାମଲ, କାମଦେବ ଧଳ, ପର୍ଶୁରାମ କବି, ମୁରଲି ବେହେରା ପ୍ରମୁଖ ସଭାରେ ଉପସ୍ଥିତ ଥିଲେ।

## ମେଳା ପଡିଆରେ ତହସିଲଦାରଙ୍କ ତାଗିଦ

ମେଳା ପଡିଆରେ ଡାକବାଜି ଯନ୍ତ୍ର ସମ୍ପୂର୍ଣ୍ଣ ବାରଣ କରାଯାଇଛି। ମାତ୍ର କେତକ ବ୍ୟବସାୟୀ ନିଜ ବ୍ୟବସାୟ ସମ୍ପର୍କରେ ଡାକବାଜି ଯନ୍ତ୍ର ମାଧ୍ୟମରେ ପ୍ରଚାର କରୁଥିବା ପ୍ରଶାସନର ନଜରକୁ ଆସିଥିଲା। ଏହା ଖବରପାଇ ମେଳା ପରିଚାଳନା କରୁଥିବା ପ୍ରଶାସନର ମୁଖ୍ୟ ତହସିଲଦାର ମେଳାପଡିଆ ଗସ୍ତ କରିବା ସହିତ ଯେଉଁ ବ୍ୟବସାୟୀମାନେ ଡାକବାଜି ଯନ୍ତ୍ର ବ୍ୟବହାର କରୁଛନ୍ତି ସେମମାନଙ୍କୁ ଚେତାବନୀ ଦେବା ସହିତ ପୁନଃ ଡାକବାଜି ଯନ୍ତ୍ର ବ୍ୟବହାର କଲେ ଜରିମାନା ସହିତ ଆସନ୍ତା ବର୍ଷ ଏହି ମେଳାରେ ବ୍ୟବସାୟ କରିପାରିବେନି ବୋଲି ତାଗିଦ୍ କରିଛନ୍ତି।

## ଗୁପ୍‌ଚୁପର ମଜା ନେଉଛନ୍ତି ଛାତ୍ରୀଛାତ୍ର

ବରୁଣେଶ୍ୱରମେଳା ପଡିଆରେ କଲେଜ ପଢୁଆ ଛାତ୍ରୀଛାତ୍ରମାନେ ଗୁପଚୁପ ଷ୍ଟଲରେ ଭିଡ଼ ଜମାଇ ଗୁପଚୁପ ଖାଇବାର ମଜା ନେଉଥିବା ଦେଖିବାକୁ ମିଳିଛି। ଏପରି କି ଅନେକ ଏହାର ସେଲ୍‌ଫି ନେଉଥିବା ମଧ ଦେଖିବାକୁ ମିଳିଥିଲା।





ଏକାଦଶାହ ଉପଲକ୍ଷେ
ଂ ଗଙ୍ଗା।
ଇଂ ପରିକ୍ଷିତ ସ୍ୱାଇଁ
ଆବିର୍ଭାବ – ୦୬.୦୧.୧୯୩୫
ତିରୋଧାନ– ୦୭.୦୧.୨୦୧୯
ମାଁସଡା, ବିଞ୍ଝାରପୁର
ପଞ୍ଚଭୂତରେ ତୁମ ଶରୀର ବିଲୀନ ହେଲା ସତ
ତୁମେ କିନ୍ତୁ ଚିରଦିନ ଆମ ହୃଦୟରେ ଜୀବନ୍ତ ।
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ
ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର
ପ୍ରାର୍ଥନା ସହ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି।
ଶୋକସନ୍ତପ୍ତ ପରିବାରବର୍ଗ




## ଲୋକଙ୍କୁ ଆକୃଷ୍ଟ କରୁଛି ବିଭିନ୍ନ କିସମର ଚାରା

କଥାରେ ଅଛି ବୃକ୍ଷ ଆମ ଜୀବନ । ତେଣୁ ସବୁ ଲୋକେ କିଛିନା କଛି ଗଛ ଲଗାଇବା ଆବଶ୍ୟକ। ତେବେ ଏଥର ମେଳାରେ ଅନେକ ସ୍ଥାନରେ ବିଭିନ୍ନ କିସମର ଚାରା ଷ୍ଟଲ ଲୋକଙ୍କୁ ପ୍ରଭାବିତ କରୁଛି । ଖୁବ୍ ଶ୍ରଦ୍ଧାର ସହ ଯୁବପିଢି ଗୋଲାପ ଗଛଟିଏ ହେଉଅବା ଶାଗୁଆନ ଚାରାଟିଏ କିଣି ଘରକୁ ନେଉଛନ୍ତି। ଏହି ଗଛକୁ ରୋପଣ କରି ଏକ ପ୍ରକାର ପରିବେଶ ସୁରକ୍ଷାରେ ନିଜକୁ ସାମିଲ କରୁଛନ୍ତି। ଏହି ଦୃଷ୍ଟିରୁ ଏଥର ମେଳାରେ ବିଭିନ୍ନ ବୃକ୍ଷ ଚାରା ଷ୍ଟଲଗୁଡିକରେ ବେଶ ଭିଡ଼ ଓ ଗୁରୁତ୍ୱ ରହିଛି । ଯାଜପୁର, ବିଞ୍ଝାରପୁର ବ୍ଲକ କଲ୍ୟାଣପୁର ଆଦି ବିଭିନ୍ନ ଅଞ୍ଚଳର ନର୍ସରୀ କରୁଥିବା ବ୍ୟକ୍ତିମାନେ ଏଥର ମେଳାରେ ଷ୍ଟଲ ଦେଇଛନ୍ତି। ବିଞ୍ଝାରପୁର ବ୍ଲକର କଲ୍ୟାଣପୁର ଗ୍ରାମର ମା’ ବିରଜା ସ୍ୱୟଂ ସହାୟିକା ଗୋଷ୍ଠୀର ସମ୍ପାଦିକା ମଧୁସ୍ମିତା ଗୋଛାୟତ ଗତ ଦଶବର୍ଷ ହେବ ଏହି ମେଳା ପଡିଆରେ ପଲ୍ଲୀଶ୍ରୀ ମେଳାରେ ନିଜର ଚାରାଗଛର ଷ୍ଟଲ ଦେଇ ଆସୁଛନ୍ତି । ଦୈନିକ ଦଶହଜାର ଟଙ୍କାର ବ୍ୟବସାୟ କରୁଥିବା ପ୍ରକାଶ କରିଛନ୍ତି। ଏହି ଚାରାଗଛ ତାଙ୍କୁ ସ୍ୱତନ୍ତ୍ର ପରିଚୟ ଦେବା ସହିତ ନିଜ ଜୀବନର ଲକ୍ଷ୍ୟ ପୂରଣ କରିପାରିଛନ୍ତି ବୋଲି ସମ୍ପାଦିକା ମଧୁସ୍ମିତା କହିଛନ୍ତି।

### ବାବାଙ୍କ ଦର୍ଶନ ଆଳରେ ରୁଦ୍ରାଭିଷେକ

ବାବା ବରୁଣେଶ୍ୱର ବର୍ଷର ସବୁ ସମୟରେ ଜଳମଗ୍ନ ରହିଥାନ୍ତି। ଯେଉଁଦିନ ରୁଦ୍ରାଭିଷେକ ହୋଇଥାଏ । ସେହିଦିନ କେବଳ ବାବାଙ୍କ ଦର୍ଶନ ମିଳିଥାଏ । ତେବେ ମେଳାର ପ୍ରତ୍ୟେକ ଦିନ ବାବାଙ୍କ ଦର୍ଶନ ପାଇଁ ରୁଦ୍ରାଭିଷେକ ଆୟୋଜନ ହେଉଛି । ୯ ଦିନ ବ୍ୟାପି ମେଳାରେ ପ୍ରଥମେ ପ୍ରଶାସନ ପକ୍ଷରୁ ରୁଦ୍ରାଭିଷେକ କରିବା ପରେ ପରେ ବିଧାୟିକା, ବ୍ଲକ ଅଧକ୍ଷଙ୍କ ସମେତ ବହୁ ଶ୍ରଦ୍ଧାଳୁ ପାଳି କରି ରୁଦ୍ରାଭିଷେକ କରୁଛନ୍ତି। ଆଉ ଏହି ମଉକାରେ ଶ୍ରଦ୍ଧାଳୁମାନେ ମଧ ବାବା ବରୁଣେଶ୍ୱରଙ୍କୁ ଦର୍ଶନ କରି କୃତାର୍ଥ ହେଉଛନ୍ତି।

### ମେଳାର ରୂପ ବଦଳୁଛି

ଦିନଥିଲା ବରୁଣେଶ୍ୱର ମେଳାରେ କେବଳ ଖାଇବାକୁ ମୁଆଁ, ବରା, ଗୁଲଗୁଲା, ବାରମଜା, ସୋଲା, ପୋଡ଼ପିଠା ଭଳି ଗ୍ରାମୀଣ ଖାଦ୍ୟ ବିକ୍ରୟ ହେଉଥିଲା। ଆଉ ସାମଗ୍ରୀ ମଧରେ ମାଟି ନିର୍ମିତ ହାଣ୍ଡି, କାଷ୍ଠ ନିର୍ମିତ ସାମଗ୍ରୀ, କଂସା ପିତଳ ଆଦି ବିକ୍ରୟ ହେଉଥିଲା। ହେଲେ ସମୟ ବଦଳିବା ଅନୁସାରେ ମେଳାର ରୂପରେ ପରିବର୍ତ୍ତନ ଆସିଛି। ଏବେ ମେଳା ପଡିଆରେ ନାମୀ ଦାମି କମ୍ପାନୀର ବାଇକ, ଟ୍ରାକ୍ଟର, ଅଟୋ, ଟିଭି, ଫ୍ରିଜ୍ ଠାରୁ ଆରମ୍ଭ କରି ଆହୁରି କେତେ କ'ଣ ମେଳାରେ ଆକର୍ଷଣର କେନ୍ଦ୍ର ବିନ୍ଦୁ ପାଲଟିଛି। ସେହିପରି ମେଳାରେ ଗୁପଚୁପ, ଚାଟ, ଫାଷ୍ଟଫୁଡ, ବିରିୟାନୀ, ଠୁଙ୍କାପୁରୀ ଆଦିର ଚାହିଦା ମଧ ବୃଦ୍ଧି ପାଇଛି ।

### ଆଜିଠାରୁ ଜମିବ ଯାତ୍ରା

ବରୁଣେଶ୍ୱର ମେଳା ପଡ଼ିଆରେ ପ୍ରତିବର୍ଷ ପରି ଏଥରମଧ ପାଞ୍ଚୋଟି ପେଣ୍ଡାଲରେ ଯାତ୍ରା ଅନୁଷ୍ଠିତ ହେବ। ଦୁଇଦିନ ଧରି ଗୋଟିଏ ଯାତ୍ରା ପାର୍ଟି ନାଟକ ମଞ୍ଚସ୍ଥ କରିବେ। ଗୁରୁବାରଠାରୁ ୪ଟି ଯାତ୍ରା ପେଣ୍ଡାଲରେ ଯାତ୍ରା ଅନୁଷ୍ଠିତ ହେବ ବୋଲି ଆୟୋଜକମାନେ ସୂଚନା ଦେଇଛନ୍ତି।

### ଅନ୍ନ ଓ ଶୀତବସ୍ତ୍ର ବଣ୍ଟନ

ମେଳା ପଡିଆରେ ବୁଧବାର ସାଇ ସେବା ଅନୁଷ୍ଠାନ ବିଞ୍ଝାରପୁର ପକ୍ଷରୁ ଦୁଖୀରଙ୍କଙ୍କୁ ଅନ୍ନ ଓ ଶୀତ ବସ୍ତ୍ର ପ୍ରଦାନ କରାଯାଇଥିଲା। ଶୀତରେ ଥରଥର ହେଉଥିବା ଗରୀବ ଲୋକମାନେ ଶୀତବସ୍ତ୍ର ପାଇ ଖୁସିରେ ବିଭୋର ହୋଇଯାଉଥିବା ଦେଖିବାକୁ ମିଳିଥିଲା।



ପବିତ୍ର ମକର ସଂକ୍ରାନ୍ତି ଓ ନୂଆବର୍ଷ ଅବସରରେ ବିଞ୍ଝାରପୁର ବ୍ଲକର ସମସ୍ତ ଜନସାଧାରଣଙ୍କୁ ମୋର ଶୁଭେଚ୍ଛା ସହ ହାର୍ଦ୍ଦିକ ଅଭିନନ୍ଦନ।
ଶୁଭ୍ରବାଳା ବେହେରା
ତହସିଲଦାର, ବିଞ୍ଝାରପୁର


ପବିତ୍ର ମକର ସଂକ୍ରାନ୍ତି ଓ ନୂଆବର୍ଷ ଅବସରରେ ଯାଜପୁର ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ମୋର ଶୁଭେଚ୍ଛା ସହ ହାର୍ଦ୍ଦିକ ଅଭିନନ୍ଦନ।
ଶୈଳେନ୍ଦ୍ର ସାମଲ
ସମ୍ପାଦକ, ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘ, ଯାଜପୁର


ପବିତ୍ର ମକର ସଂକ୍ରାନ୍ତି ଓ ନୂଆବର୍ଷ ଅବସରରେ ବିଞ୍ଝାରପୁର ବ୍ଲକର ସମସ୍ତ ଜନସାଧାରଣଙ୍କୁ ମୋର ଶୁଭେଚ୍ଛା ସହ ହାର୍ଦ୍ଦିକ ଅଭିନନ୍ଦନ।
ଦାମୋଦର ଖୁଣ୍ଟିଆ
ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବିଞ୍ଝାରପୁର


ପବିତ୍ର ମକର ସଂକ୍ରାନ୍ତି ଓ ନୂଆବର୍ଷ ଅବସରରେ ବିଞ୍ଝାରପୁର ବ୍ଲକର ସମସ୍ତ ଜନସାଧାରଣଙ୍କୁ ମୋର ଶୁଭେଚ୍ଛା ସହ ହାର୍ଦ୍ଦିକ ଅଭିନନ୍ଦନ।
ରବିନାରାୟଣ ମହାନ୍ତି
ସଭାପତି, ପ୍ରାଥମିକ ଶିକ୍ଷକ ସଂଘ, ବିଞ୍ଝାରପୁର


ପବିତ୍ର ମକର ସଂକ୍ରାନ୍ତି ଓ ନୂଆବର୍ଷ ଅବସରରେ ବିଞ୍ଝାରପୁର ବ୍ଲକର ସମସ୍ତ ଜନସାଧାରଣଙ୍କୁ ମୋର ଶୁଭେଚ୍ଛା ସହ ହାର୍ଦ୍ଦିକ ଅଭିନନ୍ଦନ।
ଚକ୍ରଧର ପାଢୀ
ଅତିରିକ୍ତ ତହସିଲଦାର, ବିଞ୍ଝାରପୁର


ପବିତ୍ର ମକର ସଂକ୍ରାନ୍ତି ଓ ନୂଆବର୍ଷ ଅବସରରେ ବିଞ୍ଝାରପୁର ବ୍ଲକର ସମସ୍ତ ଚାଷୀଭାଇମାନଙ୍କୁ ମୋର ଶୁଭେଚ୍ଛା ସହ ହାର୍ଦ୍ଦିକ ଅଭିନନ୍ଦନ।
ରଘୁନାଥ ଜେନା
ସହକାରୀ କୃଷି ଅଧିକାରୀ, ବିଞ୍ଝାରପୁର


ପବିତ୍ର ମକର ସଂକ୍ରାନ୍ତି ଓ ନୂଆବର୍ଷ ଅବସରରେ ବିଞ୍ଝାରପୁର ବ୍ଲକର ସମସ୍ତ ଜନସାଧାରଣଙ୍କୁ ମୋର ଶୁଭେଚ୍ଛା ସହ ହାର୍ଦ୍ଦିକ ଅଭିନନ୍ଦନ।
ପ୍ରଶାନ୍ତ କୁମାର ଦାଶ
କନିଷ୍ଠ ଯନ୍ତ୍ରୀ, ବିଞ୍ଝାରପୁର ପଞ୍ଚାୟତ ସମିତି, ବିଞ୍ଝାରପୁର


ପବିତ୍ର ମକର ସଂକ୍ରାନ୍ତି ଓ ନୂଆବର୍ଷ ଅବସରରେ ବିଞ୍ଝାରପୁର ବ୍ଲକର ସମସ୍ତ ଚାଷୀଭାଇମାନଙ୍କୁ ମୋର ଶୁଭେଚ୍ଛା ସହ ହାର୍ଦ୍ଦିକ ଅଭିନନ୍ଦନ।
ସଞ୍ଜୀବ ସାମଲ
କୃଷି କର୍ମଚାରୀ, ବିଞ୍ଝାରପୁର


ପବିତ୍ର ମକର ସଂକ୍ରାନ୍ତି ଓ ନୂଆବର୍ଷ ଅବସରରେ ଯାଜପୁର ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ମୋର ଶୁଭେଚ୍ଛା ସହ ହାର୍ଦ୍ଦିକ ଅଭିନନ୍ଦନ।
ନିରଞ୍ଜନ ପଣ୍ଡା (ବିଲୁ ନନା)
ପୂର୍ବାଞ୍ଚଳ ନିର୍ଦ୍ଦେଶକ, ଅନ୍ତଃରାଷ୍ଟ୍ରୀୟ ମାନବ ଅଧିକାର ସଂସ୍ଥା, ଇଣ୍ଡିଆ


ପବିତ୍ର ମକର ସଂକ୍ରାନ୍ତି ଓ ନୂଆବର୍ଷ ଅବସରରେ ବିଞ୍ଝାରପୁର ବ୍ଲକର ସମସ୍ତ ଜନସାଧାରଣଙ୍କୁ ମୋର ଶୁଭେଚ୍ଛା ସହ ହାର୍ଦ୍ଦିକ ଅଭିନନ୍ଦନ।
ଦିବାକର ସାହୁ
ମେସର୍ସ–ଗଣେଶ ପ୍ରୋଟିନ, ଗୌଡସାହି, ବିଞ୍ଝାରପୁର

## ସଂକ୍ଷେପରେ

### ମାନସ ବିଜେଡି ସାଧାରଣ ସମ୍ପାଦକ

**ଭୁବନେଶ୍ୱର,୧୬।୧(ବ୍ୟୁରୋ):** ଯୁବ ସଙ୍ଗଠକ ମାନସ ମଙ୍ଗରାଜଙ୍କୁ ବିଜେଡିରେ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି କରାଯାଇଛି। ମାନସ ଦଳର ଗଣମାଧ୍ୟମ ବ୍ୟାପାର ସମ୍ପର୍କିତ ଦାୟିତ୍ୱରେ ରହିବେ। ଦଳର ସାଧାରଣ ସମ୍ପାଦକ ତଥା ଯାଜପୁର ବିଧାୟକ ପ୍ରଣବ ପ୍ରକାଶ ଦାସ ବୁଧବାର ଏନେଇ ବିଜ୍ଞପ୍ତି ଜାରି କରିଛନ୍ତି। ମାନସ ଚିଲିକା ବିଧାନସଭା ନିର୍ବାଚନମଣ୍ଡଳୀରେ ଜଣେ ଦକ୍ଷ ସଙ୍ଗଠକ ଭାବେ ଜଣାଶୁଣା।

### ଚିଲିକାରେ ଡଲ୍‌ଫିନ୍ ଗଣନା ଆଜି

**ବାଲୁଗାଁ/ବ୍ରହ୍ମଗିରି,୧୬।୧(ଡି.ଏନ୍.ଏ.):** ବାଲୁଗାଁ ବନ୍ୟପ୍ରାଣୀ ଡିଭିଜନ ଓ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷଙ୍କ ମିଳିତ ଆନୁକୂଲ୍ୟରେ ଚିଲିକାରେ ବିରଳ ଇରାୱାଡ଼ି ପ୍ରଜାତିର ଡଲ୍‌ଫିନ୍ ଗଣନା କାର୍ଯ୍ୟ ଗୁରୁବାର କରାଯିବ। ଏଥିପାଇଁ ବିଭାଗ ପକ୍ଷରୁ ବୁଧବାର ପ୍ରସ୍ତୁତି ସରିଛି। ବାଲୁଗାଁ ନିକଟ ସିଡିଏ ଗବେଷଣା କେନ୍ଦ୍ର ଓ ସାତପଡ଼ାଠାରେ ପୃଥକ୍ ଭାବେ ଗଣନାକାରୀଙ୍କୁ ପ୍ରଶିକ୍ଷଣ ଦିଆଯିବା ପରେ ପ୍ରତି ଟିମ୍ ନିଜ ଅଞ୍ଚଳକୁ ଯାଇ ଅବସ୍ଥାନ କରିଛନ୍ତି। ଗଣନା ନିମନ୍ତେ ମୋଟ ୧୮ ଗୋଟି ଦଳକୁ ନିୟୋଜିତ କରାଯାଇଛି। ପ୍ରତି ଦଳକୁ ଗୋଟିଏ ଲେଖାଏ ଡଙ୍ଗା, ଜିପିଏସ୍ ଓ ଅନ୍ୟାନ୍ୟ ଯନ୍ତ୍ରାଂଶ ଯୋଗାଇ ଦିଆଯାଇଛି। ବିଶେଷ କରି ଡଲଫିନ ଅଧିକ ଦୃଷ୍ଟିଗୋଚର ହେଉଥିବା ଅଞ୍ଚଳ ସାତପଡ଼ାଠାରେ ୮ ଗୋଟି ଓ ବାହାର ଚିଲିକା ଅଞ୍ଚଳରେ ୧୦ ଗୋଟି ଟିମ୍ ଉପସ୍ଥିତ ରହି ଟ୍ରାନଜାକ୍ଟ ଲାଇନ୍ ପ୍ରଣାଳୀରେ ଗଣନା କରିବେ। ବିଭାଗୀୟ ଅଭିଜ୍ଞ କର୍ମଚାରୀ ଓ ବିଭିନ୍ନ ଅନୁଷ୍ଠାନର ମୋଟ ୯୦ ଜଣ ଗଣନାକାରୀ ସାମିଲ ହେବେ। ପ୍ରତି ଟିମ୍‌ରେ ୫ ଜଣ ଲେଖାଏ ରହିବେ ବୋଲି ଜଣାଯାଇଛି। ଗୁରୁବାର ଭୋର ୬ଟାଠାରୁ ୧୨ଘଟିକା ମଧ୍ୟରେ ଡଲଫିନ ଗଣନା ହେବ। ଗଣନା ଶେଷ ପର୍ଯ୍ୟନ୍ତ ଚିଲିକାରେ ସମସ୍ତ ଡଙ୍ଗା ଚଳାଚଳ ବନ୍ଦ ରହିବ ଓ କୌଣସି ପର୍ଯ୍ୟଟକ ନୌବିହାରରେ ଯାଇପାରିବେ ନାହିଁ ବୋଲି ବନ୍ୟପ୍ରାଣୀ ବିଭାଗ ଡିଏଫଓ ବିକାଶ ରଞ୍ଜନ ଦାଶ ସୂଚନା ଦେଇଛନ୍ତି।

# ମା'ମୃତଦେହକୁ ସାଇକେଲରେ ବୋହିଲେ ନାବାଳକ ପୁଅ

- ଝିଅ ପରଗୋତ୍ରି ବୋଲି ୪ କାନ୍ଧ ମିଳିଲାନି
- ଛର୍ଲା ଜଙ୍ଗଲରେ ଗାତ ଖୋଳି ପୋତି ଦେଲେ

**ଲଖନପୁର,୧୬।୧(ଡି.ଏନ୍.ଏ.)**

ସମାଜରେ ଜାତିଗତ ଭେଦଭାବ, କୁସଂସ୍କାର, ଅନ୍ଧବିଶ୍ୱାସକୁ ନେଇ ନାନା ଅଭାବନୀୟ ଘଟଣା ଘଟୁଛି। ଦିନକୁ ଦିନ ଲୋକଙ୍କ ମନରୁ ମାନବିକତା ବି ହଜିଯାଉଛି। ସେଭଳି ଏକ ଘଟଣା ଝାରସୁଗୁଡ଼ା ଜିଲା ଲଖନପୁର ବ୍ଲକ୍ ସରଣ୍ଡାମାଲ ପଞ୍ଚାୟତ କର୍ପାବାହାଲ ଗ୍ରାମରେ ବୁଧବାର ଦେଖିବାକୁ ମିଳିଛି ।

ସମ୍ପୂର୍ଣ୍ଣ ଘଟଣାଟି ଏପରି । ଗ୍ରାମର ଜାନକୀ ସିନ୍ଧେରିଆ (୫୦)ଙ୍କ ବୁଧବାର ସକାଳ ୧୦ଟାରେ ମୃତ୍ୟୁ ଘଟିଥିଲା। ସେ ବିବାହ କରି ପରଗୋତ୍ରି ହୋଇଯାଇଥିବାରୁ ସମ୍ପର୍କୀୟ କିମ୍ବା ଗ୍ରାମବାସୀ କେହି ତାଙ୍କ ମୃତଦେହ ନେଇ ଶ୍ମଶାନକୁ ଯିବାକୁ ଆସି ନ ଥିଲେ । ଏମିତି ବହୁ ସମୟ ଅପେକ୍ଷା କରିବା ପରେ କିଛି ଲାଭ ହୋଇ ନ ଥିଲା । ଶେଷରେ ଜାନକୀଙ୍କ ଏକ ମାତ୍ର ନାବାଳକ ପୁଅ ସରୋଜ ସାଇକେଲ୍ ପଛରେ ମା'ର ମୃତଦେହ ବାନ୍ଧି ୩ କିଲୋମିଟର ରାସ୍ତାରେ ଚାଲି ଚାଲି ଶ୍ମଶାନକୁ ନେଇଥିଲେ। ରାସ୍ତାରେ ଏଭଳି ଦୃଶ୍ୟକୁ ସମସ୍ତେ ଦେଖୁଥିଲେ ମଧ୍ୟ କେହି କିଛି କରି ନ ଥିଲେ । ମୃତଦେହକୁ ଏକାକୀ


ପୁଅ ସାଇକେଲ ପଛରେ ମା'ର ମୃତଦେହ।

ସଂସ୍କାର କରିବା ସରୋଜଙ୍କ ପକ୍ଷେ ସମ୍ଭବ ନ ହେବାରୁ ନିକଟସ୍ଥ ଛର୍ଲା ଜଙ୍ଗଲରେ ଗାତ ଖୋଳି ପୋତି ଦେଇଥିଲେ।

ସୁନ୍ଦରଗଡ ଜିଲା ହେମଗିର ବ୍ଲକ୍ ଲିପସପାଲି ଗ୍ରାମରେ ମୁନୁ ସିନ୍ଧେରିଆଙ୍କୁ ଜାନକୀ ବିବାହ କରିଥିଲେ। ତାଙ୍କର ୨ ସନ୍ତାନ ଅଛନ୍ତି । ଝିଅ ବିନିତା ବିବାହ କରି ସାରିଥିବା ବେଳେ ପୁଅ ସରୋଜ ଏବେ ନାବାଳକ । ସ୍ୱାମୀଙ୍କ ମୃତ୍ୟୁ ପରେ ଜାନକୀ ପୁଅ ଓ ଝିଅଙ୍କୁ ଧରି ବାପଘର କର୍ପାବାହାଲ ଗ୍ରାମକୁ ଚାଲି ଆସି ୯ ବର୍ଷ ହେଲା ରହୁଥିଲେ। ବୁଧବାର ସକାଳେ ଜାନକୀ ଘରକୁ ପାଣି ଆଣୁଥିବାବେଳେ ହଠାତ୍ ତଳେ ପଡି ପ୍ରାଣ ହରାଇଥିଲେ। ଖବର ପାଇ ଜାନକୀଙ୍କ ମାମୁ, ଗାଁ ଲୋକେ ଓ ପଡୋଶୀ ତାଙ୍କ ଘରେ ପହଞ୍ଚି ଥିଲେ। ହେଲେ ଜାନକୀଙ୍କ ପୁଅ ଝିଅ ବ୍ୟତୀତ ଅନ୍ୟ କେହି ତାଙ୍କ ମୃତଦେହକୁ ଛୁଇଁ ନ ଥିଲେ। କାରଣ ଝିଅ ବାହା ହେବାପରେ ପରଗୋତ୍ରି ହୋଇଯାଇଥାଏ। ବାପା ଘର ଲୋକେ ମୃତଦେହକୁ ଛୁଅନ୍ତି ନାହିଁ। ଛୁଇଁଲେ ମୁକ୍ତି ହେବା ପାଇଁ ଜାତି ହେବାକୁ ପଡିଥାଏ। ଏଥିପାଇଁ ବାପା ଘର ଲୋକଙ୍କୁ ଖର୍ଚ୍ଚାନ୍ତ ହେବାକୁ ପଡିଥାଏ। ଏହି ଅନ୍ଧବିଶ୍ୱାସ ଯୋଗୁ ଜାନକୀଙ୍କ ମୃତଦେହକୁ କେହି ଛଇଁ ନ ଥିଲେ । ଶେଷରେ ନିରୁପାୟ ହୋଇ ସରୋଜ ଓ ବିନିତା ମା'ଙ୍କ ମୃତଦେହକୁ ଲୁଗାରେ ଗୁଡାଇ ସାଇକେଲ୍ ପଛରେ ବାନ୍ଧିଥିଲେ। ତା'ପରେ ସରୋଜ ବହୁକଷ୍ଟରେ ସାଇକେଲ୍ ଗଡ଼ାଇ ଗଡ଼ାଇ ୩ କିଲୋମିଟର ଦୂର ଛର୍ଲା ଜଙ୍ଗଲକୁ ନେଇଥିଲେ । ସେଠାରେ ଗାତ ଖୋଳି ମା'ର ମୃତଦେହକୁ ପୋତି ଦେଇଥିଲେ। ସରୋଜ ସାଇକେଲରେ ମା'ର ମୃତଦେହ ନେଇ ଯିବାବେଳର ହୃଦୟ ବିଦାରକ ଦୃଶ୍ୟ ପଥଚାରୀଙ୍କ ନଜରରେ ପଡିଥିଲା। ବନ୍ଧବାହାଲ ସ୍ୱାଧୀନ କମ୍ପ୍ଲେକ୍ସ ଛକ ରାସ୍ତାରେ ଲୋକେ ତାଙ୍କୁ ଅଟକାଇ ଗଣମାଧ୍ୟମ ପ୍ରତିନିଧିଙ୍କୁ ଖବର ଥିଲେ । ଏହାପରେ ସମ୍ପୂର୍ଣ୍ଣ ଘଟଣା ଲୋକଲୋଚନକୁ ଆସିଥିଲା। ଖବର ପାଇ ବନ୍ଧବାହାଲ ଫାଣ୍ଡି ପୋଲିସ ଏସ୍‌ଆଇ ଲିନୁସ୍ ଲାକ୍ରା କର୍ପାବାହାଲ ଗାଁରେ ପହଞ୍ଚି ତଦନ୍ତ ଜାରି ରଖିଛନ୍ତି।

# ରାଜ୍ୟରେ ଶୀତଳଭଣ୍ଡାର ସ୍ଥିତି ଦୟନୀୟ

- ସରକାରଙ୍କ ଦୃଷ୍ଟି ଆକର୍ଷଣ କଲା ଏଓସିଏସ୍ଏ

**ଭୁବନେଶ୍ୱର,୧୬।୧(ବ୍ୟୁରୋ)**

ସାରା ରାଜ୍ୟରେ ଶୀତଳ ଭଣ୍ଡାରଗୁଡିକ ଦୟନୀୟ ସ୍ଥିତି ଦେଇ ଗତି କରୁଛି। ତେଣୁ ଅଲ୍ ଓଡ଼ିଶା ଶୀତଳ ଭଣ୍ଡାର ସଂଘ(ଏଓସିଏସ୍ଏ) ପକ୍ଷରୁ ଏହାର ସ୍ଥିତି ସୁଧାରିବା ଲାଗି ତତ୍ପରତା ପ୍ରକାଶ କରାଯାଇଛି। ଯଦି ରାଜ୍ୟ ସରକାର ଠିକ୍ ସମୟରେ ଉପଯୁକ୍ତ ପଦକ୍ଷେପ ନ ନିଅନ୍ତି, ତେବେ କାର୍ଯ୍ୟକ୍ଷମ ଶୀତଳ ଭଣ୍ଡାର ଅବସ୍ଥା ଆହୁରି ସାଂଘାତିକ ହେବ। ଯାହା ବିଭିନ୍ନ ଶସ୍ୟ ଓ ପନିପରିବା ମହଜୁଦ୍ ରଖିବାରେ ଅନ୍ତରାୟ ସାଜିବ। ରାଜ୍ୟ ସରକାରଙ୍କ ତ୍ରୁଟିପୂର୍ଣ୍ଣ କୃଷି ନୀତିକୁ ସଂଘ ପକ୍ଷରୁ ଏଥିପାଇଁ ଦାୟୀ କରାଯାଇଛି। ସଂଘର ସାଧାରଣ ସମ୍ପାଦକ ଜନାର୍ଦ୍ଦନ ସାହୁ କହିଛନ୍ତି, ସ୍ଥାପନ କରାଯାଇଥିବା ଶୀତଳ ଭଣ୍ଡାରଗୁଡିକରୁ ମାତ୍ର ୧୫ରୁ ୨୦ ପ୍ରତିଶତ ଠିକ୍ ଭାବେ କାର୍ଯ୍ୟକ୍ଷମ ହେଉଛି। ୨୦୧୫ରେ ରାଜ୍ୟରେ ଆଳୁ ମିଶନ୍‌କୁ ଲକ୍ଷ୍ୟ ରଖି କେବଳ ୧୧୨ଟି ଶୀତଳ ଭଣ୍ଡାର ସ୍ଥାପନ କରାଯିବ ବୋଲି କୁହାଯାଇଥିଲା। ଏହି ଘୋଷଣାକୁ ୩ ବର୍ଷ ବିତିଥିଲେ ବି ମାତ୍ର ୨୬ଟି ଶୀତଳଭଣ୍ଡାର କରାଯାଇଛି। ଏହି ସବୁ ଅସୁବିଧା ସମ୍ପର୍କରେ ବିଭାଗୀୟ ଅଧିକାରୀ ଏବଂ ସରକାରଙ୍କୁ ଅବଗତ କରାଯାଇଥିବା ଜନାର୍ଦ୍ଦନ ଉଲ୍ଲେଖ କରିଛନ୍ତି। ଏସବୁ ସମସ୍ୟାର ସମାଧାନ ପାଇଁ ସଂଘ ପକ୍ଷରୁ କେତେକ ଗଠନଧର୍ମୀ ପ୍ରସ୍ତାବ ପ୍ରଦାନ କରାଯାଇଛି। ହେଲେ ବାରମ୍ବାର ଦୃଷ୍ଟି ଆକର୍ଷଣ କରିବା ସତ୍ତ୍ୱେ ମଧ୍ୟ ଶୀତଳଭଣ୍ଡାରଗୁଡିକର ସ୍ଥିତାବସ୍ଥାରେ କୌଣସି ପରିବର୍ତ୍ତନ ଆସିନାହିଁ।

ସୂଚନାଯୋଗ୍ୟ, ରାଜ୍ୟ ସରକାର ୨୦୧୪ ନିର୍ବାଚନ ଇସ୍ତାହାରରେ ୩୧୪ ବ୍ଲକରେ ଶୀତଳଭଣ୍ଡାର ନିର୍ମାଣ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ହେଲେ ଚତୁର୍ଥ ପାଳିର ସାଢେ ଚାରି ବର୍ଷ ପରେ ମଧ୍ୟ ତାହା ପୂରଣ ହୋଇପାରିନାହିଁ। ରାଜ୍ୟରେ ମାତ୍ର ୪୬ଟି ଶୀତଳ ଭଣ୍ଡାର କାର୍ଯ୍ୟକ୍ଷମ ହେଉଛି, ବାକି ୮୦ଟି ବିଭିନ୍ନ କାରଣରୁ ଅଚଳ ହୋଇ ପଡିରହିଛି। ଏ ସଂକ୍ରାନ୍ତରେ ଦୈନିକ ଧରିତ୍ରୀରେ ଗତ ୧୨ ତାରିଖରେ 'ପ୍ରତି ବ୍ଲକରେ ସ୍ଥାପନ ହୋଇନି ଶୀତଳ ଭଣ୍ଡାର' ଶୀର୍ଷକ ଖବର ପ୍ରକାଶ ପାଇଥିଲା।

# ଉମାଶଙ୍କର ଦାସଙ୍କୁ ସର୍ବକନିଷ୍ଠ ପାଣିପାଗ ବିଜ୍ଞାନୀ ପୁରସ୍କାର

**ଭୁବନେଶ୍ୱର, ୧୬।୧(ବ୍ୟୁରୋ)**

ଭାରତୀୟ ପାଣିପାଗ ବିଭାଗରେ କାର୍ଯ୍ୟରତ ବୈଜ୍ଞାନିକ ଉମାଶଙ୍କର ଦାସଙ୍କୁ ସର୍ବକନିଷ୍ଠ ପାଣିପାଗ ବିଜ୍ଞାନୀ ପୁରସ୍କାର ପ୍ରଦାନ କରାଯାଇଛି। ତିତ୍‌ଲି ବାତ୍ୟା ସମ୍ପର୍କିତ ଆଗୁଆ ଅନୁମାନ ତଥା ସୂଚନା ଦେବାରେ ନିଜର ପାରଦର୍ଶିତା ପାଇଁ ଉମାଶଙ୍କରଙ୍କୁ ଦିଲ୍ଲୀରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପୁରସ୍କୃତ କରାଯାଇଛି। କେନ୍ଦ୍ର ବିଜ୍ଞାନ ଏବଂ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଡ. ହର୍ଷବର୍ଦ୍ଧନ ତାଙ୍କୁ ପୁରସ୍କୃତ କରିଛନ୍ତି। ସୂଚନାଯୋଗ୍ୟ, ଭଦ୍ରକ ବେତଡ଼ା ଅଞ୍ଚଳର ଆଦର୍ଶ ଶିକ୍ଷକ ଶ୍ରୀକାନ୍ତ ଦାସଙ୍କର ପୁତ୍ର ହେଉଛନ୍ତି ଉମାଶଙ୍କର। ପିଲାଟି ଦିନରୁ ଖୁବ୍ ମେଧାବୀ ଛାତ୍ର ଥିବା ଉମାଶଙ୍କର ପାଣିପାଗ ବିଜ୍ଞାନୀ ହେବା ପାଇଁ ପିଲାଟି ଦିନରୁ ଲକ୍ଷ୍ୟ ରଖିଥିଲେ। ନିଜର କାର୍ଯ୍ୟ ଦକ୍ଷତା ପାଇଁ ଖୁବ୍ କମଦିନରେ ପାଣିପାଗ ବିଭାଗରେ ପ୍ରସିଦ୍ଧି ହାସଲ କରିଥିବା ଉମାଶଙ୍କର ଭବିଷ୍ୟତରେ ସାଧାରଣ ଲୋକଙ୍କୁ କିପରି ବାତ୍ୟା ଓ ବନ୍ୟା ସମ୍ପର୍କିତ ଆଗୁଆ ସୂଚନା ଦିଆଯାଇପାରିବ ସେନେଇ ଉଦ୍ୟମ ଜାରି ରଖିବେ ବୋଲି ନିଜ ପ୍ରତିକ୍ରିୟାରେ କହିଛନ୍ତି।


ଉମାଶଙ୍କର ଦାସ

**ଓଟିଇଟି ପ୍ରଶ୍ନପତ୍ର ଲିକ୍ ଘଟଣା**

# ଗଣଶିକ୍ଷା ମନ୍ତ୍ରୀଙ୍କ ସରକାରୀ ବାସଭବନ ଘେରାଉ

**ଭୁବନେଶ୍ୱର,୧୬।୧ (ବ୍ୟୁରୋ)**

ଓଟିଇଟି ପ୍ରଶ୍ନପତ୍ର ଲିକ୍ ପରେ ବୁଧବାର ପରୀକ୍ଷା ବାତିଲ କରାଯାଇଛି। ଏହାକୁ ନେଇ ଛାତ୍ରୀଛାତ୍ରଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିବାବେଳେ ଛାତ୍ର ସଂଗଠନ ଏବିଭିପି ପକ୍ଷରୁ ସ୍କୁଲ୍ ଓ ଗଣଶିକ୍ଷା ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ରଙ୍କ ସରକାରୀ ବାସଭବନକୁ ଘେରାଉ କରାଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ତେବେ ପୋଲିସ ଆନ୍ଦୋଳନକାରୀଙ୍କ ଅଟକାଇବାରୁ ଉଭୟଙ୍କ ମଧ୍ୟରେ କିଛି ସମୟ ଧରି ଧସ୍ତାଧସ୍ତି ହୋଇଥିଲା। ଶେଷରେ ପୋଲିସ ଏବିଭିପିର ୨୦ରୁ ଊର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତାଙ୍କୁ ଧରିନେବା ସହ ପରିସ୍ଥିତିକୁ ନିୟନ୍ତ୍ରଣ କରିଥିଲା। ତେବେ ବାରମ୍ବାର ପ୍ରଶ୍ନପତ୍ର ଲିକ୍ ହେଉଥିବାରୁ ମାଧ୍ୟମିକ ଶିକ୍ଷା ପରିଷଦର କାର୍ଯ୍ୟଧାରା ଓ ସ୍କୁଲ୍ ଏବଂ ଗଣଶିକ୍ଷା ବିଭାଗର ସ୍ୱଚ୍ଛତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ଛାତ୍ରୀଛାତ୍ର।


ସ୍କୁଲ୍ ଓ ଗଣଶିକ୍ଷା ମନ୍ତ୍ରୀ ବଦ୍ରି ନାରାୟଣ ପାତ୍ରଙ୍କ ସରକାରୀ ବାସଭବନକୁ ଘେରାଉ ବେଳେ ପୋଲିସ ଆନ୍ଦୋଳନକାରୀଙ୍କୁ ଅଟକାଇବାକୁ ଚେଷ୍ଟା କରୁଛି।

**ଇସ୍ତଫା ଦାବିକଲା ଏବିଭିପି**

ଏହି ଘଟଣାକୁ ଦୁର୍ଭାଗ୍ୟଜନକ କହିଛନ୍ତି ଏବିଭିପି ରାଜ୍ୟ ସମ୍ପାଦକ ଶଶୀକାନ୍ତ ମିଶ୍ର। କେଉଁ ପରିସ୍ଥିତିରେ ପ୍ରଶ୍ନପତ୍ର ଲିକ୍ ହେଲା, କିଏ ଏହାକୁ କେଉଁଠୁ ପାଇଲା ଏବଂ କିଏ ସୋସିଆଲ ମିଡ଼ିଆରେ ଛାଡ଼ିଲା ତାହାର ତୁରନ୍ତ ପର୍ଦ୍ଦାଫାଶ କରାଯିବା ସହ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ଦାବି କରିଛନ୍ତି। ଲକ୍ଷ ଲକ୍ଷ ପିଲାଙ୍କ ଭବିଷ୍ୟତ ସହ ବୋର୍ଡ ଓ ଶିକ୍ଷା ବିଭାଗ ଏପରି ନ ଖେଳନ୍ତୁ ପରିଚାଳନା କମିଟିର ଖାମଖିଆଲ ମନୋଭାବ ଯୋଗୁ ଆଜି ପିଲାଙ୍କ ଭବିଷ୍ୟତ ଗୁରୁତର ପ୍ରଭାବିତ ହେଉଛି। ଏହି ଘଟଣାରେ ବିଭାଗୀୟ ମନ୍ତ୍ରୀ ଇସ୍ତଫା ଦିଅନ୍ତୁ ବୋଲି ସେ ଦାବି କରିଛନ୍ତି।


## GOVERNMENT OF ODISHA
## e-Procurement Notice, ANGUL (R&B) DIVISION

No.1132-B:- **Bid Identification No-47 of 2018-19**
**e-mail ID: angulrbdivision@yahoo.co.in**

| | | | |
|---|---|---|---|
| 1. | Number of Works | : | 1 (One) number of Road work |
| 2. | Approximate estimated cost | : | Rs. 90.77 lakh |
| 3. | Period of completion | : | 03 (Three) Calendar months |
| 4. | Date & Time of availability of bid document in the portal | : | Dt. 21.01.2019 at 10.00 AM |
| 5. | Last date/ Time for receipt of bid in the portal | : | Dt. 04.02.2019 upto 5.00 PM |
| 6. | Date of opening of Bid | : | Dt. 05.02.2019 at 11.00 AM |
| 7. | Name and address of the Office inviting Bid | : | Executive Engineer, Angul (R&B) Division, Angul |
| 8. | The bidders have to participate in ONLINE bidding only. | | |

Further details can be seen from the e-procurement portal https:/tendersodisha.gov.in.

**Sd./- Er. S.N. Acharya**
**Executive Engineer,**
**Angul (R&B) Division**
34074/11/0031/1819

## GOVERNMENT OF ODISHA
## COMMERCE AND TRANSPORT (TRANSPORT) DEPARTMENT
## ADVERTISEMENT
### CONTRACTUAL RE-EMPLOYMENT OF RETIRED OAS OFFICERS

**No. Rly-F-01/2019/294 /T, Bhubaneswar, Dated : 11.01.2019**

No.26-JJ: Applications are invited from suitable and willing retired OAS officers not above the age of 62 years (as on the date of issue of advertisement) for contractual re-employment as Special Land Acquisition Officer / Land Acquisition Officer against 2 numbers of vacant posts meant for the OAS Officers in Khurda Road - Bolangir New BG Rail Link Project for Boudh district and Talcher - Bimlagarh NBG Rail Link Project for Angul / Sundargarh district under Rail Co-ordination Directorate of Commerce and Transport (Transport Department). Besides, another one post will be filled up for Angul - Sukinda project.

Retired and willing OAS Officers may submit their application in the prescribed form Annexed herewith addressed to the Under Secretary to Govt., C&T (Transport) Department, Odisha, Bhubaneswar by post on or before 10 days from the date of issuance of this Advertisement.

The detailed guidelines indicating the eligibility criteria and terms and conditions laid down vide GA Department Resolution No. No23750/ Gen. Dated 27.8.2014 and the application form may be downloaded from the Odisha Govt. website as well as website of C&T(Transport) Department at www.odisha.gov.in/commerce_transport.

38001/11/0010/1819 **Sd./- Under Secretary to Government**

## BERHAMPUR MUNICIPAL CORPORATION

No. 545/ A-12-11-02/2016 Date: 14.01.2019

## TENDER CALL NOTICE

No. 415-C: Sealed tenders are invited to reach by Speed Post/ Registered Post/ Courier/ By Hand from reputed agencies/ firms/ manufacturers/ dealers/ Suppliers for "Supply of Home appliances for Aahar". The detailed terms & conditions are available at our office website www.berhampur.gov.in . The last date of receipt of tenders in this office by 18.01.2019 by 5.00 PM and will be opened on 19.01.2019 at 11.00 AM in the office of undersigned.

The Authority reserves the right to accept or reject any tender without assigning any reason thereof.

**Sd./- Commissioner, Berhampur**
13035/11/0186/1819 **Municipal Corporation**

## THE ODISHA STATE COOPERATIVE BANK LTD.

Pandit Jawaharlal Nehru Marg, Bhubaneswar-751001
Ref. No. OSCB/HRDD/7256/2018-19 Date: 14.01.2019

## QUOTATION CALL NOTICE

**No. 33-LL:-**

Name of the work : Printing and supply of 70 GSM Computer papers with logo (EZR printing) to Head Office of OSCB, Bhubaneswar.

Last date and time of submission: 28.01.2019 upto 2.00 PM.

The quotation details can be downloaded from the official website www.odishascb.com from 14.01.2019 to 28.01.2019.

***Sd./- Managing Director***
***Odisha State Cooperative Bank Ltd.***
***Bhubaneswar***
39012/11/0016/1819

## DISTRICT RURAL DEVELOPMENT AGENCY, ANGUL

**Dist.- Angul, Odisha, PIN- 759122**
**Phone: 06764-230144,**
**E-mail: ori-dangul@nic.in, drdaangul@gmail.com**

Panchayati Raj

No. 110 Date: 14.01.2019

## NOTICE

No. CAD-1268: Pursuant to Govt.-in-PR & DW Department, Odisha, Bhubaneswar Notification No.24194 dtd.18.12.2018 & this office show cause notice No.61 dtd.04.01.2019, it is to inform all GRSs in Angul District that if they will not resumed their duty by 5 PM on 21.01.2019, their contract will be terminated and dis-engaged from the post of GRS.

**Sd./- Collector-cum-DPC**
24012/11/0063/1819 **MGNREGS, ANGUL**

## ODISHA HYDRO POWER CORPORATION LTD.

OHPC

**OFFICE OF THE SENIOR GENERAL MANAGER (ELECTRICAL)**
**UPPER KOLAB HYDRO ELECTRIC PROJECT**
**BARINIPUT : DIST. KORAPUT– 764006 (ODISHA)**
PHONE: - 06854 - 242001 (O) FAX: - 06854 - 242038
Email : sgmel_ukhep@ohpcltd.com

### NOTICE INVITING TENDER No.29/ 2018-19 Date: 14 .01.2019

No. CAD-1271: Sealed Tenders are invited in two part i.e. (i) Techno commercial bid & (ii) price bid in separate sealed envelopes from reputed Firm/ Agency for " Painting of 4 Nos. Penstock Pipes including Valve House Portion" of Upper Kolab Hydro Electric Project, Bariniput

| Sl. No. | Description of Work | Qnty. | Cost of Tender Paper in Rs. | EMD in Rs. |
|---|---|---|---|---|
| 1 | "Painting of 4 Nos. of Penstock Pipes including Valve House Portion" of Upper Kolab Hydro Electric Project, Bariniput | 4 Nos. | Rs. 7080/- | 1% of quoted value. |

Sale of tender paper : - From 13:00 Hrs. of Date.22.01.2019
Last date of submission of tender : - up to16:00 Hrs. of Date.05.02.2019
Date & Time of opening of tender : - 16:30 Hrs. of Date. .05.02.2019
For details of the tender documents, terms and conditions please visit our website www.ohpcltd.com

04002/11/0081/1819 **Unit Head, UKHEP, Bariniput.**

## TENDER NOTICE NO:-1/2019

No. 1133-A: The Project Director, Watersheds, Dhenkanal invites Sealed Tender in plain paper on or before dated 07.02.2019 at 11 AM from intending persons for collection of cashew nuts and apples from the cashew plantations under the Project Director, Watersheds, Dhenkanal for the harvesting year 2019 as per the plantation list given below ; which will be opened by the Chairman of the Tender Committee on the same day at 3.00 P.M. in presence of the Tenderers or their representatives & Tender Committee Members. An amount equal to 5% of the quote value of each plantation should be deposited along with tender paper in shape of Bank Draft / Cash or DCR payable at the State Bank of India, Dhenkanal in favour of the Project Director, Watersheds, Dhenkanal towards earnest money. The Tenderers should furnish sales tax and income tax clearance and non-assessment certificate. The Tenders should be superscribed with "Tender for collection of raw cashew nuts and apples from the plantation" with name of the plantation at the top and should be addressed to the Project Director, Watersheds, Dhenkanal.

The Tenderer should quote the price for each plantation separately exclusive of all taxes. Consolidated price for more than one plantation quoted will be summarily rejected. He will have to pay the sales tax and other taxes if any of acceptance quoted by the Competent Authority.

On acceptance of the tender, the Tenderer will have to deposit 10% towards security deposit and 50% of the Tendered value on the same day or before 2.00 P.M. of the next day. The balance amount including all taxes as admissible is to be deposited within four days; after which work order will be issued, failing which Tenderer will have no right to collect nuts and apples from the said plantation .Other details of term and conditions can be obtained from the office during office hour.

The Department will not be responsible for any kind of natural calamity. The competent authority reserves the right to accept or reject any or all Tenders without assigning any reason thereof.

List of Plantations
1. Guagaria: 47.00 Acres
2. Babandha 32.50 Acres

**Sd./- Project Director**
01377/11/0001/1819 **Watersheds, Dhenkanal**

## OFFICE OF THE JOINT DIRECTOR-CUM-SUPERINTENDENT, E.S.I. HOSPITAL, KANSBAHAL, DIST.- SUNDARGARH (ODISHA)

### TENDER CALL NOTICE
### No. 48 / ESIH.KBL. DATED 10.01.2019

**No.19-K:-** Sealed tenders are hereby invited along with sealed samples within one week of the publication of the Tender Call Notice for supply of (a) Dietary Articles, (b) Misc. Contingent Articles to E.S.I. Hospital, Kansbahal, Dist. Sundargarh for the year-2019-2020.

Each Tenderer has to deposit Rs. 1000.00 & rs. 100.00 as earnest money with the tender for Dietary Articles & Misc. Contingent Articles respectively which will be returned back in case the tender is not accepted. The same will be adjusted towards the security deposit of the successful tenderers. No tender will be considered without valid VAT/GST clearance, Income Tax & Solvency Certificate. The sealed tenders will be opened in the office of the undersigned in presence of the Diet Committee and the Tenderers concerned or their authorised representatives, the date of which will be notified later on in consultation with the Additional District Magistrate, Rourkela, Chairman of the Diet Committee. The successful Tenderer has to make security deposit of Rs. 5000.00 (Rupees five thousands) only and Rs. 1000.00 (Rupees one thousand) only for the Dietary and Misc. Contingent Articles respectively and also he is to enter an agreement for such supply within a week of acceptance of the Tender. The details of Tenders alongwith relevant terms and conditions and the list of the articles required can be obtained from the office of the undersigned during office hours on any working day. The undersigned reserves the right to accept or reject any tender without assigning any reason thereof.

**Sd./- Joint Director-cum-Superintendent,**
**E.S.I. Hospital, Kansbahal, Dist.- Sundargarh**
**17018/11/0001/1819**

## OFFICE OF THE EXECUTIVE ENGINEER, RWS&S DIVISION, PURI - 752002

Phone (06752) 251276, Fax :- (06752) 251276
E-mail:-eerwss_puri@nic.in

### NATIONAL COMPETITIVE BIDDING THROUGH E-PROCUREMENT

**Bid Identification No. RWSSPURI 86 /2018-19**

No.1403-O: The Executive Engineer, RWS&S Division, Puri on behalf of Governor of Odisha invites lump sum price bids through e-procurement in double cover system according to the norms is of e-procurement system, in on-line mode from eligible contractors.

| Sl. No. | Nature of work: | Piped Water Supply Scheme |
|---|---|---|
| 1. | No. of works: | 1(ONE) |
| 2. | Time for completion: | Eight months |
| 3. | Cost of bidding document: | Rs.10000/- |
| 4. | Class of Contractors eligible: | B & A |
| 5. | Availability of bids on-line: | From 17 hour of 16.01.2019 to 17.00 hours of 30.01.2019 |
| 6. | Last date and time for seeking clarification: | 17.00 hours of 25.01.2019 |
| 7. | Date & time of opening of technical bids: | On dt 31.01.2019 at 12.00 Hours in the office of the Executive Engineer, RWS&S Division, Puri (All documents should be submitted in online only. No original documents should be dropped in dropping box before opening of technical bid in Division Office). |
| 8. | Date and time of opening of financial bids: | To be decided. |

Further details can be seen from the website **https://www.tendersorissa.gov.in**.

**Sd./- Executive Engineer,**
25017/11/0103/1819 **RWS&S Division, Puri**

## Government of Odisha
## e- Procurement Notice
### INVITATION FOR BIDS (IFB)

**Bid Identification No. S.E.Dkl.(R&B) 14/2018-19**
Email Id-sedklpwd@gmail.com

No.1133-B: The Superintending Engineer, Dhenkanal (R&B) Circle, Dhenkanal on behalf of Governor of Odisha invites Percentage Rate bids in double cover system to be received in ONLINE MODE from eligible contractors for construction of Road works as detailed in the table below:

| | | | |
|---|---|---|---|
| 1. | Name of the work | : | Road works |
| 2. | No of works | : | 3 (Three) Nos |
| 3. | Estimated Cost | : | Rs.1,32,04,245/- to Rs.3,02,01,116/- |
| 4. | Cost of tender paper | : | Rs 10,000.00 |
| 5. | Class of contractor | : | 'B' &'A' & 'Special' Class |
| 6. | Period of Completion of work | : | 5 (Five) to 9 (Nine) Calendar months |
| 7. | Date and time of availability of bid Document in the website | : | From Dt.21.01.2019 to 16.00 hours of Dt.04.02.2019 |
| 8. | Date of opening of bid | : | Dt.05.02.2019 at 11.30 hours |

The bidders have to participate in ONLINE bidding only, further details can be seen from the e-Procurement Portal: **www.tendersodisha.gov.in**. Any addendum / corrigendum / cancellation of tender can also be seen in the said website.

**Superintending Engineer**
34132/11/0022/1819 **Dhenkanal(R&B) Circle, Dhenkanal**


ସୋନାକ୍ଷୀ

# ସ୍ଲିମ୍ ଟ୍ରିମ୍ ମିଶନ

ଦବଙ୍ଗ ଗର୍ଲ ସୋନାକ୍ଷୀ ସିହ୍ନା ଏବେ ନିଜର ସ୍ଲିମ୍ ଟ୍ରିମ୍ ମିଶନକୁ ନେଇ ବ୍ୟସ୍ତ ଅଛନ୍ତି। କଥା କ'ଣ କି, ନିକଟରେ ସେ ଏକ ଫିଲ୍ମ ଲାଗି ସାଇନ୍ କରିଛନ୍ତି। ସେଥିରେ ନିଜ ଭୂମିକା ପାଇଁ ତାଙ୍କୁ ଓଜନ କମାଇବା ସହ ଆଉ ଟିକେ ପତଳା ହେବାକୁ ପଡ଼ିବ। ତେଣୁ ସେ ଏବେଠାରୁ ଅଣ୍ଟା ଭିଡ଼ିଛନ୍ତି। 'ସୀମିତ ସମୟ ଭିତରେ ମୋତେ ଏହି ମିଶନ କମ୍ପ୍ଲିଟ କରିବାକୁ ପଡ଼ିବ। ତେଣୁ ଡାଏଟିଂକୁ ଆହୁରି ଆକ୍ଟିଭ କରିବା ସହ ଜିମ୍‌ରେ ଅଧିକ ସମୟ ବିତାଉଛି ବୋଲି କହିଛନ୍ତି ସୋନାକ୍ଷୀ।

## ବଲିଉଡ୍ ହାଲ୍‌ଚାଲ୍

❖ରଣବୀର ସିଂଙ୍କ ଅଭିନୀତ 'ଗଲି ବୟ' ଫେବୃୟାରୀ ୧୪ରେ ରିଲିଜ ହେବାକୁ ଯାଉଛି। ଅନ୍ୟପକ୍ଷରେ ବର୍ତ୍ତମାନ ସେ ପ୍ରଖ୍ୟାତ ଭାରତୀୟ କ୍ରିକେଟର କପିଳ ଦେବଙ୍କ ବାୟୋପିକ୍‌ରେ ଅଭିନୟ କରିବେ। ସେଥିପାଇଁ ରଣବୀର ପ୍ରସ୍ତୁତି ଆରମ୍ଭ କରିଦେଇଛନ୍ତି।

❖ମଲାଇକା ଆରୋରାଙ୍କ ସହ ସମ୍ପର୍କକୁ ନେଇ ଅର୍ଜୁନ କପୁର ଅଧିକାଂଶ ସମୟ ନୀରବ ରହୁଛନ୍ତି। ଦୁହେଁ ଏବେ ଫିଜିକାଲ ଫିଟ୍‌ନେସ ପ୍ରତି ଗୁରୁତ୍ୱ ଦେଉଛନ୍ତି। କାରଣ ଦୁହିଁଙ୍କୁ ଏବେ ଜିମ୍‌ରେ ଦେଖିବାକୁ ମିଳୁଛି।

❖ଅକ୍ଷୟ କୁମାରଙ୍କ ପତ୍ନୀ ଟ୍ୱିଙ୍କିଲ ଖାନ୍ନା ଏବେ ବହି ଲେଖିବା ପ୍ରତି ଗୁରୁତ୍ୱ ଦେଉଛନ୍ତି। ବର୍ତ୍ତମାନ ସେ ଯୋଗ ଉପରେ ଏକ ପୁସ୍ତକ ରଚନା କରିବାକୁ ଯାଉଛନ୍ତି।

❖ଡେଜି ଶାହା ଏବେ ଏକ ଆକ୍ସନଭିତ୍ତିକ ଫିଲ୍ମରେ ସାଇନ୍ କରିଛନ୍ତି। ସେଥିପାଇଁ ସେ ଉଭୟ ଆକ୍ସନ ଏବଂ ଷ୍ଟଣ୍ଟ ଶଟ୍ ଦେବା ପାଇଁ ଟ୍ରେନିଂ ନେଉଛନ୍ତି।


'ଭାରତ' ଚଳଚ୍ଚିତ୍ରରେ ସଲମାନ-କ୍ୟାଟ୍ରିନା

❖ଗତବର୍ଷର ଚର୍ଚ୍ଚିତ ତଥା ୨୨ଟି ପୁରସ୍କାର ଜିତିଥିବା କ୍ଷୁଦ୍ର ଚଳଚ୍ଚିତ୍ର 'ଡମ୍ ଡମ୍ ଡମରୁ'ର ନିର୍ଦ୍ଦେଶକ ଆକାଶ ଗୋଇଲା ଏକ ଡିଜିଟାଲ ଫିଲ୍ମ ନିର୍ମାଣ କରିବାକୁ ଯାଉଛନ୍ତି, ଯାହାର ଟାଇଟଲ ରହିଛି 'ବେଦହବ୍'। ପ୍ରଥମେ ପୂଜା ଚୋପ୍ରା ଏହାର ଫିମେଲ ଲିଡ୍‌ରେ ଅଭିନୟ କରିବେ ବୋଲି ସ୍ଥିର ହୋଇଥିଲା। ହେଲେ ପରବର୍ତ୍ତୀ ସମୟରେ ପୂଜାଙ୍କୁ କାଷ୍ଟିଂରୁ ବାଦ୍ ଦିଆଯାଇ କରିସ୍ମା କୋଟାକ୍‌ଙ୍କୁ ସାଇନ୍ କରାଯାଇଛି। ଏହାର ମୁଖ୍ୟ ଭୂମିକାରେ ସଞ୍ଜୟ କପୁର ଏବଂ ଆଶିଷ ସଚଦେବା ଅଭିନୟ କରିବେ।

❖ଚଳିତବର୍ଷ ଇଦ୍‌ରେ ସଲମାନ-କ୍ୟାଟ୍ରିନା ଅଭିନୀତ 'ଭାରତ' ରିଲିଜ ହେବାକୁ ଯାଉଛି। ଏହାର ଶୁଟିଂ ଶେଷ ପର୍ଯ୍ୟାୟରେ ପହଞ୍ଚିଛି।

❖ଚଳିତବର୍ଷ ଏପ୍ରିଲରୁ 'ଦବଙ୍ଗ-୩'ର ଶୁଟିଂ ଆରମ୍ଭ ହେବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି।

❖ରଣବୀର କପୁର ଏବଂ ଆଲିୟା ଭଟ୍ଟଙ୍କୁ ନେଇ ନିର୍ମିତ 'ବ୍ରହ୍ମାସ୍ତ୍ର' ଚଳିତବର୍ଷ ଡିସେମ୍ବର ୨୦ରେ ପରଦା ଉପରକୁ ଆସିବ।


ଅମିତାଭ

# ଦୁଇ ହାତରେ ଲେଖିପାରନ୍ତି ବିଗ୍ ବି

ବିଗ୍ ବି ଓରଫ ଅମିତାଭ ବଚ୍ଚନ- କେବଳ ନାମ ହିଁ ଯଥେଷ୍ଟ। ବଲିଉଡ୍‌ର ଏହି ମିଲେନିୟମ ଷ୍ଟାର ଅନେକଙ୍କ ଅଭିନୟ ଜୀବନର ଆଦର୍ଶ ପାଲଟି ସାରିଛନ୍ତି। ଦୀର୍ଘବର୍ଷ ଧରି ହିନ୍ଦୀ ସିନେମାରେ ଅଭିନୟ କରିବା ପରେ ଏବେ ମଧ୍ୟ ସେ ଦର୍ଶକଙ୍କୁ ଦେଉଛନ୍ତି ଭରପୂର ଏଣ୍ଟରଟେନ୍‌ମେଣ୍ଟ। ତାଙ୍କ ବିଷୟରେ ଏକ କୌତୂହଳ କଥା ରହିଛି। ଆମେ ସାଧାରଣତଃ ଲେଖିବା ପାଇଁ ଡାହାଣ ହାତ ବ୍ୟବହାର କରିଥାଉ। କେହି କେହି ବାମ ହାତରେ ବେଶ୍ ସୁନ୍ଦର ଭାବରେ ମଧ୍ୟ ଲେଖିପାରନ୍ତି। ହେଲେ ବିଗ୍ ବି ସେ କ୍ଷେତ୍ରରେ ଆଉ ପାଦେ ଆଗକୁ ଯାଇପାରିଛନ୍ତି। ଆପଣମାନେ ଜାଣିଲେ ଆଶ୍ଚର୍ଯ୍ୟ ହେବେ, ଅମିତାଭ ମଧ୍ୟ ଦୁଇ ହାତରେ ବେଶ୍ ଭଲ ଭାବରେ ଲେଖିପାରନ୍ତି।

# ବାଜି ମାରିଲା ସଞ୍ଜୁ

ସଞ୍ଜୁ ଚରିତ୍ର ବିଷୟରେ ଆଲୋଚନା ହେଲେ କେବଳ ଜଣେ ଅଭିନେତା ଆଖି ସାମ୍ନାକୁ ଆସିଥାଆନ୍ତି। ସେ ହେଲେ ବାବୁସାନ୍। ତାଙ୍କ ଅଭିନୀତ ବେଶ୍ କେତୋଟି ଫିଲ୍ମରେ ଏଭଳି ରୋଲ୍ ଦର୍ଶକଙ୍କୁ ପ୍ରଭାବିତ କରିଥିବାର ନଜିର ରହିଛି। ପୁଣି ନିକଟରେ ତାହାକୁ ଦୋହରାଇଛନ୍ତି ସେ। ସାଇ ଶ୍ରଦ୍ଧା ଟେଲି ପ୍ରଡକ୍ସନ ବ୍ୟାନରରେ ନିର୍ମିତ, ନୀହାର ସାମଲ-ବିନି ସାମଲଙ୍କ ପ୍ରଯୋଜିତ ତଥା ଅଶୋକ ପତିଙ୍କ ନିର୍ଦ୍ଦେଶିତ 'ଅଜବ ସଞ୍ଜୁର ଗଜବ ଲଭ୍' ପରଦା ଉପରକୁ ଆସିବାର ଦିନ କେଇଟା ଭିତରେ ସିନେପ୍ରେମୀଙ୍କୁ ଏଣ୍ଟରଟେନ୍ କରିଛି। ଏ ସମ୍ପର୍କରେ ନୀହାର କହନ୍ତି, ଗତ କିଛିବର୍ଷ ହେଲା ବାବୁସାନ-ଅଶୋକ ପତିଙ୍କ ଯୋଡ଼ି ବେଶ୍ ସଫଳ ହୋଇଛି। ତେଣୁ ଏପରି ଏକ କାହାଣୀରେ ବାବୁସାନଙ୍କୁ ନାୟକ ଏବଂ ଅଶୋକଙ୍କୁ ନିର୍ଦ୍ଦେଶକ ଭାବରେ ନେଇଥିଲୁ। ଫିଲ୍ମର ପିକ୍ଚରାଇଜେଶନ ଏବଂ ଗୀତ ପ୍ରତି ବେଶ୍ ଗୁରୁତ୍ୱ ଦିଆଯାଇଥିଲା, ଯାହା ଫିଲ୍ମଟିକୁ ସଫଳ ହେବାରେ ସାହାଯ୍ୟ କରିଛି। ଏହି ଚଳଚ୍ଚିତ୍ରର ସଂଳାପ ରଚନା କରିଥିଲେ ରଣଜିତ ପଟ୍ଟନାୟକ ଏବଂ ଗୀତଗୁଡ଼ିକୁ ସ୍ୱର ଦେଇଥିଲେ ପ୍ରେମ୍ ଆନନ୍ଦ। ଏଥିରେ ବାବୁସାନ୍‌ଙ୍କ ସହ ନାୟିକା ଭାବରେ ସ୍କ୍ରିନ୍ ସେୟାର କରିଛନ୍ତି ଅର୍ଚ୍ଚିତା।


'ଅଜବ ସଞ୍ଜୁର ଗଜବ ଲଭ୍' ଚଳଚ୍ଚିତ୍ରରେ ବାବୁସାନ୍-ଅର୍ଚ୍ଚିତା।


ରଣବୀର

## ସପ୍ତାହକୁ ୧୫୦୦

ରଣବୀର କପୁର ବର୍ତ୍ତମାନ ବଲିଉଡ୍‌ର ଅନ୍ୟତମ ବ୍ୟସ୍ତ ଅଭିନେତା। ହେଲେ ସେ ତାଙ୍କ ପୁରୁଣା ଅଭ୍ୟାସକୁ ଛାଡ଼ିପାରି ନାହାନ୍ତି। ତାହା ହେଲା ମମି ନିତୁ ସିଂଙ୍କ ନିକଟରୁ ପକେଟ୍ ମନି ନେବା। ଏବେ ତ ତାଙ୍କ ପାଖରେ ପଇସାର ଅଭାବ ନାହିଁ। ତଥାପି ସେ ମା'ଙ୍କ ନିକଟରୁ ପକେଟ ମନି ନେବାକୁ ଭୁଲି ନ ଥାନ୍ତି। ତେଣୁ ସେ ପ୍ରତି ସପ୍ତାହରେ ନିତୁଙ୍କ ନିକଟରୁ ମାତ୍ର ୧୫୦୦ ଟଙ୍କା ନେଇଥାଆନ୍ତି। ଆଉ ଟଙ୍କା ଧରିବା ପରେ ତାଙ୍କ ଖୁସି କହିଲେ ନ ସରେ। ନିଜର ଏଭଳି ଅଭ୍ୟାସ ସମ୍ପର୍କରେ ସେ ନିକଟରେ ସୂଚନା ଦେଇଥିଲେ।

## ଅଲ୍ଲିଉଡ୍...

❖ଏସ୍. ଦୀଲିପ ପଣ୍ଡାଙ୍କ ନିର୍ଦ୍ଦେଶିତ ଓଡ଼ିଆ ସିନେମା 'ତୁ ମୋ ସୁନା ଚଢ଼େଇ' ଖୁବ୍ ଶୀଘ୍ର ପରଦା ଉପରକୁ ଆସିବ ବୋଲି ପ୍ରଯୋଜନା ସଂସ୍ଥା ପକ୍ଷରୁ ସୂଚନା ଦିଆଯାଇଛି। ଫିଲ୍ମର ମୁଖ୍ୟ ଭୂମିକାରେ ଅଛନ୍ତି ଜ୍ୟୋତି ନାୟକ ଏବଂ ବଙ୍ଗୀୟ ଅଭିନେତ୍ରୀ ଏଲସା ଘୋଷ।

❖ଚଣ୍ଡୀ ପରିଜାଙ୍କ ନର୍ଦ୍ଦେଶନାରେ 'ଏ ଦିଲ୍ ମାନେନା' ଫିଲ୍ମର ଶୁଟିଂ ଚାଲୁ ରହିଛି। ଏହାର ଲିଡ୍ ରୋଲ୍‌ରେ ଅଭିନୟ କରୁଛନ୍ତି ସ୍ୱରାଜ ଏବଂ ଶିବାନୀ।

ନୂଆ ସିନେମା

# କଟି ପତଙ୍ଗ

ନିଛକ ପ୍ରେମ ଏବଂ ସଚ୍ଚୋଟ ବନ୍ଧୁତାକୁ ନେଇ ପ୍ରସ୍ତୁତ ହୋଇଛି ନୂଆ ଓଡ଼ିଆ ସିନେମା 'କଟି ପତଙ୍ଗ'। ପ୍ରେମ କେବେ ଧନୀ, ଗରିବ, ଜାତି ଗୋତ୍ର ଦେଖି ନ ଥାଏ। ଦୁଇଟି ସଚ୍ଚା ହୃଦୟ ଥରେ ପ୍ରେମଡୋରିରେ ବାନ୍ଧି ହୋଇଗଲେ ସେମାନେ ଆଉ ଅଲଗା ହେବା ଏତେ ସହଜ ହୋଇ ନ ଥାଏ। ସାମାନ୍ୟ ଭୁଲ୍ ପାଇଁ ଜଣେ କିପରି ନିଜ ଭବିଷ୍ୟତକୁ ଜଳାଞ୍ଜଳି ଦେଉଛି, ତାହା ଏହି ଫିଲ୍ମର କାହାଣୀରେ ଦେଖିବାକୁ ମିଳିବ। ଶକ୍ତି ପ୍ରଡକ୍ସନ ବ୍ୟାନରରେ ପ୍ରସ୍ତୁତ ଉକ୍ତ ଚଳଚ୍ଚିତ୍ରର ପ୍ରଯୋଜନା କରିଛନ୍ତି ଦେବେନ୍ଦ୍ର ନାଥ ସାହୁ। ମଧୁସ୍ମିତା ଦାସଙ୍କ କାହାଣୀକୁ ଆଧାର କରି ସଂଳାପ ରଚନା କରିଛନ୍ତି ଅଜୟ ସାମଲ। ଚିତ୍ରନାଟ୍ୟ ସହ ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଛନ୍ତି କୁମାର ସରୋଜ। ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ଏସ୍. ଚନ୍ଦ୍ରକାନ୍ତ। ଅଭିଷେକ, ଅନନ୍ୟା, ଆର.କେ., ରାନୀ ପ୍ରିୟଦର୍ଶିନୀ, ଅସୀତ ପତି, ଉତ୍ତମ ମହାନ୍ତି, ମନୀଷା ମିଶ୍ର, ସରୋଜ ଦାସ, କାଳୀ, କୁଲୁ, ଦେବା, ଅଶୋକ, ପ୍ରତାପ, ପ୍ରିୟଙ୍କା, ପ୍ରିନ୍ସ, ଆର୍ଯ୍ୟନ ଏବଂ ବିଷ୍ଣୁ ଚଳଚ୍ଚିତ୍ରର ବିଭିନ୍ନ ଭୂମିକାରେ ଅଭିନୟ କରିଛନ୍ତି।


'କଟି ପତଙ୍ଗ' ଚଳଚ୍ଚିତ୍ରରେ ରାନୀ-ଆର୍.କେ.।

# ଆନ୍ଧ୍ରା ଗେଟ୍‌ଅପ୍

ଧଳା ଲୁଙ୍ଗି ସହିତ ସମାନ ରଙ୍ଗର ଶାର୍ଟ, ମଥାରେ ଚନ୍ଦନ ଆଉ ଲଣ୍ଡିତ ମୁଣ୍ଡ। ଠାଣି କହିଦେଉଛି ଫୁଲ୍ ତେଲୁଗୁ ଗେଟ୍‌ଅପ। ସ୍ମିତହାସ୍ୟ ବଦନରେ ଧୀରେ ଧୀରେ କଥାବାର୍ତ୍ତା। ଏଭଳି ଆନ୍ଧ୍ରା ଗେଟ୍‌ଅପ୍‌କୁ ନେଇ ଏବେ ଓଲିଉଡ୍‌ରେ ଚର୍ଚ୍ଚା। ପୁଣି କାହାକୁ ନେଇ ଜାଣନ୍ତି। ପ୍ରଯୋଜକ ଶ୍ରୀଧର ମାର୍ଥାଙ୍କୁ। ଅର୍ଥାତ ଶ୍ରୀଧରଙ୍କର ଏପରି ଆନ୍ଧ୍ରା ଗେଟ୍‌ଅପ୍। ହେଲେ ତା'ପଛରେ କିଛି କାରଣ ରହିଛି କି? ଆସନ୍ତୁ ନା! ଏ ନେଇ ଖୋଦ୍ ଶ୍ରୀଧର କ'ଣ କହୁଛନ୍ତି ଜାଣିବା। 'କୌଣସି ଗେଟ୍‌ଅପ୍‌ରେ ବୁଲିବା ମୋର ପିଲାଟିଦିନରୁ ଅଭ୍ୟାସ। ଏହାପଛରେ ଗୋଟିଏ କଥା ଲୁଚି ରହିଛି। ତାହା ହେଲା ସମାଜକୁ ସଚେତନ କରାଇବା ଆଉ ଭଲ ବାର୍ତ୍ତା ଦେବା। ଆପଣମାନେ ତ ଜାଣନ୍ତି ମୋ ଦ୍ୱାରା ପ୍ରଯୋଜିତ ଦ୍ୱିଭାଷୀ (ଓଡ଼ିଆ, ତେଲୁଗୁ) ଫିଲ୍ମ 'ପାଟଣାଗଡ଼'ର କାମ ଚାଲୁ ରହିଛି। ତେଣୁ ଏପରି ଆନ୍ଧ୍ରା ଗେଟ୍‌ଅପ୍ ନେଇ ବୁଲୁଛି। ଏହାଦ୍ୱାରା ଆମ ଲୋକ ତେଲୁଗୁ ସଂସ୍କୃତି ବିଷୟରେ ଜାଣିପାରିବେ। ଏହାପୂର୍ବରୁ ମୁଁ ସାରଥି, ରାମରହିମ୍ ଗେଟ୍‌ଅପ୍‌ରେ ଆସିଥିଲି, ଲକ୍ଷ୍ୟ ଥିଲା ସମାଜକୁ ଏ ବିଷୟରେ ସଚେତନ କରାଇବା। ଅନ୍ୟପକ୍ଷରେ ଗଛ ଲଗାଇବା, ପଲିଥିନ ବ୍ୟବହାର ନ କରିବା, ଗୁଟ୍‌କା ନ ଖାଇବାକୁ ନେଇ ମୁଁ ଭିନ୍ନ ଭିନ୍ନ ଗେଟ୍‌ଅପ୍‌ରେ ଆସିସାରିଛି। ଜନସାଧାରଣ ଏସବୁ ବିଷୟରେ ସଚେତନ ହୁଅନ୍ତୁ, ତାହା ହିଁ ମୋର ଲକ୍ଷ୍ୟ ଆଉ କିଛି ନୁହେଁ। ଏହା ବ୍ୟତୀତ ଦିବ୍ୟାଙ୍ଗଙ୍କ ସହ ସମୟ କଟାଇବା ମୋର ଏକ ଅଭ୍ୟାସ। ସେଥିପାଇଁ ପ୍ରତିବର୍ଷ ମୋ ପୁଅ ଜନ୍ମଦିନକୁ ମୁଁ ସେମାନଙ୍କ ସହ ପାଳନ କରିଥାଏ। ତେବେ ଆନ୍ଧ୍ରା ଗେଟ୍‌ଅପ୍ ପରେ ଶ୍ରୀଧର ପୁଣି କେଉଁ ନୂଆ ରୂପ ନେଉଛନ୍ତି ତାହା ଆଗାମୀ ସମୟ ହିଁ କହିବ।


ଶ୍ରୀଧର ମାର୍ଥା



“ନୂଆ ନେକ୍ସା ମ୍ୟୁଜିକ ଆଣିବା ଲାଗି ପ୍ରସିଦ୍ଧ ସଙ୍ଗୀତ ନିର୍ଦ୍ଦେଶକ ଏ.ଆର୍. ରେହେମାନଙ୍କ ସହ ଯୋଡି ହୋଇଛୁ।
–ଆର୍.ଏସ୍. କାଲସୀ, ବରିଷ୍ଠ କାର୍ଯ୍ୟ ନିର୍ବାହୀ ନିର୍ଦ୍ଦେଶକ, ମାରୁତି ସୁଜୁକି ଇଣ୍ଡିଆ



“ଚଳିତ ବର୍ଷ ପ୍ରିମିୟମ ଫ୍ୟାନ ବିକ୍ରିକୁ ଦୁଇଗୁଣ ବୃଦ୍ଧି କରିବା ଲାଗି ଯୋଜନା ରହିଛି।
– ଅତୁଲ ଜୈନ, ଉପସଭାପତି, ଓରିଏଣ୍ଟ ଇଲେକ୍ଟ୍ରିକ

## ସଂକ୍ଷେପରେ

### କେୱାଇସି ନବୀକରଣ ଲାଗି ଏସ୍‌ବିଆଇର ଆଲର୍ଟ

ନୂଆଦିଲ୍ଲୀ,୧୬-୧: ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ଆକାଉଣ୍ଟଧାରୀଙ୍କୁ ବ୍ୟାଙ୍କ ପକ୍ଷରୁ ଏସ୍‌ଏମ୍‌ଏସ୍ ଯୋଗେ ଏବେ ଆଲର୍ଟ କରାଯାଉଛି। ଗ୍ରାହକମାନେ ନିଜର କେୱାଇସି(ନୋ ଇଓର କଷ୍ଟମର) ନବୀକରଣ କରାଇ ନେବା ଲାଗି ଆଲର୍ଟ ଦିଆଯାଉଛି। ଏଥିରେ ହେଳା କଲେ ଆକାଉଣ୍ଟ ବ୍ଲକ୍ ହୋଇଯିବ ବୋଲି ଆଲର୍ଟରେ ଦର୍ଶାଯାଇଛି। ଆକାଉଣ୍ଟ ବ୍ଲକ୍ ହୋଇଯିବା ପରେ ଏହା ମାଧ୍ୟମରେ କୌଣସି ନେଣଦେଣ କରିହେବ ନାହିଁ। ରିଜର୍ଭ ବ୍ୟାଙ୍କର ନିର୍ଦ୍ଦେଶ ଅନୁଯାୟୀ, ସମସ୍ତ ଗ୍ରାହକଙ୍କ କେୱାଇସି ହେବା ଜରୁରୀ। କୌଣସି ଗ୍ରାହକ ଏହା କରି ନ ଥିଲେ ସନ୍ଦେହ ଆଧାରରେ ତାଙ୍କର ଆକାଉଣ୍ଟକୁ ବ୍ଲକ୍ କରିଦିଆଯିବ।

### ବଢ଼ିବ ନୁମାଲିଗଡ଼ ରିଫାଇନେରୀ କ୍ଷମତା

ନୂଆଦିଲ୍ଲୀ,୧୬-୧: କେନ୍ଦ୍ର ସରକାର ଆସାମର ନୁମାଲିଗଡ଼ ରିଫାଇନେରୀ କ୍ଷମତାକୁ ବାର୍ଷିକ ୩୦ ଲକ୍ଷ ଟନରୁ ୯୦ ଲକ୍ଷ ଟନକୁ ବୃଦ୍ଧି କରିବାକୁ ଯାଉଛନ୍ତି। ଏ ସଂକ୍ରାନ୍ତରେ ପ୍ରକଳ୍ପ ବିସ୍ତାର ଲାଗି ଆଗତ ପ୍ରସ୍ତାବକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଆର୍ଥିକ ବ୍ୟାପାର କ୍ୟାବିନେଟ୍ କମିଟି ବୁଧବାର ମଞ୍ଜୁରୀ ପ୍ରଦାନ କରିଛି। ଏଥିପାଇଁ ୨୨,୫୯୪ କୋଟି ଟଙ୍କା ବ୍ୟୟ ହେବ। କ୍ୟାବିନେଟ ନିଷ୍ପତ୍ତି ସମ୍ପର୍କରେ ସୂଚନା ଦେଇ ରେଳ ଓ କୋଇଲା ମନ୍ତ୍ରୀ ପୀୟୂଷ ଗୋଏଲ ଖବରଦାତାଙ୍କୁ କହିଛନ୍ତି ଯେ, ଏହି ପ୍ରକଳ୍ପ ବିସ୍ତାର କାର୍ଯ୍ୟ ଆସନ୍ତା ୪୮ ମାସ ମଧ୍ୟରେ ଶେଷ ହେବ। ପ୍ରକଳ୍ପ ବିସ୍ତାର ଯୋଜନାନୁଯାୟୀ, ଓଡ଼ିଶାର ପାରାଦୀପରୁ ନୁମାଲିଗଡ଼ ପର୍ଯ୍ୟନ୍ତ ତେଲ ପାଇପଲାଇନ ବସାଇବା, ନୁମାଲିଗଡରୁ ସିଲିଗୁଡି ପର୍ଯ୍ୟନ୍ତ ପେଟ୍ରୋଲିୟମ ଉତ୍ପାଦର ପାଇପଲାଇନ ବିଛାଇବା କାର୍ଯ୍ୟ କରାଯିବ।

### ୧୫ ହଜାର କୋଟିର ଏନ୍‌ପିଏ ବିକିବ ଏସ୍‌ବିଆଇ

ନୂଆଦିଲ୍ଲୀ,୧୬-୧: ଏସାର ଷ୍ଟିଲ୍‌ରେ ଫଶିଯାଇଥିବା ଋଣ ଆଦାୟ ଲାଗି ୧୫,୪୩୧.୪୪ କୋଟି ଟଙ୍କାର ଏନ୍‌ପିଏ ବିକ୍ରି କରିବାକୁ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ(ଏସ୍‌ବିଆଇ) ନିଷ୍ପତ୍ତି ନେଇଛି। ବ୍ୟାଙ୍କ ଦ୍ୱାରା ଜାରି ବିଜ୍ଞାପନରେ ଏ ସମ୍ପର୍କରେ ସୂଚନା ଦିଆଯାଇଛି। ଏହାକୁ ଯେକୌଣସି ବ୍ୟାଙ୍କ, ସମ୍ପତ୍ତି ପୁନର୍ଗଠନ କମ୍ପାନୀ, ଅଣ ବ୍ୟାଙ୍କିଙ୍ଗ ଆର୍ଥିକ ସଂସ୍ଥା ଏବଂ ଆର୍ଥିକ ସଂସ୍ଥା କିଣିପାରିବେ। ଏଥିପାଇଁ ବ୍ୟାଙ୍କ ପକ୍ଷରୁ ସଂରକ୍ଷିତ ମୂଲ୍ୟ ୯,୫୮୭.୬୪ କୋଟି ଟଙ୍କା ରଖାଯାଇଛି। ଫଶିଯାଇଥିବା ଋଣ ଆଦାୟ ଲାଗି ସମାଧାନ ଯୋଜନାକୁ ପୂର୍ବରୁ ମଞ୍ଜୁରୀ ଦିଆସରିଛି ବୋଲି ଏସ୍‌ବିଆଇ ପକ୍ଷରୁ କୁହାଯାଇଛି। ଏହାକୁ ରାଷ୍ଟ୍ରୀୟ କମ୍ପାନୀ ଆଇନ ନ୍ୟାୟାଧିକରଣ(ଏନ୍‌ସିଏଲ୍‌ଟି), ଅହମ୍ମଦାବାଦରେ ଦାଖଲ କରାଯାଇଛି। ତଦନୁଯାୟୀ ବ୍ୟାଙ୍କ ଲାଗି ସର୍ବନିମ୍ନ ଆଦାୟ ରାଶି ୧୧,୩୧୩.୪୨ କୋଟି ଟଙ୍କା ଧାର୍ଯ୍ୟ ହୋଇଛି। ଚଳିତ ମାସ ୩୦ରେ ଇ-ନିଲାମୀ ଜରିଆରେ ଏନ୍‌ପିଏ ବିକ୍ରି କରାଯିବାକୁ ଦିନ ଧାର୍ଯ୍ୟ ହୋଇଥିବା ବିଜ୍ଞାପନରୁ ଜଣାପଡିଛି।

ଅନିର୍ବାର୍ଯ୍ୟ କାରଣ ବଶତଃ ନିୟମିତ ସ୍ତମ୍ଭ 'ଅର୍ଥର ଅର୍ଥ' ପ୍ରକାଶ ପାଇପାରୁ ନାହିଁ।

## ବିଶ୍ୱବ୍ୟାଙ୍କ ଅଧ୍ୟକ୍ଷ ପଦ

# ଇଭାଙ୍କାଙ୍କ ପସନ୍ଦ ଇନ୍ଦ୍ରା ନୁୟୀ

ୱାଶିଂଟନ,୧୬-୧



ଇଭାଙ୍କା ଟ୍ରମ୍ପ



ଇନ୍ଦ୍ରା ନୁୟୀ

ପେପ୍ସିକୋର ପୂର୍ବତନ ସିଇଓ ଇନ୍ଦ୍ରା ନୁୟୀଙ୍କୁ ବିଶ୍ୱ ବ୍ୟାଙ୍କର ଅଧ୍ୟକ୍ଷ ପଦ ଲାଗି ସୁପାରିସ କରିବାକୁ ଆମେରିକା ଭାବୁଛି। ସ୍ଥାନୀୟ ଖବରକାଗଜ ' ଦ ନିୟୁର୍କ ଟାଇମ୍ସ' ରିପୋର୍ଟ ଅନୁଯାୟୀ, ୬୩ ବର୍ଷୀୟା ପ୍ରବାସୀ ଭାରତୀୟ ନୁୟୀଙ୍କୁ ବିଶ୍ୱ ବ୍ୟାଙ୍କର ଶୀର୍ଷ ପଦରେ ଅଧିଷ୍ଠିତ କରିବାକୁ ଚାହୁଁଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବଡ଼ ଝିଅ ଇଭାଙ୍କା ଟ୍ରମ୍ପ। ବିଶ୍ୱ ବ୍ୟାଙ୍କର ମୁଖ୍ୟ ପଦ ଲାଗି ମନୋନୟନ ପ୍ରକ୍ରିୟାରେ ତାଙ୍କର ବଡ଼ ଭୂମିକା ରହିଛି ବୋଲି ରିପୋର୍ଟରେ ଦର୍ଶାଯାଇଛି। ଇଭାଙ୍କାଙ୍କର ଏକ ଟୁଇଟ୍ ରିପୋର୍ଟକୁ ଆହୁରି ଦୃଢ଼ୀଭୂତ କରିଛି। ନୁୟୀଙ୍କୁ କାହିଁକି ବେଶି ପସନ୍ଦ କରନ୍ତି, ନିଜର ଟୁଇଟ୍‌ରେ ସେ ତାହା ଖୋଲାଖୋଲି ଜଣାଇଛନ୍ତି। ଇନ୍ଦ୍ରାଙ୍କୁ ଜଣେ ପ୍ରଶାସନିକ ସହଯୋଗୀ ବ୍ୟତିତ 'ମାର୍ଗଦର୍ଶକ ଓ ପ୍ରେରଣାସ୍ରୋତ' ବୋଲି ଇଭାଙ୍କା ତାଙ୍କ ଟୁଇଟ୍‌ରେ ଉଲ୍ଲେଖ କରି ବିଶ୍ୱ ବ୍ୟାଙ୍କ ଅଧ୍ୟକ୍ଷ ପଦ ଲାଗି ତାଙ୍କର ନାମ ପ୍ରସ୍ତାବ ଦେଇଥିବା କହିଛନ୍ତି। ତେବେ ବିଶ୍ୱ ବ୍ୟାଙ୍କର ଅଧ୍ୟକ୍ଷ ପଦ ଲାଗି ନୁୟୀଙ୍କ ବ୍ୟତୀତ ଟ୍ରେଜେରୀ ଡିପାର୍ଟମେଣ୍ଟ ଅଧିକାରୀ ଡେଭିଡ୍ ମାଲ୍‌ପାସ୍ ଏବଂ ଓଭରସିସ୍ ପ୍ରାଇଭେଟ ଇନ୍‌ଭେଷ୍ଟମେଣ୍ଟ କର୍ପ ସିଇଓ ରେ' ୱାଶ୍‌ବର୍ନଙ୍କ ନାମ ଦୌଡରେ ରହିଛି ବୋଲି ହ୍ୱାଇଟହାଉସ ପ୍ରଶାସନିକ ବିଭାଗର ଜଣେ ଅଧିକାରୀଙ୍କ ସୂତ୍ରରୁ ପ୍ରକାଶ।

ସୂଚନାଥାଉ କି, ବର୍ତ୍ତମାନର ଅଧ୍ୟକ୍ଷ ଜିମ୍ ୟଙ୍ଗ କିମ୍ ତାଙ୍କ କାର୍ଯ୍ୟକାଳ ଶେଷ ହେବାର ୩ ବର୍ଷ ପୂର୍ବରୁ ଇସ୍ତଫା ଦେବା ଲାଗି ଅଚାନକ ଘୋଷଣା କରିଛନ୍ତି। ସେ ଫେବୃୟାରୀରେ ନିଜ ପଦ ଛାଡ଼ିବେ। ତାଙ୍କର ଘୋଷଣା ପରଠାରୁ ବିଶ୍ୱ ବ୍ୟାଙ୍କ ପକ୍ଷରୁ ନୂଆ ଅଧ୍ୟକ୍ଷ ଖୋଜିବା ଆରମ୍ଭ ହୋଇଯାଇଛି। ଅପରପକ୍ଷରେ ଅଧ୍ୟକ୍ଷ ପଦ ଚୟନ ସହ ଜଡିତ ବ୍ୟକ୍ତିବିଶେଷଙ୍କ କହିବାନୁଯାୟୀ ବର୍ତ୍ତମାନ ଚୟନ ପ୍ରକ୍ରିୟା ପ୍ରାରମ୍ଭିକ ପର୍ଯ୍ୟାୟରେ ରହିଛି। ସାଧାରଣତଃ ଏଭଳି ଗୁରୁତ୍ୱପୂର୍ଣ୍ଣ ପଦ ଲାଗି ମନୋନୟନ ବେଳେ ପ୍ରାରମ୍ଭିକ ଦୌଡରେ ଥିବା ବ୍ୟକ୍ତିବିଶେଷ ବାଦ୍ ପଡିଯିବାର ବହୁ ନଜିର ରହିଛି। ତେବେ ମନୋନୀତ ହେବା ପରେ ନୁୟୀ ଉକ୍ତ ପଦ ସ୍ୱୀକାର କରିବେ କି ନା ତାହା ଏଯାଏ ସ୍ପଷ୍ଟ ହୋଇ ନାହିଁ।

ଉଲ୍ଲେଖଥାଉ କି, ଭାରତର ଚେନ୍ନାଇରେ ଜନ୍ମିତ ନୁୟୀଙ୍କୁ ବିଶ୍ୱର ପ୍ରଭାବଶାଳୀ ମହିଳାଙ୍କ ମଧ୍ୟରେ ଗଣାଯାଏ। ସେ ୧୯୯୪ରେ ପେପ୍ସିକୋରେ ଯୋଗ ଦେଇ ୨୦୦୬ରୁ କମ୍ପାନୀର ନେତୃତ୍ୱ ନେଇଥିଲେ। ଦୀର୍ଘ ୧୨ ବର୍ଷ ପରେ ଗତ ବର୍ଷ ଅଗଷ୍ଟରେ ସେ ନିଜ ପଦରୁ ଇସ୍ତଫା ଦେଇଥିଲେ। ବିଶ୍ୱର ଚର୍ଚ୍ଚିତ ପତ୍ରିକା ଫୋର୍ବ୍ସର ୧୦୦ ପ୍ରଭାବଶାଳୀ ମହିଳାଙ୍କ ତାଲିକାରେ ନୁୟୀଙ୍କୁ ଏକାଧିକ ଥର ସାମିଲ କରାଯାଇଛି। ୨୦୧୭ରେ ଏହି ତାଲିକାର ୧୧ତମ ସ୍ଥାନରେ ରହିଥିବା ଇନ୍ଦ୍ରାଙ୍କୁ ୨୦୦୭ରେ ଭାରତ ପକ୍ଷରୁ ପଦ୍ମଭୂଷଣରେ ସମ୍ମାନିତ କରାଯାଇଥିଲା। ହ୍ୱାଇଟ ହାଉସ ସୂତ୍ରକୁ ଉଦ୍ଧାର କରି ଉକ୍ତ ଖବରକାଗଜ ଲେଖିଛି ଯେ, ମନୋନୟନ ପ୍ରକ୍ରିୟାକୁ ପୂର୍ବରୁ ୨ ଜଣ ଅଧିକାରୀ ଦେଖାଶୁଣା କରୁଥିଲେ। ସେମାନେ ହେଲେ ଟ୍ରେଜେରି ସଚିବ ଷ୍ଟିଭେନ ଏମ୍ନୁଚିନ ଓ ହ୍ୱାଇଟ ହାଉସର କାର୍ଯ୍ୟନିର୍ବାହୀ ଚିଫ୍ ଅଫ୍ ଷ୍ଟାଫ୍ ମାଇକ୍ ମାଲଭାନି। ଏହି କମିଟିରେ ଏବେ ଇଭାଙ୍କାଙ୍କୁ ସାମିଲ କରାଯାଇଛି ବୋଲି ହ୍ୱାଇଟ ହାଉସ ସୋମବାର ସ୍ପଷ୍ଟ କରିଛି। ଏଠାରେ ସ୍ପଷ୍ଟ କରାଯାଇପାରେ ଯେ, ବିଶ୍ୱ ବ୍ୟାଙ୍କର ଅଧ୍ୟକ୍ଷ ପଦ ଲାଗି ଆମେରିକାର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। କାରଣ, ବଡ଼ ଶେୟାରଧାରକ ହିସାବରେ ଆମେରିକା ସର୍ବଦା ବିଶ୍ୱ ବ୍ୟାଙ୍କର ଅଧ୍ୟକ୍ଷଙ୍କୁ ଚୟନ କରିଥାଏ। ବର୍ତ୍ତମାନର ଅଧ୍ୟକ୍ଷ କିମ୍‌ଙ୍କୁ ୨୦୧୨ରେ ତତ୍କାଳୀନ ରାଷ୍ଟ୍ରପତି ବାରାକ ଓବାମା ଚୟନ କରିଥିଲେ।

# ସେଣ୍ଟ୍ରାଲରେ 'ରେଡ ହଟ୍ ଶନିବାର'

ଭୁବନେଶ୍ୱର,୧୬-୧




ପ୍ରମୁଖ ଫ୍ୟାଶନ ଡେଷ୍ଟିନେଶନ ସେଣ୍ଟ୍ରାଲ ପକ୍ଷରୁ ଚଳିତ ମାସ ୧୯ରେ ରେଡ ହଟ୍ ଶନିବାର ପାଳନ କରାଯିବ। ଏହି ସମୟରେ ନିକଟସ୍ଥ ସେଣ୍ଟ୍ରାଲ ଷ୍ଟୋରରୁ କ୍ରୟ ଉପରେ ଗ୍ରାହକମାନେ ଆକର୍ଷଣୀୟ ରିହାତି ପାଇ ପାରିବେ। ଏହି ସମୟରେ ଗ୍ରାହକଙ୍କୁ କ୍ରୟ କ୍ଷେତ୍ରରେ ଷ୍ଟୋର ପକ୍ଷରୁ 'ୟୁ ଶପ୍ ଉଇ ପେ' ସୁବିଧା କରାଯାଇଛି। ଏହି ଦିନ ବିଭିନ୍ନ ସାମଗ୍ରୀ କିଣାକିଣି ଉପରେ ଫ୍ଲାଟ ୫୦% ରିହାତି ସୁବିଧା ଉପଲବ୍ଧ ହେବ। ଅନ୍ୟୂନ ୩୦୦୦ ଟଙ୍କାର କ୍ରୟ ଉପରେ ସେଣ୍ଟ୍ରାଲ ୱାଲେଟରେ ୫୦% କ୍ୟାଶବ୍ୟାକ ସୁବିଧା ମିଳିବ। ଅତିରିକ୍ତ ସୁବିଧା ପାଇବା ପାଇଁ ଅନଲାଇନରେ ପଞ୍ଜୀକରଣ ଏବଂ ଟୋଲ ଫ୍ରି ନମ୍ବରକୁ କଲ୍ ଦ୍ୱାରା ରେଡ ହଟ୍ ଏଣ୍ଟ୍ରି ପାସ୍ ଲାଭ କରିବାକୁ ହେବ। ପଞ୍ଜୀକରଣ କରିଥିବା ଫ୍ୟାଶନ ଲଭରମାନେ ଅତିରିକ୍ତ ୪୦୦ ଟଙ୍କା ରିହାତି ପାଇବେ। ଆକ୍ସିସ ବ୍ୟାଙ୍କ ଗ୍ରାହକ ସେଣ୍ଟ୍ରାଲରେ କିଣାକିଣି ଉପରେ ଅତିରିକ୍ତ ୧୦% ରିହାତି ପାଇବେ ବୋଲି ଷ୍ଟୋର ପକ୍ଷରୁ ସୂଚନା ରହିଛି।

# ଆଜି ଶିଳ୍ପ ସଂଘ ପ୍ରତିନିଧିଙ୍କୁ ଭେଟିବେ ଶକ୍ତିକାନ୍ତ

ମୁମ୍ବାଇ,୧୬-୧



ରିଜର୍ଭ ବ୍ୟାଙ୍କ ଗଭର୍ନର ଶକ୍ତିକାନ୍ତ ଦାସ ଗୁରୁବାର ଉଦ୍ୟୋଗ ଜଗତର ପ୍ରତିନିଧିତ୍ୱ କରୁଥିବା ଚାମ୍ବର୍ସ ଓ ସଂଘର ପ୍ରତିନିଧିମାନଙ୍କୁ ଭେଟିବେ ବୋଲି ବୁଧବାର ନିଜର ଟୁଇଟରରେ ସ୍ପଷ୍ଟ କରିଛନ୍ତି। କେନ୍ଦ୍ରୀୟ ବ୍ୟାଙ୍କର ଗଭର୍ନର ହେବା ପରେ ସେ ରାଷ୍ଟ୍ରାୟତ୍ତ, ଘରୋଇ ବ୍ୟାଙ୍କ, ଅଣବ୍ୟାଙ୍କିଙ୍ଗ ଆର୍ଥିକ ସଂସ୍ଥା ତଥା ଏମ୍‌ଏସ୍‌ଏମ୍‌ଇ ପ୍ରତିନିଧିମାନଙ୍କୁ ଭେଟି ସାରିଛନ୍ତି। ଡ.ଉର୍ଜିତ ପଟେଲ ରିଜର୍ଭ ବ୍ୟାଙ୍କ ଗଭର୍ନର ଥିବା ବେଳେ ବ୍ୟାଙ୍କିଙ୍ଗ, ଉଦ୍ୟୋଗ ଜଗତର ପ୍ରତିନିଧି ତଥା ସରକାରୀ ଅଧିକାରୀଙ୍କୁ ଭେଟୁ ନ ଥିଲେ ବୋଲି ଅଭିଯୋଗ ହେଉଥିଲା। ଆର୍‌ବିଆଇର ଫେବୃୟାରୀ ୧୨ ସର୍କୁଲାର ଯୋଗୁ ପ୍ରକଳ୍ପ କାର୍ଯ୍ୟ ସମ୍ପୂର୍ଣ୍ଣ ହୋଇପାରୁ ନାହିଁ ବୋଲି କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନୀତିନ ଗଡ଼କରୀ ଅଭିଯୋଗ କରିସାରିଛନ୍ତି।

## ଆୟକର ରିଟର୍ନର ପରବର୍ତ୍ତୀ ପିଢ଼ି ପ୍ରଣାଳୀକୁ ଅନୁମୋଦନ

# ଦିନକରେ ସରିବ ପ୍ରକ୍ରିୟା

ନୂଆଦିଲ୍ଲୀ,୧୬-୧




ଆୟକର ବିବରଣୀର ଇ-ଫାଇଲିଂ, ଯାଞ୍ଚ ଓ ଟିକସ ରିଟର୍ନର ସମ୍ପୂର୍ଣ୍ଣ ପ୍ରକ୍ରିୟା ଆହୁରି ତ୍ୱରାନ୍ୱିତ ତଥା ସୁଗମ ହେବାକୁ ଯାଉଛି। ଏଥିଲାଗି ପରବର୍ତ୍ତୀ ପିଢ଼ିର ପ୍ରଣାଳୀ ବିକଶିତ କରାଯିବ। ଫଳରେ ଗୋଟିଏ ଦିନ ଭିତରେ ଆୟକର ରିଟର୍ନ ପ୍ରକ୍ରିୟା ସମ୍ପୂର୍ଣ୍ଣ ହେବ। ଏ ସଂକ୍ରାନ୍ତରେ ଆଗତ ଏକ ପ୍ରକଳ୍ପକୁ କେନ୍ଦ୍ର କ୍ୟାବିନେଟ ଅନୁମୋଦନ କରିଛି। ୪,୨୪୧.୯୭ କୋଟିଟଙ୍କାର ଏହି ପ୍ରକଳ୍ପକୁ ଦେଶର ଅନ୍ୟତମ ଶୀର୍ଷ ଆଇଟି କମ୍ପାନୀ ଇନଫୋସିସ୍ ବିକଶିତ କରିବ। ଏହି ପଦକ୍ଷେପ ଦ୍ୱାରା ଆୟକର ରିଟର୍ନ (ଆଇଟିଆର୍) ପ୍ରକ୍ରିୟାକରଣ ସମୟ ହ୍ରାସ ପାଇ ଗୋଟିଏ ଦିନ ରହିଯିବ ଏବଂ ଏହାଦ୍ୱାରା ରିଟର୍ନ କାର୍ଯ୍ୟ ଅଧିକ ଦ୍ରୁତ ହୋଇପାରିବ। ସୂଚନାଥାଉ କି, ଆଇଟିଆର୍ ଯାଞ୍ଚ ଲାଗି ୬୩ ଦିନ ସମୟ ଲାଗିଥାଏ। ନୂଆ ପ୍ରଣାଳୀକୁ ଦେଢ଼ ବର୍ଷ ଭିତରେ ବିକଶିତ କରାଯିବ। ଏହାକୁ ୩ ମାସ ପର୍ଯ୍ୟନ୍ତ ପରୀକ୍ଷଣ କରାଯିବା ପରେ ଲାଗୁ କରାଯିବ ବୋଲି ରେଳ ମନ୍ତ୍ରୀ ପୀୟୂଷ ଗୋଏଲ କହିଛନ୍ତି। ନୂଆ ବ୍ୟବସ୍ଥା ସଫଳ ହୋଇଥିବା ବେଳେ ନୂତନ ପିଢ଼ି ପ୍ରଣାଳୀ ଅଧିକ ଦ୍ରୁତ ହେବ ବୋଲି ସେ ପ୍ରକାଶ କରିଛନ୍ତି।

## ଲଟେରିରେ ଏକ ପ୍ରକାର ଟିକସ

# ଜିଏସ୍‌ଟି ମନ୍ତ୍ରିଗୋଷ୍ଠୀ ନିଷ୍ପତ୍ତି ନେବ

ନୂଆଦିଲ୍ଲୀ,୧୬-୧




ଲଟେରିରେ ଏକ ପ୍ରକାର ଟିକସ ଆଦାୟ କରାଯିବ ଅଥବା ବର୍ତ୍ତମାନର ପ୍ରଚଳିତ ଏକାଧିକ ଟିକସ ବ୍ୟବସ୍ଥା ଜାରି ରହିବ ସେନେଇ ଜିଏସ୍‌ଟି ମନ୍ତ୍ରିଗୋଷ୍ଠୀ ନିଷ୍ପତ୍ତି ନେବେ ବୋଲି ବୁଧବାର ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ବର୍ତ୍ତମାନ ରାଜ୍ୟ ସରକାରଙ୍କ ଦ୍ୱାରା ଆୟୋଜିତ ଲଟେରିରେ ୧୨% ଜିଏସ୍‌ଟି ଆଦାୟ କରାଯାଉଥିବା ବେଳେ ରାଜ୍ୟ ସରକାରଙ୍କ ଦ୍ୱାରା ଅନୁମୋଦିତ ଲଟେରିରେ ୨୮% ଜିଏସ୍‌ଟି ଆଦାୟ କରାଯାଉଛି। ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ବିବୃତି ଅନୁଯାୟୀ ଜିଏସ୍‌ଟି କାଉନ୍‌ସିଲ୍ ପକ୍ଷରୁ ଏଥିପାଇଁ ୮ଜଣିଆ ମନ୍ତ୍ରିଗୋଷ୍ଠୀ ଗଠନ କରାଯାଇଛି। ମହାରାଷ୍ଟ୍ର ଅର୍ଥମନ୍ତ୍ରୀ ସୁଧୀର ମୁଙ୍ଗାନ୍ତିୱାର୍ ଏହାର ଅଧ୍ୟକ୍ଷ ରହିଛନ୍ତି। ମନ୍ତ୍ରିଗୋଷ୍ଠୀର ଅନ୍ୟ ସଦସ୍ୟମାନେ ହେଲେ ପଶ୍ଚିମବଙ୍ଗ ଅର୍ଥମନ୍ତ୍ରୀ ଅମିତ ମିତ୍ର,କେରଳ ଅର୍ଥମନ୍ତ୍ରୀ ଥୋମାସ ଆଇଜାକ୍, ଆସାମ ଅର୍ଥମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା, ପଞ୍ଜାବ ଅର୍ଥମନ୍ତ୍ରୀ ମନପ୍ରୀତ୍ ସିଂହ ବାଦଲ, ଗୋଆ ପଞ୍ଚାୟତିରାଜ ମନ୍ତ୍ରୀ ମୌଭିନ ଗୋଡିହ୍ନୋ, କର୍ନାଟକ ଅର୍ଥମନ୍ତ୍ରୀ କ୍ରିଷ୍ଣା ବି.ଗୌଡା ଏବଂ ଅରୁଣାଚଳ ଟିକସ ଏବଂ ଅବକାରୀ ମନ୍ତ୍ରୀ ଜାର୍କର ଗାମଲିନ ପ୍ରମୁଖ।

# ୩୩ ଜଣଙ୍କୁ ଜାତୀୟ ଯୁବ ଉଦ୍ୟୋଗୀ ପୁରସ୍କାର

ନୂଆଦିଲ୍ଲୀ,୧୬-୧

୩୦ ଯୁବ ଉଦ୍ୟୋଗୀ ଏବଂ ୩ ଇକୋସିଷ୍ଟମ ବିଲଡରଙ୍କୁ ଜାତୀୟ ଯୁବ ଉଦ୍ୟୋଗୀ ପୁରସ୍କାର ୨୦୧୮ ପ୍ରଦାନ କରାଯାଇଛି। ଜାତୀୟ ଦକ୍ଷତା ବିକାଶ ପରିଷଦ(ଏନ୍‌ଏସ୍‌ଡିସି) ପକ୍ଷରୁ ନୂଆଦିଲ୍ଲୀରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। କେନ୍ଦ୍ର ବାଣିଜ୍ୟ ତଥା ଉଦ୍ୟୋଗ ମନ୍ତ୍ରୀ ସୁରେଶ ପ୍ରଭୁ କାର୍ଯ୍ୟକ୍ରମରେ ଉପସ୍ଥିତ ରହିବା ସହ ଉଦ୍ୟୋଗୀଙ୍କୁ ପ୍ରମାଣ ପତ୍ର ଏବଂ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଅର୍ଥରାଶି ପ୍ରଦାନ କରିଥିଲେ। ଏହି ଉଦ୍ୟୋଗୀମାନେ ଅନ୍ୟମାନଙ୍କ ପାଇଁ ଉଦାହରଣ ବୋଲି ପ୍ରଭୁ କାର୍ଯ୍ୟକ୍ରମ ଅବସରରେ ସୂଚନା ଦେଇଛନ୍ତି। ମୁଦ୍ରା ଯୋଜନା ଏବଂ ଜେମ୍ ପୋର୍ଟାଲ ଯୁବ ଉଦ୍ୟୋଗୀଙ୍କ ବିକାଶରେ ସହାୟକ ହୋଇଛି ବୋଲି ପ୍ରଭୁ କହିଛନ୍ତି। କାର୍ଯ୍ୟକ୍ରମରେ ଦକ୍ଷତା ବିକାଶ ରାଷ୍ଟ୍ର ମନ୍ତ୍ରୀ ଅନନ୍ତ ହେଗ୍‌ଡେ, ଏମ୍‌ଏସ୍‌ଡିଇ ସଚିବ ଡ.କେ.ପି.କ୍ରିଷ୍ଣା ପ୍ରମୁଖ ଉପସ୍ଥିତ ଥିଲେ।

**BHUBANESWAR DEVELOPMENT AUTHORITY**
Akash Shova Building, Sachivalaya Marg, Bhubaneswar-751001
visit us at: www.bdabbsr.in

RFP No. Eng-IV-Vehicle-01/2014/72 Date. 15.01.2019

**RFP FOR SELECTION OF AGENCY FOR SUPPLY OF VEHICLES WITH DRIVERS TO BDA ON HIRED BASIS**

Bhubaneswar Development Authority invites "REQUEST FOR PROPOSAL FOR SELECTION OF AGENCY FOR SUPPLY OF VEHICLES WITH DRIVERS ON HIRE BASIS TO BDA". The RFP documents will be available in the BDA website @ www.bdabbsr.in from 17.01.2019 to 31.01.2019. The RFP documents can be downloaded from the BDA website (www.bdabbsr.in). The last date of receipt of proposals by speed/registered post is up to 4.00PM on 05.02.2019 and the RFP will be open at 4.30PM on 05.02.2019 in the office of Executive Engineer, Division No.IV, BDA, Bhubaneswar in the presence of the bidders or their authorized representatives. Please refer to the RFP documents available in the BDA website www.bdabbsr.in for further details.

Sd/-
Executive Engineer
Division No.IV, BDA

OFFICE OF THE
**REGULATED MARKET COMMITTEE, BHANJANAGAR**
AT/PO- BHANJANAGAR, DIST.- GANJAM, ODISHA, PIN-761126

**E-PROCUREMENT (INVITATION FOR BIDS)**

BID IDENTIFICATION No. RMC/BHANJANAGAR 02/2018-19
No. 191 Dated 15.01.2019

The Sub-Collector-cum-Chairman, R.M.C., Bhanjanagar invites percentage of BID through e-Procurement in single cover according to norms of e-Procurement.

1. Type of Work : Construction of infrastructure development at Bhanjanagar Main Market yard.
2. Total No. work : 1 (One)
3. Tender Amount Cost : 1,66,74,121.00
4. Period of Completion : 11 (eleven) calendar months
5. Date & time of availability of BID document in the portal : From 10AM of date 17.01.2019 to 5PM of 31.01.2019
6. Original BID document submissions in Tender Box : NA
7. Date & time of opening of Tender : 01.02.2019 at 11.30AM (Friday)

Further the details of e-tender can be had from the e-Procurement portal www.tenderodisha.gov.in. Corrigendum if any, shall only be published in above website.

Sd./- Sub-Collector-cum-Chairman
RMC, Bhanjanagar

**ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳା**
ଆୟୋଜକ: ଜିଲ୍ଲା ପ୍ରଶାସନ, ନବରଙ୍ଗପୁର
ତାରିଖ: ୨୧।୦୧।୨୦୧୯, ସମୟ: ଦିବା ୧୧.୦୦ ମିନିଟ
ସ୍ଥାନ: ରାଜା ଚୈତନ୍ୟ ଦେବ ଉଚ୍ଚ ବିଦ୍ୟାଳୟ ଖେଳ ପଡ଼ିଆ, ନବରଙ୍ଗପୁର

ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷଙ୍କ ତରଫରୁ ଜିଲ୍ଲା ପ୍ରଶାସନ, ନବରଙ୍ଗପୁର ଉପରୋକ୍ତ କାର୍ଯ୍ୟସୂଚୀ ଅନୁଯାୟୀ ଏକ ଜିଲ୍ଲାସ୍ତରୀୟ ନିଯୁକ୍ତି ମେଳାର ଆୟୋଜନ କରିବାକୁ ଯାଉଅଛି। ଏହି ନିଯୁକ୍ତି ମେଳାରେ ରାଜ୍ୟ ଓ ରାଜ୍ୟ ବାହାରର ବିଭିନ୍ନ ନିଯୁକ୍ତି ଦାତା ସଂସ୍ଥାମାନେ ଯୋଗଦେବେ। ଏହା ବ୍ୟତୀତ, ଓଡ଼ିଶା ଦକ୍ଷତା ବିକାଶ କର୍ତ୍ତୃପକ୍ଷଙ୍କ (OSDA), ସହ ବୁଝାମଣା ପତ୍ର (MoU) ସ୍ୱାକ୍ଷର କରିଥିବା ଜିଲ୍ଲା ଓ ଜିଲ୍ଲା ବାହାରର ପ୍ରକଳ୍ପ କାର୍ଯ୍ୟକାରିଣୀ ସଂସ୍ଥା ବା Project Implementing Agencies (PIAs) ମାନେ ମଧ୍ୟ ଯୋଗଦେବେ। ସମସ୍ତ ନିଯୁକ୍ତିଦାତା ସଂସ୍ଥାମାନଙ୍କରେ ସିଧାସଳଖ ନିଯୁକ୍ତିର ସୁଯୋଗ ରହିଅଛି। ପ୍ରକଳ୍ପ କାର୍ଯ୍ୟକାରିଣୀ ସଂସ୍ଥା ମାଧ୍ୟମରେ, ଜିଲ୍ଲା ଓ ଜିଲ୍ଲା ବାହାରେ ତାଲିମ ନେଇ ମଧ୍ୟ ନିଶ୍ଚିତ ନିଯୁକ୍ତିର ସୁଯୋଗ ହାସଲ କରିପାରିବେ। ସୁତରାଂ, ନବରଙ୍ଗପୁର ଜିଲ୍ଲାର ରୋଜଗାର ସନ୍ଧାନରେ ଥିବା ୮ମ ଶ୍ରେଣୀ ପାସଠାରୁ ଦଶମ ଶ୍ରେଣୀ ଫେଲ ପର୍ଯ୍ୟନ୍ତ ଏବଂ ମାଟ୍ରିକ ପାସଠାରୁ ସ୍ନାତକ/ ଆଇଟିଆଇ (ITI)/ ଡିପ୍ଲୋମା (Diploma) ପାସ କରିଥିବା ଆଗ୍ରହୀ ଯୁବକ/ଯୁବତୀମାନେ ନିଜ ନିଜର ପଞ୍ଚାୟତ ସମିତି କାର୍ଯ୍ୟାଳୟକୁ (Block Office) ଯାଇ, ତା୧୫।୦୧।୨୦୧୯ଠାରୁ ତା୨୦।୦୧।୨୦୧୯ରିଖ ମଧ୍ୟରେ ସେମାନଙ୍କର ନାମ ପଞ୍ଜୀକୃତ କରାଇ ଏକ ଆବେଦନ ପତ୍ର ସହ, ପ୍ରବେଶ ପତ୍ର ହାସଲ କରି ଏହି ମେଳାରେ ଯୋଗଦେଇ ପାରିବେ। ଯେଉଁମାନେ ନିଜ Block Office ରେ ନାମ ପଞ୍ଜୀକୃତ କରିନଥିବେ, ସେମାନେ ନିଯୁକ୍ତି ମେଳା ଦିନ ମଧ୍ୟ ନିଜର ନାମ ପଞ୍ଜୀକୃତ କରି ଏଥିରେ ଭାଗ ନେଇ ଏହାର ସୁଯୋଗ ହାସଲ କରିବା ପାଇଁ ଜିଲ୍ଲା ପ୍ରଶାସନ ତରଫରୁ ସୂଚାଇ ଦିଆଯାଉଛି।

ସ୍ୱା./- ଜିଲ୍ଲା ନିଯୋଜନ ଅଧିକାରୀ, ନବରଙ୍ଗପୁର
ସ୍ୱା./- ଜିଲ୍ଲାପାଳ, ନବରଙ୍ଗପୁର

ocac ODISHA COMPUTER APPLICATION CENTRE
**ADVERTISEMENT**

**Administering/facilitating extension of various Incentives/concessions available under ICT Policy-2014 as per Operational Guidelines notified by Government in E & IT Department.**

Government in E & IT Department have notified Operational Guidelines for administering/ facilitating extension of various Incentives/ concessions available under ICT Policy-2014. All the IT/ITES/ESDM Companies functioning in the State of Odisha may avail these facilities as per the Notification hosted in Govt. Website **www.odisha.gov.in** and OCAC website **www.ocac.in.** The last date for receipt of the application in prescribed format with all supporting documents is **31st January, 2019**. Applications received after January, 2019 shall not be considered for this financial year.

***General Manager (Admn.)***

For any clarification you may visit IF & ITP Cell / PIU, OCAC in between 10:30 AM to 01:30 PM on all working days. *For further enquiry please contact : 0674-2567295/2567283/2567064*

**ADVERTISEMENT**
**ODISHA CONSTRUCTION CORPORATION LTD.**
(A Government of Odisha Undertaking)
REGD. OFFICE : UNIT-VIII, GOPABANDHU NAGAR, BHUBANESWAR-751012 (ODISHA)
E-mail : theoccltd@odishaconstruction.com,
Website : www.odishaconstruction.com
DESIGNED TO EXCEL

Odisha Construction Corporation Limited, a state PSU invites applications from eligible applicants for appointment of 9 Nos. of Office Assistants (Contract) on contract basis with a consolidated monthly remuneration of ₹9,000/- (Rupees Nine thousand) only. The appointment is purely temporary in nature and terminable at anytime without assigning any reason thereof. Service contract may be renewed subject to satisfactory performance up to 6 (six) years. The selected applicants shall be posted to any unit of the Corporation located in the state of Odisha.

| Category | Nos. of Post | Nos. of Post reserved for women |
|---|---|---|
| Unreserved | 5 | 2 |
| SEBC | 1 | - |
| Schedule Tribe | 2 | 1 |
| Schedule Caste | 1 | - |
| Total | 9 | 3 |

Details of advertisement and prescribed application format are available in the Corporation website : www.odihsaconstruction.com.
Sd/-
MANAGING DIRECTOR

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧, ଫୋନ୍: (୦୬୭୪) ୨୩୯୩୫୨୪, ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧, ଫାକ୍ସ: (୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍: www.oshb.org

ପତ୍ର ସଂଖ୍ୟା: 281 **ବିଜ୍ଞାପନ** ତା.: 05.01.19

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ରାଧାଗୋବିନ୍ଦପୁର, ଦ୍ୱିତୀୟ ପର୍ଯ୍ୟାୟ, ଆଠଗଡ଼ ହାଉସିଂ ପ୍ରକଳ୍ପରେ ଘର ନଂ-ଇ.ଡବ୍ଲ୍ୟୁ.ଏସ୍.-୮ (EWS-8)କୁ ଅଜୟ କୁମାର ମହାନ୍ତି, ପି: ସ୍ୱର୍ଗତ ଲିଙ୍ଗରାଜ ମହାନ୍ତି, ଗ୍ରା/ପୋ: ବେଣ୍ଟପଦା, ଥା: ଆଠଗଡ଼, ଜି: କଟକଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନକାରୀ ଅଜୟ କୁମାର ମହାନ୍ତି ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରଣ ଆଧାରରେ ଶ୍ରୀମତୀ ଦ୍ରୌପଦୀ ମିଶ୍ର, ସ୍ୱା: ସ୍ୱର୍ଗତ ଶରତ କୁମାର ମିଶ୍ର, ଗ୍ରା: କନ୍ଦୋଲ, ପୋ/ଥା: ଆଠଗଡ଼, ଜି: କଟକଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।

ସ୍ୱା./- ସହ ପ୍ରଶାସନିକ ଅଧିକାରୀ, ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

CUTTACK MUNICIPAL CORPORATION
**"e" PROCUREMENT NOTICE**
**Tender ID: 2018_ORULB_50780**
**Tender Call Notice No. 157 (PW) Date 16.01.2019**

Name & No. of Works : Civil Works
No. of Works : 3 Nos.
Bid Value : Rs. 4.41 lakhs to Rs. 8.84 lakhs
Period of Completion : Three Calendar Months
Date and Time schedule :

| Start | End | Opening |
|---|---|---|
| 11.00 AM on dt. 18.01.2019 | 5.00 PM on dt. 28.01.2019 | 11.00 AM on dt. 31.01.2019 |

Tender Details : can be seen from the procurement portal: **www.tendersorissa.gov.in.**

**Sd./- Executive Engineer-I**

**BHUBANESWAR DEVELOPMENT AUTHORITY**
Akash Shova Building, Sachivalaya Marg, Bhubaneswar-751001
visit us at: www.bdabbsr.in

No. 46 Date. 15.01.2019

**'e' Procurement Notice, BID IDENTIFICATION NO. BDA/07- EE-III/2018-19**

Executive Engineer, Division No.III, BDA on behalf of Bhubaneswar Development Authority invites Percentage Rate bids in Single cover system to be received in online mode only for the work detailed below.

| | | | |
|---|---|---|---|
| 1. | Name of work | - | 1. Renovation of Compound wall and fixing of Gate at K-7 Kalinga Nagar, Bhubaneswar. 2. Construction of U.G.R. for Fire Fighting arrangement to Commercial Complex at Nayapalli, Bhubaneswar. |
| 2. | No. of works | - | 02 (Two) Nos. |
| 3. | Estimated Cost | - | Approximate Rs.10.46 Lakh for Sl. No.1 & Rs. 5.08 Lakh for Sl. No.2 |
| 4. | Period of Completion | - | 45 (Forty Five) Days for Sl. No. 1 & 2 |
| 5. | Tender Cost | - | Rs. 6,720/- including 12% GST for Sl. No.1 & Rs. 4,480/- including 12% GST for Sl. No.2. |
| 6. | Date & Time of availability of Bid | - | 18.01.2019 to 5.00 P.M. of 28.01.2019 |
| 7. | Class of Contractor | - | 'D' Class & 'C' Class |

The Bidders have to participate in ONLINE bidding only. Further details can be seen from the website http://tendersodisha.gov.in/.

**N.B. The quoted rate should be all inclusive but excluding G.S.T. applicable under works contract.**

Sd/-
Executive Engineer,
Division No.III, BDA.

## ସଂକ୍ଷେପରେ

### ଧୋନୀଙ୍କ ତ୍ରୁଟିପୂର୍ଣ୍ଣ ରନ୍ ଅଣଦେଖା

ନୂଆଦିଲ୍ଲୀ,୧୬।୧- ମହେନ୍ଦ୍ର ସିଂ ଧୋନୀଙ୍କ ଦମ୍‌ଦାର ଇନିଂସ ବଳରେ ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜ୍‌କୁ ଭାରତ ଆଡିଲେଡ୍‌ଠାରେ ବରାବର କରିଛି। ମ୍ୟାଚ୍ ୱିନିଂ ଇନିଂସ୍ ପରେ ମଧ ପୂର୍ବତନ ଅଧିନାୟକ ଆଉ ଏକ କାରଣ ଯୋଗୁ ଚର୍ଚ୍ଚାରେ ରହିଛନ୍ତି। ସୋସିଆଲ ମିଡିଆରେ ଶେୟାର କରାଯାଇଥିବା ଏକ ଭିଡିଓରେ ଧୋନୀ ସିଙ୍ଗଲ୍ ରନ୍ ଶେଷ କରି ନ ଥିଲେ, ଯାହାକୁ ଅମ୍ପାୟର ଅଣଦେଖା କରି ଦେଇଥିଲେ। ଏହି ଘଟଣା ଭାରତୀୟ ବ୍ୟାଟିଂର ୪୫ତମ ଓଭରରେ ଘଟିଥିଲା। ସ୍ପିନର ନାଥନ ଲିଅନଙ୍କ ଓଭରର ଅନ୍ତିମ ବଲରେ ଧୋନୀ ସିଙ୍ଗଲ ନେଇଥିଲେ। ହେଲେ ସେ ଧାର୍ଯ୍ୟ ସୀମା ଅତିକ୍ରମ କରି ନ ଥିଲେ। ଏହାସତ୍ତ୍ୱେ ଉକ୍ତ ରନ୍ ଧୋନୀ ଓ ଭାରତୀୟ ଦଳର ଖାତାରେ ସାମିଲ କରାଯାଇଥିଲା। ଭାରତୀୟ ଦଳ ୨୯୯ ରନ୍‌ର କଷ୍ଟସାଧ ବିଜୟ ଲକ୍ଷ୍ୟ ପିଛା କରୁଥିଲା। ଅଧିନାୟକ ବିରାଟ କୋହଲିଙ୍କ ୧୦୪ ଓ ଧୋନୀଙ୍କ ଅପରାଜିତ ୫୫ ରନ୍‌ର ଇନିଂସ ଯୋଗୁ ଭାରତ ୪ ବଲ ପୂର୍ବରୁ ମ୍ୟାଚ୍ ଜିତି ନେଇଥିଲା। ସିରିଜ୍‌ର ଅନ୍ତିମ ମ୍ୟାଚ୍ ୧୮ ତାରିଖରେ ମେଲବୋର୍ନ କ୍ରିକେଟ ଗ୍ରାଉଣ୍ଡ(ଏମ୍‌ସିଜି)ଠାରେ ଖେଳାଯିବ।

### ମାଲେସିଆ ମାଷ୍ଟର୍ସ: ସାଇନା, ଶ୍ରୀକାନ୍ତଙ୍କ ବିଜୟ୍ ଅଭିଯାନ



କୁଆଲାଲମ୍ପୁର,୧୬।୧(ପି.ଟି.)- ଅଲିମ୍ପିକ୍ ପଦକଧାରୀ ସାଇନା ନେହ୍ୱାଲ, କିଡାମ୍ବି ଶ୍ରୀକାନ୍ତ ଓ ପାରୁପଲ୍ଲୀ କାଶ୍ୟପ ଏଠାରେ ଚାଲିଥିବା ମାଲେସିଆ ମାଷ୍ଟର୍ସ ଟୁର୍ନାମେଣ୍ଟରେ ବିଜୟ ସହ ଅଭିଯାନ ଆରମ୍ଭ କରିଛନ୍ତି। ୭ମ ସିଡ୍ ସାଇନା ବୁଧବାର ଖେଳାଯାଇଥିବା ମ୍ୟାଚ୍‌ରେ ୧୪-୨୧, ୨୧-୧୮, ୨୧-୧୮ ଗେମ୍‌ରେ ହଂକଂର ଜୟ୍ ଜୁଆନ ଡେଙ୍ଗଙ୍କୁ ହରାଇ ଦେଇଛନ୍ତି। ଏହି ମ୍ୟାଚ୍ ଜିତିବା ଲାଗି ପୂର୍ବତନ ଶୀର୍ଷ ର୍‍ୟାଙ୍କଧାରୀ ଭାରତୀୟ ଖେଳାଳି ସାଇନାଙ୍କୁ ଏକ ଘଣ୍ଟା ୫ ମିନିଟ ଲାଗିଥିଲା। ଏକମାତ୍ର ମହିଳା ଖେଳାଳି ଭାବେ ସିଙ୍ଗଲ୍ସ ବର୍ଗରେ ଭାଗ ନେଇଥିବା ସାଇନା ପରବର୍ତ୍ତୀ ମ୍ୟାଚ୍‌ରେ ଅଣସିଡ୍ ପୁଇ ୟିନ ୟିପଙ୍କୁ ଭେଟିବେ। ସାଇନାଙ୍କ ଜୀବନ ସାଥୀ କାଶ୍ୟପ ମଧ ୩ ଗେମ୍ ବିଶିଷ୍ଟ ମୁକାବିଲାକୁ ଜିତି ଆଗକୁ ବଢ଼ିଛନ୍ତି। ସେ ୧୯-୨୧, ୨୧-୧୯, ୨୧-୧୦ ଗେମ୍‌ରେ ଡେନମାର୍କର ରାସମୁସ ଗେମକେଙ୍କୁ ପରାସ୍ତ କରିଛନ୍ତି। କିନ୍ତୁ ଅନ୍ୟ ଏକ ପୁରୁଷ ସିଙ୍ଗଲ୍ସ ମ୍ୟାଚ୍‌କୁ ଶ୍ରୀକାନ୍ତ ମାତ୍ର ୩୦ ମିନିଟ୍ ମଧରେ ଜିତି ନେଇଥିଲେ। ସେ ୨୧-୧୭, ୨୧-୧୧ ଗେମ୍‌ରେ ଅନଗୁସ କା ଲଙ୍ଗଙ୍କୁ ପରାଜିତ କରିଛନ୍ତି। ଦୁଇ ଭାରତୀୟ ଖେଳାଳି ପରବର୍ତ୍ତୀ ରାଉଣ୍ଡରେ ୬ଷ୍ଠ ସିଡ୍ ଆନ୍ଥୋନି ସିନିସୁକା ଓ ଭିନସେଣ୍ଟ ୱିଙ୍ଗ କି ୱିଙ୍ଗଙ୍କ ବିପକ୍ଷରେ ମୁକାବିଲା କରିବେ। ମହିଳା ଡବଲ୍ସ ଖେଳାଳି ଅଶ୍ୱିନୀ ପୋନପ୍ପା ଓ ଏନ୍ ସିକି ରେଡ୍ଡୀଙ୍କ ଯୋଡ଼ି ମଧ ପ୍ରଥମ ବାଧା ଅତିକ୍ରମ କରିବାରେ ସଫଳ ହୋଇଛି।

“ବୁମ୍‌ରାଙ୍କ ନେତୃତ୍ୱରେ ଭାରତୀୟ ବୋଲିଂ ବାହିନୀ ବେଶ ସନ୍ତୁଳିତ । ଆସନ୍ତା ବିଶ୍ୱକପ୍‌ରେ ଇଂଲଣ୍ଡ ସମେତ ଭାରତ ମଧ ପ୍ରମୁଖ ଟାଇଟଲ ଦାବିଦାର ରହିଛି।

– ଜାସନ୍ ଗିଲେସ୍ପି, ପ୍ରାକ୍ତନ ଅଷ୍ଟ୍ରେଲୀୟ ବୋଲର



“ମହେନ୍ଦ୍ର ସିଂ ଧୋନି ଏବେ ଯୁବକ ହୋଇନାହାନ୍ତି। ତେଣୁ ଯୁବ ଅବସ୍ଥାରେ ପ୍ରଦର୍ଶନରେ ଯେଉଁ ସ୍ଥିରତା ଥାଏ ତାହା ତାଙ୍କଠାରେ ଏବେ ନାହିଁ।

– ସୁନୀଲ ଗାଭାସ୍କର, କିମ୍ବଦନ୍ତୀ ବ୍ୟାଟ୍ସମ୍ୟାନ








କଳିଙ୍ଗ ଷ୍ଟାଡିୟମରେ ବୁଧବାର ଅତିଥିମାନେ ଓଡ଼ିଶା ଟେନିସ ପ୍ରିମିୟର ଲିଗ୍‌କୁ ଉଦ୍‌ଘାଟନ କରୁଛନ୍ତି। ପ୍ରତିଯୋଗିତାରେ ଭାଗ ନେଇଥିବା ପ୍ରତିଯୋଗୀମାନେ।

■ ଓଡ଼ିଶା ଟେନିସ ପ୍ରିମିୟର ଲିଗ୍ ଆରମ୍ଭ

## କେନ୍ଦ୍ରାପଡ଼ା, ଅନୁଗୋଳ, ପୁରୀ, ସମ୍ବଲପୁର ଦଳର ବିଜୟ

ଭୁବନେଶ୍ୱର, ୧୬।୧(କ୍ରୀଡ଼ା ପ୍ରତିନିଧି)

ଓଡ଼ିଶା ଟେନିସ ପ୍ରିମିୟର ଲିଗ୍ (ଓଟିପିଏଲ)ର ଦ୍ୱିତୀୟ ସଂସ୍କରଣ ବୁଧବାର କଳିଙ୍ଗ ଷ୍ଟାଡିୟମରେ ଆରମ୍ଭ ହୋଇଛି। ନୀଳାଚଳ ଟେନିସ ଫାଉଣ୍ଡେଶନ ଆନୁକୂଲ୍ୟରେ ଓଡ଼ିଶା ଟେନିସ ଆସୋସିଏଶନ (ଓଟିଏ) ଅନୁମୋଦନକ୍ରମେ ଆୟୋଜିତ ଏହି ଟୁର୍ନାମେଣ୍ଟରେ ଦେଶର ୩୨ ଜଣ ଟପ୍ ର୍‍ୟାଙ୍କିଙ୍ଗପ୍ରାପ୍ତ ଏଆଇଟିଏ ଖେଳାଳି ଅଂଶଗ୍ରହଣ କରିଛନ୍ତି। ପ୍ରତିଯୋଗିତାରେ ମୋଟ ୮ଟି ଦଳ ଅଂଶଗ୍ରହଣ କରିଛନ୍ତି। ଦଳ ଗୁଡ଼ିକୁ ୨ଟି ଗ୍ରୁପରେ ବିଭକ୍ତ କରାଯାଇଛି। ଗ୍ରୁପ୍‘ଏ’ରେ ପୁରୀ ୱେଭର୍ସ, ସମ୍ବଲପୁର ଶୁଟର୍ସ, କଟକ କନ୍‌କ୍ୱର୍ସ ଓ ଖୋର୍ଦ୍ଧା ୱାରିୟର୍ସ ସ୍ଥାନ ପାଇଛନ୍ତି। ସେହିପରି ଗ୍ରୁପ୍ ‘ବି’ରେ ସ୍ଥାନ ପାଇଥିବା ଦଳ ଗୁଡ଼ିକ ହେଲେ ଭଦ୍ରକ ଭିକ୍ଟର୍ସ, ସୁନ୍ଦରଗଡ଼ ବୀରାନ୍ସ, କେନ୍ଦ୍ରାପଡ଼ା କଣ୍ଟେଣ୍ଡର୍ସ ଓ ଅନୁଗୋଳ ଏସର୍ସ। ପ୍ରତିଯୋଗିତା ମୁଖ୍ୟତଃ ପୁରୁଷ ସିଙ୍ଗଲ୍ସ, ମହିଳା ସିଙ୍ଗଲ୍ସ, ପୁରୁଷ ଡବଲ୍ସ, ମିକ୍ସଡ ଡବଲ୍ସ ଏବଂ ସିନିୟର୍ସ ଡବଲ୍ସରେ ଅନୁଷ୍ଠିତ ହେଉଛି। ଓଟିଏ ସମ୍ପାଦକ ମଧୁସୂଦନ ପାଢ଼ୀ, ଓଟିପିଏଲର ପ୍ରତିଷ୍ଠାତା ତଥା ଟୁର୍ନାମେଣ୍ଟ ଡାଇରେକ୍ଟର ଦିଲୀପ ମହାନ୍ତି ପ୍ରତିଯୋଗିତାକୁ ଉଦ୍‌ଘାଟନ କରିଥିଲେ। ମନ୍ତ୍ରୀ ପ୍ରଫୁଲ୍ଲ ସାମଲ ପରେ ଯୋଗ ଦେଇଥିବାବେଳେ ପ୍ରବୀଣ କୁମାର ରେଫରି ଦାୟିତ୍ୱ ତୁଲାଇଥିଲେ।

ପ୍ରତିଯୋଗିତାର ପ୍ରଥମ ସଂସ୍କରଣ ୨୦୧୭ରେ ଅନୁଷ୍ଠିତ ହୋଇଥିଲା। “ପ୍ରଥମ ସଂସ୍କରଣରେ ଏହି ଲିଗ୍‌କୁ ଭରପୂର ସମର୍ଥନ ମିଳିଥିଲା। ରାଜ୍ୟରେ ଅନେକ ଟେନିସ ଖେଳାଳି ଏହି ଗେମ୍‌କୁ ସିରିୟସର ସହିତ ନେଉଥିବା ପରିଲକ୍ଷିତ ହୋଇଛି। ଓପିଟିଏଲ କେବଳ ଟେନିସକୁ ପ୍ରମୋଟ କରିବ ନାହିଁ, ରାଜ୍ୟରେ ଏହି ଖେଳର ଉନ୍ନତି ପାଇଁ ପ୍ରୟାସ କରିବ” ବୋଲି ଦିଲୀପ ପ୍ରକାଶ କରିଛନ୍ତି। ଏହି ଲିଗ୍ ୨୦ ତାରିଖରେ ଉଦ୍‌ଯାପିତ ହେବ। ପ୍ରଥମ ଦିବସରେ ଅନୁଷ୍ଠିତ ମ୍ୟାଚ ଗୁଡ଼ିକ ମଧ୍ୟରେ ସୁନ୍ଦରଗଡ଼ ବୀରାନ୍ସକୁ କେନ୍ଦ୍ରାପଡ଼ା କଣ୍ଟେଣ୍ଡର୍ସ ୩–୨ରେ ହରାଇଥିବାବେଳେ ଅନୁଗୋଳ ଏସର୍ସ ୩–୨ରେ ଭଦ୍ରକ ଭିକ୍ଟର୍ସ, ପୁରୀ ୱେଭର୍ସ ୩–୨ରେ ଖୋର୍ଦ୍ଧା ୱାରିୟର୍ସ ଏବଂ ସମ୍ବଲପୁର ଶୁଟର୍ସ ୩–୨ରେ କଟକ କନ୍‌କ୍ୱର୍ସକୁ ପରାସ୍ତ କରିଛି।

## ଭାରତୀୟ ଫୁଟ୍‌ବଲର ଆନସ ଇଦାଥୋଡିକାଙ୍କ ଅବସର

ମୁମ୍ବାଇ,୧୬।୧

ଭାରତୀୟ ଫୁଟ୍‌ବଲ ଦଳର ସଦସ୍ୟ ଆନସ ଇଦାଥୋଡିକା ବୁଧବାର ଅନ୍ତର୍ଜାତୀୟସ୍ତରରୁ ଅବସର ନେଇଛନ୍ତି। ଏ ନେଇ ୩୧ ବର୍ଷୀୟ ଡିଫେଣ୍ଡର ସୋସିଆଲ ମିଡିଆରେ ଘୋଷଣା ଦେଇଛନ୍ତି। ଏହା ମୋ ପାଇଁ କଠିନ ନିଷ୍ପତ୍ତି। ଦେଶ ପାଇଁ ଆହୁରି ଖେଳିବାକୁ ଇଚ୍ଛା। ମାତ୍ର ଯୁବ ଖେଳାଳିଙ୍କୁ ସୁଯୋଗ ଦେବା ଲାଗି ଚାହେଁ। ଜାତୀୟ ଦଳରୁ ଖେଳିବା ପାଇଁ ମୋତେ ୧୧ ବର୍ଷ ଧରି ଅପେକ୍ଷା କରିବାକୁ ପଡ଼ିଥିଲା। ହେଲେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରିବା ମୋ ଲାଗି ବଡ଼ ସଫଳତା। ଯେତେବେଳେ ଭାରତ ପକ୍ଷରୁ ଖେଳିଛି, ମୁଁ ଶତପ୍ରତିଶତ ପ୍ରଦର୍ଶନ ଦେବାକୁ ଉଦ୍ୟମ କରିଛି। ମୋ ଉପରେ ବିଶ୍ୱାସ ରଖିଥିବାରୁ କୋଚ୍ ଷ୍ଟିଫେନ କନଷ୍ଟାଣ୍ଟିନ, ଅନ୍ୟ ଷ୍ଟାଫ୍ ଓ ଦଳୀୟ ସଦସ୍ୟଙ୍କୁ ଧନ୍ୟବାଦ ବୋଲି ଇଦାଥୋଡିକା କହିଛନ୍ତି। କେରଳ ବ୍ଲାଷ୍ଟର୍ସ ପକ୍ଷରୁ ଖେଳୁଥିବା ସେଣ୍ଟର ବ୍ୟାକ୍ ୨୦୧୭ ମାର୍ଚ୍ଚରେ କାମ୍ବୋଡିଆ ବିପକ୍ଷରେ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିଲେ। ୩୦ ବର୍ଷ ବୟସରେ ଅନ୍ତର୍ଜାତୀୟ କ୍ୟାରିୟର ଆରମ୍ଭ କରିଥିବା ଖେଳାଳି ମାତ୍ର ୧୯ଟି ମ୍ୟାଚ୍ ଖେଳିଛନ୍ତି। ଆହତ ସମସ୍ୟା ଯୋଗୁ ତାଙ୍କ କ୍ୟାରିୟର ବାଧାପ୍ରାପ୍ତ ହୋଇଛି।

■ ହଂକଂ, ଇଣ୍ଡୋନେସିଆ ବିପକ୍ଷ ବନ୍ଧୁତ୍ୱପୂର୍ଣ୍ଣ ଫୁଟ୍‌ବଲ ମ୍ୟାଚ

## ଭାରତୀୟ ଦଳରେ ପ୍ୟାରୀ, ଜବାମଣୀ

ନୂଆଦିଲ୍ଲୀ, ୧୬।୧(ପି.ଟି.)




ଜବାମଣୀ ଟୁଡୁ




ପ୍ୟାରୀ ଖାଖା

୨୦୨୦ ଅଲିମ୍ପିକ୍ସ ଖେଳିବାକୁ ଯୋଗ୍ୟତା ହାସଲ କରିବା ପାଇଁ ଭାରତୀୟ ମହିଳା ଫୁଟବଲ ଦଳ ହଂକଂ ଓ ଇଣ୍ଡୋନେସିଆ ବିପକ୍ଷରେ ଦୁଇଟି ଲେଖାଏ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ୍ ଖେଳିବ। ଏହି ମ୍ୟାଚ୍ ଗୁଡିକ ପାଇଁ ଏକ ୨୫ ଜଣିଆ ଭାରତୀୟ ଦଳ ଘୋଷଣା କରାଯାଇଛି। ଏଥିରେ ଓଡ଼ିଶାର ଦୁଇଜଣ ମହିଳା ଫୁଟବଲର ସ୍ଥାନ ପାଇଛନ୍ତି। ସେମାନେ ହେଲେ ପ୍ୟାରୀ ଖାଖା ଓ ଜବାମଣୀ ଟୁଡୁ। ଜାତୀୟ ଦଳରେ ସ୍ଥାନ ପାଇଥିବାରୁ ଏହି ଦୁଇ ଖେଳଳିଙ୍କୁ ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶା (ଫାଓ) ସମ୍ପାଦକ ସଞ୍ଜୟ ବେହେରା ଅଭିନନ୍ଦନ ଜଣାଇଛନ୍ତି।

ପ୍ରଥମେ ଭାରତୀୟ ଦଳ ଶନିବାର ହଂକଂ ଯାତ୍ରା କରି ସେଠାରେ ଆସନ୍ତା ୨୧ ଓ ୨୩ ତାରିଖରେ ମ୍ୟାଚ୍ ଖେଳିବ। ଏହାପରେ ଇଣ୍ଡୋନେସିଆ ଯାତ୍ରା କରି ୨୭ ଓ ୩୦ ତାରିଖରେ ଦୁଇଟି ମ୍ୟାଚ୍ ଖେଳିବ। ଦ୍ୱିତୀୟ ରାଉଣ୍ଡରେ ପ୍ରବେଶ କରିବା ପାଇଁ ଆମେ ହଂକଂ ଓ ଇଣ୍ଡୋନେସିଆ ବିପକ୍ଷରେ ଦୁଇଟି ଲେଖାଏ ମ୍ୟାଚ୍ ଖେଳିବୁ ବୋଲି ଭାରତ ହେଡ୍ କୋଚ୍ ମେମୋଲ ରକି କହିଛନ୍ତି। ଏହି ଅଲିମ୍ପିକ୍ସ କ୍ୱାଲିଫାୟର ମ୍ୟାଚ୍ ଆମ ପାଇଁ ଚ୍ୟାଲେଞ୍ଜ୍ ସୃଷ୍ଟି କରିଛି । ଆମେ ଦେଶ ପାଇଁ ଇତିହାସ ସୃଷ୍ଟି କରିବା ଲକ୍ଷ୍ୟରେ ରହିଛୁ। ଟୋକିଓ ଅଲିମ୍ପିକ୍ସର ଦ୍ୱିତୀୟ ରାଉଣ୍ଡ କ୍ୱାଲିଫାୟର୍ସ ଏପ୍ରିଲ ୧ରୁ ୯ ତାରିଖ ମଧରେ ଖେଳାଯିବ। ତେବେ ଏହି ମ୍ୟାଚ୍ ସମ୍ପର୍କରେ ଏବେ କିଛି ସୂଚନା ଦିଆଯାଇ ନାହିଁ।

**ଭାରତର ମ୍ୟାଚ୍**

| ଦଳ | ମ୍ୟାଚ୍ | ତାରିଖ |
|---|---|---|
| ହଂକଂ | ପ୍ରଥମ | ୨୧ |
| ହଂକଂ | ଦ୍ୱିତୀୟ | ୨୩ |
| ଇଣ୍ଡୋନେସିଆ | ପ୍ରଥମ | ୨୭ |
| ଇଣ୍ଡୋନେସିଆ | ଦ୍ୱିତୀୟ | ୩୦ |

**ଭାରତୀୟ ଦଳ:**
ଗୋଲ କିପର– ଆଦିତୀ ଚୌହାନ, ଏମ୍.ଲିନଥୋଇଙ୍ଗାମ୍ବି ଦେବୀ, ସୋମିୟା ନାରାୟଣସ୍ୱାମୀ, ଶ୍ରେୟା ହୁଡା।ଡିଫେଣ୍ଡର– ଆଶାଲତା ଦେବୀ, ସ୍ୱିଟୀ ଦେବୀ, ଜବାମଣୀ ଟୁଡୁ, ଦାଲିମା ଜିବେର, ଲାକୋ ଫୁଟି, ମାଇକେଲ କାଷ୍ଟାନା, ପଲି କୋଲେ। ମିଡ୍‌ଫିଲ୍ଡର୍ସ– ସଙ୍ଗୀତା ବାସଫୋର, ସଞ୍ଜୁ ଯାଦବ, ସୁମିତ୍ରା କାମରାଜ, ରଞ୍ଜାନ ଚାନୁ, ଇନ୍ଦୁମତି କାଥିରେସାନ, ରଞ୍ଜିତା ଦେବୀ, ମନୀଷା। ଫରୱାର୍ଡ୍ସ: ରୋଜା ଦେବୀ, ଅଞ୍ଜୁ ତମାଙ୍ଗ, ରତନବାଳା ଦେବୀ, ପ୍ୟାରୀ ଖାଖା, ଡାଙ୍ଗମେଇ ଗ୍ରେସ, ଆର. ସନ୍ଧିଆ ଓ ମମତା।

## ଖୋର୍ଦ୍ଧା ରେଲୱେ, ରାମେଶ୍ୱର ବିଜୟୀ

ପଦ୍ମପୁର, ୧୬।୧ (ଡି.ଏନ.ଏ)

**ବୋରାସମ୍ବର କପ୍ କ୍ରିକେଟ**




ମ୍ୟାନ୍ ଅଫ ଦି ମ୍ୟାଚ୍ ପୁରସ୍କାର ପ୍ରଦାନ କରାଯାଉଛି ।

ବୋରାସମ୍ବର ସ୍ପୋର୍ଟିଂ ପଦ୍ମପୁର ଦ୍ୱାରା ଆୟୋଜିତ ୨୫ତମ ସର୍ବଭାରତୀୟ ବୋରାସମ୍ବର କପ୍ କ୍ରିକେଟ ଟୁର୍ନାମେଣ୍ଟର ବୁଧବାର ମ୍ୟାଚ୍‌ରେ ଖୋର୍ଦ୍ଧା ରେଲୱେ ଏବଂ ଭୁବନେଶ୍ୱରର ରାମେଶ୍ୱର ସ୍ପୋର୍ଟିଂ ବିଜୟୀ ହୋଇଛନ୍ତି । ପ୍ରଥମ ମ୍ୟାଚ୍‌ରେ ରାମେଶ୍ୱର ସ୍ପୋର୍ଟିଂ ପ୍ରଥମେ ବ୍ୟାଟିଂ କରି ବିଶ୍ୱଜିତ ଭୂୟାଁଙ୍କ ୩୯ ରନ ସହାୟତାରେ ନିର୍ଦ୍ଧାରିତ ୨୦ ଓଭରରେ ୬ ଉଇକେଟ ହରାଇ ୧୩୩ ରନ କରିଥିଲା । ଜବାବରେ ଏଫସିଏ ବିଲାସପୁର ଦଳ ୨୦ ଓଭରରେ ୮ ଉଇକେଟ ହରାଇ ୧୦୪ ରନ୍ କରି ୨୯ ରନ୍‌ରେ ପରାସ୍ତ ହୋଇଥିଲା । ରାମେଶ୍ୱର ସ୍ପୋର୍ଟିଂ ପକ୍ଷରୁ ବିଶ୍ୱଜିତ ମଲ୍ଲିକ ୨ଟି ଏବଂ ଦିବ୍ୟରଞ୍ଜନ ସାହୁ ୨ଟି ଉଇକେଟ ଅକ୍ତିଆର କରିଥିଲେ। ଖୋର୍ଦ୍ଧା ରେଲୱେ ଏବଂ ଜାଗୁଆର ପାଟଣା ମଧରେ ଦ୍ୱିତୀୟ ମ୍ୟାଚ୍ ଅନୁଷ୍ଠିତ ହୋଇଥିଲା । ଖୋର୍ଦ୍ଧା ଦଳ ପ୍ରଥମେ ବ୍ୟାଟିଂ କରି ପ୍ରଶାନ୍ତ ସାହୁଙ୍କ ଧୂଆଁଧାର ୯୧ (୪୨) ରନ୍ ଓ ଅଙ୍କିତ ଯାଦବଙ୍କ ୪୭ ରନ ସହାୟତାରେ ୧୮ ଓଭରରେ ୧୯୪ ରନ ସଂଗ୍ରହ କରିଥିଲା । ୧୯୫ ରନ୍‌ର ଲକ୍ଷ୍ୟ ନେଇ ଜାଗୁଆର ପାଟଣା ଦଳ ୧୭.୧ ଓଭରରେ ସମସ୍ତ ଉଇକେଟ୍ ହରାଇ ମାତ୍ର ୯୬ ରନ ସଂଗ୍ରହ କରି ପରାସ୍ତ ହୋଇଥିଲା। ଖୋର୍ଦ୍ଧା ଦଳ ପକ୍ଷରୁ ଜୟନ୍ତ ବେହେରା ୯ ରନ ଦେଇ ୩ଟି ଉଇକେଟ ଅକ୍ତିଆର କରିଥିଲେ । ପୁରସ୍କାର ବିତରଣି ଉତ୍ସବରେ ସ୍ଥାନୀୟ ଟ୍ରକ ମାଲିକ ସଂଘ ସଭାପତି ମହମ୍ମଦ ସାଜିଦ ମୁଖ୍ୟଅତିଥି ଏବଂ ସମ୍ପାଦକ ପ୍ରକାଶ କୁମାର ଦୋରା ଅତିଥି ଭାବେ ଯୋଗଦେଇ ପ୍ରଥମ ମ୍ୟାଚ୍‌ର ମ୍ୟାନ ଅଫ୍ ଦି ମ୍ୟାଚ ବିଶ୍ୱଜିତ ଭୂୟାଁ ଏବଂ ଦ୍ୱିତୀୟ ମ୍ୟାଚ୍‌ର ପ୍ରଶାନ୍ତ ସାହୁଙ୍କୁ ପୁରସ୍କୃତ କରିଥିଲେ। ଅମ୍ପାୟର ପୃଥ୍ୱୀରାଜ ମିଶ୍ର, ଅମରେଶ ବେହେରା ମ୍ୟାଚ୍ ପରିଚାଳନା ଏବଂ ଦିବ୍ୟ ପଣ୍ଡା, ଶାଶ୍ୱତ ଦାଶ ଧାରା ବିବରଣୀ ପ୍ରଦାନ କରିଥିଲେ। ଗୁରୁବାର ରାଇଜିଂ ଷ୍ଟୁଡେଣ୍ଟ ଓ ରାମେଶ୍ୱର ସ୍ପୋର୍ଟିଂ ମଧରେ ପ୍ରଥମ ମ୍ୟାଚ୍ ଏବଂ ସ୍ପୋର୍ଟ୍ସ ଆସୋସିଏଶନ୍ ରାଉରକେଲା ଓ ଖୋର୍ଦ୍ଧା ରେଲୱେ ମଧରେ ଦ୍ୱିତୀୟ ମ୍ୟାଚ୍ ଅନୁଷ୍ଠିତ ହେବ ବୋଲି ଆୟୋଜକ କମିଟି ପକ୍ଷରୁ କୁହାଯାଇଛି ।




■ ବିଶ୍ୱର ସର୍ବକନିଷ୍ଠ ପର୍ବତାରୋହୀ

## ସତ୍ୟରୂପ ଚଢ଼ିଲେ ୭ ଶୃଙ୍ଗ

କୋଲକାତା, ୧୬।୧ (ପି.ଟି.)



ଭାରତୀୟ ପର୍ବତାରୋହୀ ସତ୍ୟରୂପ ସିଦ୍ଧାନ୍ତ ବୁଧବାର ଏକ ବିରଳ ସଫଳତା ଅର୍ଜନ କରିଛନ୍ତି। ବିଶ୍ୱର ସର୍ବକନିଷ୍ଠ ପର୍ବାରୋହୀ ଭାବେ ସେ ୭ଟି ଉଚ୍ଚତମ ପର୍ବତ ଶୃଙ୍ଗ ଓ ଆଗ୍ନେୟଗିରି ଶିଖର ସଫଳତାର ସହ ଆରୋହଣ କରିଛନ୍ତି। ସେ ସବୁ ମହାଦେଶ ଥିବା ଏହି ଶୃଙ୍ଗ ଓ ଆଗ୍ନେୟଗିରି ଶିଖର ଚଢ଼ିବାରେ ସଫଳ ହୋଇଛନ୍ତି। ଆଣ୍ଟାର୍କଟିକାର ଉଚ୍ଚତମ ପଏଣ୍ଟ କୁହାଯାଉଥିବା ମାଉଣ୍ଟ ସିଡଲେ ଆରୋହଣ କରି ସେ ଏହି ସଫଳତା ଅର୍ଜନ କରିଛନ୍ତି। ମାତ୍ର ୩୫ ବର୍ଷ ୧୫୭ ଦିନ ବୟସରେ ସେ ଏହି ସଫଳତା ଅର୍ଜନ କରିଛନ୍ତି। ତେବେ ପୂର୍ବରୁ ଅଷ୍ଟ୍ରେଲିଆର ଡାନିଏଲ ବୁଲ୍ ଏହି ସଫଳତା ୩୬ ବର୍ଷ ୧୫୭ ଦିନ ବୟସରେ ପାଇଥିଲେ। ସତ୍ୟରୂପ ଭାରତୀୟ ସମୟ ସକାଳ ୬.୨୮ରେ ମାଉଣ୍ଟ ସିଡଲେ ଆରୋହଣ କରିଥିଲେ। – ୪୦ ଡିଗ୍ରୀ ସେଲସିୟସ ତାପମାତ୍ରାରେ ସେ ସଫଳତାର ସହ ଏହି ମାଉଣ୍ଟ ଆରୋହଣ କରିଥିଲେ। ଏଥି ସହିତ ସତ୍ୟରୂପ ପ୍ରଥମ ଭାରତୀୟ ଭାବେ ୭ଟି ପର୍ବତ ଶୃଙ୍ଗ ଓ ୭ଟି ଆଗ୍ନେୟଗିରି ଶିଖରକୁ ସଫଳତାର ସହ ଆରୋହଣ କରି ସେଠାରେ ତ୍ରିରଙ୍ଗା ଉଡାଇ ଏକ ବିରଳ ସଫଳତା ଅର୍ଜନ କରିଛନ୍ତି। ଏହା ଏକ ଗୌରବର ମୁହୂର୍ତ୍ତ ବୋଲି ସତ୍ୟରୂପ ଟୁଇଟ୍ କରି ଜଣାଇଛନ୍ତି। ଗତବର୍ଷ ସତ୍ୟରୂପ ଉତ୍ତର ଆମେରିକାର ଉଚ୍ଚତମ ଆଗ୍ନେୟଗିରି ପିକୋ ଡି ଓରିଜାବା ସଫଳତାର ସହ ଆରୋହଣ କରିଥିଲେ। ପେସାରେ ଜଣେ ସଫ୍ଟୱେର ଇଞ୍ଜିନିୟର ଥିବା ସତ୍ୟରୂପଙ୍କ ଘର ଦକ୍ଷିଣ କୋଲକାତାର ହରିଦୋବପୁରହରେ। ପୂର୍ବରୁ ସେ ୟୁରୋପର ମାଉଣ୍ଟ ଏଲବ୍ରସ୍, ଅଲାସ୍କାର ମାଉଣ୍ଟ ଡେନାଲି ଓ ଫ୍ରାନ୍ସର ମାଉଣ୍ଟ ମୋନଜ ବ୍ଲାଙ୍କ ଓ ଆଫ୍ରିକାର ମାଉଣ୍ଟ କିଲିମୋଞ୍ଜାରୋ ଆରୋହଣ କରି ରେକର୍ଡ ସୃଷ୍ଟି କରିଥିଲେ।




GOVERNMENT OF ODISHA
**OFFICE OF THE EXECUTIVE ENGINEER**
**RURAL WORKS DIVISION, GUNUPUR**
**Lr. No. 153, Dated 11.01.2019**
No.1384-O:- **"e" Procurement Notice for road works in Odisha**
**(Tender eerwgnp-Online-09/2018-19 (Lr. No. 145, dtd 11.01.2019)**

1. Name of the work : FDR of Road works.
2. Total No. of Works : 17 (Seventeen) Nos.
3. Estimated cost : Varies from Rs. 6.74 lakh to Rs. 64.40 lakh
4. Class of contractor : "D", "C" "B" & "A" class as applicable
5. Period of Completion : as mentioned in col.4 of TCN Annexure.
6. Other Details

| Procurement Officer | Bid Identification No | No. of Road works | Availability of tender online for bidding | | Date & Time of tender opening |
|---|---|---|---|---|---|
| | | | From | To | |
| Executive Engineer, Rural Works Division, Gunupur | EERW-GNP On line-09/2018-19 | 17 (Seventeen) nos. | 19.01.2019 At 10.00 A.M. | 28.01.2019 upto 5.00 P.M. | 30.01.2019 at 12.00 Hrs |

7. The amount put to tender is exclusive of 12% GST. The intending bidder should offer their rates which shall be exclusive of GST applicable as per norms. GST as applicable on works contract shall be paid over the bill amount at the time of payment of bill.

Other details can be seen in the bidding documents, which is available in website www.tendersorissa.gov.in.
Any subsequent addendum or corrigendum will be made available in the above website.

**Executive Engineer,**
**Rural Works Division, Gunupur**
**25170/11/0008/1819**

**OFFICE OF THE**
**REGULATED MARKET COMMITTEE, BOUDH**
**At/P.O.: Malisahi, Dist.- Boudh (Odisha), PIN - 762014**
**E-mail: rmcboudh@bsnl.in**
**e-Tender Call Notice**
**No.: 25/RMC** **Dated: 14.01.2019**
**BID IDENTIFICATION NO.- 02/RMC-Boudh - 2018-19**

| | | |
|---|---|---|
| 1 | Name of the Work | Const. of e-NAM Infrastructure at Manamunda MY under RMC, Boudh |
| 2 | No. of Work | 01 (One) Number |
| 3 | Value of the Work | 64,75,253.00 |
| 4 | Class of Contractor | “B” & “A” |
| 5 | Period of Completion | 11 (Eleven) Calendar Months |
| 6 | Date & time of availability | From 10.00 hours of 17.01.2019 to 17.00 hours of 25.01.2019 |
| 7 | Last date/time of receipts of the Bids in Portal | 25.01.2019 upto 17.00 hours |
| 8 | Date & time of opening of Bid | 28.01.2019 at 10.00 hours |
| 9 | Place of Opening of Bid | Office of the Regulated Market Committee, Boudh |

Further details can be seen from the procurement portal **www.tenderorissa.gov.in** and Corrigendum if any shall only be published in the above website.

**Sd./- Sub-Collector, Boudh-cum-Chairman, RMC, Boudh**



“ଅଲିମ୍ପିକ ଯୋଗ୍ୟତା ପର୍ଯ୍ୟାୟ ଆମ ପାଇଁ ଏକ ଟେଷ୍ଟ ତଥା ଚ୍ୟାଲେଞ୍ଜ ସଦୃଶ । ଆମେ ଇତିହାସ ରଚିବା ସହ ଦେଶକୁ ଗର୍ବିତ କରିବା ଲକ୍ଷ୍ୟରେ ରହିଛୁ ।

– ମେମୋଲ ରକି, ଭାରତୀୟ ମହିଳା ଫୁଟ୍‌ବଲ କୋଚ୍



“ଯୁବ କ୍ରିକେଟରମାନେ କେବଳ ସୀମିତ ଓଭର ଫର୍ମାଟ୍ ଉପରେ ଧ୍ୟାନ କେନ୍ଦ୍ରିତ କରୁଥିବାରୁ ସେମାନଙ୍କୁ ଟେଷ୍ଟ ଖେଳିବାକୁ ସମସ୍ୟା ହୋଇପାରେ।

– ବିରାଟ କୋହଲି, ଭାରତୀୟ ଅଧିନାୟକ

## ସଂକ୍ଷେପରେ

### ପୁରୁଷ ଡବଲ୍ସରେ ଭାରତର ଅଭିଯାନ ଶେଷ

ମେଲବୋର୍ନ,୧୬।୧(ପି.ଟି.)- ଭାରତର ପୁରୁଷ ଡବଲ୍ସ ଖେଳାଳି ରୋହନ ବୋପାନ୍ନା ଓ ଡିଭିଜ ଶରନଙ୍କ ଯୋଡ଼ି ଅଷ୍ଟ୍ରେଲିଆନ ଓପନର ପ୍ରଥମ ରାଉଣ୍ଡକୁ ଅତିକ୍ରମ କରିବାରେ ବିଫଳ ହୋଇଛନ୍ତି। ୧୫ତମ ସିଡ୍ ବୋପାନ୍ନା ଓ ଶରନଙ୍କ ଯୋଡ଼ି ୧-୬, ୬-୪, ୫-୭ ସେଟ୍‌ରେ ସ୍ପାନିଶ ଖେଳାଳି କାରେନୋ ବୁସ୍ତା ଓ ଗୁଇଲେରେମୋ ଗାର୍ସିଆ ଲୋପେଜଙ୍କ ଠାରୁ ହାରି ଯାଇଛନ୍ତି। ଏଥିସହ ପୁରୁଷ ଡବଲ୍ସ ବର୍ଗରେ ଭାରତର ଅଭିଯାନ ଶେଷ ହୋଇଛି। ଟାଟା ଓପନ ମହାରାଷ୍ଟ୍ର ଟାଇଟଲ ଜିତିବା ପରେ ନୂଆ ଭାରତୀୟ ଯୋଡ଼ି ସିଡ୍‌ନର ଇଣ୍ଟରନ୍ୟାଶନାଲ ଟୁର୍ନାମେଣ୍ଟର ରାଉଣ୍ଡ ଅଫ୍ ୧୬ରେ ପରାସ୍ତ ହୋଇଥିଲା। ୨୪ତମ ଅଷ୍ଟ୍ରେଲିଆନ ଓପନ ଖେଳୁଥିବା ଭେଟେରାନ ଲିଆଣ୍ଡର ପେସ ଓ ମିଗୁଏଲ ରେୟେସ ଭାରେଲ ୫-୭, ୬-୭ (୪/୭) ସେଟ୍‌ରେ ଅଷ୍ଟିନ କ୍ରାଜିକ ଓ ଆର୍ଟେମ ସିତାକଙ୍କଠାରୁ ପରାସ୍ତ ହୋଇଛନ୍ତି। ଏହା ବ୍ୟତୀତ ଜୀବନ ନେଦୁଞ୍ଚେଜ୍ହିୟାନ ମଧ ପ୍ରଥମ ରାଉଣ୍ଡରୁ ବିଦା ହୋଇଛନ୍ତି। ସିଙ୍ଗଲ୍ସ ଖେଳାଳି ପ୍ରଜନେଶ ଗଣେଶ୍ୱରନ ପ୍ରଥମ ପର୍ଯ୍ୟାୟ ଅତିକ୍ରମ କରିବାରେ ବିଫଳ ହୋଇଥିଲେ। ଅନ୍ୟ ଭାରତୀୟ ଖେଳାଳି ରାମକୁମାର ରମାନାଥନ, ଅଙ୍କିତା ରାଇନା ଓ କର୍ମାନ ଥାଣ୍ଡି ଯୋଗ୍ୟତା ପର୍ଯ୍ୟାୟରୁ ଉନ୍ନୀତ ହୋଇ ପାରି ନ ଥିଲେ।

### ଘରୁ ବାହାରୁ ନାହାନ୍ତି ହାର୍ଦ୍ଦିକ

ମୁମ୍ବାଇ,୧୬।୧- ଭାରତୀୟ ଅଲରାଉଣ୍ଡର ହାର୍ଦ୍ଦିକ ପଣ୍ଡ୍ୟାଙ୍କ ବେଳା ଏବେ ଖରାପ ଚାଲିଛି, ଯାହା ସଭିଙ୍କୁ ଜଣା। ଲୋକପ୍ରିୟ ଟକ୍ ଶୋ 'କଫି ୱିଥ୍ କରନ'ର ଏକ ଅଧ୍ୟାୟରେ ସେ ସାଥୀ ଖେଳାଳି ଲୋକେଶ ରାହୁଲଙ୍କ ସହ ମିଶି ମହିଳାଙ୍କ ଉପରେ ଆପତ୍ତିଜନକ ମନ୍ତବ୍ୟ ଦେଇଥିଲେ। ଏହାପରେ ଭାରତୀୟ ଦଳରୁ ସେ ବାସନ୍ଦ ହୋଇଛନ୍ତି। ମାତ୍ର ଅଷ୍ଟ୍ରେଲିଆରୁ ଫେରିବା ପରେ ହାର୍ଦ୍ଦିକ ଏବେ ଘରୁ ବାହାରୁ ନାହାନ୍ତି। ଏପରି କି କାହା ଫୋନ ମଧ ଉଠାଉ ନାହାନ୍ତି। ମକର ସଂକ୍ରାନ୍ତି ମଧ ପାଳନ କରି ନ ଥିଲେ। ଏହି ଉତ୍ସବ ଗୁଜରାଟରେ ସାଧାରଣ ଛୁଟିଦିନ ଭାବେ ପାଳନ କରାଯାଏ। ହାର୍ଦ୍ଦିକ ଗୁଡ଼ି ଉଡ଼ାଇବାକୁ ଭଲ ପାଆନ୍ତି। ମାତ୍ର ବିପରୀତ ପରିସ୍ଥିତି ଯୋଗୁ ଏହି ଅବସରରେ ମଧ ସେ ଗୁଡ଼ି ଉଡ଼ାଇ ନ ଥିଲେ। ବାସନ୍ଦାଦେଶ ଯୋଗୁ ସେ ଦୁଃଖିତ ବୋଲି ତାଙ୍କ ବାପା ହିମାଂଶୁ କହିଛନ୍ତି। ଏ ସମ୍ପର୍କରେ କ୍ରୁନାଲ ତାଙ୍କ ସହ କଥା ହୋଇନାହାଁନ୍ତି ବିସିସିଆଇ ନିଷ୍ପତ୍ତିକୁ ଅପେକ୍ଷା କରିଥିବା ସେ ପ୍ରକାଶ କରିଛନ୍ତି।

### ୱେଷ୍ଟଇଣ୍ଡିଜ୍ ଟେଷ୍ଟ ଦଳକୁ ବ୍ରାଭୋ ଫେରିଲେ

ବାରବାଡସ,୧୬।୧- ବରିଷ୍ଠ ବାମହାତୀ ବ୍ୟାଟ୍ସମ୍ୟାନ ଡାରେନ ବ୍ରାଭୋ ପ୍ରାୟ ଦୁଇ ବର୍ଷର ବ୍ୟବଧାନ ପରେ ୱେଷ୍ଟଇଣ୍ଡିଜ୍ ଟେଷ୍ଟ ଦଳକୁ ଫେରିଛନ୍ତି। ଏଠାରେ ଖେଳାଯିବାକୁ ଥିବା ଇଂଲଣ୍ଡ ବିପକ୍ଷ ପ୍ରଥମ ଟେଷ୍ଟ ଲାଗି ଘୋଷିତ ଦଳରେ ବ୍ରାଭୋଙ୍କୁ ସାମିଲ କରାଯାଇଛି। ସେ ଅନ୍ତିମ ଥର ୨୦୧୬ ଅକ୍ଟୋବରରେ ଖେଳିଥିଲେ। ୨୯ ବର୍ଷୀୟ ବାମହାତୀ ବ୍ୟାଟ୍ସମ୍ୟାନଙ୍କ ବ୍ୟତୀତ ଦ୍ରୁତ ବୋଲର ଆଲଜାରି ଜୋଶେଫ ଓ ଓଶାନେ ଥୋମାସ ଦଳରେ ସ୍ଥାନ ପାଇଛନ୍ତି। ୧୯ ବର୍ଷରୁ କମ୍ ବିଶ୍ୱକପ୍ ଦଳର ଅଧିନାୟକ ଶାରାମାହ ବ୍ରୁକ୍ସ ଓ ଜନ କାମ୍ପବେଲଙ୍କୁ ପ୍ରଥମ ଥର ଲାଗି ଜାତୀୟ ଦଳକୁ ଡାକରା ଦିଆଯାଇଛି।

# ନାଡାଲ, ଫେଡରର ୩ୟ ରାଉଣ୍ଡରେ

## ଅଷ୍ଟ୍ରେଲିଆନ୍ ଓପନ୍

ମେଲବୋର୍ନ, ୧୬।୧(ଏଏଫ୍‌ପି)

ଦୁଇ ଷ୍ଟାର୍ ଖେଳାଳି ରାଫାଲ ନାଡାଲ ଓ ରୋଜର ଫେଡରର ଏଠାରେ ଚାଲିଥିବା ବର୍ଷର ପ୍ରଥମ ଗ୍ରାଣ୍ଡସ୍ଲାମ ଅଷ୍ଟ୍ରେଲିଆନ୍ ଓପନ୍ ପୁରୁଷ ସିଙ୍ଗଲ୍ସର ୩ୟ ରାଉଣ୍ଡରେ ପ୍ରବେଶ କରିଛନ୍ତି। ତେବେ ଦକ୍ଷିଣ ଆଫ୍ରିକାର ୫ମ ସିଡ୍ କେଭିନ୍ ଆଣ୍ଡରସନ ପରାଜୟ ୩ୟ ଦିବସର ସବୁଠାରୁ ବଡ଼ ବିପର୍ଯ୍ୟୟ ଥିଲା। ଅପରପକ୍ଷରେ ମହିଳା ସିଙ୍ଗଲ୍ସରେ ଡିଫେଣ୍ଡିଂ ଚାମ୍ପିୟନ କାରୋଲିନ ଓଜନିଆକି, ୩ଥର ଗ୍ରାଣ୍ଡସ୍ଲାମ ବିଜୟିନୀ ଆଞ୍ଜେଲିକ କର୍ବର, ପେଟ୍ରା କ୍ୱିଟୋଭା, ଆମେରିକାର ସ୍ଲୋଆନେ ଷ୍ଟିଫେନ୍ସ ଓ ବେଲିଣ୍ଡା ବେନିକ ପ୍ରମୁଖ ୩ୟ ରାଉଣ୍ଡରେ ସ୍ଥାନ ପକ୍କା କରିଛନ୍ତି।

ବୁଧବାର ରୋଡ୍ ଲାଭର ଏରେନାରେ ଖେଳାଯାଇଥିବା ପୁରୁଷ ସିଙ୍ଗଲ୍ସ ୨ୟ ରାଉଣ୍ଡ ମୁକାବିଲାରେ ଫେଡରର ୭-୬ (୭/୫), ୭-୬ (୭/୩), ୬-୩ ସେଟ୍‌ରେ ବ୍ରିଟିଶ କ୍ୱାଲିଫାୟର ଡାନ୍ ଇଭାନ୍ସଙ୍କ ବିପକ୍ଷରେ ଏକ କଷ୍ଟସାଧ ବିଜୟ ହାସଲ କରିଥିଲେ। ଏହି ବିଜୟ ସହ ୩୭ ବର୍ଷୀୟ ଫେଡରର ଲଗାତର ଅଷ୍ଟ୍ରେଲିଆନ୍ ଓପନ୍ ତଥା ମୋଟ୍ ୨୧ତମ ଗ୍ରାଣ୍ଡସ୍ଲାମ ଟାଇଟଲ ଦୌଡ଼ରେ ଆଉ ପାଦେ ଅଗ୍ରସର ହୋଇଛନ୍ତି। ଯଦି ଫେଡରର ଏଠାରେ ଚାମ୍ପିୟନ ହୁଅନ୍ତି ତେବେ ବିଶ୍ୱର ପ୍ରଥମ ଖେଳାଳି ଭାବେ ଦୁଇଟି ଗ୍ରାଣ୍ଡସ୍ଲାମ ଟାଇଟଲ୍ ୭ କିମ୍ବା ଏହାଠାରୁ ଅଧିକ ଥର ଜିତିବାର ରେକର୍ଡ କରିବେ। ପୂର୍ବରୁ ସେ ୱିମ୍ବେଲଡନରେ ୮ଥର ଟ୍ରଫି ଜିତିସାରିଛନ୍ତି। ପୁରୁଷ ସିଙ୍ଗଲ୍ସର ଅନ୍ୟ ଏକ ମ୍ୟାଚ୍‌ରେ ରାଫାଲ ନାଡାଲ ୬-୩, ୬-୨, ୬-୨ ସିଧାସଳଖ ଗେମ୍‌ରେ ଘରୋଇ ଅଷ୍ଟ୍ରେଲିଆର ମାଥ୍ୟୁ ଏବଡେନଙ୍କୁ ପରାସ୍ତ କରି ୩ୟ ରାଉଣ୍ଡରେ ପହଞ୍ଚିଛନ୍ତି। ୩୨ ବର୍ଷୀୟ ସ୍ପାନିଶ ତାରକା ନାଡାଲ ପରବର୍ତ୍ତୀ ରାଉଣ୍ଡରେ ଅନ୍ୟତମ ଘରୋଇ ପ୍ରତିଯୋଗୀ ଆଲେକ୍ସ ଡି ମିନାଉରଙ୍କୁ ଭେଟିବେ। ସେହିଭଳି ଅନ୍ୟ ମ୍ୟାଚ୍‌ଗୁଡ଼ିକରେ ଚେକ୍ ରିପବ୍ଲିକର ଥୋମାସ ବର୍ଡିଚ ୬-୧, ୬-୩, ୬-୩ ସେଟ୍‌ରେ ନେଦରଲାଣ୍ଡସର ରବିନ ହାସେଙ୍କୁ, ଇଟାଲୀର ଆଣ୍ଡରସନ ସେପ୍ପି ୬-୩, ୬-୪, ୬-୪ ସେଟ୍‌ରେ ଅଷ୍ଟ୍ରେଲିଆର ଜୋର୍ଡାନ ଥମ୍ପସନଙ୍କୁ, ବୁଲଗେରିଆର ଗ୍ରିଗେର ଡିମିଟ୍ରୋଭା ୬-୩, ୬-୭(୫/୭), ୬-୩, ୭-୫ରେ ଉରୁଗୁଏର ପାବୋଲ କ୍ୟୁଭାସ, ଇଟାଲୀର ଥୋମାସ ଫଶବିଆନୋ ୬-୭(୧୫/୧୭), ୬-୨, ୬-୪, ୩-୬, ୭-୬(୧୦/୫) ସେଟ୍‌ରେ ଆମେରିକାର ରିଲି ଓପେଲକାଙ୍କୁ ପରାସ୍ତ କରିଛନ୍ତି। ତେବେ ୫ମ ସିଡ୍ କେଭିନ ଆଣ୍ଡରସନ ୬-୪, ୪-୬, ୪-୬, ୫-୭ ସେଟରେ ଆମେରିକାର ଫ୍ରାନସେସ ଟିଆଫୋଇଙ୍କଠାରୁ ହାରି ପ୍ରତିଯୋଗିତାରୁ ବିଦାୟ ନେଇଛନ୍ତି।





ରିଟର୍ନ ଶଟ୍ ଖେଳିବା ଅବସରରେ ରାଫାଲ ନାଡାଲ ଓ ରୋଜର ଫେଡରର ।

### ଶାରାପୋଭା-ଓଜନିଆକି ୩ୟ ରାଉଣ୍ଡ ମୁକାବିଲା

ଅପରପକ୍ଷରେ ମହିଳା ସିଙ୍ଗଲ୍ସ ୨ୟ ରାଉଣ୍ଡରେ ଡିଫେଣ୍ଡିଂ ଚାମ୍ପିୟନ କାରୋଲିନ ଓଜନିଆକି ୩ୟ ରାଉଣ୍ଡରେ ସ୍ଥାନ ସୁରକ୍ଷିତ କରିଛନ୍ତି। ଦ୍ୱିତୀୟ ରାଉଣ୍ଡର ଏକ ମୁକାବିଲାରେ ଡେନମାର୍କ ତାରକା ଓଜନିଆକି ୬-୧, ୬-୩ ସିଧାସଳଖ ସେଟ୍‌ରେ ସ୍ୱିଡେନର ଜୋହାନ ଲାର୍ସନଙ୍କୁ ପରାସ୍ତ କରିଛନ୍ତି। ୨୮ ବର୍ଷୀୟା ଓଜନିଆକି ୩ୟ ରାଉଣ୍ଡରେ ରୁଷୀୟ ଲଳନା ମାରିଆ ଶାରାପୋଭାଙ୍କୁ ଭେଟିବେ। ପାଞ୍ଚଥରର ଗ୍ରାଣ୍ଡସ୍ଲାମ ବିଜୟିନୀ ଶାରାପୋଭା ଅନ୍ୟ ଏକ ମୁକାବିଲାରେ ୬-୧, ୬-୨ ସିଧାସଳଖ ସେଟ୍‌ରେ ସ୍ୱିଡେନର ରେବେକା ପିଟରସନଙ୍କୁ ମାତ୍ ଦେଇଛନ୍ତି। ମହିଳା ସିଙ୍ଗଲ୍ସର ଅନ୍ୟ ମୁକାବିଲାରେ କର୍ବର ୬-୨, ୬-୩ ସେଟ୍‌ରେ ବେଟ୍ରିଜ୍ ହାଡ୍ଡାଡ ମଇଆଙ୍କୁ, ପେଟ୍ରା କ୍ୱିଟୋଭା ୬-୧, ୬-୩ରେ ରୋମାନିଆର ଇରିନା-କାମେଲିଆ ବେଗୁଙ୍କୁ, ୨୦୧୭ ୟୁଏସ୍ ଓପନ୍ ବିଜୟିନୀ ସ୍ଲୋଆନେ ଷ୍ଟିଫେନ୍ସ ୬-୩, ୬-୧ରେ ହଙ୍ଗେରୀର ଟିମିଆ ବାବୋସଙ୍କୁ ହରାଇଛନ୍ତି।

### କର୍ବରଙ୍କ ଗ୍ରାଣ୍ଡସ୍ଲାମ ସେଞ୍ଚୁରୀ

ଜର୍ମାନର ଟେନିସ ସୁନ୍ଦରୀ ଆଞ୍ଜେଲିକ୍ କର୍ବର ଗ୍ରାଣ୍ଡସ୍ଲାମରେ ୧୦୦ତମ ବିଜୟ ହାସଲ କରିଛନ୍ତି। ମହିଳା ସିଙ୍ଗଲ୍ସ ୨ୟ ରାଉଣ୍ଡର ଏକ ମୁକାବିଲାରେ ବେଟ୍ରିଜ୍ ହାଡ୍ଡାଡ ମଇଆଙ୍କୁ ୬-୨, ୬-୩ ସେଟ୍‌ରେ ପରାସ୍ତ କରି ସେ ଏହି ସଫଳତା ପାଇଛନ୍ତି। ଖେଳ ଜାରି ରଖିଥିବା ବିଶ୍ୱର ୮ମ ଖେଳାଳି ଭାବେ କେର୍ବର ଗ୍ରାଣ୍ଡସ୍ଲାମ ପ୍ରତିଯୋଗିତାରେ ୧୦୦ତମ ମ୍ୟାଚ୍ ବିଜୟ ହାସଲ କରିବାର ସୌଭାଗ୍ୟ ଲାଭ କରିଛନ୍ତି। ଗ୍ରାଣ୍ଡସ୍ଲାମରେ ତାଙ୍କର ବିଜୟ-ପରାଜୟ ରେକର୍ଡ ଯଥାକ୍ରମେ ୧୦୦-୪୧ ରହିଛି।

# ଡାକାର ରାଲି: ଟପ୍ ୧୦ରେ ମେନା

ପିସ୍କୋ (ପେରୁ), ୧୬।୧ (ପି.ଟି.)

ଏଠାରେ ଆରମ୍ଭ ହୋଇଥିବା ୪୧ତମ ଡାକାର ରାଲି ଅଷ୍ଟମ ପର୍ଯ୍ୟାୟ କାର ରେସ୍‌ର ପ୍ରତିଯୋଗିତାରେ ସ୍ପେନ୍‌ର ଓରିଓଲ ମେନା ଦମ୍‌ଦାର ପ୍ରଦର୍ଶନ କରି ୧୨ ସ୍ଥାନରେ ରହି ଅଭିଯାନ ଶେଷ କରିଛନ୍ତି। ଫଳରେ ସେ ର୍‍ୟାଙ୍କିଂରେ ଟପ୍ ୧୦ରେ ସ୍ଥାନ ପାଇଛନ୍ତି। ମେନାଙ୍କ ଟିମ୍ ମେଟ ପର୍ତ୍ତୁଗାଲର ଜୋଆକ୍ୱିମ୍ ରୋଡ୍ରିଗୁଏଜ୍ ମଙ୍ଗଳବାର ଭଲ ପ୍ରଦର୍ଶନ କରି ୧୩ତମ ସ୍ଥାନରେ ରହି ଅଭିଯାନ ଶେଷ କରିଥିଲେ। ଫଳରେ ଓଭରଅଲ ର୍‍ୟାଙ୍କିଂରେ ୧୮ତମ ସ୍ଥାନ ଅଧିକାର କରିଛନ୍ତି।

ମେନା ୨୪ ମିନିଟ ୧୩ ସେକେଣ୍ଡ କମ୍ ସମୟ ନେଇ ଅଷ୍ଟମ ପର୍ଯ୍ୟାୟ ରେସ ବିଜେତା ମାଥିଆସ୍ ୱାକନରଙ୍କ ପଛରେ ରହିଥିଲେ। ମାଥିଆସ ରେସ୍‌ରେ ମୋଟ ୩ ଘଣ୍ଟା ୫୫ ମିନିଟ ଓ ୨୫ ସେକେଣ୍ଡ ସମୟ ନେଇଥିଲେ। ସେହିପରି ପାବ୍ଲୋ କ୍ୱିଷ୍ଟାନିଲା ଦ୍ୱିତୀୟ ସ୍ଥାନରେ ରହିଥିଲେ। ଏହି ରେସ୍‌ରେ କୁହୁଡି, ଧୂଳି ସମସ୍ୟା ସୃଷ୍ଟି କରିଥିଲା। ଏହି ରେସ୍‌ରେ ଅଂଶଗ୍ରହଣ କରିଥିବା ଭାରତୀୟ ପ୍ରତିଯୋଗୀ ଅରବିନ୍ଦ ପ୍ରଭାକର ଅଷ୍ଟମ ପର୍ଯ୍ୟାୟ ରେସ୍‌ରେ ୩୯ତମ ସ୍ଥାନରେ ରହି ଅଭିଯାନ ଶେଷ କରିଛନ୍ତି। ଓଭରଅଲ ର୍‍ୟାଙ୍କିଂରେ ଉନ୍ନତି କରି ସେ ଏବେ ୩୯ତମ ସ୍ଥାନରେ ରହିଛନ୍ତି। ଡାକାର ରାଲିର ଅନ୍ତିମର ଠିକ୍ ପୂର୍ବ ପର୍ଯ୍ୟାୟ ରେସ୍ ପିସ୍କୋରେ ଆୟୋଜନ ହେବ। ଲିମାରେ ଗ୍ରାଣ୍ଡ ଫାଇନାଲ ଖେଳାଯିବ।

# କାଲାରିଆଙ୍କ ହ୍ୟାଟ୍ରିକ, ଗୁଜରାଟକୁ ୧୯୫ ରନ୍ ଟାର୍ଗେଟ

ୱେନାଡା (କେରଳ), ୧୬।୧ (ପି.ଟି.)

ଘରୋଇ କେରଳ ବିପକ୍ଷରେ ଏଠାରେ ଚାଲିଥିବା ରଣଜୀ ଟ୍ରଫି ୪ର୍ଥ କ୍ୱାର୍ଟର ଫାଇନାଲର ଏକ ମ୍ୟାଚ୍‌ରେ ଗୁଜରାଟର ବାମହାତୀ ଦ୍ରୁତ ବୋଲର ରଶ୍ କାଲାରିଆ ହ୍ୟାଟ୍ରିକ ସଫଳତା ପାଇଛନ୍ତି। କେରଳର ୨ୟ ଇନିଂସର ୫୨ତମ ଓଭରର ୫ମ ଓ ୬ଷ୍ଠ ବଲରେ କାଲାରିଆ ଯଥାକ୍ରମେ ସିଜୋମୋନ ଜୋସେଫ (୫୬ ରନ) ଓ ବସିଲ ଥାମ୍ପି (୦)ଙ୍କୁ ଆଉଟ୍ କରିଥିଲେ। ଏହାପରେ କାଲାରିଆ ନିଜ ପରବର୍ତ୍ତୀ ତଥା ୫୪ତମ ଓଭରର ପ୍ରଥମ ବଲ୍‌ରେ ମହମ୍ମଦ ନିଦେଶ (୦)ଙ୍କୁ କ୍ଲିନ୍ ବୋଲ୍ଡ କରି ଏହି କୃତିତ୍ୱ ଅର୍ଜନ କରିଛନ୍ତି। ବୁଧବାର ୨ୟ ଦିବସ ଶେଷ ସୁଦ୍ଧା ୨ୟ ଇନିଂସରେ ୧୭୧ ରନ କରି ଅଲ୍‌ଆଉଟ୍ ହୋଇଯାଇଛି। ଫଳରେ ସଚିନ ବେବିଙ୍କ ନେତୃତ୍ୱାଧୀନ କେରଳ ଦଳ ଗୁଜରାଟ ସାମ୍ନାରେ ୧୯୫ ରନର ବିଜୟ ଲକ୍ଷ୍ୟ ଧାର୍ଯ୍ୟ କରିଛି। ପୂର୍ବରୁ କେରଳ ପ୍ରଥମ ଇନିଂସରେ ୧୮୫/୯ ଓ ଗୁଜରାଟ ୧୬୨ ରନ କରି ଅଲ୍‌ଆଉଟ୍ ହୋଇଛି।

# ଇଲେଭେନ ଷ୍ଟାର ସେମିରେ

## ଗୋପୀନାଥ ଚ୍ୟାଲେଞ୍ଜ

ଭଣ୍ଡାରିପୋଖରୀ,୧୬।୧(ଡି.ଏନ.ଏ.)

ଭଦ୍ରକ ଜିଲା ଭଣ୍ଡାରିପୋଖରୀ ବ୍ଲକ ମାଳଦା ପଞ୍ଚାୟତର ରଘୁନାଥପୁର ଖେଳପଡିଆରେ ଚାଲିଥିବା ଦ୍ୱାଦଶତମ ଆନ୍ତଃଜିଲା ଅଦ୍ୱୈତ ନାୟକ ମେମୋରିଆଲ ଗୋପୀନାଥ ଚ୍ୟାଲେଞ୍ଜ ଟ୍ରଫିର ୩ୟ କ୍ୱାର୍ଟର ଫାଇନାଲ ମ୍ୟାଚ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଭୁବନେଶ୍ୱରର ପ୍ରଗତି ସ୍ପୋର୍ଟିଂକୁ ହରାଇ ଯାଜପୁରର ଇଲେଭେନ ଷ୍ଟାର ସେମି ଫାଇନାଲରେ ପ୍ରବେଶ କରିଛି। ଟସ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଇଲେଭେନ ଷ୍ଟାର ୨୫ ଓଭରରେ ୮ ଉଇକେଟ ହରାଇ ୧୯୦ରନ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ରାଜେଶ ସେଠୀ ୪ ଛକା, ୨ ଚୌକା ସହ ୩୬, ଅଭିଳାଷ ରାଉତରାୟ ୫ ଛକା, ୪ ଚୌକା ସହାୟତାରେ ୫୭ ରନ କରିଥିଲେ। ପ୍ରତିପକ୍ଷ ବୋଲର ମାନସ ମହାପାତ୍ର ୫ ଓଭର ବୋଲିଂ କରି ୩ଟି ଏବଂ ସ୍ୱାଗତ ରାଉତରାୟ, ଶାନ୍ତନୁ ମିଶ୍ର ୫ ଓଭର ବୋଲିଂ କରି ୨ଟି ଲେଖାଏ ଉଇକେଟ ପାଇଥିଲେ। ଜିତିବା ପାଇଁ ୧୯୧ ରନର ପିଛା କରି ପ୍ରଗତି ସ୍ପୋର୍ଟିଂ ୨୫ ଓଭରରେ ୯ ଉଇକେଟ ହରାଇ ୧୮୪ ରନ କରିବାକୁ ସକ୍ଷମ ହୋଇଥିଲା। ଦଳ ପକ୍ଷରୁ ଟୁକୁନା ସାହୁ ୨ ଛକା ଓ ୬ଚୌକା ବଳରେ ୪୮, ଅମିତ ସାହୁ ୩୪ ବଲରେ ୪ ଛକା, ୫ ଚୌକାରେ ୬୦ ରନ କରିଥିଲେ। ପ୍ରତିପକ୍ଷର ବୋଲର ବସନ୍ତ ପ୍ରଧାନ ଓ ସତ୍ୟବ୍ରତ ସ୍ୱାଇଁ ୫ ଓଭର ଲେଖା ବୋଲିଂ କରି ୩ଟି ଲେଖାଏ ଉଇକେଟ ନେଇଥିଲେ। ଅଭିଷେକ ଦାସ ୨ଟି ଓ ଅଂଶୁମାନ ନାୟକ ଗୋଟିଏ ଉଇକେଟ ପାଇଥିଲେ। ଅଭିଳାଷ ରାଉତରାୟଙ୍କୁ ମ୍ୟାନ ଅଫ ଦି ମ୍ୟାଚ ପୁରସ୍କାର ପ୍ରଦାନ କରାଯାଇଥିଲା। ରଞ୍ଜନ ମହାନ୍ତି, ପରାସର ବିଶ୍ୱାଳ ଅମ୍ପାୟର ଭାବେ ଖେଳ ପରିଚାଳନା କରିଥିଲେ। ଚିନ୍ମୟ ରାଉତରାୟ, ସୁବ୍ରତ ସ୍ୱାଇଁ, ଜୟନ୍ତ ନାୟକ ସ୍କୋରର ଦାୟିତ୍ୱ ତୁଲାଇଥିବା ବେଳେ ପ୍ରଦୀପ୍ତ ନାୟକ ଓ ବିଷ୍ଣୁ ବୋଇତାଇ ଧାରା ବିବରଣୀ ପ୍ରଦାନ କରିଥିଲେ। ଗୁରୁବାର ଚତୁର୍ଥ କ୍ୱାର୍ଟର ଫାଇନାଲ ମ୍ୟାଚ ବିଏମସି ଗୋଲକୁଣ୍ଡ ଓ ପାରାମାଉଣ୍ଟ ଭୁବନେଶ୍ୱର ମଧ୍ୟରେ ଅନୁଷ୍ଠିତ ହେବ।



ଅଭିଳାଷ ରାଉତରାୟ ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ କରୁଛନ୍ତି।

DSPL-355

ସଂଖ୍ୟାଲଘୁ ସଂପ୍ରଦାୟ ପାଇଁ ବହୁମୁଖୀ ଗୋଷ୍ଠୀକେନ୍ଦ୍ର ତଥା ସାଂସ୍କୃତିକ କେନ୍ଦ୍ର, ବରିଗୁଡ଼ା, ବ୍ଲକ୍-ଚନ୍ଦାହାଣ୍ଡି, ଜିଲ୍ଲା-ନବରଙ୍ଗପୁରର ଭିତ୍ତିପ୍ରସ୍ତର ସ୍ଥାପନ

ମୁଖ୍ୟ ଅତିଥି
ଶ୍ରୀଯୁକ୍ତ ରମେଶ ଚନ୍ଦ୍ର ମାଝୀ
ମାନ୍ୟବର ମନ୍ତ୍ରୀ,
ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ,
ସଂଖ୍ୟାଲଘୁ ଓ ପଛୁଆ ବର୍ଗକଲ୍ୟାଣ,
ପଞ୍ଚାୟତିରାଜ ଏବଂ ପାନୀୟ ଜଳ, ଓଡ଼ିଶା

ସମ୍ମାନିତ ଅତିଥି
ଶ୍ରୀଯୁକ୍ତ ବଳଭଦ୍ର ମାଝୀ
ମାନ୍ୟବର ସାଂସଦ, ନବରଙ୍ଗପୁର
ଶ୍ରୀଯୁକ୍ତ ଟିକମସିଂ ନାୟକ
ଅଧ୍ୟକ୍ଷ, ଚନ୍ଦାହାଣ୍ଡି ପଞ୍ଚାୟତ ସମିତି
ଶ୍ରୀମତୀ ସୁଭଦ୍ରା ସିହ୍ନା
ଉପାଧ୍ୟକ୍ଷା, ଚନ୍ଦାହାଣ୍ଡି ପଞ୍ଚାୟତ ସମିତି



ଏହି ଭିତ୍ତିପ୍ରସ୍ତର ସ୍ଥାପନ ଉତ୍ସବରେ ଜନସାଧାରଣ ବହୁସଂଖ୍ୟାରେ ଯୋଗଦେବାକୁ ଅନୁରୋଧ ।

ଅନୁସୂଚିତ ଜନଜାତି ଓ ଜାତି ଉନ୍ନୟନ ତଥା
ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ
ଓଡ଼ିଶା ସରକାର

26001/13/0030/1819

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. 21326/74 Postal Regd. No. BN/42/18-20. ଭୁବନେଶ୍ୱର, ଗୁରୁବାର, ଜାନୁୟାରୀ ୧୭/୨୦୧୯ Bhubaneswar, Thursday, January 17/ 2019

## ସଂକ୍ଷେପରେ

### ପାରାଦୀପରେ କାଉ ମଡ଼କ ଜାରି



ପାରାଦୀପ,୧୬।୧(ସ୍ୱ.ପ୍ର.):ପାରାଦୀପରେ ଗତ ଦେଢ଼ମାସ ହେଲା କାଉ ମଡ଼କ ଜାରି ରହିଛି। ଏତେଦିନ ଧରି କାଉ ମଡ଼କ ଜାରି ରହିଥିଲେ ମଧ ପ୍ରଶାସନ ପକ୍ଷରୁ ଏନେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଗତବର୍ଷ ଜାନୁୟାରୀରେ ମଧ ପାରାଦୀପରେ କାଉ ମଡ଼କ ଦେଖାଦେଇଥିଲା। ଏହା ପରେ ତଦନ୍ତ କରିବାରୁ ବାର୍ଡ ଫ୍ଲୁ ଚିହ୍ନଟ ହୋଇଥିଲା। ଏଥିଯୋଗୁ ପାରାଦୀପ ସମେତ କେନ୍ଦ୍ରାପଡ଼ା ଓ ଜଗତ୍‌ସିଂହପୁର ଜିଲାରେ କୁକୁଡ଼ା ଓ ବତକ ମାଂସ, ଅଣ୍ଡା ଆଦି ବିକ୍ରି ଉପରେ ୬ମାସ ଧରି କଟକଣା ଲାଗୁ କରାଯାଇଥିଲା। ଚଳିତବର୍ଷ ପାରାଦୀପ ନେହେରୁ ବଙ୍ଗଳା, ବଡ଼ପଡ଼ିଆ, ଷଣ୍ଢକୁଦ ଆଦି ଅଞ୍ଚଳରେ କାଉ ମରି ପଡ଼ିଥିବା ଦେଖିବାକୁ ମିଳିଛି। ତେଣୁ ବାର୍ଡ ଫ୍ଲୁ ଆଶଙ୍କା ପ୍ରକାଶ ପାଇଛି। ଖୁବ୍‌ଶୀଘ୍ର ଏନେଇ ପ୍ରଶାସନ ପଦକ୍ଷେପ ନେବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି। ଏ ସମ୍ପର୍କରେ ବନାଞ୍ଚଳ ଅଧିକାରୀ ପ୍ରତାପ ରଞ୍ଜନ ମହାନ୍ତିଙ୍କୁ ପଚାରିବାରେ ଏହାର ତଦନ୍ତ କରି ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଛନ୍ତି।

### ୩ ସନ୍ତାନ ଥିବାରୁ ପଦ ହରାଇଲେ ନାଏବ ସରପଞ୍ଚ

କୋରେଇ,୧୬।୧(ସ୍ୱ.ପ୍ର): କୋରେଇ ବ୍ଲକ ଜହ୍ନା ଗ୍ରାମ ପଞ୍ଚାୟତର ନାଏବ ସରପଞ୍ଚ ଭଗବାନ ସାହୁଙ୍କର ୩ଟି ସନ୍ତାନ ଥିବା ଅଭିଯୋଗରେ ଜିଲାପାଳଙ୍କ କୋର୍ଟରେ ତାଙ୍କୁ ନିଜ ପଦ ହରାଇ ପଡିବାକୁ ପଡିଛି । ଗତ ପଞ୍ଚାୟତ ନିର୍ବାଚନରେ ଭଗବାନ କୁରୁପଦା ଗ୍ରାମର ଖଇରାବାଦ ୱାର୍ଡ ନମ୍ବର ୧୭ରୁ ୱାର୍ଡସଭ୍ୟ ଭାବେ ନିର୍ବାଚିତ ହୋଇଥିଲେ। ପରେ ସେ ନାଏବ ସରପଞ୍ଚ ପାଇଁ ଲଢ଼ି ଖଣ୍ଡିଏ ଭୋଟରେ ବିଜୟୀ ହୋଇଥିଲେ। ମାତ୍ର ତାଙ୍କର ୩ଟି ସନ୍ତାନ ଥିବା ନେଇ ଛୋଟରାୟପୁର ଗ୍ରାମର ସଦାନନ୍ଦ ନାୟକ ଜିଲାପାଳଙ୍କ କୋର୍ଟରେ ଅଭିଯୋଗ କରିଥିଲେ। ସମସ୍ତ ତଥ୍ୟ ପ୍ରମାଣକୁ ଭିତ୍ତି କରି ଜିଲାପାଳଙ୍କ କୋର୍ଟ ତାଙ୍କୁ ଉକ୍ତ ପଦ ପାଇଁ ଅଯୋଗ୍ୟ ଘୋଷଣା କରିଛନ୍ତି।

### ପ୍ରେମୀଯୁଗଳଙ୍କ ଗାଡ଼ି ଦୁର୍ଘଟଣାଗ୍ରସ୍ତ

# ପ୍ରେମିକ ସମେତ ୨ମୃତ, ପ୍ରେମିକା ଗୁରୁତର

କୋରେଇ,୧୬।୧(ସ୍ୱ.ପ୍ର)

କୋରେଇ ଥାନା ଅନ୍ତର୍ଗତ ଧନେଶ୍ୱର ପଞ୍ଚାୟତ ରଣେଶ୍ୱରପୁରରେ ମଙ୍ଗଳବାର ବିଳମ୍ବିତ ରାତିରେ ପ୍ରେମୀଯୁଗଳଙ୍କ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ପ୍ରେମିକଙ୍କ ସମେତ ସାଥିରେ ଥିବା ତାଙ୍କ ଭାଇଙ୍କର ମଧ ମୃତ୍ୟୁ ଘଟିଛି। ମାତ୍ର ପ୍ରେମିକା ଓ ଗାଡ଼ି ଚାଳକ ବଞ୍ଚିଯାଇଥିଲେ ହେଁ ସେମାନଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ମୃତକମାନେ ହେଲେ ସାଦକପୁର ପଞ୍ଚାୟତ ମହୁରିଆସାହିର ଅନନ୍ତ ଜେନାଙ୍କ ପୁଅ ଆଲୋକ(୧୯) ଏବଂ ଫାଜଲପୁର ଗ୍ରାମର କୁନା ନାୟକଙ୍କ ପୁଅ ଉପେନ୍ଦ୍ର। କୋରେଇ ପୋଲିସ ଏ ନେଇ ଏକ ମାମଲା (୪/୧୯) ରୁଜୁ କରି ଘଟଣାର ତଦନ୍ତ କରୁଛି। ପ୍ରକାଶ ଯେ, ଆଲୋକଙ୍କର ହଳଦୀଗଡ଼ିଆ ପଞ୍ଚାୟତର



ଦୁର୍ଘଟଣାଗ୍ରସ୍ତ କାର।

ଜଣେ ଯୁବତୀଙ୍କ ସହିତ ପ୍ରେମ ସମ୍ପର୍କ ରହିଥିବା ବେଳେ ସେମାନଙ୍କୁ ପରିବାର ଲୋକେ ବିରୋଧ କରୁଥିଲେ। ତେଣୁ ଉଭୟ ଘରୁ ଚାଲିଯାଇ ବିବାହ କରିବାକୁ ନିଷ୍ପତ୍ତି ନେଇଥିଲେ।

ଏ ନେଇ ସେମାନେ ଯୋଜନା କରି ମଙ୍ଗଳବାର ବିଳମ୍ବିତ ରାତିରେ ଘରୁ ଲୁଚି ଚାଲିଆସିଥିଲେ। ଆଲୋକ ତାଙ୍କ ସମ୍ପର୍କୀୟ ଭାଇ ଉପେନ୍ଦ୍ରଙ୍କ ସହାୟତାରେ ଯାଜପୁର ଟାଉନ୍ ଅଞ୍ଚଳର ଜଣେ ସହଯୋଗୀଙ୍କ କାର୍(ଓଡ଼ି୩୪ଏ୫୧୫୧) ଯୋଗେ ଉକ୍ତ ଯୁବତୀଙ୍କ ସହ ପଳାଇ ଯାଉଥିଲେ। ଏହା ଯୁବତୀଙ୍କ ପରିବାର ଲୋକେ ଜାଣିପାରି ସେମାନଙ୍କୁ ପିଛା କରିଥିଲେ। ଫଳରେ କ୍ଷୀପ୍ରଗତିରେ ଯିବା ବେଳେ ଭାରସାମ୍ୟ ହରାଇ ପ୍ରେମୀଯୁଗଳଙ୍କ କାର ରଣେଶ୍ୱରପୁର କାରଗିଲ ଛକ ନିକଟରେ ଏକ ଗଛକୁ ଧକ୍କା ଦେଇଥିଲା। ଏହାପରେ ପରିବାର ଲୋକେ ସ୍ଥାନୀୟ ଲୋକଙ୍କ ସହଯୋଗରେ ସମସ୍ତଙ୍କୁ ଆମ୍ବୁଲାନ୍ସ ଯୋଗେ ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଉପେନ୍ଦ୍ରଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଗୁରୁତରଙ୍କୁ କଟକ ବଡ଼ମେଡ଼ିକାଲକୁ ସ୍ଥାନାନ୍ତରିତ କରାଯାଇଥିଲା। କଟକରେ ଚିକିତ୍ସାଧୀନ ଅବସ୍ଥାରେ ଆଲୋକଙ୍କ ମୃତ୍ୟୁ ହୋଇଥିବା ବେଳେ ଯୁବତୀଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ଗାଡ଼ି ଚାଳକଙ୍କ ପରିଚୟ ମିଳିପାରି ନାହିଁ।

### ରେଲୱେ କାମକୁ କ୍ଷତିଗ୍ରସ୍ତ ଚାଷୀଙ୍କ ବିରୋଧ

# ମହିଳା ଚାଷୀ ଗୁରୁତର

ଡୁବୁରୀ, ୧୬।୧(ଡି.ଏନ୍.ଏ.)



ଜଣେ ମହିଳାଙ୍କୁ ପୋଲିସ ଉଠାଇ ନେଉଛି।

ସୁକିନ୍ଦା-ଅନୁଗୋଳ ରେଳପଥ ନିର୍ମାଣକୁ ନେଇ ବୁଧବାର ରେଳବାଇ କର୍ତ୍ତୃପକ୍ଷ ଓ ପୋଲିସ ପ୍ରଶାସନ ସହ ସ୍ଥାନୀୟ ଅଞ୍ଚଳର ଚାଷୀଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି। ଏହି ଘଟଣାରେ ଗ୍ରାମର ଗୁରୁବାରୀ ମହାନ୍ତ ନାମକ ଜଣେ ମହିଳା ଚାଷୀ ଗୁରୁତର ହୋଇଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ସୁକିନ୍ଦା ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିବା ଜଣାପଡିଛି। ଏହି ଘଟଣାକୁ ନେଇ ସମ୍ପୃକ୍ତ ଅଞ୍ଚଳରେ ଉତ୍ତେଜନା ପରିସ୍ଥିତି ଲାଗି ରହିଛି। ଏହାକୁ ଦୃଷ୍ଟିରେ ରଖି ଗ୍ରାମରେ ଏକ ପ୍ଲାଟୁନ ଫୋର୍ସଙ୍କ ସହ କଳିଙ୍ଗନଗର ଥାନା ପୋଲିସକୁ ମୃତୟନ କରାଯାଇଛି। ବିନା ନୋଟିସରେ ପୋଲିସ ପ୍ରଶାସନର ସହାୟତାରେ ରେଳପଥ କର୍ତ୍ତୃପକ୍ଷ ପୁନର୍ବାର କାମ ଆରମ୍ଭ କରିବାକୁ ଗ୍ରାମର ଶତାଧିକ ଚାଷୀ ବିରୋଧ କରିଥିଲେ।

ପ୍ରକାଶ ଯେ, ସୁକିନ୍ଦା-ଅନୁଗୋଳ ରେଳପଥ ନିର୍ମାଣ କାମ କିଛି ବର୍ଷ ହେବ ଚାଲିଛି । ସୁକିନ୍ଦା ତହସିଲ ଡୁବୁରୀ ରାଜସ୍ୱ ସର୍କଲର ଡୁବୁରୀ ମୌଜାର ଖାତା ନମ୍ବର ୧୨୭ର ବିଭିନ୍ନ ପ୍ଲଟରୁ ୫୬ ଏକର ଚାଷଜମି ରେଳ ଲାଇନ ଦ୍ୱାରା କ୍ଷତିଗ୍ରସ୍ଥ ହେବାର ଆଶଙ୍କା ରହିଛି। ଅପରପକ୍ଷେ ୧୨୭ ନମ୍ବର ଖାତାର ଚାଷୀଙ୍କୁ ବିନା ନୋଟିସ୍‌ରେ ଜୋର ଜବରଦସ୍ତ ଜମି ଅଧିଗ୍ରହଣ କରାଯିବାକୁ ନେଇ ସମ୍ପୃକ୍ତ ଅଞ୍ଚଳର ଚାଷୀ ବିରୋଧ କରିଆସୁଛନ୍ତି। ଏ ନେଇ ଗତ ବର୍ଷ ମେ ମାସରେ ଚାଷୀମାନେ ଗ୍ରୀଷ୍ମ ସତ୍ୟାଗ୍ରହ କରାଯାଇଥିଲା। ପରବର୍ତ୍ତି ସମୟରେ ପ୍ରଥମେ କ୍ଷତିଗ୍ରସ୍ତ ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ପ୍ରଦାନ ପରେ ଜମି ଅଧଗ୍ରହଣ କରିବା ପାଇଁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ସମ୍ପୃକ୍ତ ଅଞ୍ଚଳର ଜଣେ ଚାଷୀ ମଧ ଏହାକୁ ନେଇ ମଧ କୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। କୋର୍ଟ ୧୨୭ ନମ୍ବର ଖାତାର ବିବାଦୀୟ ୫୬ ଏକର ଜମିରେ ଚଳିତ ବର୍ଷ ଜାନୁୟାରୀ ୨୮ ତାରିଖ ପର୍ଯ୍ୟନ୍ତ ସ୍ଥଗିତାଦେଶ ଜାରି କରିଛନ୍ତି। ତେବେ ବିବାଦୀୟ ଜମିରେ ରେଳପଥ ନିର୍ମାଣ ଆରମ୍ଭ କରିବା ନେଇ କୌଣସି ନିର୍ଦ୍ଦେଶ ନ ଥାଇ ମଧ ଗତ ସୋମବାର ରେଳବାଇ ପକ୍ଷରୁ କାମ ଆରମ୍ଭ ପାଇଁ ଉଦ୍ୟମ କରାଯାଇଥିଲା। ସ୍ଥାନୀୟ ଶତାଧିକ ଚାଷୀ ଏହାକୁ ବିରୋଧ କରି କାମ ବନ୍ଦ କରିଦେଇଥିଲେ । କିନ୍ତୁ ବୁଧବାର ପୋଲିସ ପ୍ରଶାସନର ସହାୟତାରେ କର୍ତ୍ତୃପକ୍ଷ ପୁନର୍ବାର କାମ ଆରମ୍ଭ କରିଥିଲେ। ଘଟଣାସ୍ଥଳରେ ଚାଷୀମାନେ ପହଞ୍ଚି କାମକୁ ବିରୋଧ କରିଥିଲେ। ଫଳରେ ସେଠାରେ ଉତ୍ତେଜନା ମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା । ଏହି ଘଟଣାରେ ଗ୍ରାମର ଜଣେ ମହିଳା ଚାଷୀ ଡ୍ରେଜର ଧକ୍କାରେ ଗୁରୁତର ହୋଇଥିଲେ। ସରକାର ଓ ଜିଲା ପ୍ରଶାସନ ଦମନ ମୂଳକ ପଦକ୍ଷେପ ନ ନେଇ ଚାଷୀଙ୍କ ସହ ଆଲୋଚନା କରି ନୀତି ନିୟମ ଅନୁଯାୟୀ କାର୍ଯ୍ୟ କରିବାକୁ ଅଞ୍ଚଳର ଅଜୟ କୁମାର ଜେନା, ଶରତ ମହାନ୍ତ, କୈଳାସ ମହାନ୍ତ, ଗୋପବନ୍ଧୁ ମହାନ୍ତ, ବୈକୁଣ୍ଠ ମହାନ୍ତ, ଦୟାନିଧି ମହାନ୍ତ, ପ୍ରମିଳା ମହାନ୍ତ,ପଦ୍ମିନୀ ମହାନ୍ତ, ରଜନୀ ମହାନ୍ତଙ୍କ ସମେତ ଶତାଧିକ ଚାଷୀ ସରକାରଙ୍କ ନିକଟରେ ଦାବି କରିଛନ୍ତି।

### ରାଜ୍ୟସ୍ତରୀୟ ହିଙ୍ଗୁଳା କପ୍ ଉଦ୍‌ଘାଟିତ

# ଭୁବନେଶ୍ୱରକୁ ହରାଇ ସେମିରେ ବାଲେଶ୍ୱର

କୋରେଇ,୧୬।୧(ସ୍ୱ.ପ୍ର)

ତରାପୁରସ୍ଥିତ ଆଞ୍ଚଳିକ ଯୁବ ପରିଷଦ ଆନୁକୂଲ୍ୟରେ ତରାପୁର ଖେଳ ପଡିଆରେ ୨୧ତମ ମା’ ହିଙ୍ଗୁଳା କପ୍ ୨୦୧୯ ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟକ ଭାବେ ବ୍ୟାସନଗରର ପୂର୍ବତନ ଉପନଗରପାଳ ପ୍ରମୋଦ କୁମାର ପରିଡା ମୁଖ୍ୟଅତିଥି ଭାବେ ଯୋଗଦେଇ ଥିବା ବେଳେ ସମ୍ମାନିତ ଅତିଥି ଭାବେ ଯାଜପୁରରୋଡ଼ ଥାନାଧିକାରୀ ଅମିତାଭ ଅମିତାଭ ମହାପାତ୍ର ଯୋଗଦେଇ ଖେଳକୁ ଉଦ୍‌ଘାଟନ କରିଥିଲେ। ଉଦ୍‌ଘାଟନୀ ମ୍ୟାଚ୍‌ରେ ଭୁବନେଶ୍ୱରର ପରାମାଉଣ୍ଟ ସ୍ପୋର୍ଟିଂ କ୍ଲବକୁ ହରାଇ ବାଲେଶ୍ୱରର ୟୁ ଆଣ୍ଡ ମି କ୍ଲବ ସେମିଫାଇନାଲ୍‌ରେ ପ୍ରବେଶ କରିଛି। ପ୍ରଥମ କ୍ୱାର୍ଟର ଫାଇନାଲ୍ ମ୍ୟାଚ୍‌ରେ ଭୁବନେଶ୍ୱରର ପାରାମାଉଣ୍ଟ କ୍ଲବ ଟସ୍ ଜିତି ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ପାରାମାଉଣ୍ଟ କ୍ଲବ ନିର୍ଦ୍ଧାରିତ ୨୫ଓଭରରେ ସମସ୍ତ ୱିକେଟ୍ ହରାଇ ମାତ୍ର ୧୬୩ ରନ୍ ସଂଗ୍ରହ କରିବାକୁ ସକ୍ଷମ ହୋଇଥିଲା।




ଖେଳାଳିଙ୍କୁ ଅତିଥି ପୁରସ୍କୃତ କରୁଛନ୍ତି।

ଜବାବରେ ବାଲେଶ୍ୱରର ୟୁ ଆଣ୍ଡ ମି ଦଳ ୨୪.୨ ଓଭରରେ ୮ ୱିକେଟ୍ ହରାଇ ୧୬୮ ରନ୍ ସଂଗ୍ରହ କରି ବିଜୟୀ ହୋଇଥିଲା। ପରେ ପୁରସ୍କାର ବିତରଣୀ ଉତ୍ସବରେ ଅତିଥି ଭାବେ ସାମାଜିକ କର୍ମୀ ଚିତ୍ତରଞ୍ଜନ ମହାନ୍ତି ଯୋଗଦେଇ ୟୁ ଆଣ୍ଡ ମି ଦଳର ଦେବାଶିଷ ମହାନ୍ତିଙ୍କୁ ମ୍ୟାନ୍ ଅଫ ଦି ମ୍ୟାଚ୍ ଭାବେ ପୁରସ୍କୃତ କରିଥିଲେ। ଅମ୍ପାୟାର ଭାବେ ଛାୟାକାନ୍ତ ଦ୍ୱିବେଦୀ ଓ ସୁବ୍ରତ ଜେନା ଖେଳ ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ଜିତେନ୍ଦ୍ର ଦାସ୍ ଓ ଭାଷ୍ୟକାର ଭାବେ ବୁବୁ ସିଂହ ସହଯୋଗ କରିଥିଲେ।

## ମହିଳାଙ୍କ ଆତ୍ମହତ୍ୟା

ପାରାଦୀପ,୧୬।୧(ସ୍ୱ.ପ୍ର.)

ପାରାଦୀପ ଜଟାଧାର ମୁହାଣ ସାମୁଦ୍ରିକ ଥାନା ଅନ୍ତର୍ଗତ ଷଣ୍ଢକୁଦରେ ବୁଧବାର ସନ୍ଧ୍ୟାରେ ଜଣେ ମହିଳା ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ଭୀମ ସରଣଙ୍କ ସ୍ତ୍ରୀ ସଞ୍ଜୁ(୩୫)। ସନ୍ଧ୍ୟାରେ ସ୍ୱାମୀ ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ଉତ୍‌କ୍ଷୀପ୍ତ ହୋଇ ଭୀମ କିଛି ସମୟ ପାଇଁ ଘରୁ ବାହାରକୁ ପଳାଇଥିଲେ। ପରେ ଘରକୁ ଫେରି ସ୍ତ୍ରୀ ରଶି ଲଗାଇ ଝୁଲିପଡିଥିବା ଦେଖିବାକୁ ପାଇଥିଲେ। ପଡୋଶୀଙ୍କ ସହାୟତାରେ ତାଙ୍କୁ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ ହେଁ ସେଠାରେ ଡାକ୍ତର ମୃତ ଘୋଷଣା କରିଥିଲେ।

# ଭିଏଲ୍‌ଡବ୍ଲ୍ୟୁଙ୍କୁ ଅଟକ ରଖିଲେ ମହିଳା

ଚଢେଇଧରା, ୧୬।୧ (ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ଅନ୍ତର୍ଗତ ସାହାଣୀଡିହ ପଞ୍ଚାୟତରେ ବୁଧବାର ପୀଠା କାର୍ଯ୍ୟକ୍ରମବେଳେ ବିଭିନ୍ନ ଅବ୍ୟବସ୍ଥାକୁ ନେଇ ଉତ୍ତେଜନା ମୂଳକ ପରିସ୍ଥିତି ସୃଷ୍ଟି ହୋଇଛି। ଭତ୍ତା, ପକ୍କାଘର, ରାଶନ କାର୍ଡ, ଆଧାର କାର୍ଡ ଓ ବିଭିନ୍ନ ସରକାରୀ ଯୋଜନାରୁ କୃଷ୍ଣପୁର ଗ୍ରାମବାସୀ ବଞ୍ଚିତ ହେଉଥିବା ନେଇ ଗ୍ରାମର ମହିଳାମାନେ ବିରୋଧ କରିବା ସହ ଭିଏଲ୍‌ଡବ୍ଲ୍ୟୁ ଅଭୟ କୁମାର ସାହୁଙ୍କୁ ଅଟକ ରଖି ଧାରଣାରେ ବସିଥିଲେ। ଘଟଣାସ୍ଥଳରେ ଜେନାପୁର ଥାନାଧିକାରୀ ସୁଶାନ୍ତ କୁମାର ଦାସ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ ମଧ ମହିଳାମାନେ ଧାରଣାରୁ ଉଠି ନ ଥିଲେ। ବିଡିଓ ଅମ୍ବିକା ପ୍ରସାଦ ଦାଶ ପହଞ୍ଚି ସମସ୍ତ ଅଭିଯୋଗଗୁଡିକୁ ତୁରନ୍ତ କାର୍ଯ୍ୟକାରୀ କରାଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ମହିଳା ମାନେ ଧାରଣାରୁ ଉଠିଥିଲେ।




# ବିଶୃଙ୍ଖଳା ଅଭିଯୋଗରେ ଭାଜପା କାର୍ଯ୍ୟାଳୟ ଆଗରେ ଧାରଣା

ଭୁବନେଶ୍ୱର, ୧୬।୧(ବ୍ୟୁରୋ)

ଯାଜପୁର ଜିଲା ଭାଜପା କାର୍ଯ୍ୟକର୍ତ୍ତାଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି। ନିକଟରେ ଯାଜପୁର ଜିଲାର ମଣ୍ଡଳ ସଭାପତି ପଦରୁ ବିତାଡିତ ହୋଇଥିବା କେତେଜଣ ନେତା ଜିଲା ସଭାପତିଙ୍କ କାର୍ଯ୍ୟକଳାପକୁ ବିରୋଧ କରି ଭାଜପା ରାଜ୍ୟ କାର୍ଯ୍ୟାଳୟ ଆଗରେ ବୁଧବାର ଧାରଣା ଦେଇଛନ୍ତି। ଦଳରେ ବିଶୃଙ୍ଖଳା ବୃଦ୍ଧି ପାଇଥିବା ସେମାନେ ଅଭିଯୋଗ କରିବା ସହ ଏଥିରେ ପରିବର୍ତ୍ତନ ଆଣିବା ପାଇଁ ଅସନ୍ତୁଷ୍ଟ କାର୍ଯ୍ୟକର୍ତ୍ତାମାନେ ଆନ୍ଦୋଳନକୁ ଓହ୍ଲାଇଥିବା ଜଣାପଡିଛି। ସେମାନଙ୍କ ମଧ୍ୟରୁ କେତେଜଣଙ୍କ କହିବା କଥା, ଗଣତାନ୍ତ୍ରିକ ଉପାୟରେ ସେମାନେ ଦଳର ମଣ୍ଡଳ ସଭାପତିଭାବେ ନିର୍ବାଚିତ ହୋଇଥିଲେ। ମାତ୍ର ସେମାନଙ୍କ କାର୍ଯ୍ୟକାଳ ଶେଷ ଶେଷହେବା ପୂର୍ବରୁ ସେମାନଙ୍କୁ ପଦରୁ ବାହାର କରିଦିଆଯାଇଛି। ଜିଲା ସଭାପତିଙ୍କ ଏଭଳି ନିଷ୍ପତ୍ତି ବିରୋଧରେ ସେମାନେ ଦଳର ରାଜ୍ୟ ସଭାପତି ବସନ୍ତ ପଣ୍ଡା ଏବଂ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କୁ ଜଣାଇଥିଲେ। ହେଲେ କେନ୍ଦ୍ରମନ୍ତ୍ରୀ ସେମାନଙ୍କ କଥାକୁ ଗୁରୁତ୍ୱ ଦେଇ ନ ଥିବା ଆନ୍ଦୋଳନରତ କାର୍ଯ୍ୟକର୍ତ୍ତା ଅଭିଯୋଗ କରିଛନ୍ତି। ସେମାନେ ବହୁଦିନରୁ ଦଳ ପାଇଁ କାର୍ଯ୍ୟ କରିଛନ୍ତି ନ୍ୟାୟ ନ ମିଳିଲେ ଆତ୍ମାହୂତି ଦେବେ ବୋଲି ସେମାନେ ଚେତାବନୀ ଦେଇଛନ୍ତି। ଏହି କାର୍ଯ୍ୟକର୍ତ୍ତାମାନେ ପ୍ରାୟ ୨ଟାରୁ ଆନ୍ଦୋଳନ ଆରମ୍ଭ କରିଛନ୍ତି ଏବଂ ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣାରେ ବସିବେ ବୋଲି କହିଛନ୍ତି।

## ସବରେଜିଷ୍ଟ୍ରାର କାର୍ଯ୍ୟାଳୟ କର୍ମଚାରୀଙ୍କ ଆତ୍ମହତ୍ୟା

ସାଲେପୁର,୧୬।୧(ଡି.ଏନ.ଏ.)

ମାହାଙ୍ଗା ସବ୍‌ରେଜିଷ୍ଟ୍ରାର କାର୍ଯ୍ୟାଳୟର ଜଣେ କର୍ମଚାରୀ ରଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ସେ ହେଲେ ସାଲେପୁର ଥାନା ଅଧୀନ ଶିଶୁଆ ଗ୍ରାମର ମଦନ ମହାରଣାଙ୍କ ପୁଅ ଦିବ୍ୟକାନ୍ତ(୨୪)। ଦିବ୍ୟକାନ୍ତ ପ୍ରାୟ ୬ମାସ ହେବ ଥାନା ଅଧୀନ ଚନ୍ଦ୍ରାଦେଇପୁର ଗ୍ରାମରେ ଭଡ଼ାରେ ରହୁଥିଲେ। କୌଣସି କାରଣରୁ ମଙ୍ଗଳବାର ରାତିରେ ଫ୍ୟାନ୍‌ରେ ଝୁଲି ପଡ଼ିଥିଲେ। ପୋଲିସ ପହଞ୍ଚି ମୃତଦହ ଜବତକରିବ୍ୟବଚ୍ଛେଦପାଇଁପଠାଇଥିଲା।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

**ସଂକ୍ଷେପରେ**

## ପାଣି ପଞ୍ଚାୟତ ରଥ ଉଦ୍‌ଘାଟିତ



**ଯାଜପୁର ଅଫିସ,୧୬।୧:** ଯାଜପୁର ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ବୁଧବାର ପାଣି ପଞ୍ଚାୟତ ରଥ ଉଦ୍‌ଘାଟିତ ହୋଇଯାଇଛି। ଜିଲାପାଳ ରଞ୍ଜନ କୁମାର ଦାସ ସଚେତନତା ରଥକୁ ପତାକା ଦେଖାଇ ଉଦ୍‌ଘାଟନ କରିବା ସହିତ ସରକାର କୃଷି ଓ କୃଷକର ବିକାଶ ପାଇଁ ଅନେକ ଯୋଜନା କରିଛନ୍ତି ବୋଲି କହିଥିଲେ। ପାଣିର ସୁପରିଚାଳନା, ସୁବିନିଯୋଗ ଓ କମ୍ ଜଳର ଉପଯୋଗ କରି କିପରି ଅଧିକ ଫସଲ ଉତ୍ପାଦନ ହୋଇପାରିବ ସେଥିପ୍ରତି ଜାଗରଣ ସୃଷ୍ଟି କରିପାରିଲେ ତାହା କୃଷିର ହିତ ସାଧନ କରିପାରିବ ବୋଲି ଜିଲାପାଳ ଦାସ କହିଥିଲେ। ଜଳସେଚନ ବିଭାଗର ନିର୍ବାହୀ ଯନ୍ତ୍ରୀ ଧନେଶ୍ୱର ସାମଲ ଜିଲାର ସମସ୍ତ ୧୦ଟି ଯାକ ବ୍ଲକ ୩୧୧ପଞ୍ଚାୟତକୁ ଏହି ସଚେତନତା ରଥ ପରିକ୍ରମା କରି ଜଳ ପରିଚାଳନା ସମ୍ପର୍କରେ ସଚେତନ କରାଇବ ବୋଲି କହିଥିଲେ। ପାଣି ପଞ୍ଚାୟତ ପକ୍ଷ ପାଳନ ଅବସରରେ ଏହି ରଥ ଚଳିତ ମାସ ୧୬ ତାରିଖ ଠାରୁ ୩୦ତାରିଖ ପର୍ଯ୍ୟନ୍ତ ସମଗ୍ର ଜିଲା ପରିକ୍ରମଣ କରିବାର କାର୍ଯ୍ୟସୂଚୀ ଚୂଡ଼ାନ୍ତ ହୋଇଛି। ଏହି ଅବସରରେ ଜଳସେଚନ ବିଭାଗର ସହକାରୀ ଯନ୍ତ୍ରୀ ସୁଧାଂଶୁ ନାୟକ, ଏସ୍‌ଡିଓ ଶଙ୍କର୍ଷଣ ବେହେରା, ପି.କେ. କର, ସହକାରୀ ଯନ୍ତ୍ରୀ ଚୈତନ୍ୟ ଜେନା, ଯନ୍ତ୍ରୀ ନାରାୟଣ ନାୟକ, ଭାଗବତ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଜନସାଧାରଣଙ୍କୁ ସରକାରୀ ସହାୟତା

**ରସୁଲପୁର,୧୬।୧(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ନଠୁଆବର, ବଡକଇଁଚି ଓ ଓଡିଶୋ ଆଦି ପଞ୍ଚାୟତରେ ଜନସାଧାରଣଙ୍କୁ ସରକାରୀ ସହାୟତା ପ୍ରଦାନ କରାଯାଇଛି। ଏହି ଅବସରରେ ନଠୁଆବର ପଞ୍ଚାୟତରେ ସରପଞ୍ଚ କୁଞ୍ଜଲତା ପଣ୍ଡାଙ୍କ ଅଧକ୍ଷତାରେ ଅନୁଷ୍ଠିତ ସହାୟତା ପ୍ରଦାନ ଉତ୍ସବରେ ମୁଖ୍ୟଅତିଥି ଭାବରେ ଧର୍ମଶାଳା ବିଧାୟକ ପ୍ରଣବ କୁମାର ବଳବନ୍ତରାଏ ଯୋଗଦେଇ ୧୬ପ୍ରଧାନମନ୍ତ୍ରୀ ଓ ବିଜୁ ପକ୍କାଘର ନିର୍ମାଣ କାର୍ଯ୍ୟ ସରକାରୀ ଧାର୍ଯ୍ୟ ସମୟସୀମା ମଧ୍ୟରେ ଶେଷ କରିଥିବାରୁ ସେମାନଙ୍କୁ ପ୍ରୋତ୍ସାହନ ରାଶି ବାବଦକୁ ୨୦ହଜାର ଟଙ୍କାର ଚେକ୍ ଓ ୨୫ଟି ରେଶନ କାର୍ଡଧାରୀଙ୍କୁ ୧୦୦ଟି ମାଗଣା ଇଲେକ୍ଟ୍ରି ବଲ୍‌ବ ପ୍ରଦାନ କରିଥିଲେ। ଉକ୍ତ ଉତ୍ସବରେ ସମିତି ସଭ୍ୟା ଜୟନ୍ତି ନାୟକ, ପୂର୍ବତନ ସରପଂଚ ଦଶରଥ ପଣ୍ଡା, ଯୋଗେନ୍ଦ୍ର ପାତ୍ର,





ଯୁଗ୍ମ ସଚିବ ମନମୋହନ ମିଶ୍ର ଏକ ସ୍ୱୟଂସହାୟକ ଗୋଷ୍ଠୀକୁ ପ୍ରୋତ୍ସାହନ ରାଶି ପ୍ରଦାନ କରୁଛନ୍ତି।

**ରସୁଲପୁର ବ୍ଲକ**

ଆକୁଳାନନ୍ଦ ଜେନାମଣି, ଅକ୍ଷୟ ପଣ୍ଡା ପ୍ରମୁଖ ଅତିଥି ଭାବରେ ଯୋଗଦେଇଥିଲେ। ନିର୍ବାହୀ ଅଧିକାରୀ ପ୍ରଫୁଲ ନାଥ ଧନ୍ୟବାଦ ଅର୍ପଣ କରିଥିଲେ। ବଡକଇଁଚି ପଞ୍ଚାୟତରେ କୋରେଇ ବିଧାୟକ ଆକାଶ ଦାସନାୟକ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଯୁଗ୍ମ ସଚିବ ମନମୋହନ ମିଶ୍ର, ବିଧାୟକ ପ୍ରତିନିଧି ପ୍ରହ୍ଲାଦ ପଣ୍ଡା, ସରପଞ୍ଚ ବାସନ୍ତି ତରାଇ, ଲକ୍ଷ୍ମଣ ରାଉତ, ଅଶୋକ ମଲିକ, ଅଭିମନ୍ୟୁ ତରାଇ, ଅଭିମନ୍ୟୁ ମଲିକ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ୧୬ଟି ସ୍ୱୟଂସହାୟିକା ଗୋଷ୍ଠୀକୁ ପ୍ରୋତ୍ସାହନ ରାଶି, ୬ପରିବାରକୁ ଘର ନିର୍ମାଣ ପ୍ରୋତ୍ସାହନ ରାଶି, ୧୫୦ପରିବାରକୁ ବିଦ୍ୟୁତ୍ ବଲବ୍ ପ୍ରଦାନ କରିଥିଲେ। ସେହପରି ଓଡିଶୋ ପଂଚାୟତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସରପଞ୍ଚ ନିଲମ ମଲିକ ଅଧକ୍ଷତା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଯୁଗ୍ମ ସଚିବ ମନମୋହନ ମିଶ୍ର ମୁଖ୍ୟ ଅତିଥି, ଓରମାସର ସହକାରୀ ନିର୍ଦ୍ଦେଶକ କ୍ଷୀତିଶ ବଳ, ସହକାରୀ ପ୍ରକଳ୍ପ ନିର୍ଦ୍ଦେଶକ ଗିରିଜା ଶଙ୍କର ସୂତାର, ଏବିଡିଓ ଅସିତ୍ କୁମାର ପାତ୍ର, ଯନ୍ତ୍ରୀ ରଜତ ମହାପାତ୍ର, ବ୍ରହ୍ମାନନ୍ଦ ପଣ୍ଡା, ସ୍ମୃତିରେଖା ଧଡ଼ା ପ୍ରମୁଖ ଯୋଗଦେଇ ୬୩ଟି ସ୍ୱୟଂସହାୟିକା ଗୋଷ୍ଠିଙ୍କୁ ପ୍ରମାଣପତ୍ର ପ୍ରଦାନ କରିଥିଲେ। ନୂତନ ଭାବେ ଗଠନ କରାଯାଇଥିବା ଏହି ଗୋଷ୍ଠିଗୁଡ଼ିକର ଜମାଖାତାକୁ ୧୫ହଜାର ଲେଖାଏ ଟଙ୍କା ପ୍ରଦାନ କରାଯିବ ବୋଲି ସୂଚନା ପ୍ରଦାନ କରାଯାଇଥିଲା। ନିର୍ବାହୀ ଅଧିକାରୀ ସୁଧୀର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ଏହିକ୍ରମରେ ପଞ୍ଚାୟତରେ ଥିବା ପୁରୁଣା ସ୍ୱୟଂସହାୟିକା ଗୋଷ୍ଠୀ ମୂଳ ଜମା ମିଳି ନ ଥିବା ନେଇ ହିଙ୍ଗୁଳା ସ୍ୱୟଂ ସହାୟିକା ଗୋଷ୍ଠିର ସଦସ୍ୟା ନିବେଦିତା ମହାନ୍ତି ମୁଖ୍ୟ ଅତିଥି ମିଶ୍ରଙ୍କ ନିକଟରେ ଅଭିଯୋଗ କରିଥିଲେ।





(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଉଇ, ଓଡ଼ଶ, ପିମ୍ପୁଡ଼ି, ମଶା**
**ଏ ଚାରିଜାତି ଭାଙ୍ଗନ୍ତି ବସା ।**

ଉଇ, ଓଡ଼ଶ, ପିମ୍ପୁଡ଼ି ଓ ମଶା ଭଳି କୀଟପତଙ୍ଗ ସବୁବେଳେ ଭୀତତ୍ରସ୍ତ ଅବସ୍ଥାରେ ରହିଥାନ୍ତି। ଗୋଟିଏ ସ୍ଥାନରୁ ତଡ଼ିଦେଲେ ଅନ୍ୟସ୍ଥାନରେ ବସା ବାନ୍ଧିଥାନ୍ତି। ଏହି ଚାରିଜାତି କେତେବେଳେ କେଉଁ ବସା ଗଢ଼ନ୍ତି ବା ଭାଙ୍ଗନ୍ତି ତା'ର ହିସାବ କେବଳ ତାଙ୍କୁ ହିଁ ଜଣା। ଏମାନଙ୍କ ଦାଉରେ ମଣିଷ ଅସ୍ତବ୍ୟସ୍ତ ହୋଇଯିବା ସହ ସୁଖଶାନ୍ତିରେ ରହି ପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଉଣା ହିଡ଼ ଯେଉଁଠି,**
**ଜଳ ଗଡ଼େ ସେଇଠି ।**

ପାଣିର ଧର୍ମ ଉଚ୍ଚ ସ୍ଥାନରୁ ନୀଚ ସ୍ଥାନକୁ ବହି ଚାଲିବା। ଯେଉଁଠି ଗଡ଼ାଣିଆ ବା ଖାଲିସ୍ଥାନ ରହିଥାଏ ସେହି ଆଡ଼କୁ ପାଣି ସହଜରେ ଗଡ଼ିଆସିଥାଏ। ଅନ୍ୟ ଅର୍ଥରେ ଦୁର୍ବଳତାର ସୁଯୋଗ ନେଇ ଆଧିପତ୍ୟ ବିସ୍ତାର କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
–ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

# ରାଜଧାନୀରେ ବାଙ୍କବିହାରୀଙ୍କ ପ୍ରତିମୂର୍ତ୍ତି ସ୍ଥାପନ ଦାବି

**ରସୁଲପୁର,୧୬।୧(ଡି.ଏନ୍.ଏ.)**

ପରିବେଶବିତ୍ ବାଙ୍କବିହାରୀ ଦାସଙ୍କ ୯୭ତମ ଜୟନ୍ତୀ ପାଳନ ଅବସରରେ ତାଙ୍କର ପ୍ରତିମୂର୍ତ୍ତି ରାଜଧାନୀ ଭୁବନେଶ୍ୱରଠାରେ ସ୍ଥାପନ ପାଇଁ ଓଡ଼ିଶା ସରକାର କରିଥିବା ଘୋଷଣାକୁ କାର୍ଯ୍ୟକାରୀ କରିବାକୁ ପୁନର୍ବାର ଜନସାଧାରଣଙ୍କ ପକ୍ଷରୁ ଦାବି କରାଯାଇଛି। ସ୍ଥାନୀୟ ମିର୍ଜାପୁର ଗ୍ରାମରେ ଶିକ୍ଷାବିତ୍ କୈଳାସ ଚନ୍ଦ୍ର ନାୟକ ଓ ସମାଜସେବୀ ଗୋପୀନାଥ ପତିଙ୍କ ଯୁଗ୍ମ ଆବାହକତ୍ୱରେ ଅନୁଷ୍ଠିତ ଜୟନ୍ତୀ ସମାରୋହରେ ଏ ସଂକ୍ରାନ୍ତରେ ଏକ ସଂକଳ୍ପ ଗ୍ରହଣ କରାଯାଇଛି । ଏହି ଅବସରରେ ଆୟୋଜିତ ସଭାରେ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ତଥା ପାକ୍ଷିକ 'ଜନତନ୍ତ୍ର'ର ସମ୍ପାଦକ ବିବେକାନନ୍ଦ ଦାଶ, ଶିକ୍ଷାବିତ୍ ବେଣୁଧର ଦୋବାଇ, ଯାଜପୁର ଜିଲା ଲେଖକ ସମ୍ମେଳନର ସଭାପତି ରୁଦ୍ରନାରାୟଣ ପୃଷ୍ଟି, ବାମଦେବୀ ପାଢ଼ୀ, ଆଇନଜୀବୀ ବ୍ରଜମୋହନ ପତି, ଲକ୍ଷ୍ମଣ ରାଉତ, ବିଶ୍ୱଜିତ ମହାନ୍ତି, ଗୋଲଖ ବିହାରୀ ମଲ୍ଲିକ, ନିରଞ୍ଜନ ପ୍ରଧାନ, ଗୋପାଳ ଦାସ, କାର୍ତ୍ତିକ ସ୍ୱାଇଁ, ବୈରାଗୀ ଚରଣ ଘଡ଼େଇ, ଅଭିମନ୍ୟୁ ନାୟକ ଓ ପ୍ରଦୀପ ସାମଲ ପ୍ରମୁଖ ଯୋଗଦେଇ ରାଜନୀତି, ପରିବେଶ ଓ କୃଷି ଉପରେ ବାଙ୍କବାବୁଙ୍କ ଗଭୀର ଅନୁଶୀଳନ ଓ ସଂଗ୍ରାମ ଉପରେ ଆଲୋକପାତ କରିଥିଲେ। ରାଜଧାନୀରେ ବାଙ୍କବାବୁଙ୍କ ଏକ ପ୍ରତିମୂର୍ତ୍ତି ନିର୍ମାଣ ଏବଂ ଓଡ଼ିଶା ୱେଟ୍ ଲ୍ୟାଣ୍ଡ ଡେଭଲପମେଣ୍ଟ ଇନ୍‌ଷ୍ଟିଚ୍ୟୁଟ୍‌କୁ ବାଙ୍କବାବୁଙ୍କ ନାମରେ ନାମିତ କରିବା ପାଇଁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଘୋଷଣା କରିଥିଲେ ମଧ୍ୟ ତାହା କାର୍ଯ୍ୟକାରୀ ହୋଇପାରୁ ନ ଥିବାରୁ ଉଦ୍‌ବେଗ ପ୍ରକାଶ ପାଇଥିଲା। ଜନସାଧାରଣ ପକ୍ଷରୁ ଏ ସଂକ୍ରାନ୍ତରେ ଏକ ସଂକଳ୍ପ ଗୃହୀତ କରାଯାଇ ରାଜ୍ୟ ସରକାରଙ୍କୁ ପୁଣି ଏକ ସ୍ମାରକପତ୍ର ଦେବା ପାଇଁ ନିଷ୍ପତ୍ତି ହୋଇଥିଲା। ଏହି ଅବସରରେ ସମାଜବାଦରେ ବିଶ୍ୱାସ ରଖୁଥିବା ମିର୍ଜାପୁର ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ବେଣୁଧର ରାଉତ ଏବଂ ବଣ୍ଟରା ଗ୍ରାମର ଚାଷୀ ମନମୋହନ ମହାନ୍ତିଙ୍କୁ ଉପଢୌକନ ଓ ପୁଷ୍ପଗୁଚ୍ଛ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ପିଠା କାର୍ଯ୍ୟକ୍ରମ ଅନୁଧ୍ୟାନ କଲେ ପର୍ଯ୍ୟବେକ୍ଷକ

**ଯାଜପୁର ଅଫିସ,୧୬।୧:** ଯାଜପୁର ପୌରାଞ୍ଚଳର ୫ଟି ସ୍ଥାନରେ ପିଠା କାର୍ଯ୍ୟକ୍ରମ ୧୫ ତାରିଖଠାରୁ ଆରମ୍ଭ ହୋଇଛି। ବୁଧବାର ଦେବୀଗଡା ପଡିଆଠାରେ ସହରାଞ୍ଚଳ ପିଠା କାର୍ଯ୍ୟକ୍ରମରେ କଟକ ଉନ୍ନୟନ କର୍ତ୍ତୃପକ୍ଷର ଉପାଧ୍ୟକ୍ଷ ତଥା ପିଠା କାର୍ଯ୍ୟକ୍ରମର ରାଜ୍ୟ ପର୍ଯ୍ୟବେକ୍ଷକ ରବୀନ୍ଦ୍ର କୁମାର ମିଶ୍ର ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ସମସ୍ତେ ଯେପରି ବିଭିନ୍ନ ଯୋଜନା ସମ୍ପର୍କରେ ଅବଗତ ହୋଇପାରିବେ ସେଥିପାଇଁ ବ୍ୟବସ୍ଥା ହୋଇଛି ବୋଲି ମିଶ୍ର କହିଥିଲେ। ତତ୍‌ସହିତ ବିଭିନ୍ନ ଯୋଜନାର ହିତାଧିକାରୀଙ୍କୁ ସେମାନଙ୍କ ସହାୟତା ଏହି ପିଠା କାର୍ଯ୍ୟକ୍ରମରେ ଦିଆଯାଉଥିବାରୁ ହିତାଧିକାରୀ ଯୋଗ୍ୟ ବା ଅଯୋଗ୍ୟ ତାହା ମଧ୍ୟ ପ୍ରମାଣିତ ହୋଇପାରିଛି ବୋଲି ମିଶ୍ର କହିଥିଲେ।

# ବୈକୁଣ୍ଠନାଥ ସ୍ମୃତି ସମାରୋହ

**ଧର୍ମଶାଳା, ୧୬।୧(ଡି.ଏନ୍.ଏ.)**

ଗୋକର୍ଣ୍ଣିକା ସାହିତ୍ୟ ସମାଜ ଆନୁକୂଲ୍ୟରେ ପ୍ରାବନ୍ଧିକ ବୈକୁଣ୍ଠନାଥ ରଥ ସ୍ମୃତି ସମାରୋହ, ପୁରସ୍କାର, ସମ୍ମାନ ପ୍ରଦାନ ଓ ପୁସ୍ତକ ଉନ୍ମୋଚନ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ସଭାପତି ରମାକାନ୍ତ ଜେନାଙ୍କ ସଭାପତିତ୍ୱରେ ଜାରକାସ୍ଥିତ ଧର୍ମଶାଳା କ୍ଲବ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜିଲାପାଳ ରଞ୍ଜନ କୁମାର ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତାଭାବେ ଉତ୍କଳ ବିଶ୍ୱବିଦ୍ୟାଳୟ ଓଡ଼ିଆ ବିଭାଗ ମୁଖ୍ୟ ବିଷ୍ଣୁପ୍ରିୟା ଓତା ଯୋଗଦେଇଥିଲେ। ପ୍ରଫେସର ବସନ୍ତ କୁମାର ପଣ୍ଡାଙ୍କୁ ପ୍ରାବନ୍ଧିକ ବୈକୁଣ୍ଠନାଥ ରଥ ସ୍ମୃତି ପୁରସ୍କାର ସ୍ୱରୁପ ପାଞ୍ଚ ଶହ ଟଙ୍କା ସହ ମାନପତ୍ର ଉପଢୌକନ ପ୍ରଦାନ କରିବା ସଙ୍ଗେ ସଙ୍ଗେ ଧର୍ମଶାଳା ମହାବିଦ୍ୟାଳୟର ପ୍ରାଧ୍ୟାପକ ମନୋରନ ମହାନ୍ତିଙ୍କୁ ସ୍ମୃତି ସମ୍ମାନ ମାନପତ୍ର ଉପଢୌକନ ପ୍ରଦାନ କରିଥିଲେ। ଅଧ୍ୟାପକ ସନ୍ତୋଷ କୁମାର ପଣ୍ଡା, ପ୍ରାବନ୍ଧିକ ଲଛମନ ରାଉତଙ୍କୁ ଗୋକର୍ଣ୍ଣିକା ସମ୍ମାନ ଅତିଥିମାନେ ପ୍ରଦାନ କରିଥିଲେ। ଗୀତି କବି ନିରଞ୍ଜନ ତ୍ରିପାଠୀଙ୍କ ଗୀତି ବିତା ପୁସ୍ତକ 'ଓଦା ଅନ୍ଧାରର ସ୍ମୃତି' ଜିଲାପାଳ ଉନ୍ମୋଚନ କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପ୍ରକଳ୍ପ ନିର୍ଦ୍ଦେଶକ ବ୍ରଜଗୋପାଳ ଆଚାର୍ଯ୍ୟ ଓ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଅଧ୍ୟାପକ ଦେବୀପ୍ରସାଦ ଶତପଥୀ ଭିତିପ୍ରବନ୍ଧ ପାଠ କରିଥିଲେ। ନିରଞ୍ଜନ ତ୍ରିପାଠୀ ପୁସ୍ତକ ସମ୍ପର୍କରେ ସୂଚନା ଦେଇଥିଲେ। ଏହି ଅବସରରେ ଅତିଥିଙ୍କୁ ଉପଦେଷ୍ଟା ବଟକୃଷ୍ଣ ଓଝା, ବିଦ୍ୟାଧର ସାହୁ, ପଣ୍ଡିତ ସୂର୍ଯ୍ୟମଣି ଖୁଣ୍ଟିଆ, ପୁରୁଷୋତ୍ତମ ବିଶ୍ୱାଳ ଉପଢୌକନ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ବଡ଼ଚଣା ସାହିତ୍ୟ ସଂସଦ ପକ୍ଷରୁ ସମ୍ପାଦିକା ପ୍ରମିଳା ପ୍ରତାପ ଜିଲାପାଳଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ବିଜୟ କୁମାର ଶତପଥୀ ସ୍ୱାଗତ ଭାଷଣ, ତୁହିନାଂଶୁ ରଥ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ବିଜୟ କୁମାର ନାୟକ ବିବରଣୀ ପାଠ, ବ୍ରଜକିଶୋର ଦାଶ ଶ୍ଳୋକ ପାଠ କରିଥିଲେ। ସଞ୍ଜୟ କୁମାର ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

■ ନାବାଳିକାଙ୍କୁ ଗର୍ଭବତୀ କରି ଯୁବକ ଫେରାର

# ପୀଡ଼ିତାଙ୍କୁ ଭେଟିଲା ଭାଜପା ମହିଳା ମୋର୍ଚ୍ଚା

**ଢୁବୁରୀ, ୧୬।୧(ଡି.ଏନ୍.ଏ.)**

ଦାନଗଦୀ ବ୍ଲକ ବାଘୁଆପାଳ ଗାଁର ଜଣେ ଆଦିବାସୀ ନାବାଳିକାଙ୍କୁ ଅନ୍ତଃସତ୍ତ୍ୱା କରି ଅଭିଯୁକ୍ତ ଫେରାର ହେବା ଘଟଣାକୁ ୧୫ଦିନରୁ ଅଧିକ ସମୟ ବିତିଥିଲେ ମଧ୍ୟ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବାରେ ବିଫଳ ହୋଇଛି। ବୁଧବାର ଅପରାହ୍ନରେ ଭାଜପା ମହିଳା ମୋର୍ଚ୍ଚାର ଉପ ସଭାନେତ୍ରୀ ଐଶର୍ଯ୍ୟା ବିଶ୍ୱାଳଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ବାଘୁଅପାଳ ଯାଇ ପୀଡ଼ିତାଙ୍କ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି । ଏହାକୁ ନେଇ ଆଗାମୀ ଦିନରେ ଦଳ ପକ୍ଷରୁ ଆନ୍ଦୋଳନ କରାଯିବ ବୋଲି ଐଶର୍ଯ୍ୟା କହିଛନ୍ତି। ପ୍ରକାଶ ଯେ, ରେଳ ଲାଇନ କାମରେ ନିୟୋଜିତ ଏକ କମ୍ପାନୀର ଜନୈକ କର୍ମଚାରୀ ବାଘୁଆପାଳ ଗ୍ରାମର ଉକ୍ତ ନାବାଳିକାଙ୍କ ସହ ଦୀର୍ଘଦିନ ହେବ ଶାରୀରିକ ସମ୍ପର୍କ ରଖି ଆସୁଥିଲେ। କିନ୍ତୁ ନାବାଳିକା ଜଣଙ୍କ ଗର୍ଭବତୀ ଥିବା ଜାଣିବା ପରେ ସେ ଫେରାର ହୋଇଯାଇଥିଲା। ନାବାଳିକା ଜଣଙ୍କ ୮ ମାସର ଗର୍ଭବତୀ ଥିବା ଜାଣିବା ପରେ ପରିବାର ପକ୍ଷରୁ ଗତ ଡିସେମ୍ବର ୨୭ ତାରିଖରେ କଳିଙ୍ଗନଗର ଥାନାରେ ଅଭିଯୋଗ କରାଯାଇଥିଲା। ତଦନ୍ତ ଚାଲିଛି ଅଭିଯୁକ୍ତଙ୍କୁ ଖୁବ୍‌ଶୀଘ୍ର ଗିରଫ କରାଯିବ ବୋଲି କଳିଙ୍ଗନଗର ଥାନା ଇନ୍‌ସ୍ପେକ୍ଟର ରାଜେନ୍ଦ୍ର ନାରାୟଣ ପଟ୍ଟନାୟକ କହିଛନ୍ତି।

# ଷ୍ଟାର ଚ୍ୟାଲେଞ୍ଜର ଟି୨୦କପ୍, ଗୋପୀନାଥପୁର ଚାମ୍ପିୟନ

**ରସୁଲପୁର,୧୬।୧(ଡି.ଏନ୍.ଏ.)**

ରସୁଲପୁର ବ୍ଲକ ଅନ୍ତର୍ଗତ ରାହାମ୍ବା ପଞ୍ଚାୟତ ଖେଳ ପଡିଆରେ ଷ୍ଟାର ଚାଲେଞ୍ଜର କପ୍ ବୁଧବାର ଉଦ୍‌ଯାପିତ ହୋଇଯାଇଛି । ଏଠାରେ ଅନୁଷ୍ଠିତ ଟି୨୦ ମ୍ୟାଚ୍‌ରେ ଚଳିତବର୍ଷ ଗୋପିନାଥପୁର କ୍ଲବ ବଣ୍ଟରା କ୍ଲବକୁ ହରାଇ ଚାମ୍ପିୟନ ହୋଇଛି। ଏହି ଅବସରରେ ଅନୁଷ୍ଠିତ ଖେଳରେ ଗୋପିନାଥପୁର କ୍ଲବ ଟସ୍ ଜିଣି ପ୍ରଥମେ ବ୍ୟାଟିଂ ନିଷ୍ପତି ନେଇଥିଲା। ଦଳ ନିର୍ଦ୍ଧାରିତ ଓଭର ସରିବାକୁ ୧୫ଟି ବଲ୍ ବାକି ରହିଥିବା ବେଳେ ସମସ୍ତ ୱିକେଟ ହରାଇ ୧୧୭ ରନ୍ ସଂଗ୍ରହ କରିଥିଲା। ଜବାବରେ ବଣ୍ଟରା ଦଳ ୧୭ ଓଭରରେ ମାତ୍ର ୬୨ରନ୍ ସଂଗ୍ରହ କରି ସମସ୍ତ ୱିକେଟ ହରାଇ ଦେଇ ପରାଜୟ ବରଣ କରିଥିଲା। ଏହି ଅବସରରେ ଅନୁଷ୍ଠିତ ଟ୍ରଫି ପ୍ରଦାନ ଉତ୍ସବରେ କ୍ଲବର ସଭାପତି ସଦାଶିବ ବେହେରା ଅଧ୍ୟକ୍ଷତା କରିଥିଲେ । ଭାଜପା ନେତା ସୁରେନ୍ଦ୍ର ପଣ୍ଡା ମୁଖ୍ୟଅତିଥି, ବିଶ୍ୱଜିତ୍ ବେହେରା, ପତିବାସ ମଲିକ, ଚନ୍ଦ୍ରକାନ୍ତ ମଲିକ, ଅଭିଜିତ୍ ରଥ, ଅମୁଲ୍ୟ ବେହେରା, ରଞ୍ଜନ ଦଳେଇ, ପ୍ରକାଶ ସେଠୀ, ଚନ୍ଦ୍ରକାନ୍ତ ପଣ୍ଡା ସୁବାଶ ବେହେରା, ରାକେଶ ବଳ, ଅଭିମନ୍ୟୁ ବିଶ୍ୱାଳ ପ୍ରମୁଖ ଯୋଗଦେଇ ଟ୍ରଫି ପ୍ରଦାନ କରିଥିଲେ।



ପୁରସ୍କାର ବିତରଣ ଉତ୍ସବରେ ଯୋଗଦେଇଥିବା ଅତିଥି।


**+PILES CLINIC+**
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

# CLASSIFIED DISPLAY

ALL EDITION-B/W (Every Day) | For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

*GST 5% Extra

**FINANCE**
MAHALAXMI CREDIT SERVICES
Bank ଯଦି ଋଣ ଦଉନୀ ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

**ମୁଦ୍ରିକା ଫାଇନାନ୍ସ ଲୋନ**
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508
3rd Floor, D. N. Enclave, Meerut, U.P.

**LOAN**
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି।
ଡକ୍ୟୁମେଣ୍ଟ Email:-
fileodisha@gmail.com
ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

**LOAN**
ଆପଣ ବେରୋଜଗାରିଆ କି? ଏବେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ କମ୍ ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି। ଅଧିକ ଜାଣିବା ପାଇଁ ଯୋଗାଯୋଗ:–
B-19, Moti Bagh, New Delhi
7064382081
8658167603

**FINANCE**
ଘରେ ବସି ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସୋନାଲ, ବିଜିନେସ୍ ଋଣ ମାତ୍ର ୭ ଦିନ ମଧ୍ୟରେ 4% ସୁଧରେ South Asian Finance ଠାରୁ ଋଣ ପାଆନ୍ତୁ।
ମହିଳାମାନଙ୍କ ପାଇଁ ବିଶେଷ ରିହାତି
Email: loanasian@gmail.com
M.G. Road, Bangalore
8658340105

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଳେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।

A to Z ସମସ୍ୟାର ସମାଧାନ ଘରେ ବସି।
ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

**ଡିଜିଟାଲ ଉପକରଣ –କମ୍ପାନୀ– SMS JOB**

ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲଟାଇମ୍ ରୋଜଗାର କରନ୍ତୁ 15000ରୁ 25000 ମାସିକ ଲାପ୍‌ଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
BUKAR, MALEPUR, JAMUI, BIHAR-811313
9065013355, 9162431749

**GET INSTANT CASH AGAINST GOLD**
GOLD CASH™
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

**BISWAJIT FINANCE**
Biswajit Financeରେ ସମସ୍ତ ପ୍ରକାର Loan ମିଳିବ। Personal, Business, ଗୃହ, ଶିକ୍ଷା, Certificate, Property ଓ କୃଷି।
ସୁଧ 1% ରେ Loan ପାଆନ୍ତୁ
7750922443
7077432760
AT/PO: Jambhirai, Baleswar, Odisha- 756024

**!!ଋଣ ଋଣ ଋଣ!! ସାଇ ଫାଇନାନ୍ସ**
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

**MAHENDAR FINANCE**

• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
8860754476
7838556518
Block Chack, Balasore-756027

**GTL Telecom Network Company**
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - ୨୦ ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ଗୋଟିଏ ଚାକିରି, ମାଗଣା ମୋବାଇଲ, ବାଇକ୍। ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office
G-79 Aadrsh Nagar Krolbagh
Contact:- 8676907143
7050017585

**CO-OPERATIVE INADIA**
Co-Operative India ଦ୍ୱାରା P.M.J.S.Y. ର ଲାଭ ଆଧାର କାର୍ଡଧାରୀ ମାନଙ୍କୁ ଦିଆଯାଉଛି । ଏହି ଯୋଜନା ଦ୍ୱାରା ବର୍ଷକୁ 2% ସୁଧ ଏବଂ ସହଜ ମାସିକ କିସ୍ତି ସହ ସମସ୍ତ ପ୍ରକାର ଲୋନ ନେଇ ଆପଣଙ୍କ ଆବଶ୍ୟକତାକୁ ପୁରଣ କରନ୍ତୁ । ବି.ଦ୍ର.– ପୁରୁଷ ମାନଙ୍କୁ 20% ଏବଂ ମହିଳା ମାନଙ୍କୁ 30% ସବସିଡି ମିଳିବ ।
Address: Ameerpt, Hyderabad, Pin- 5000106 ( Telangana)
7787907927
7787922501
9319932148
Email id- pmjansamridhi@gmail.com

**BIKASA FINANCE**
Bikasa Finance କମ୍ପାନୀଠାରୁ ସମସ୍ତ ପ୍ରକାର Loan କମ୍ ସୁଧରେ ପାଆନ୍ତୁ। ମାର୍କଶିଟ୍, ପର୍ସନାଲ, Business, ଗୃହ, ଶିକ୍ଷା, କୃଷି, ଗାଈ ଓ ଛେଳି ଇତ୍ୟାଦି, 1% ସୁଧ 7 ଦିନ ମଧ୍ୟରେ।
M: 7381973695
8480304782
ବାବାଜୀପଡ଼ା, ପାଟଣାଗଡ଼, ବଲାଙ୍ଗୀର, ପିନ: ୭୬୭୦୨୫

**1985ରୁ ସହସ୍ରାଧିକଙ୍କୁ ଲାଭ**
**ପ୍ରଫେସର୍ ବିପି ଖନ୍ନା**
ତନ୍ତ୍ର–ମନ୍ତ୍ର ଅନୁଭବୀ PhD ଜ୍ୟୋତିଷ କାଳୀ ମହାବିଦ୍ୟାର ତପସ୍ୱୀ ତାନ୍ତ୍ରିକ
(ପ୍ରେମବିବାହର 1757 କେସ୍ ସଫଳ)
ମହାବଶୀକରଣ, ପ୍ରେମରେ ଧୋକା, ସଉତୁଣୀ ଶତ୍ରୁ, ଗୃହକ୍ଳେଶ, ଯାଦୁ–ଟୋନା, ସନ୍ତାନ ବାଧା
'ଠକ ବଙ୍ଗାଳି ମୌଲବୀ ବାବାଙ୍କ ପ୍ରତି ସାବଧାନ'
'ଘଣ୍ଟା–ମିନିଟ୍‌ରେ ନିଦାନର ଦାବି ଧୋକା ଅଟେ'
ହ୍ୱାଟ୍‌ସଆପ୍/Call: 09198771709
MAHAKALI TANTRA SADHANA KENDRA UTTRAKHAND
ସବୁଆଡୁ ନିରାଶ ବ୍ୟକ୍ତି ସମ୍ପୂର୍ଣ୍ଣ ସମାଧାନ ପାଆନ୍ତୁ


**ପାଠକଙ୍କ ପାଇଁ ସୂଚନା**

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।



ପଡ଼ି ପଡ଼ି କଳଙ୍କ ଲାଗି କ୍ଷୟ ହେବା ଅପେକ୍ଷା କାମ କରି କ୍ଷୟ ହୋଇଯିବା ଶ୍ରେୟସ୍କର।

- ରିଚାର୍ଡ କମ୍ବରଲ୍ୟାଣ୍ଡ୍



## ସଂକ୍ଷେପରେ

### ପାଣିକୋଇଲିରେ ମେଡ଼ିକାଲ କଲେଜ ପାଇଁ ଗଣଧାରଣା ୬୬ଦିନରେ

### ଧାରଣାକାରୀଙ୍କୁ ଭୟଭୀତ କରିବା ଅପଚେଷ୍ଟାକୁ କମିଟିର ନିନ୍ଦା

କୋରେଇ,୧୬।୧(ସ୍ୱ.ପ୍ର)- ପାଣିକୋଇଲିରେ ମେଡିକାଲ କଲେଜ ଦାବିରେ ମିଳିତ କ୍ରିୟାନୁଷ୍ଠାନ କମିଟି ଶାନ୍ତିପୂର୍ଣ୍ଣ ଗଣଧାରଣା ୬୬ ଦିନରେ ପହଞ୍ଚିଛି। ଗଣଧାରଣାକୁ ୨ମାସ ବିତି ଯାଇଥିଲେ ମଧ ଧାରଣାକାରୀଙ୍କ ନିକଟରେ ଅଦ୍ୟାବଧି ପ୍ରଶାସନ ପହଞ୍ଚି ପାରିନାହିଁ। ଆନ୍ଦୋଳନକୁ ଭଣ୍ଡୁର କରିବାକୁ କିଛି ନ୍ୟସ୍ତ ସ୍ୱାର୍ଥ ଗୋଷ୍ଠୀ ଧାରଣାକାରୀଙ୍କୁ ବିଭିନ୍ନ ଭୟ ଦେଖାଇ ପ୍ରଭାବିତ କରୁଥିବା ଘଟଣାକୁ ନିନ୍ଦା କରିଛି କମିଟି। ଯଦି ବୈଷୟିକ କମିଟି ଦ୍ୱାରା ତଦନ୍ତ କରା ନ ଯାଏ ବା ମେଡ଼ିକାଲ କଲେଜକୁ ପାଣିକୋଇଲିରେ ନିର୍ମାଣ କରା ନ ଯାଏ ତେବେ ଜନ ସତ୍ୟାଗ୍ରହ ଓ ଆମରଣ ଅନଶନ ଓ ଜନସଚେତନତା କାର୍ଯ୍ୟକ୍ରମ ଏବଂ ଆବଶ୍ୟକ ପଡ଼ିଲେ ଅର୍ଥନୈତିକ ଅବରୋଧ କରାଯିବ ବୋଲି ପ୍ରଶାସନକୁ ଚେତାବନୀ ଦିଆଯାଇଛି। କ୍ରିୟାନୁଷ୍ଠାନ କମିଟିର ଆବାହକ ଧରଣୀଧର ଘଡ଼ାଇ, ଯୁଗ୍ମ ଆବାହକ ସୁବାସ ଧଳ, ଭ୍ରମରବର ରାଉତ, ପ୍ରଫୁଲ୍ଲ ନାୟକ, ବୟକୃଷ୍ଣ ସାହୁ,ବରିଷ୍ଠ ନାଗରିକ ମଞ୍ଚ ସଭାପତି ନୃସିଂହ ଦଳାଇ, ଚନ୍ଦ୍ରମଣୀ ସ୍ୱାଇଁ, ପୂର୍ଣ୍ଣାନନ୍ଦ ପରିଡା ପ୍ରମୁଖ କ୍ରିୟାନୁଷ୍ଠାନ କମିଟିର ସମସ୍ତ ସଦସ୍ୟ ଗଣଧାରଣାରେ ଉପସ୍ଥିତ ଥିଲେ।

### କାଇପଡା ହାଇସ୍କୁଲରେ ବାର୍ଷିକ କ୍ରୀଡା ଉଦ୍‌ଘାଟିତ

ବରୀ,୧୬।୧(ସ୍ୱ.ପ୍ର)- ବରୀ ବ୍ଲକ ଅଧୀନ କଳାମାଟିଆ ପଞ୍ଚାୟତସ୍ଥିତ କାଇପଡା ହାଇସ୍କୁଲରେ ବୁଧବାର ବାର୍ଷିକ କ୍ରୀଡା ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଏହାକୁ ଆନୁଷ୍ଠାନିକ ଭାବେ ଷ୍ଟେଟବ୍ୟାଙ୍କ ଶାଖା ପରିଚାଳକ ଆଶୁତୋଷ ଶତପଥୀ ଜାତୀୟ ପତାକା ଉତ୍ତୋଳନ କରି ଉଦ୍‌ଘାଟନ କରିଥିଲେ। ପ୍ରଧାନଶିକ୍ଷକ ସୁରେନ୍ଦ୍ର କୁମାର ମଲ୍ଲିକଙ୍କ ସଭାପତିତ୍ୱରେ ଏକ ସଭା ଅନୁଷ୍ଠିତ ହୋଇଥିଲା। କ୍ରୀଡା ଶିକ୍ଷକ ରବୀନ୍ଦ୍ର ନାଥ ସାମଲ କ୍ରୀଡା ପରିଚାଳନା କରିଥିଲେ। ଷଷ୍ଠରୁ ଦଶମ ଯାଏ ମୋଟ ୪ଶହ ୧ଜଣ ଛାତ୍ରୀଛାତ୍ର ଅଧ୍ୟୟନ କରୁଥିଲାବେଳେ ୨ଶହ ୫୦ଜଣ ଛାତ୍ରୀଛାତ୍ର ବିଭିନ୍ନ କ୍ରୀଡା ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି।

### ସର୍ବଭାରତୀୟ ହିଙ୍ଗୁଳା କପ୍ ଉଦ୍‌ଘାଟିତ

ରସୁଲପୁର,୧୬।୧(ଡି.ଏନ୍.ଏ.)- ରସୁଲପୁର ବ୍ଲକ ଲକ୍ଷ୍ମୀନଗର ପଞ୍ଚାୟତର ତରାପୁର ମାଁ ହିଙ୍ଗୁଳା ଖେଳପଡିଆ ଠାରେ ୨୧ ତମ ବାର୍ଷିକ ସର୍ବଭାରତୀୟ ହିଙ୍ଗୁଳା କପ୍ ଉଦ୍‌ଘାଟିତ ହୋଇଛି। ଏହି ମ୍ୟାଚ୍‌ରେ ପାରାମାଉଣ୍ଟ ଭୁବନେଶ୍ୱର ବନାମ ୟୁ ଆଣ୍ଡ ମି ବାଲେଶ୍ୱର ମଧ୍ୟରେ ମୁକାବିଲା ହୋଇଥିଲା। ପାରାମାଉଣ୍ଟ ଭୁବନେଶ୍ୱର ପ୍ରଥମେ ବ୍ୟାଟିଂ କରି ୨୫ ଓଭରରେ ସମସ୍ତ ୱିକେଟ୍ ହରାଇ ୧୬୩ ରନ୍ କରିଥିଲା। ଦଳ ତରଫରୁ ଏସ୍ ଆର୍ ବିଶ୍ୱାଳ ୩୮ ରନ୍ କରିଥିଲେ। ଜବାବରେ ୟୁ ଆଣ୍ଡ ମି ବାଲେଶ୍ୱର୨୪.୨ ଓଭରରେ ୮ ୱିକେଟ୍ ହରାଇ ୧୬୮ ରନ୍ କରି ବିଜୟଲାଭ କରିବା ସହିତ ପ୍ରଥମ ଦଳ ଭାବେ ସେମିଫାଇନାଲରେ ପ୍ରବେଶ କରିଛି। ଦଳ ତରଫରୁ ଏସ୍.ସୋମାନୀ ୫୧ ରନ୍‌ର ଅର୍ଦ୍ଧ ଶତକୀୟ ପାଳି ଖେଳି ଥିଲେ। ହାର୍ଡ ହିଟର ଦେବାଶିଷ ମହାନ୍ତି ୨୪ ବଲ୍‌ରୁ ୩୮ ରନ୍ କରିଥିବାରୁ ତାଙ୍କୁ ମ୍ୟାନ୍ ଅଫ୍ ଦି ମ୍ୟାଚ ପୁରସ୍କାର ଚିତ୍ତରଞ୍ଜନ ମହାନ୍ତି ପ୍ରଦାନ କରିଥିଲେ। ଏହି ଉଦ୍‌ଘାଟନୀ ଉତ୍ସବରେ ଅତିଥି ଭାବରେ ପ୍ରମୋଦ କୁମାର ପରିଡ଼ା ଏବଂ ଅମିତାଭ ମହାପାତ୍ର ଯୋଗ ଦେଇଥିଲେ।

# ଜଳକର ଦେବାକୁ ଅରାଜି ଶିଳ୍ପସଂସ୍ଥା

- ମୈଥାନ ଉପରେ ୬୪.୩୮ ଲକ୍ଷ ଟଙ୍କା ବାକି
- ଜଳ ଯୋଗାଣ ବନ୍ଦ କରିବାକୁ ଇଡ୍‌କୋର ଚେତାବନୀ

ଯାଜପୁର ଅଫିସ,୧୬।୧

ବିନା ମୂଲ୍ୟରେ ଭୂତଳ ଜଳ ବ୍ୟବହାର କରି ବ୍ରାହ୍ମଣୀ ନଦୀରୁ ପାଣି ନେଇ ଶିଳ୍ପସଂସ୍ଥାଗୁଡିକ ଜଳକର ଦେବାକୁ ଭୁଲି ଯାଉଛନ୍ତି। ଏଥିରେ କଳିଙ୍ଗନଗର ମୈଥାନ ଇସ୍ପାତ ବହୁ ଆଗରେ ରହିଛି। ବ୍ରାହ୍ମଣୀରୁ ପାଣି ନେବାକୁ ଇଡ୍‌କୋ ସହ ପୁନଃଚୁକ୍ତି ପାଇଁ ଜଳକର ସହିତ ୨କୋଟି ୮ଲକ୍ଷ ୮୪ହଜାର ୨୬୩ ଟଙ୍କା ମୈଥାନକୁ ଦେବାକୁ ପଡିବ ବୋଲି ସୂଚନା ମିଳିଛି। ଏହି ମର୍ମରେ ଇଡ୍‌କୋର ଡିଭିଜନାଲ ମୁଖ୍ୟ ତୁରନ୍ତ ଆବଶ୍ୟକ ଅର୍ଥ ଦାଖଲ ନ କଲେ ପାଣି ସଂଯୋଗ ବନ୍ଦ କରି ଦିଆଯିବ ବୋଲି ମୈଥାନର ସିନିୟର ଜେନେରାଲ ମ୍ୟାନେଜରଙ୍କୁ ଚେତାବନୀ ଦେଇଛନ୍ତି। ବିନା ମୂଲ୍ୟରେ ଭୂତଳ ଜଳ ଶୋଷୁଥିବାରୁ ମୈଥାନ କାହାରି ଚେତାବନୀକୁ ଭ୍ରୂକ୍ଷେପ କରୁ ନ ଥିବା ମତପ୍ରକାଶ ପାଇଛି।

ଭୂତଳ ଜଳ ବ୍ୟବହାରକୁ ନେଇ ହୋଇଥିବା କଟକଣାକୁ ଜିଲାର କୌଣସି ଶିଳ୍ପସଂସ୍ଥା ଆଦୌ ମାନୁ ନାହାନ୍ତି। ଶିଳ୍ପସଂସ୍ଥା ଗୁଡିକ ଆଖିବୁଜା ଭୂତଳ ଜଳ ବ୍ୟବହାର କରି ଚାଲୁଛନ୍ତି। ଏଥିଯୋଗୁ ଭୂତଳ ଜଳସ୍ତର ନିମ୍ନଗାମୀ ହେଉଛି। ଫଳରେ ସହରାଞ୍ଚଳ ତଥା ଗ୍ରାମାଞ୍ଚଳରେ ନଳକୂପ ଖୋଳିଲେ ପାଣି ବାହାରୁ ନାହିଁ। ଏପରିକି ଗ୍ରୀଷ୍ମମାସରେ ଜଳସ୍ତର ଅଧିକ ନିମ୍ନଗାମୀ ହୋଇ ନଳକୂପ, କୂଅ ଆଦିରୁ ପାଣି ଶୁଖି ଯାଉଛି। ଜିଲାର ପ୍ରତିଷ୍ଠିତ ପ୍ରତ୍ୟେକ କାରଖାନାଗୁଡିକ ଭୂତଳ ଜଳ ବ୍ୟବହାର କରି ଇତିମଧ୍ୟରେ ସରକାରଙ୍କୁ ପ୍ରତି ମାସରେ ଲକ୍ଷାଧିକ ଟଙ୍କାର ରାଜସ୍ୱ ଫାଙ୍କି ସାରିଲେଣି। ଗୋଟେପଟେ କେତେକ ଶିଳ୍ପକାରଖାନାରେ ଫ୍ଲୋମିଟର ବସି ନ ଥିବାବେଳେ କେଉଁ କାରଖାନା କେତେ ପରିମାଣର ଭୂତଳ ଜଳ ବ୍ୟବହାର କରୁଛି ତାହା ଜାଣିବା ମଧ ସହଜ ହେଉନାହିଁ। ଯେଉଁ କାରଖାନା ସମ୍ପ୍ରସାରିତ ହେଉଛି, ସେହି କାରଖାନା ପ୍ରଚୁର ପରିମାଣର ଭୂତଳ ଜଳ ଲୁଟିବାରେ ଲାଗିଛନ୍ତି। ବିଶେଷ କରି ଯାଜପୁର ଜିଲାର ଦାନଗଦୀ ଓ ସୁକିନ୍ଦା ବ୍ଲକରେ ଥିବା ଶିଳ୍ପ କାରଖାନାଗୁଡିକ ଶୋଷୁଥିବା ପାଣି ଯୋଗୁ ଅଞ୍ଚଳର ଗ୍ରାମଗୁଡ଼ିକରେ ଭୂତଳ ଜଳରେ ଏବେ ବଡ଼ଧରଣର ସମସ୍ୟା ଦେଖା ଦେଇଛି। ୨୦ରୁ ୩୦ବର୍ଷ ପୂର୍ବେ ଯେଉଁଠି ୪୦ରୁ ୫୦ଫୁଟ ତଳେ ପାଣି ବାହାରୁ ଥିଲା ଏବେ ସେ ସ୍ଥାନରେ ୨୦୦ ରୁ ୩୦୦ ଫୁଟ ଖୋଳିଲେ ଯାଏ ପାଣି ବାହାରୁଛି। କାରଖାନା ପରିସରରେ ବୋରୱେଲ ଖୋଳି ଭୂତଳ ଜଳ ବ୍ୟବହାର କରୁଥିବାରୁ ଇଡ୍‌କୋର ଚେତାବନୀକୁ ମଧ କେହି ମାନୁ ନାହାନ୍ତି। ଏଥିରେ ମୈଥାନ ଇସ୍ପାତ ମଧ ସାମିଲ ହୋଇଛି। ସରକାରଙ୍କ ସହାୟତା ସଂସ୍ଥା ଭାବେ ଇଡ୍‌କୋ ଜଳସେଚନ ବିଭାଗ ସହିତ ଚୁକ୍ତି କରି କଳିଙ୍ଗନଗର ଶିଳ୍ପାଞ୍ଚଳକୁ ବ୍ରାହ୍ମଣୀରୁ ଜଳ ଯୋଗାଣ କରୁଛି। ସରକାରୀ ଧାର୍ଯ୍ୟ ଦର ଅନୁସାରେ ଶିଳ୍ପସଂସ୍ଥାଗୁଡ଼ିକ ଜଳକର ପ୍ରଦାନ କରୁଛନ୍ତି। ୨୦୧୮ ଡିସେମ୍ବର ସୁଦ୍ଧା ଅମାନତ ରାଶିକୁ ଆଡଜେଷ୍ଟମେଣ୍ଟ କରିବା ପରେ ମୈଥାନ ଇସ୍ପାତ ପାଖରେ ଜଳକର ବାବଦକୁ ୬୪ ଲକ୍ଷ ୩୮ହଜାର ୧୨୯ ଟଙ୍କା ବାକି ରହିଛି। ତେଣୁ ଜଳକର ପଇଠ କରିବା ପରେ ନୂତନ ବର୍ଷ ପାଇଁ ଆବଶ୍ୟକ ଅମାନତ ରାଶି ଦାଖଲ କରି ଚୁକ୍ତି କରାଯିବ ବୋଲି ଇଡ୍‌କୋ ପକ୍ଷରୁ ନିର୍ଦ୍ଦେଶ ହୋଇଥିଲା। ଏନେଇ ଇଡକୋ ପକ୍ଷରୁ ୧୩ ତାରିଖ ପର୍ଯ୍ୟନ୍ତ ସମୟସୀମା ଧାର୍ଯ୍ୟ କରିଥିଲା। କିନ୍ତୁ ମୈଥାନ ଏପର୍ଯ୍ୟନ୍ତ ଜଳକର ଓ ଅମାନତ ରାଶି ଦାଖଲ କରି ନ ଥିବା ସୂଚନା ମିଳିଛି। ତେବେ ଇଡ୍‌କୋ କର୍ତ୍ତୃପକ୍ଷ ଗତ ୧୨ ଓ ୧୩ ତାରିଖ ଛୁଟି ଥିବାରୁ ମୈଥାନକୁ ଅତିରିକ୍ତ ୨ ଦିନ ସମୟ ଦେଇଥିବା ଜଣାପଡ଼ିଛି। ଏଥିପାଇଁ ଇଡ୍‌କୋର ଡିଭିଜନାଲ ମ୍ୟାନେଜର ସ୍ମରଣ ଶଙ୍କର ମିଶ୍ର ତାଙ୍କ ପତ୍ରସଂଖ୍ୟା ୨୮/୧୪।୧।୨୦୧୯ରେ ବକେୟା ଜଳକର ସହିତ ଅମାନତ ରାଶି ଦାଖଲ ନ କଲେ ଜଳ ଯୋଗାଣକୁ ବନ୍ଦ କରିଦିଆଯିବ ବୋଲି ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷେ ମୈଥାନ କର୍ତ୍ତୃପକ୍ଷ ଇଡ୍‌କୋର ପରାମର୍ଶ ଅନୁସାରେ ପଦକ୍ଷେପ ନିଆଯାଉଛି ବୋଲି ପ୍ରକାଶ କରିଛନ୍ତି।

### ଗୋପୀନାଥ ଚ୍ୟାଲେଞ୍ଜ ଟ୍ରଫିର ୩ୟ କ୍ୱାର୍ଟର ଫାଇନାଲ

ବିରଜାକ୍ଷେତ୍ର,୧୬।୧(ଡି.ଏନ୍.ଏ)

ରଘୁନାଥପୁର ପଡ଼ିଆରେ ଆରମ୍ଭ ହୋଇଥିବା ଅଦ୍ୱୈତ ମେମୋରିଆଲ ଓ ୧୨ତମ ଗୋପୀନାଥ ଚ୍ୟାଲେଞ୍ଜ ଟ୍ରଫିର ବୁଧବାର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ ଅନୁଷ୍ଠିତ ହୋଇଯାଇଛି। ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚରେ ଯାଜପୁର ଟାଉନର ଇଲେଭେନ ଷ୍ଟାର ଓ ଭୁବନେଶ୍ୱରର ପ୍ରଗତି ସ୍ପୋର୍ଟିଂ ମଧ୍ୟରେ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଯାଜପୁର ଇଲେଭେନ ଷ୍ଟାର ପ୍ରଥମେ ବ୍ୟାଟିଂ କରି ୨୫ଓଭରରେ ୮ ୱିକେଟ୍ ହରାଇ ୧୯୦ ରନ୍ ସଂଗ୍ରହ କରିଥିଲା। ଭୁବନେଶ୍ୱର ପ୍ରଗତି ସ୍ପୋର୍ଟିଂ ୨୫ ଓଭରରେ ୯ ୱିକେଟ୍ ହରାଇ ୧୮୪ ରନ୍ ସଂଗ୍ରହ କରି ପରାଜିତ ହୋଇଥିଲା। ଇଲେଭେନ ଷ୍ଟାରର ଅଭିଲାଷ ରାଉତରାୟ ମ୍ୟାନ୍ ଅଫ୍ ଦି ମ୍ୟାଚ ଭାବେ ପୁରସ୍କୃତ ହୋଇଥିଲେ। ରଞ୍ଜନ ମହାନ୍ତି ଓ ପରାଶର ବିଶ୍ୱାଳ ଅମ୍ପାୟାରଭାବେ ମ୍ୟାଚ ପରିଚାଳନା କରିଥିବାବେଳେ ଚିନ୍ମୟ ରାଉତରାୟ, ସୁବ୍ରତ ସ୍ୱାଇଁ ଓ ଜୟନ୍ତ ନାୟକ ସ୍କୋରରଭାବେ କାର୍ଯ୍ୟ ନିର୍ବାହ କରିଥିଲେ।

## ସହାୟତା ରାଶି ପ୍ରଦାନ ଦାବିରେ ଶ୍ରମ କାର୍ଯ୍ୟାଳୟ ଘେରାଉ



ଶ୍ରମିକମାନେ ଧାରଣାରେ ବସିଛନ୍ତି।

ଯାଜପୁର ରୋଡ଼,୧୬।୧(ନି.ପ୍ର)

ନିର୍ମାଣ ଶ୍ରମିକଙ୍କୁ ସହାୟତା ରାଶି ପ୍ରଦାନ କ୍ଷେତ୍ରରେ ବାରମ୍ବାର ସେମାନଙ୍କୁ ପ୍ରତାରଣା କରି ଶ୍ରମ କାର୍ଯ୍ୟାଳୟ ଭୂଆଁ ବୁଲାଇ ଚାଲୁଛି। ଏହାକୁ ବିରୋଧ କରି ତୁରନ୍ତ ଉକ୍ତ ରାଶି ପ୍ରଦାନ ଦାବିରେ ନିଖିଳ ଉତ୍କଳ ନିର୍ମାଣ ଶ୍ରମିକ ସଂଘର ଶତାଧିକ ଶ୍ରମିକ ଜିଲା ଶ୍ରମ କାର୍ଯ୍ୟାଳୟ ଘେରାଉ କରିଥିଲେ। ଶ୍ରମିକ ସଂଗଠନ ସଭାପତି ବିଦ୍ୟାଧର ମହାନ୍ତିଙ୍କ ନେତୃତ୍ୱରେ ଜିଲା ଶ୍ରମ କାର୍ଯ୍ୟାଳୟ ସମ୍ମୁଖରେ ୭ଦଫା ଦାବି ନେଇ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହେବା ସହ ଶ୍ରମିକମାନେ ଗଣଧାରଣାରେ ବସିରହିଥିଲେ। ଓଡ଼ିଶା ସରକାର ପିଠା କାର୍ଯ୍ୟକ୍ରମରେ ସରକାରୀ କଳକୁ ବ୍ୟବହାର କରୁଥିବାରୁ ସରକାରଙ୍କ ସମସ୍ତ ଅଧିକାରୀ ଅଫିସ୍ ଗୃହ ଖାଲି କରି ଏହି ଯୋଜନାରେ ମାତିଛନ୍ତି। ଫଳରେ କୌଣସି ସରକାରୀ କାମ ହୋଇପାରୁ ନାହିଁ ବୋଲି ସଂଘ ସଭାପତି ମହାନ୍ତି ଅଭିଯୋଗ କରିଛନ୍ତି। ୩୨୨ଜଣ ହିତାଧିକାରୀ ୨ବର୍ଷରୁ ଉର୍ଦ୍ଧ୍ୱ ହେବ ଯନ୍ତ୍ରପାତି କ୍ରୟ କରି ସହାୟତା ପାଇବା ନିମନ୍ତେ ଶ୍ରମ କାର୍ଯ୍ୟାଳୟରେ ଦରଖାସ୍ତ କରିଥିଲେ ହେଁ କାର୍ଯ୍ୟାଳୟର ସ୍ଥାଣୁତା ଯୋଗୁ ସହାୟତା ପାଇବାରୁ ବଞ୍ଚିତ ହେଉଛନ୍ତି। ତୁରନ୍ତ ଶ୍ରମ ବିଭାଗ ଦାବି ପୂରଣ ନ କଲେ ଅନିର୍ଦ୍ଦିଷ୍ଟକାଳ ପର୍ଯ୍ୟନ୍ତ କାର୍ଯ୍ୟାଳୟ ଘେରାଯିବ ବୋଲି ଶ୍ରମିକମାନେ କହିଥିଲେ। ତତ୍‌କ୍ଷଣାତ୍ ଧାରଣାକାରୀଙ୍କ ପାଖରେ ସଂଘ ସଭାପତି ବିଦ୍ୟାଧର ମହାନ୍ତି, ପ୍ରଭାଗୀୟ ଶ୍ରମ ଆୟୁକ୍ତ ସୁନିଲ୍ କୁମାର ସାହୁ, ଜିଲା ଶ୍ରମ ଅଧିକାରୀ ଶିବଶଙ୍କର ମିଶ୍ର, ଯାଜପୁର ରୋଡ଼ ଥାନାଧିକାରୀ ଅମିତାଭ ମହାପାତ୍ର, ସହ ଶ୍ରମଅଧିକାରୀ ଚିତ୍ତରଞ୍ଜନ ରାଉତ ପ୍ରମୁଖ ଧାରଣାସ୍ଥଳରେ ପହଞ୍ଚିଥିଲେ। ଓଡ଼ିଶା ଶ୍ରମ ଆୟୁକ୍ତ ଦେଇଥିବା ପତ୍ର ଅନୁଯାୟୀ ଜିଲାପାଳଙ୍କ ସହ କଥା ହୋଇ ଏହାର ଖୁବ୍‌ଶୀଘ୍ର ସମାଧାନ କରାଯିବ ବୋଲି ଶ୍ରମ ଅଧିକାରୀ ଲିଖିତ ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସଂଘର ସାଧାରଣ ସମ୍ପାଦକ ମାଧବ ମହାପାତ୍ର, ପରମାନନ୍ଦ ସେଠୀ, ବିଜୟ ବିଶ୍ୱାଳ, କୁନି ଓଝା, ଲତା ଜେନା, ମନୋରମା ମହାନ୍ତି, ରେଣୁପ୍ରଭା ଜେନା, କାହ୍ନୁଚରଣ ଜେନା, ହିମାଚଳ ସ୍ୱାଇଁ, ଚକ୍ରଧର ପାତ୍ର ଉପସ୍ଥିତ ଥିଲେ।

## ଲୁଲୁ ମହାପାତ୍ର ମେମୋରିଆଲ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ

ଦଶରଥପୁର, ୧୬।୧(ଡିଏନ୍ଏ)

ଦଶରଥପୁର ବ୍ଲକ ମଙ୍ଗଳପୁର ବଜାର ବିଜୁ ଗ୍ରାମୀଣ ବଜାରଠାରେ ସଡନ୍ ଆଟାକ ୟୁଥ କ୍ଲବ ପକ୍ଷରୁ କଂଗ୍ରେସ ନେତା ଲୁଲୁ ମହାପାତ୍ରଙ୍କ ସ୍ମୃତିରେ ଦୁଇ ଦିବସୀୟ ଦିବାରାତ୍ର କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ଏଥିରେ ବ୍ଲକ ତଥା ଜିଲାର ବିଭିନ୍ନ ଅଞ୍ଚଳର ୧୬ଟି ଦଳ ଭାଗ ନେଇଛନ୍ତି। ଏହି ଖେଳରେ ଫାଇନାଲ୍ ମ୍ୟାଚର ବିଜୟୀ ଟିମ୍‌କୁ ଟ୍ରଫି ସହ ୨୨,୨୨୨ ଏବଂ ରନର୍ସ ଅପ୍ ଟିମ୍‌କୁ ଟ୍ରଫି ସହ ୧୧,୧୧୧ ଟଙ୍କା ପ୍ରଦାନ କରାଯିବ। ମଙ୍ଗଳବାର ଉଦ୍‌ଘାଟନୀ ମ୍ୟାଚର ପ୍ରଥମ ଦିନରେ ୧୦ଟି ଦଳ ଖେଳ ପ୍ରଦର୍ଶିତ ହୋଇଥିଲା। ଆର୍ଯ୍ୟବୀର ୟୁଥ କ୍ଲବ ଏବଂ ରେଡରକ୍ କ୍ରିକେଟ ଟିମ୍ ମଧ୍ୟରେ ପ୍ରଥମ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଆର୍ଯ୍ୟବୀର ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭରରେ ୬ ୱିକେଟ ହରାଇ ୭୮ରନ ସଂଗ୍ରହ କରିଥିଲା। ଜବାବରେ ରେଡରକ ସମସ୍ତ ୧୦ ଓଭର ଖେଳି ୫ ୱିକେଟରେ ୬୦ ରନ ସଂଗ୍ରହ କରି ପରାଜିତ ହୋଇଥିଲା। ଆର୍ଯ୍ୟବୀର ୟୁଥ କ୍ଲବର ଦୀପକ ସାହୁ ମ୍ୟାନ ଅଫ ଦି ମ୍ୟାଚ ଭାବେ ପୁରସ୍କୃତ ହୋଇଥିଲେ। ଏହି ମ୍ୟାଚକୁ ଯାଜପୁରର ନିର୍ବାଚନୀମଣ୍ଡଳୀର କଂଗ୍ରେସ ଯୁବନେତା ସନ୍ତୋଷ ନନ୍ଦ ଏବଂ ବିଞ୍ଝାରପୁର ନିର୍ବାଚନ ମଣ୍ଡଳୀର ଯୁବନେତା ମନୋରଞ୍ଜନ ଦାସ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥିଭାବେ ଜିଲା କଂଗ୍ରେସ ଉପସଭାପତି ଶ୍ୟାମସୁନ୍ଦର କର, କନିକାପଡା ସରପଞ୍ଚ କମଳିନି ଦାସ, ଜିଲା କଂଗ୍ରେସ ଉପସଭାପତି ଭରତ ଚନ୍ଦ୍ର ପରିଡା, ଦଶରଥପୁର ସରପଞ୍ଚ ଇନ୍ଦ୍ରଜିତ ଦାସ, ଜୋନ ସଭାପତି ଘନଶ୍ୟାମ ସାହୁ, ବିମଳ ମଲ୍ଲିକ, ସଡନ ଆଟାକ କ୍ରିକେଟ ଟିମ୍ ସଭାପତି ଆକାଶ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ଅମ୍ପେୟାର ଦାୟିତ୍ୱରେ ପ୍ରଦୀପ ମଲ୍ଲିକ, ପ୍ରଭାତ ବେହୁରିଆ, ଦଶରଥ ମଲ୍ଲିକ, ଚନ୍ଦ୍ରଶେଖର ସାହୁ ପ୍ରମୁଖ ପରିଚାଳନା କରିଥିଲେ।

## ଓଟିଇଟି ପରୀକ୍ଷା ବାତିଲ ନେଇ ତୀବ୍ର ଅସନ୍ତୋଷ

କୋରେଇ,୧୬।୧(ସ୍ୱ.ପ୍ର)

ରାଜ୍ୟ ସରକାରଙ୍କ ଓଡ଼ିଶା ଶିକ୍ଷକ ଇଲିଜିବିଲିଟି ଟେଷ୍ଟ (ଓଟିଇଟି)ର ପରୀକ୍ଷା ବାତିଲ ନେଇ ପରୀକ୍ଷାର୍ଥୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଓଡ଼ିଶା ରାଜ୍ୟ ଉଚ୍ଚ ମାଧ୍ୟମିକ ପରିଷଦ ଦ୍ୱାରା ବୁଧବାର ସାରା ରାଜ୍ୟରେ ୨ଟି ସିଟିଂରେ ପରୀକ୍ଷା କରାଯାଉଥିଲା। ପ୍ରଥମ ସିଟିଂର ପରୀକ୍ଷା ସରିଯାଇଥିବା ବେଳେ ଦ୍ୱିତୀୟ ସିଟିଂର ପରୀକ୍ଷା ପୂର୍ବରୁ ମାଧ୍ୟମିକ ପରିଷଦର ସଭାପତି ପ୍ରଶ୍ନପତ୍ର ଲିକ ହୋଇଥିବା ସୂଚନା ଦେଇ ସମସ୍ତ ପରୀକ୍ଷା କେନ୍ଦ୍ରକୁ ପରୀକ୍ଷା ବାତିଲ କରିବା ଲାଗି ନିର୍ଦ୍ଦେଶ ଦେଇଥିଲେ। ଫଳରେ ଯାଜପୁର ଜିଲାର ୧୧ଟି ପରୀକ୍ଷା କେନ୍ଦ୍ରରୁ କୋରେଇ ବ୍ଲକର ପାଣିକୋଇଲି ହାଇସ୍କୁଲରେ ଥିବା କେନ୍ଦ୍ରରେ ୨ଟି ସିଟିଂରେ ୬୦୦ ପରୀକ୍ଷାର୍ଥି ପରୀକ୍ଷା ଦେବା ଲାଗି ଚୟନ ହୋଇଥିବା ବେଳେ ପ୍ରଥମ ସିଟିଂରେ ୨୮୨ଜଣ ପରୀକ୍ଷାର୍ଥି ପରୀକ୍ଷା ଦେଇଥିଲେ। ପରୀକ୍ଷା ବାତିଲ ହେବା ଖବର ଶୁଣି ଦୂରଦୂରାନ୍ତରୁ ଆସିଥିବା ପରୀକ୍ଷାର୍ଥୀ ଓ ସେମାନଙ୍କ ଅଭିଭାବକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଯାଇଥିଲା। ପରୀକ୍ଷା ନିୟନ୍ତ୍ରକଙ୍କ ପରିଚାଳନାଗତ ଅପାରଗତା ଯୋଗୁ ସାରା ରାଜ୍ୟର ଲକ୍ଷାଧିକ ପରୀକ୍ଷାର୍ଥିଙ୍କ ସମୟ ଓ ଅର୍ଥ ବରବାଦ ହେଲା ବୋଲି ପରୀକ୍ଷାର୍ଥୀମାନେ ପ୍ରକାଶ କରିଥିଲେ। ଏ ନେଇ ପରୀକ୍ଷା କେନ୍ଦ୍ରର ଅବଜରର୍ଭର ଦାୟିତ୍ୱରେ ଥିବା କୋରେଇ ବ୍ଲକ ଶିକ୍ଷାଧିକାରୀ ସୁଶାନ୍ତ କୁମାର ଶତପଥି ବାତିଲ ସମ୍ପର୍କରେ ଘୋଷଣା କରିବା ପରେ ପରୀକ୍ଷାର୍ଥିମାନେ ପରୀକ୍ଷା କେନ୍ଦ୍ର ଛାଡ଼ି ନ ଯାଇ କେନ୍ଦ୍ରରେ ହୋହାଲ୍ଲା କରିବା ସହିତ ଲିଖିତ ଭାବେ ନୋଟିସ ଦେବା ଲାଗି ଅଡ଼ି ବସିଥିଲେ। ପରେ ଏ ସଂକ୍ରାନ୍ତରେ କେନ୍ଦ୍ର ପକ୍ଷରୁ ନୋଟିସ ଲଗାଗଲା ପରେ ପରୀକ୍ଷାର୍ଥିମାନେ ପରୀକ୍ଷା କେନ୍ଦ୍ର ଛାଡ଼ିଥିଲେ।

## ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

## 'ଅକ୍ଷମ ନୁହନ୍ତି ଭିନ୍ନକ୍ଷମ'



ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିରରେ ମଞ୍ଚାସୀନ ଅତିଥି।

ଦଶରଥପୁର,୧୬।୧(ଡିଏନ୍ଏ)

ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ପକ୍ଷରୁ ଦଶରଥପୁର ବ୍ଲକ ଅଧୀନ ଦଶରଥପୁର ହାଇସ୍କୁଲ ପରିସରରେ ବୁଧବାର ବ୍ଲକସ୍ତରୀୟ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ୨୦୧୮ ଅନୁଷ୍ଠିତ ହୋଇଯାଇଛି। ଦଶରଥପୁର ପଞ୍ଚାୟତ ସମିତି ତତ୍ତ୍ୱାବଧାନରେ କରାଯାଇଥିବା ଏହି ଶିବିରରେ ବ୍ଲକର ୩୫ ପଞ୍ଚାୟତରୁ ଶତାଧିକ ଦିବ୍ୟାଙ୍ଗ ହିତାଧିକାରୀ ଯୋଗ ଦେଇଥିଲେ। ଅତିଥିମାନେ ବିଦ୍ୟାଳୟ ପରିସରରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ଉଦ୍‌ଘାଟନୀ ସଭା ଅନୁଷ୍ଠିତ ହୋଇଥିଲା। ଦଶରଥପୁର ବ୍ଲକ ଅଧକ୍ଷା ସୁଜାତା ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଶିବିରର ଉଦ୍‌ଘାଟନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ପୂର୍ବତନ ମନ୍ତ୍ରୀ ତଥା ବିଧାୟିକା ପ୍ରମିଳା ମଲ୍ଲିକ ଯୋଗଦେଇ ଭିନ୍ନକ୍ଷମମାନେ ଅକ୍ଷମ ନୁହନ୍ତି ବୋଲି କହିଥିଲେ। ଅନ୍ୟତମ ଅତିଥିଭାବେ ଏମ୍‌ପି ରୀତା ତରାଇ, ଯାଜପୁର ବିଧାୟକଙ୍କ ପ୍ରତିନିଧି ତଥା ସାମାଜିକ କର୍ମୀ କର୍ଣ୍ଣାଟକେଶରୀ ଦାସ ପ୍ରମୁଖ ଯୋଗଦେଇ ଭିନ୍ନକ୍ଷମମାନେ ସମାଜରେ ନିଜର ପାରିବାପଣିଆ ଦେଖାଇ ପ୍ରତ୍ୟେକ ମଣିଷଙ୍କ ପରି ସେମାନେ ମଧ କୌଣସି ଗୁଣରେ କମ୍ ନୁହନ୍ତି ବୋଲି ପ୍ରମାଣିତ କରିପାରିଛନ୍ତି। ସମ୍ମାନିତ ଅତିଥିଭାବେ ଜିଲା ପରିଷଦ ସଭ୍ୟ ତଥା ଜିଲା ବିଜେଡି ସଭାପତି ସରୋଜ ମହାପାତ୍ର, ବ୍ଲକ ଉପାଧ୍ୟକ୍ଷ ରଞ୍ଜନ କୁମାର ପୃଷ୍ଟି, ଜିଲା ପରିଷଦ ସଭ୍ୟା ମାମିନା ମଲ୍ଲିକ, ବ୍ଲକ ବିଜେଡ଼ି ସଭାପତି ସୁବାସ ମହାନ୍ତି, ଦଶରଥପୁର ସରପଞ୍ଚ ଇନ୍ଦ୍ରଜିତ ଦାସ, ସମିତି ସଭ୍ୟ ମହେଶ୍ୱର ସାହୁ, ମଳୟ ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ବିଡିଓ ନାରାୟଣ ଚନ୍ଦ୍ର ନାୟକ ଅଭିଭାଷଣ ପ୍ରଦାନ କରି ସେମାନଙ୍କ ପାଇଁ ହୋଇଥିବା ବିଭିନ୍ନ ଯୋଜନାର ସେମାନେ ଲାଭ ଉଠାନ୍ତୁ ବୋଲି କହିଥିଲେ। ଏହି ଶିବିରରେ ବିଶେଷକରି ହାଡ଼ଭଙ୍ଗା ଓ ଇଏନଟି ରୋଗୀଙ୍କ ସଂଖ୍ୟା ଅଧିକ ଥିବା ଦେଖାଯାଇଥିଲା। ସେମାନଙ୍କ ମଧ୍ୟରୁ ଅନେକ ଜଣ ଶିବିରରେ ନିଜ ସ୍ୱାସ୍ଥ୍ୟ ପରୀକ୍ଷା କରିଥିବା ବେଳେ ଅଧିକାଂଶ ଏହି ଯୋଜନାର ସୁଫଳ ପାଇବାକୁ ଆବେଦନ କରିଥିଲେ। ଏଥିରେ ବ୍ଲକ ସାମାଜିକ ସୁରକ୍ଷା ବିଭାଗ ପକ୍ଷରୁ ସୁମନ୍ତ କୁମାର ବେହେରା, ରତିକାନ୍ତ ଖଣ୍ଡାଇ, ତାପସ କୁମାର ନନ୍ଦ, ଶୁଭେନ୍ଦୁ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

## ଏଲ୍‌ଇଡି ବଲ୍‌ବ ବଣ୍ଟନ

ଯାଜପୁର ରୋଡ଼,୧୬।୧(ନି.ପ୍ର)

ଯାଜପୁର ରୋଡ଼ ବିଦ୍ୟୁତ ସବଡ଼ିଭିଜନ ଅନ୍ତର୍ଗତ ଶଙ୍ଖଚିଲା ବିଦ୍ୟୁତ ସେକ୍ସନର ପହଙ୍ଗା ଗ୍ରାମରେ ୨୦୦ଜଣ ବିପିଏଲ ହିତାଧିକାରୀଙ୍କୁ ମଙ୍ଗଳବାର ମାଗଣାରେ ଏଲଇଡ଼ି ବଲ୍‌ବ ବଣ୍ଟନ କରାଯାଇଥିଲା। ପ୍ରତି ହିତାଧିକାରୀଙ୍କୁ ଚାରୋଟି ଲେଖାଏଁ ବଲ୍‌ବ ବଣ୍ଟନ କରାଯାଇଥିବା ଜଣାପଡ଼ିଛି। ଯାଜପୁର ବିଦ୍ୟୁତ ଡିଭିଜନର ଏସ୍‌ଡିଓ ପାର୍ଥସାରଥି ଦାସ ଓ ଜୁନିୟର ଇଞ୍ଜିନିୟର ମିଳନ ନାଥ ପ୍ରମୁଖ ବଣ୍ଟନ କରିଛନ୍ତି।

# ୧୯ ପ୍ରାଥମିକ ବିଦ୍ୟାଳୟରେ ନାହିଁ ଶୌଚାଳୟ

- ହଇରାଣ ହେଉଛନ୍ତି ଛାତ୍ରୀଛାତ୍ର
- ଅର୍ଥ ମିଳିବା ପରେ ବି ହୋଇପାରୁନି ଶୌଚାଳୟ ନିର୍ମାଣ

ବିରଜାକ୍ଷେତ୍ର,୧୬।୧(ଡି.ଏନ୍.ଏ)

ଯାଜପୁର ଜିଲାର କେତେଗୁଡ଼ିଏ ପ୍ରାଥମିକ ବିଦ୍ୟାଳୟରେ ଏବେ ବି ଶୌଚାଳୟଟିଏ ନାହିଁ। ଫଳରେ ସେଠାରେ ପଢୁଥିବା ପିଲା ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ଛାତ୍ରୀମାନେ ଅଧିକ ହଇରାଣ ହେଉଥିଲେ ହେଁ ଏ ଦିଗରେ କୌଣସି ସମାଧାନମୂଳକ ପଦକ୍ଷେପ ନ ନେବା ପରିତାପର ବିଷୟ। ସୂଚନା ଥାଉକି, କେନ୍ଦ୍ର ସରକାର ସ୍ୱଚ୍ଛ ଭାରତ ଯୋଜନାରେ ଗ୍ରାମାଞ୍ଚଳରୁ ଆରମ୍ଭ କରି ସହରାଞ୍ଚଳ ପର୍ଯ୍ୟନ୍ତ ସମସ୍ତ ଜାଗା ପରିଷ୍କାର ରଖିବାକୁ ପଦକ୍ଷେପ ନେଇଛନ୍ତି। ଏନେଇ ଲୋକଙ୍କୁ ସଚେତନ ମଧ କରାଯାଉଛି। ଏପରିକି ବିଦ୍ୟାଳୟରେ ସ୍ୱଚ୍ଛ ଭାରତ ଯୋଜନାରେ ଶୌଚାଳୟ ନିର୍ମାଣ ପାଇଁ ପଦକ୍ଷେପ ନିଆଯାଇଛି। ୨୦୦୯ ଶିକ୍ଷା ଅଧିକାର ଆଇନ ଅନୁଯାୟୀ ସମସ୍ତ ବିଦ୍ୟାଳୟରେ ପରିମଳ ବ୍ୟବସ୍ଥା ବାଧ୍ୟତାମୂଳକ ଅଟେ। ବିଦ୍ୟାଳୟର ଭିତ୍ତିଭୂମି ଲାଗି ମୌଳିକ ଉପାଦାନ ମଧ୍ୟରେ ଶୌଚାଳୟ ଅନ୍ୟତମ। ବିଦ୍ୟାଳୟରେ ଶୌଚାଳୟ ନ ଥିଲେ ପିଲାଙ୍କ ଉପସ୍ଥାନ ମଧ କମ୍ ହେବାର ସମ୍ଭାବନା ରହିଛି। ପ୍ରାଥମିକସ୍ତରରୁ ପିଲାଙ୍କୁ ପରିମଳ ସମ୍ପର୍କରେ ଅବଗତ କରାଇବା ପାଇଁ ସରକାରଙ୍କ ନିର୍ଦ୍ଦେଶ ରହିଛି। ବିଦ୍ୟାଳୟରେ ପରିମଳ ବ୍ୟବସ୍ଥା ପ୍ରତି ଗୁରୁତ୍ୱ ଦେବାକୁ ଜିଲା ଶିକ୍ଷାଧିକାରୀଙ୍କୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଛନ୍ତି। ଏଥିପାଇଁ ରାଜ୍ୟ ସରକାର ଅର୍ଥ ମଧ ଯୋଗାଇ ଦେଉଛନ୍ତି। ଏହାସତ୍ତ୍ୱେ ମଧ ଆଜି ଯାଜପୁର ଜିଲାର ୧୯ଟି ପ୍ରାଥମିକ ବିଦ୍ୟାଳୟରେ ଶୌଚାଳୟ ନାହିଁ। ଯଦ୍ୱାରା ଏହି ବିଦ୍ୟାଳୟରେ ପିଲାଙ୍କ ସ୍ୱାସ୍ଥ୍ୟକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଯାଜପୁର ଜିଲାର ବଡ଼ଚଣା ବ୍ଲକରେ ୨ଟି ପ୍ରାଥମିକ ବିଦ୍ୟାଳୟ, ବରୀରେ ୬ଟି, ବିଞ୍ଝାରପୁରରେ ୫ଟି, କୋରେଇରେ ୨ଟି, ସୁକିନ୍ଦାର ଗୋଟିଏ ଓ ଦାନଗଦୀର ୩ଟି ପ୍ରାଥମିକ ବିଦ୍ୟାଳୟରେ ଶୌଚାଳୟ ନାହିଁ। ଏହିପରି ଭାବେ ଜିଲାର ୧୯ଟି ପ୍ରାଥମିକ ବିଦ୍ୟାଳୟରେ ଶୌଚାଳୟ ନାହିଁ। ଏ ସମ୍ପର୍କରେ ଜିଲା ସର୍ବଶିକ୍ଷା ଅଭିଯାନର ସିଭିଲ ବିଭାଗର ସତ୍ୟନାରାୟଣ ସାହୁଙ୍କୁ ପଚାରିବାରୁ, ଏହି ବିଦ୍ୟାଳୟରେ ନିଜସ୍ୱ ଘର ନ ଥିବାରୁ ଶୌଚାଳୟ ହୋଇପାରି ନାହିଁ। ସେମାନଙ୍କର ନିଜସ୍ୱ ଜମି ନ ଥିବାରୁ ଶୌଚାଳୟ ପାଇଁ ଅର୍ଥ ଦିଆଯାଇପାରୁ ନାହିଁ। ଖୁବ୍‌ଶୀଘ୍ର ନିଜସ୍ୱ ଜମି ଯୋଗାଡ଼ କଲେ ବିଦ୍ୟାଳୟ ଗୃହ ଓ ଶୌଚାଳୟ ପାଇଁ ଅର୍ଥ ଯୋଗାଇ ଦିଆଯିବ ବୋଲି ସାହୁ ସୂଚନା ଦେଇଥିଲେ।

## ଏକଦିବସୀୟ ନିଯୁକ୍ତି ମେଳା

# ୧୦୨୭ ଯୁବତୀଯୁବକ ମଧ୍ୟରୁ ନିଯୁକ୍ତି ପାଇଲେ ୩୨୩

ବିରଜାକ୍ଷେତ୍ର,୧୬।୧(ଡି.ଏନ୍.ଏ)



ମେଳାରେ ମଞ୍ଚାସୀନ ଅତିଥି।

ଯାଜପୁର ଜିଲା ପ୍ରଶାସନ ଓ ଜିଲା ନିୟୋଜନ ସହଭାଗିତାରେ ଜିଲାସ୍ତରୀୟ ଏକଦିବସୀୟ ନିଯୁକ୍ତିମେଳା ବୁଧବାର ଯାଜପୁର ବ୍ଲକ ଅନ୍ତର୍ଗତ ବରୁଆଁ ସରକାରୀ ବୈଷୟିକ ଶିକ୍ଷାକେନ୍ଦ୍ର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏହି ନିଯୁକ୍ତିମେଳାକୁ ଜିଲାପାଳ ରଞ୍ଜନ କୁମାର ଦାସ ଉଦ୍‌ଘାଟନ କରି ନିଯୁକ୍ତି ଦେବା ସଂସ୍ଥା ଓ ନିଯୁକ୍ତି ପାଇଁ ଅପେକ୍ଷାରତ ଥିବା ଯୁବବର୍ଗ ମଧ୍ୟରେ ନିଯୁକ୍ତିମେଳା ଭେଟଘାଟ ସଦୃଶ ହୋଇଥାଏ। ଯୁବବର୍ଗ ପରିଶ୍ରମ କରି ଯୋଗ୍ୟତା ଅର୍ଜନ କଲେ ନିଶ୍ଚିତ ନିଯୁକ୍ତି ପାଇପାରିବେ ବୋଲି ଜିଲାପାଳ କହିଥିଲେ। ଏହି ନିଯୁକ୍ତିମେଳାରେ ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ବ୍ରଜଗୋପାଳ ଆଚାର୍ଯ୍ୟ, ଜିଲା ନିୟୋଜନ ଅଧିକାରୀ ଅଶୋକ ତ୍ରିପାଠୀ, ବରୁଆଁ ଶିଳ୍ପ ତାଲିମ କେନ୍ଦ୍ରର ଅଧକ୍ଷ ଦୀପକ ପଟ୍ଟନାୟକ ପ୍ରମୁଖ ଯୋଗଦାନ କରିଥିଲେ। ଏଥିରେ ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ ଯୋଜନା, ପ୍ରଧାନମନ୍ତ୍ରୀ ଦକ୍ଷତା ବିକାଶ ଯୋଜନା, ଏୟାରଫୋର୍ସ, ବଂଶୀଧର ଓ ଇଲା ପଣ୍ଡା ଫାଉଣ୍ଡେସନ୍, ଓଡ଼ିଶା ସ୍କିଲ ଡେଭଲପମେଣ୍ଟ, ଡାଲମିଆଁ ଗ୍ରୁପ୍, ଉତ୍ତରାଖଣ୍ଡର ଆଲପସ୍ ଇଣ୍ଡଷ୍ଟ୍ରିଜ୍, ରାଜସ୍ଥାନର ଆରଏସ୍‌ଡବ୍ଲ୍ୟୁ ଲିମିଟେଡ୍, କିଟ୍ ବିଶ୍ୱବିଦ୍ୟାଳୟ, ଏଲଆଣ୍ଡଟି କନଷ୍ଟ୍ରକ୍ସନ୍ ଓ ୨ଟି ସିକ୍ୟୁରିଟି ସଂସ୍ଥା ସହ ୩୦ଟି ସଂସ୍ଥା ସେମାନଙ୍କର ଶାଖା ଖୋଲି ଯୁବବର୍ଗଙ୍କୁ ଯୋଗ୍ୟତା ଅନୁଯାୟୀ ନିଯୁକ୍ତି ଓ ବୈଷୟିକ ଶିକ୍ଷା ଗ୍ରହଣ ପାଇଁ ଆବେଦନପତ୍ର ଗ୍ରହଣ କରିଥିଲେ। ଏହି ମେଳାରେ ୧୦୨୭ ଯୁବତୀଯୁବକ ନାମ ପଞ୍ଜୀକରଣ କରିଥିଲେ। ମାତ୍ର ଜିଲାସ୍ତରୀୟ ନିଯୁକ୍ତିମେଳା ହୋଇଥିବାବେଳେ ଜିଲାର କୌଣସି ଶିଳ୍ପସଂସ୍ଥା ସେମାନଙ୍କ ଶାଖା ଖୋଲି ଜିଲାର ଯୁବବର୍ଗଙ୍କୁ ନିଯୁକ୍ତି ଓ ବୈଷୟିକ ଶିକ୍ଷା ପ୍ରଦାନ ପାଇଁ ପ୍ରୋତ୍ସାହନ ନ ଦେବାରୁ ଯୁବବର୍ଗଙ୍କ ମନରେ ଭଙ୍ଗା ପଡ଼ିଯାଇଥିଲା। ଜିଲାର ୧୦ଟି ବ୍ଲକରୁ ନିୟୋଜନ ସଂସ୍ଥା ମାଧ୍ୟମରେ ଯୁବବର୍ଗଙ୍କର ନିଯୁକ୍ତି ଓ ବୈଷୟିକ ଶିକ୍ଷା ପାଇଁ ପଞ୍ଜୀକରଣ କରାଯାଇଥିଲା। ୧୦୨୭ ପଞ୍ଜୀକରଣ ମଧ୍ୟରୁ ସିକ୍ୟୁରିଟି ଗାର୍ଡ଼ ଓ ଅନ୍ୟାନ୍ୟ ସଂସ୍ଥାରେ ୩୨୩ ଜଣଙ୍କୁ ନିଯୁକ୍ତି ମିଳିଥିବାବେଳେ ଦକ୍ଷତା ବିକାଶ ଟ୍ରେନିଂ ପାଇଁ ୭୬ଜଣଙ୍କୁ ମନୋନୀତ କରାଯାଇଥିଲା। ୧୧ଜଣଙ୍କୁ ବାୟୁସେନାରେ ଟ୍ରେନିଂ ପାଇଁ ମନୋନୀତ କରାଯାଇଥିବାବେଳେ ୧୫ଜଣଙ୍କ ନାମ ନାକଚ ହୋଇଥିଲା। ସୂଚନାଯୋଗ୍ୟ ଯେ, ୨୦୧୭-୧୮ରେ ଏହି ସ୍ଥାନରେ ଜିଲାସ୍ତରୀୟ ୫ଟି ବ୍ଲକକୁ ନେଇ ନିଯୁକ୍ତିମେଳା ଅନୁଷ୍ଠିତ ହୋଇଥିଲା। ସେତେବେଳେ ନିଯୁକ୍ତିମେଳାରେ ୩ ହଜାରରୁ ଉର୍ଦ୍ଧ୍ୱ ଯୁବତୀଯୁବକ ନାମ ପଞ୍ଜୀକରଣ କରିଥିବାବେଳେ ୮୦୦ ଜଣ ତାଲିମ ନେଇଥିଲେ ଓ ୨୧୫ ଜଣ ନିଯୁକ୍ତି ପାଇଥିଲେ। କିନ୍ତୁ ଗତବର୍ଷ ଅପେକ୍ଷା ଚଳିତବର୍ଷ ନିଯୁକ୍ତି ମେଳାରେ ଯୁବତୀଯୁବକଙ୍କ ଉପସ୍ଥାନ କମ୍ ଥିବା ଦେଖିବାକୁ ମିଳିଛି। ଜିଲାର ଶିଳ୍ପସଂସ୍ଥାମାନେ ଯୁବତୀଯୁବକଙ୍କୁ ନିଯୁକ୍ତି ଦେବାର ସମ୍ଭାବନା ସୃଷ୍ଟି କରିପାରି ନ ଥିବାରୁ ନିଯୁକ୍ତିମେଳାରେ ଯୁବବର୍ଗଙ୍କ ସଂଖ୍ୟା ହ୍ରାସ ପାଉଥିବା ପରିଲକ୍ଷିତ ହୋଇଛି।

## ସଂକ୍ଷେପରେ

### ରାସ୍ତା ଉନ୍ନତୀକରଣ ନିମନ୍ତେ ଶିଳାନ୍ୟାସ

ଭାପୁର,୧୬।୧(ଡି.ଏନ.ଏ.): ଭାପୁର ବ୍ଲକ ଗୋଳାପୋଖରୀ ବଜାରଠାରୁ ଚକ୍ରଧର ପ୍ରସାଦ ଓ ନିମାଣୀ ଦେଇ ଖୁଣ୍ଟୁପଡା ଯାଇଥିବା ରାସ୍ତାର ଉନ୍ନତୀକରଣ ପାଇଁ ୭୩ ଲକ୍ଷ ଟଙ୍କା ବ୍ୟୟଭୁକ୍ତ ପ୍ରକଳ୍ପର ଶିଳାନ୍ୟାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ବିଧାୟକ ଅନୁଭବ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ବୁଧବାର ଅପରାହ୍ନରେ ଏହାର ଶିଳାନ୍ୟାସ କରିଥିଲେ। ଅନ୍ୟତମ ଅତିଥି ଭାବେ ସନ୍ତୋଷ କୁମାର ତ୍ରିପାଠୀ, ନିମାଣୀ ପଞ୍ଚାୟତ ପୂର୍ବତନ ସରପଞ୍ଚ ଲକ୍ଷ୍ମଣ କୁମାର ସାମନ୍ତରାୟ, ବସନ୍ତ କୁମାର ପଟ୍ଟନାୟକ, ବିଜୟ କୁମାର ପଟ୍ଟନାୟକ ଓ ବିଭାଗୀୟ ଯନ୍ତ୍ରୀ ଦିଲୀପ କୁମାର ବରାଳ ପ୍ରମୁଖ ଉପସ୍ଥିତ ରହିଥିଲେ। ଗ୍ରାମ ଉନ୍ନୟନ ବିଭାଗ ଦ୍ୱାରା ନିର୍ମିତ ଉକ୍ତ ରାସ୍ତା ଯୋଗୁ ଗୋଳାପୋଖରୀ, ଚକ୍ରଧରପ୍ରସାଦ, ନିମାଣୀ ଓ ବାଇଗୁଣିଆ ପଞ୍ଚାୟତର ୨୫ ହଜାର ଲୋକ ଉପକୃତ ହେବେ। ଏହାପୂର୍ବରୁ ଭଗବାନପୁର ଓ ବାଘୁଆପଲୀ ପଞ୍ଚାୟତରେ ଆୟୋଜିତ ପୀଠ କାର୍ଯ୍ୟକ୍ରମରେ ବିଧାୟକ ଓ ବିଡିଓ ଅନ୍ତର୍ଯ୍ୟାମୀ ଦାଶ ଉପସ୍ଥିତ ରହି ଗରିବ ଲୋକଙ୍କୁ ମାଗଣା ଏଲ୍ଇଡି ବଲ୍ବ ବଣ୍ଟନ କରିଥିଲେ। ମହିଳା ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧୫ ହଜାର ଟଙ୍କା ଓ ଚକ୍ଷୁ ଦୋଷ ଥିବା ବ୍ୟକ୍ତିମାନଙ୍କୁ ଚଷମା ବଣ୍ଟନ କରାଯାଇଥିଲା।

### ଭାଗବତ ମହୋତ୍ସବ ଓ ପ୍ରତିଯୋଗିତା

ବୋଲଗଡ଼,୧୬।୧(ଡି.ଏନ.ଏ.): ବୋଲଗଡ଼ ବ୍ଲକ ଠଣାପଲ୍ଲୀ ଗ୍ରାମର ମା'ସିଂହବାହିନୀ କାଳିକା ଭାଗବତ ମଣ୍ଡଳୀ ସୌଜନ୍ୟରେ ମଙ୍ଗଳବାର ସନ୍ଧ୍ୟାରେ ଭାଗବତ ମହୋତ୍ସବ ଓ ଭାଗବତ ମଣ୍ଡଳୀ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଜଗନ୍ନାଥ ଦାସଙ୍କ ଲିଖିତ ଓଡିଆ ଭାଗବତରେ ଥିବା ଭାବ, ଜ୍ଞାନ, ତତ୍ତ୍ୱ ଆଦିକୁ ଉଜ୍ଜୀବିତ କରିବା ତଥା ଭାଗବତ ଟୁଙ୍ଗିର ପୁନରୁଦ୍ଧାର ବାର୍ତ୍ତା ଦେବା ମହୋତ୍ସବର ମୁଖ୍ୟ ଲକ୍ଷ୍ୟ ବୋଲି କୁହାଯାଇଛି। ଏଥିପାଇଁ ଖଞ୍ଜଣି ଭଜନ ମାଧ୍ୟମରେ ଭାଗବତ ପରିବେଷଣ କରୁଥିବା ୮ଟି ଭାଗବତ ମଣ୍ଡଳୀ ମଧ୍ୟରେ ପ୍ରତିଯୋଗିତା ହୋଇଥିଲା। ଭାପୁର ବ୍ଲକ, ଧଳାବନ୍ଧ, ମହୁଲିଆ, ଗୋଳାପୋଖରୀ, ଶାଳପଡ଼ା ଓ ଫତେଗଡ଼ ଭାଗବତ ମଣ୍ଡଳୀ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ବୋଲଗଡ ବ୍ଲକର ଖଉରୁଣୀ, ଆରିକମା ଏବଂ ବେଗୁନିଆ ବ୍ଲକର ପଣ୍ଡାଳମ ଗ୍ରାମରୁ ମଧ ଭାଗବତ ମଣ୍ଡଳୀମାନେ ଅଂଶ ଗ୍ରହଣ କରିଥିଲେ। ପ୍ରତ୍ୟେକ ଭାଗବତ ମଣ୍ଡଳୀକୁ ମାନପତ୍ର ଓ ଶିଲ୍ଡ ପ୍ରଦାନ କରାଯାଇଛି। ତେବେ ଉତ୍ତମ ଭାଗବତ ଭଜନ ପାଇଁ ଫତେଗଡ, ଖଞ୍ଜଣି ବାଦ୍ୟ ପରିବେଷଣ ପାଇଁ ମହୁଲିଆ ଦଳ ଓ ଭାଗବତ ତର୍କ ପାଇଁ ଗୋଳାପୋଖରୀ ଦଳକୁ ପୁରସ୍କୃତ କରାଯାଇଥିବା ଆୟୋଜକଙ୍କ ପକ୍ଷରୁ ପ୍ରକାଶ। ବୋଲଗଡ଼ ବିଡିଓ ମଧୁସୂଦନ ବେହେରା ମୁଖ୍ୟଅତିଥି ଏବଂ ସମ୍ମାନିତ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷ ଗୋପାଳ ଚରଣ ବେହେରା ଯୋଗଦେଇଥିଲେ।

# କାମ ସରିବା ପରେ ବି ମିଳୁନି ବିଲ୍

ନୂଆଗାଁ,୧୬।୧(ଡି.ଏନ.ଏ.)

ନୟାଗଡ ଜିଲା ନୂଆଗାଁ ବ୍ଲକ ପକ୍ଷରୁ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ପାଇଁ ଠିକାଦାରଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଉଛି। କିନ୍ତୁ କାର୍ଯ୍ୟ ସରିବା ପରେ ବି ଠିକାଦାରଙ୍କୁ ଅନୁଦାନ ରାଶି ପ୍ରଦାନ କରିବାରେ ଆଶାତୀତ ବିଳମ୍ବ କରାଯାଉଥିବା ଅଭିଯୋଗ ହେଉଛି । ନୂଆଗାଁ ପଞ୍ଚାୟତ ଉଠାଣୀସାହି ରାମେଶ୍ୱର ମନ୍ଦିର ପ୍ରାଙ୍ଗଣରେ ନିର୍ମାଣ ହୋଇଥିବା ଏକ ସାଂସ୍କୃତିକ ମଣ୍ଡପ କାର୍ଯ୍ୟରେ ଏଭଳି ଅଭିଯୋଗ ହୋଇଆସୁଛି। ସରକାରଙ୍କ ସ୍ପେଶାଲ ଫଣ୍ଡ୍ ଯୋଜନାରେ ଏହି ମଣ୍ଡପ ନିର୍ମାଣ ନିମନ୍ତେ ୨ଲକ୍ଷ ୫୦ହଜାର ଟଙ୍କାର କାର୍ଯ୍ୟାଦେଶ ଦିଆଯାଇଥିଲା। ଗ୍ରାମବାସୀଙ୍କ ତତ୍ତ୍ୱାବଧାନରେ ଠିକାଦାର



ନିର୍ମାଣ କରାଯାଇଥିବା ମଣ୍ଡପ।

ଏହି କାର୍ଯ୍ୟ କରିଥିଲେ। ଗ୍ରାମବାସୀଙ୍କଠାରୁ ମିଳିଥିବା ସୂଚନା ଅନୁସାରେ, ସରକାର ଏଥିପାଇଁ ୨ଲକ୍ଷ ୫୦ହଜାର ଟଙ୍କା ଅନୁଦାନ ପ୍ରଦାନ କରିଛନ୍ତି। କନିଷ୍ଠ ଯନ୍ତ୍ରୀ ଜ୍ଞାନେନ୍ଦ୍ର କୁମାର ପାଢୀଙ୍କ ନିର୍ଦ୍ଦେଶ କ୍ରମେ ନିର୍ମାଣ କାର୍ଯ୍ୟରେ ଗ୍ରାମବାସୀ ୨ଲକ୍ଷ ୪୩ ହଜାର ଟଙ୍କା ବ୍ୟୟ କରିଛନ୍ତି। କିନ୍ତୁ ବର୍ତ୍ତମାନ ବ୍ଲକର ବିଭିନ୍ନ ଆନୁଷଙ୍ଗିକ ଖର୍ଚ୍ଚକାଟ କରି ଠିକାଦାରଙ୍କୁ ଅନୁଦାନ ରାଶି ବାବଦକୁ ୨ ଲକ୍ଷ ୩୨ ହଜାର ୫୪୮ଟଙ୍କା ମିଳିବ ବୋଲି ବ୍ଲକର ମୁଖ୍ୟ କିରାଣି ଅଭିମନ୍ୟୁ ସ୍ୱାଇଁ ସୂଚନା ଦେଇଛନ୍ତି। ତେବେ ବକେୟା ଅନୁଦାନ ଟଙ୍କା ପାଇବା ପାଇଁ ଠିକାଦାର ଓ ଗ୍ରାମବାସୀମାନେ ବ୍ଲକ କାର୍ଯ୍ୟାଳୟକୁ ବାରମ୍ବାର ଦୌଡୁଥିବା ବେଳେ କନିଷ୍ଠ ଯନ୍ତ୍ରୀ ବିଭିନ୍ନ ବାହାନା କରି ବିଲ୍ ଗୃହୀତରେ ଅବହେଳା କରୁଥିବା ଅଭିଯୋଗ ହେଉଛି। ଏ ବିଷୟରେ ଗ୍ରାମବାସୀ ନୂଆଗାଁ ବିଡିଓ ଶିରିୟାଲ ଶୁଭ୍ର ପଟେଲଙ୍କୁ ଅନୁରୋଧ କରିବା ପରେ ୨ ଦିନ ପରେ ବିଲ୍ ହୋଇଯିବ ବୋଲି ବିଡିଓ ଦେଇଥିବା ପ୍ରତିଶ୍ରୁତିକୁ ଇତିମଧ୍ୟରେ ୬ ଦିନ ବିତିଗଲାଣି। ଏହାଦ୍ୱାରା ବ୍ଲକର ଉନ୍ନତିମୂଳକ କାର୍ଯ୍ୟରେ ଶିଥିଳତା ଦେଖାଦେଉଛି । ଉକ୍ତ ଘଟଣା ନେଇ ବିଡିଓ ପଟେଲ କହିଛନ୍ତି, କାର୍ଯ୍ୟବ୍ୟସ୍ତତା ଭିତରେ ବୋଧେ କନିଷ୍ଠ ଯନ୍ତ୍ରୀ ବିଲ୍ କରି ପାରି ନାହାନ୍ତି। ତେବେ ବିଲ୍ ଶୀଘ୍ର ପାଇବା ନିମନ୍ତେ ମୁଁ ବ୍ୟବସ୍ଥା କରିବି ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଉଇ, ଓଡ଼ଶ, ପିମ୍ପୁଡ଼ି, ମଶା**
**ଏ ଚାରିଜାତି ଭାଙ୍ଗନ୍ତି ବସା ।**

ଉଇ, ଓଡ଼ଶ, ପିମ୍ପୁଡ଼ି ଓ ମଶା ଭଳି କୀଟପତଙ୍ଗ ସବୁବେଳେ ଭୀତତ୍ରସ୍ତ ଅବସ୍ଥାରେ ରହିଥାନ୍ତି। ଗୋଟିଏ ସ୍ଥାନରୁ ତଡ଼ିଦେଲେ ଅନ୍ୟସ୍ଥାନରେ ବସା ବାନ୍ଧିଥାନ୍ତି। ଏହି ଚାରିଜାତି କେତେବେଳେ କେଉଁ ବସା ଗଢ଼ନ୍ତି ବା ଭାଙ୍ଗନ୍ତି ତା'ର ହିସାବ କେବଳ ତାଙ୍କୁ ହିଁ ଜଣା। ଏମାନଙ୍କ ଦାଉରେ ମଣିଷ ଅସ୍ତବ୍ୟସ୍ତ ହୋଇଯିବା ସହ ସୁଖଶାନ୍ତିରେ ରହି ପାରୁ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଉଣା ହିଡ଼ ଯେଉଁଠି,**
**ଜଳ ଗଡ଼େ ସେଇଠି ।**

ପାଣିର ଧର୍ମ ଉଚ୍ଚ ସ୍ଥାନରୁ ନୀଚ ସ୍ଥାନକୁ ବହି ଚାଲିବା। ଯେଉଁଠି ଗଡ଼ାଣିଆ ବା ଖାଲିସ୍ଥାନ ରହିଥାଏ ସେହି ଆଡ଼କୁ ପାଣି ସହଜରେ ଗଡ଼ିଆସିଥାଏ। ଅନ୍ୟ ଅର୍ଥରେ ଦୁର୍ବଳତାର ସୁଯୋଗ ନେଇ ଆଧିପତ୍ୟ ବିସ୍ତାର କରିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

ନିର୍ବାଚିତ ଢଗଢମାଳି, ପ୍ରବାଦ, ପ୍ରବଚନ ଓ ଅନ୍ୟାନ୍ୟ
-ପ୍ରାଚୀ ସାହିତ୍ୟ ପ୍ରତିଷ୍ଠାନ

■ ମାଳିସାହିଠାରେ ଜିଲାସ୍ତରୀୟ ପାଣି ପଞ୍ଚାୟତ ପକ୍ଷ

# ଜଳର ସର୍ବୋତ୍କୃଷ୍ଟ ବିନିଯୋଗ କରିବାକୁ ପରାମର୍ଶ

ରଣପୁର,୧୬।୧(ସ୍ୱ.ପ୍ର.)

ଜିଲାରେ ପ୍ରଥମ କରି ବୁଧବାର ନୟାଗଡ଼ ଜିଲା ରଣପୁର କ୍ଷୁଦ୍ର ଜଳସେଚନ ବିଭାଗ ଆନୁକୂଲ୍ୟରେ ରଙ୍ଗଦେଉଳି ପଞ୍ଚାୟତ ମାଳିସାହିର ପାଟିଲାଗୋଡି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ସଂଘଠାରେ ପାଣିପଞ୍ଚାୟତ ପକ୍ଷ ପାଳିତ ହୋଇଯାଇଛି। ସ୍ଥାନୀୟ ବିଧାୟକ ରବିନାରାୟଣ ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍ଘାଟନ କରିଥିଲେ। କ୍ଷୁଦ୍ର ଜଳସେଚନ ବିଭାଗ ନିର୍ବାହୀଯନ୍ତ୍ରୀ ବିନୟ କୁମାର ସୁବୁଦ୍ଧି ମୁଖ୍ୟବକ୍ତା, ବ୍ଲକ ପୂର୍ବତନ ଅଧ୍ୟକ୍ଷ ପ୍ରଭାତ କୁମାର ଦଳବେହେରା, ଜିଲା ପରିଷଦ ସଭ୍ୟ ନବ ବୈରିଗଞ୍ଜନ, ଖଣ୍ଡପଡା ଜିଲା ପରିଷଦ ସଭ୍ୟ ନିରଞ୍ଜନ ବେହେରା, ରାଜ୍ୟ କଳିଙ୍ଗ ଜଳ ବ୍ୟବହାରକାରୀ କୃଷକ ମହାସଂଘ ଅଧ୍ୟକ୍ଷ ସନାତନ ଦଳବେହେରା, ବରିଷ୍ଠ ଖବରଦାତା ବିଶ୍ୱରଞ୍ଜନ ଆଚାର୍ଯ୍ୟ, ରଣପୁର କ୍ଷୁଦ୍ର ଜଳସେଚନ ବିଭାଗର ଏସ୍‌ଡିଓ ଲକ୍ଷ୍ମୀକାନ୍ତ ମହାନ୍ତି, ଦଶପଲ୍ଲା ଜଳସେଚନ ବିଭାଗ ଏସ୍‌ଡିଓ ସୁଧାଂଶୁ ଶେଖର ସାହୁ,



କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ଅତିଥି।

ନୟାଗଡ଼ ଏସ୍‌ଡିଓ ପରେଶ୍ୱର ରାଉତ, ଓଡଗାଁର କମ୍ପାନୀ ବେହେରା, ହିମାଂଶୁ ଦାସପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ । ଅତିଥିମାନେ ଚାଷୀ ତଥା କୃଷିଜୀବୀମାନଙ୍କ ଗୁଣାତ୍ମକ ମାନ ବୃଦ୍ଧି ଉପରେ ଗୁରୁତ୍ୱ ଦେଇଥିଲେ। ସେମାନେ ଯେପରି ଆଧୁନିକ ଜ୍ଞାନକୌଶଳ ପ୍ରୟୋଗ କରି ଜଳସେଚନ ପ୍ରଣାଳୀର ସୁପରିଚାଳନା କରିପାରିବେ ସେ ଉପରେ ଆଲୋକପାତ କରିଥିଲେ । ଏହାସହ ଜଳର ସର୍ବୋତ୍କୃଷ୍ଟ ବିନିଯୋଗ କରି ଅପଚୟ ନ କରିବାକୁ ପରାମର୍ଶ ଦେଇଥିଲେ। ମାଳିସାହିଠାରେ ପାଟିଲାଗୋଡି କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ଦ୍ୱାରା ୧୯୬୬ରେ କରାଯାଇଥିବା ବନ୍ଧ ଦ୍ୱାରା ଅଞ୍ଚଳର ୩ଶହରୁ ଊର୍ଦ୍ଧ୍ୱ ହେକ୍ଟର ଜମିରେ ଚାଷୀମାନେ ଶତକଡା ୧୦୦ଭାଗ ଖରିଫ୍ ଓ ୩୦ଭାଗ ରବି ଚାଷ କରିପାରୁଛନ୍ତି। ଉତ୍ସବରେ ୨୫ ପାଣି ପଞ୍ଚାୟତର ସଭାପତି, ସମ୍ପାଦକ, ସଭ୍ୟମାନଙ୍କ ସହ ଆଖପାଖ ଅଞ୍ଚଳର ଶତାଧିକ ଚାଷୀ ଯୋଗଦାନ କରିଥିଲେ। ନୟାଗଡ଼ ଜଳସେଚନ ବିଭାଗ ତରଫରୁ ଜିଲାରେ ମୋଟ ୮୮ଟି ପାଣି ପଞ୍ଚାୟତ ସରକାରଙ୍କ ସ୍ୱୀକୃତି ମିଳିଥିଲା ବେଳେ ଆହୁରି ୧୬୭ଟି ପାଣିପଞ୍ଚାୟତ ପାଇଁ ବିଭିନ୍ନ ଅଞ୍ଚଳର ଚାଷୀମାନେ ଆବେଦନ କରିଛନ୍ତି। ତଦନ୍ତ ପରେ ଏଗୁଡ଼ିକୁ ସ୍ୱୀକୃତି ଦିଆଯିବ ବୋଲି ନୟାଗଡ଼ କ୍ଷୁଦ୍ର ଜଳସେଚନ ବିଭାଗ ନିର୍ବାହୀ ଯନ୍ତ୍ରୀ ବିନୟ କୁମାର ସୁବୁଦ୍ଧି ପ୍ରକାଶ କରିଥିଲେ।

### ବିଶ୍ୱନାଥ ଦେବ ଟି ୨୦: ପଦ୍ମାବତୀ ସେମିରେ

ଭାପୁର,୧୬।୧(ଡି.ଏନ.ଏ.)

ଭାପୁର ବ୍ଲକ ବାଉଁଶବାଟୀ ଗ୍ରାମର ବିଶ୍ୱନାଥ ଦେବ କ୍ରିକେଟ କ୍ଲବ୍ ଆନୁକୂଲ୍ୟରେ ବୁଧବାର ଆରମ୍ଭ ହୋଇଥିବା ୫ମ ଟି-୨୦ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ପ୍ରଥମ ଖେଳ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ମ୍ୟାଚ୍‌ରେ ଏଲପଡା ଦଳକୁ ପଦ୍ମାବତୀ ଦଳ ୭୦ରନ୍‌ରେ ହରାଇ ସେମି ଫାଇନାଲରେ ପ୍ରବେଶ କରିଛି। ଟସ୍ ଜିତି ପଦ୍ମାବତୀର ମା' ବ୍ରାହ୍ମଣୀ ଦେବୀ କ୍ରିକେଟ୍ କ୍ଲବ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭର୍‌ରେ ୯ ଉଇକେଟ୍ ହରାଇ ୧୫୪ ରନ୍ ସଂଗ୍ରହ କରିଥିଲା। ଜବାବରେ ଏଲପଡା କ୍ରିକେଟ କ୍ଲବ୍ ୧୬.୪ ଓଭର୍‌ରେ ସମସ୍ତ ଉଇକେଟ୍ ହରାଇ ୮୪ ରନ୍ ସଂଗ୍ରହ କରି ହାରିଯାଇଥିଲା। ବିଜୟୀ ଦଳର ଅଜୟ କୁମାର ନାୟକ ୩୩ ରନ୍ ଓ ୨ ଉଇକେଟ୍ ହାସଲ କରି ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଖେଳ ପରିଚାଳନା କରିଥିଲେ ସୁରେଶ କୁମାର ମହାପାତ୍ର ଓ ଯୋଗେଶ କୁମାର ସାମନ୍ତରାୟ। ଗୁରୁବାର ଖେଳ ଗୋଳାପୋଖରୀ ଓ ଧାନଚାଙ୍ଗଡା ମଧ୍ୟରେ ଅନୁଷ୍ଠିତ ହେବ।

■ ଆର୍ମି କର୍ମଚାରୀଙ୍କୁ ପଡୋଶୀଙ୍କ ମାଡ଼

# ଏସ୍‌ପିଙ୍କ ଦ୍ୱାରସ୍ଥ ହେଲେ ମହିଳା

ନୟାଗଡ଼ ଅଫିସ,୧୬।୧

ରଣପୁର ଥାନା ପିମ୍ପଲ ଗ୍ରାମରେ ଜଣେ ଆର୍ମି କର୍ମଚାରୀ ଓ ତାଙ୍କ ସ୍ତ୍ରୀଙ୍କୁ ପଡୋଶୀ ମାଡ଼ ମାରିଥିବା ଘଟଣାର ୧୦ ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉନାହିଁ। ତେଣୁ ଦୋଷୀ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ପରିବାର ଲୋକେ ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ପ୍ରକାଶ ଯେ, ନୟାଗଡ଼ ଜିଲା ରଣପୁର ବ୍ଲକ ପିମ୍ପଲ ଗ୍ରାମର ପ୍ରଦୀପ କୁମାର ଦାଶ ଭାରତୀୟ ଆର୍ମିରେ ହାବିଲଦାର ଭାବେ କାର୍ଯ୍ୟ କରନ୍ତି। କିଛି ଦିନ ହେଲାଣି ସେ ଛୁଟିରେ ଆସିଛନ୍ତି। ଚଳିତମାସ ୬ ତାରିଖରେ ସୁଭଦ୍ରାପୁର ଗ୍ରାମରେ ଥିବା ତାଙ୍କ ଘର କାର୍ଯ୍ୟ ଦେଖିବାକୁ ସ୍ତ୍ରୀ ନମିତାଙ୍କ ସହିତ ଯାଇଥିଲେ। ସେଠାରେ ତାଙ୍କ ଘରେ ୩ ଜଣ ଶ୍ରମିକ ରଙ୍ଗ କାର୍ଯ୍ୟ କରୁଥିଲେ। ଏହି ସମୟରେ ଉକ୍ତ ଘରର ପଡ଼ୋଶୀ କୈଳାସ ତ୍ରିପାଠୀ ତାଙ୍କ ଘରେ ପଶି ଶ୍ରମିକମାନଙ୍କୁ ନିଘୁଞ୍ଚ ପିଟିଥିଲେ। ଏହାକୁ ପ୍ରଦୀପ ଓ ନମିତା ବିରୋଧ କରିବାରୁ କୈଳାସ ଘରୁ ବାହାରି ଯାଇଥିଲେ । କିଛି ସମୟ ପରେ ଆଉ କେତେକ ଲୋକଙ୍କୁ




ଅଭିଯୋଗ କରିବାକୁ ଆସିଥିବା ନମିତା।

ଧରି କୈଳାସ ସେଠାରେ ପହଞ୍ଚି ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କୁ ପ୍ରବଳ ମାଡ ମାରିଥିଲେ। ଏହି ଘଟଣାର ଭିଡ଼ିଓ ରେକର୍ଡ଼ କରିବା ସହିତ ଉକ୍ତ ଦିନ ରଣପୁର ଥାନାରେ ନମିତା ଓ ପ୍ରଦୀପ ଅଭିଯୋଗ କରିଥିଲେ। ପୋଲିସ ୬/୧୯ରେ ଏକ ମାମଲା ରୁଜୁ କରିଥିବାବେଳେ ଘଟଣାର ୧୦ ଦିନ ବିତି ଯାଇଥିଲେ ମଧ୍ୟ ପୋଲିସ କୌଣସି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେଉ ନାହିଁ। ଏ ବିଷୟରେ ଥାନାକୁ ପଚାରିବାକୁ ଗଲେ ପୋଲିସ ଖରାପ ବ୍ୟବହାର ଦେଖାଉଥିବା ନମିତା ଅଭିଯୋଗ କରିଛନ୍ତି।

# ବିଦ୍ୟୁତ୍ ସଂଯୋଗ ପାଇଁ ଧାରଣାରେ ବସିଲେ ଗ୍ରାମବାସୀ

ଦଶପଲ୍ଲା,୧୬।୧(ଡି.ଏନ.ଏ.)

ଦଶପଲ୍ଲା ବ୍ଲକ ଘୁଗୁଡିପଡା ପଞ୍ଚାୟତର ଖଣ୍ଡାଧୁଆ ଗ୍ରାମବାସୀଙ୍କ ପାଇଁ ବିଜୁଳି ସାତସପନ ହୋଇଛି । ସରକାର ସମସ୍ତ ଦୁର୍ଗମ ଅଞ୍ଚଳକୁ ବିଜୁଳି ସେବା ଯୋଗାଇ ଦେବାକୁ ଯୋଜନା କରିଥିବା ବେଳେ ଏହି ଯୋଜନା ସବୁ କଗଜ କଲମରେ ସିମିତ ହୋଇ ରହିଥିବା ଉକ୍ତ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଖଣ୍ଡାଧୁଆ ଗ୍ରାମରେ ଏହାକୁ ବିରୋଧ କରି ବୁଧବାର ଗ୍ରାମବାସୀ ଦଶପଲ୍ଲା ସେସ୍କୋ ଜେଇଙ୍କୁ ଏକ ଅଭିଯୋଗ ପତ୍ର ଦେବାସହ ଅଫିସ ଆଗରେ ଧାରଣାରେ ବସିଥିଲେ। ଉକ୍ତ ଗ୍ରାମରେ ୨ଶହରୁ ଊର୍ଦ୍ଧ୍ୱ ଲୋକ ବସବାସ କରୁଥିଲେ ମଧ୍ୟ ଏହି ଗ୍ରାମ ଅବହେଳିତ ଅବସ୍ଥାରେ ପଡିରହିଛି । ଗ୍ରାମକୁ ବିଦ୍ୟୁତ୍ ଯୋଗାଇ ଦେବା ପାଇଁ ଏକ ଠିକା ସଂସ୍ଥା ଖୁଣ୍ଟି ପୋତି ୪ମାସ ହେବ ତାର ଟାଣି ଥିଲେ ମଧ୍ୟ ଏଯାଏଁ ବିଜୁଳି ସଂଯୋଗ କରାଯାଇନାହିଁ। ଫଳରେ ଗ୍ରାମବାସୀ ବାଧ୍ୟ ହୋଇ ବିଦ୍ୟୁତ୍ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଥିଲେ। ବିଜୁଳି ସଂଯୋଗ କରାନଯିବା ପର୍ଯ୍ୟନ୍ତ ଧାରଣାରେ ବସିରହିବେ ବୋଲି ଗ୍ରାମବାସୀ ଜିଦ୍‌ରେ ରହିଥିଲେ । ପରେ ବିଭାଗୀୟ ଏସଡିଓ ଘଟଣା ସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିବା ସହ ତୁରନ୍ତ ଏ ଦିଗରେ କାର୍ଯ୍ୟକାରୀ କରି ୭ଦିନ ମଧ୍ୟରେ ବିଜୁଳି ସଂଯୋଗ ଦିଆଯିବ ବୋଲି ପ୍ରତିଶ୍ରୁତି ଦେବା ପରେ ଗ୍ରାମବାସୀ ଧାରଣାରୁ ଉଠିଥିଲେ।

**+PILES CLINIC+**
Near Budheswari Temple, ମତ୍ସ୍ୟ ବିକ୍ରୟ କେନ୍ଦ୍ର ନିକଟ, CTC Road, BBSR
☎ 0674 - 2310255, 9861146916
ଅର୍ଶ (PILES)
ମଳକଣ୍ଟକ (FISSURE)
ଭଗନ୍ଦର (FISTULA)
WITHOUT SURGICAL OPERATION
DR. R. PRASAD
GAMS (PATNA)
DR. PREM KUMAR
BAMS, LLB (UTKAL)
10AM TO 8PM
VSS Nagar, Q.N.- B/L-107, Vanivihar, BBSR
☎ 0674 - 2581337, 9437301790

# CLASSIFIED DISPLAY

ALL EDITION-B/W (Every Day) For Booking Contact: 0674-2580385, 7894447131, 7894447148, 9437038266, 7894447166

TARIFF — MORE SPACE • SAME PRICE — * GST 5% Extra

| For Single Day | | For 7 Days | | For 15 Days | | For 30Days | |
|---|---|---|---|---|---|---|---|
| 6×4 | 12×4 | 6×4 | 12×4 | 6×4 | 12×4 | 6×4 | 12×4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

**FINANCE**
MAHALAXMI CREDIT SERVICES
Bank ଯଦି ଋଣ ଦଉନି ତାହେଲେ ଆମ କମ୍ପାନୀ ଠାରୁ ମାର୍କସିଟ, ଆଧାର କାର୍ଡ, କୃଷି ଓ ସମ୍ପତି, ବ୍ୟକ୍ତିଗତ BPL ଋଣ ପାଆନ୍ତୁ 25 ଲକ୍ଷ୍ୟ ପର୍ଯ୍ୟନ୍ତ । ବାର୍ଷିକ 4% ସୁଧ 35% ଛାଡ । ଘରେ ବସି ପାଆନ୍ତୁ ।
Website : mahalaxmicreditservices.com
Lane No 5, MG Road, Bangalore
9105689469
8395030162

**ମୁଦ୍ରିକା ଫାଇନାନ୍ସ ଲୋନ**
ଏଜେଣ୍ଟ ଏବଂ ଡିଲରଶିପ୍ ସୁଧ 2% ଛାଡ଼, 40% ସହଜ କିସ୍ତିରେ କମ୍ପାନୀଠୁ ସମସ୍ତ ପ୍ରକାରର ଲୋନ ପ୍ରାପ୍ତ କରନ୍ତୁ।
7055500110
7351444489
ବାଲେଶ୍ୱର- 7088008550
କଟକ- 7618439473
ଯାଜପୁର- 7055111132
ସୁନ୍ଦରଗଡ଼- 8057447508
3rd Floor, D. N. Enclave, Meerut, U.P.

**LOAN**
ଆପଣ ବେରୋଜଗାରିଆ କି? ଏବେ ଓଡ଼ିଶାରେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ ଗ୍ରାହକମାନଙ୍କୁ କମ୍ ସୁଧରେ ୫୦ ହଜାରରୁ ୫ ଲକ୍ଷ ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି। ଡକ୍ୟୁମେଣ୍ଟ Email:- fileodisha@gmail.com ରେ ପଠାଇ ପାରିବେ।
7991052261
7991052595
405 D, Gandhi Marg, Mumbai-02

**LOAN**
ଆପଣ ବେରୋଜଗାରିଆ କି? ଏବେ ପ୍ରଥମ ଥର ପାଇଁ ମୁଦ୍ରା ଯୋଜନାରେ କମ୍ ସୁଧରେ ୧୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦିଆଯାଉଛି। ଅଧିକ ଜାଣିବା ପାଇଁ ଯୋଗାଯୋଗ:-
B-19, Moti Bagh, New Delhi
7064382081
8658167603

**FINANCE**
ଘରେ ବସି ସବୁ ବ୍ୟାଙ୍କ ଦ୍ୱାରା ମାର୍କଶିଟ୍, ପ୍ରପର୍ଟି, ପର୍ସୋନାଲ, ବିଜିନେସ୍ ଋଣ ମାତ୍ର ୭ ଦିନ ମଧ୍ୟରେ 4% ସୁଧରେ South Asian Finance ଠାରୁ ଋଣ ପାଆନ୍ତୁ।
ମହିଳାମାନଙ୍କ ପାଇଁ ବିଶେଷ ରିହାତି
Email: loanasian@gmail.com
M.G. Road, Bangalore
8658340105

**ଅଲ୍ ଇଣ୍ଡିଆ ଖୋଲା ଚ୍ୟାଲେଞ୍ଜ**
2 ଘଣ୍ଟାରେ 100% ଗ୍ୟାରେଣ୍ଟିଡ୍ ସମାଧାନ
ତାନ୍ତ୍ରିକ ମାଷ୍ଟର କିଙ୍ଗ୍ ଖାନ୍‌ଙ୍କ ଖୋଲା ଚ୍ୟାଲେଞ୍ଜ
ବ୍ୟବସାୟ, ପ୍ରେମରେ ସମସ୍ୟା ଓ ଶତ୍ରୁ ମୁକ୍ତି, ଗୃହକ୍ଲେଶ ଓ ସ୍ୱାମୀ-ସ୍ତ୍ରୀଙ୍କ ଝଗଡ଼ା, ପ୍ରେମବିବାହ, ପ୍ରପର୍ଟି, କୋର୍ଟ କେସ୍, ଗୁପ୍ତରୋଗ ଔଷଧ କାମ ନ କରିବା, ପୁରୁଣା ପୀଡ଼ାରେ ଔଷଧ କାମ ନ କରିବା, ଯାଦୁ-ଟୋନା, ବଶୀକରଣ, ଗୁଣିଗାରେଡ଼ି, ବିବାହରେ ବାଧା, ମନପସନ୍ଦ ପ୍ରେମ।
A to Z ସମସ୍ୟାର ସମାଧାନ ଘରେ ବସି।



ସ୍ପେଶାଲିଷ୍ଟ ବଶୀକରଣ, ମୁଠକରଣୀ ଏବଂ କଳା ଯାଦୁ
ଆମେ କରିଥିବା କାମକୁ ଯଦି କୌଣସି ଜ୍ୟୋତିଷ, ପଣ୍ଡିତ କିମ୍ବା ମୌଲବୀ କାଟିଦିଅନ୍ତି ତେବେ ତାଙ୍କୁ ଦାବି ମୁତାବକ ପୁରସ୍କାର।
ବାବା ଆମିଲ ସୁଫି
9540938429
9903852257
ରାମ ମନ୍ଦିର, ସତ୍ୟନଗର, ଭୁବନେଶ୍ୱର

**ଡିଜିଟାଲ ଉପକରଣ -କମ୍ପାନୀ- SMS JOB**



ଡିଜିଟାଲ ଉପକରଣ କମ୍ପାନୀରେ sms ଜବ୍ କରି ପୁଅ, ଝିଅ, ଗୃହିଣୀ ଘରେ ବସି ପାର୍ଟଟାଇମ୍ ଫୁଲଟାଇମ୍ ରୋଜଗାର କରନ୍ତୁ 15000ରୁ 25000 ମାସିକ ଲାପଟପ୍ + ମୋବାଇଲ ମାଗଣା। ବିବରଣୀ ପାଇଁ ନାମ, ଠିକଣା sms କିମ୍ବା କଲ୍ କିମ୍ବା whatsapp କରନ୍ତୁ।
BUKAR, MALEPUR, JAMUI, BIHAR-811313
9065013355, 9162431749

GET INSTANT CASH AGAINST GOLD
**GOLD CASH**
SELL YOUR GOLD AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
9090902555, 9090903555 | www.goldcash.co
Visit the Nearest Gold Cash Branch in your City

**BISWAJIT FINANCE**
Biswajit Financeରେ ସମସ୍ତ ପ୍ରକାର Loan ମିଳିବ। Personal, Business, ଗୃହ, ଶିକ୍ଷା, Certificate, Property ଓ କୃଷି।
ସୁଧ 1% ରେ Loan ପାଆନ୍ତୁ
7750922443
7077432760
AT/PO: Jambhirai, Baleswar, Odisha- 756024

**!!ଋଣ ଋଣ ଋଣ!! ସାଇ ଫାଇନାନ୍ସ**
ଜନକଲ୍ୟାଣ ଯୋଜନା ଅଧୀନରେ ମାତ୍ର ୯୦୦/-ରେ ଋଣ
୧୦୦୦୦୦-୯୦୦୦୦୦୦ ପର୍ଯ୍ୟନ୍ତ ଋଣ
୦% ସୁଧ ୪୫% ରିହାତି
ମାର୍କଶିଟ୍, ପ୍ରପର୍ଟି, ସମସ୍ତ ଋଣ ମାତ୍ର ୧ ଦିନରେ
ମହିଳା/ବିଦ୍ୟାର୍ଥୀଙ୍କ ପାଇଁ ବିଶେଷ ରିହାତି
Toll Free
18001238914
9319817746
9650353144
Add. : T-51, Gali No. 8, Gautampuri, Delhi

**MAHENDAR FINANCE**



• Personal Loan
• Business Loan
• Salary Slip Loan
• Marksheet Loan
2% Interest, ମହିଳାଙ୍କ ପାଇଁ 50% subsidy
8860754476
7838556518
Block Chack, Balasore-756027

**GTL Telecom Network Company**
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - ୨୦ ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ଗୋଟିଏ ଚାକିରି, ମାଗଣା ମୋବାଇଲ, ବାଇକ୍। ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office G-79 Aadrsh Nagar Krolbagh
Contact:- 8676907143 7050017585

**CO-OPERATIVE INADIA**
Co-Operative India ଦ୍ୱାରା P.M.J.S.Y. ର ଲାଭ ଆଧାର କାର୍ଡଧାରୀ ମାନଙ୍କୁ ଦିଆଯାଉଛି । ଏହି ଯୋଜନା ଦ୍ୱାରା ବର୍ଷକୁ 2% ସୁଧ ଏବଂ ସହଜ ମାସିକ କିସ୍ତି ସହ ସମସ୍ତ ପ୍ରକାର ଲୋନ ନେଇ ଆପଣଙ୍କ ଆବଶ୍ୟକତାକୁ ପୁରଣ କରନ୍ତୁ । ବି.ଦ୍ର.- ପୁରୁଷ ମାନଙ୍କୁ 20% ଏବଂ ମହିଳା ମାନଙ୍କୁ 30% ସବସିଡି ମିଳିବ ।
Address: Ameerpt, Hyderabad, Pin- 5000106 ( Telangana)
7787907927
7787922501
9319932148
Email id- pmjansamridhi@gmail.com

**BIKASA FINANCE**
Bikasa Finance କମ୍ପାନୀଠାରୁ ସମସ୍ତ ପ୍ରକାର Loan କମ୍ ସୁଧରେ ପାଆନ୍ତୁ। ମାର୍କଶିଟ୍, ପର୍ସନାଲ, Business, ଗୃହ, ଶିକ୍ଷା, କୃଷି, ଗାଈ ଓ ଛେଳି ଇତ୍ୟାଦି, 1% ସୁଧ 7 ଦିନ ମଧ୍ୟରେ।
M: 7381973695
8480304782
ବାବାଜୀପଡ଼ା, ପାଟଣାଗଡ଼, ବଲାଙ୍ଗୀର, ପିନ: ୭୬୭୦୨୫

1985ରୁ ସହସ୍ରାଧିକଙ୍କୁ ଲାଭ
**ପ୍ରଫେସର ବିପି ଖନ୍ନା**
ତନ୍ତ୍ର-ମନ୍ତ୍ର ଅନୁଭବୀ PhD ଜ୍ୟୋତିଷ
କାଳୀ ମହାବିଦ୍ୟାର ତପସ୍ୱୀ ତାନ୍ତ୍ରିକ
(ପ୍ରେମବିବାହର 1757 କେସ୍ ସଫଳ)
ମହାବଶୀକରଣ, ପ୍ରେମରେ ଧୋକା, ସଉତୁଣୀ ଶତ୍ରୁ, ଗୃହକ୍ଲେଶ, ଯାଦୁ-ଟୋନା, ସନ୍ତାନ ବାଧା
'ଠକ ବଙ୍ଗାଳି ମୌଲବୀ ବାବାଙ୍କ ପ୍ରତି ସାବଧାନ'
'ଘଣ୍ଟା-ମିନିଟ୍‌ରେ ନିଦାନର ଦାବି ଧୋକା ଅଟେ'
ହ୍ୱାଟ୍‌ସଆପ୍/Call: 09198771709
MAHAKALI TANTRA SADHANA KENDRA UTTRAKHAND
ସବୁଆଡୁ ନିରାଶ ବ୍ୟକ୍ତି ସମ୍ପୂର୍ଣ୍ଣ ସମାଧାନ ପାଆନ୍ତୁ

**ପାଠକଙ୍କ ପାଇଁ ସୂଚନା**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

ମା’ ବାଟପଣ୍ଡେଇଙ୍କ ବାର୍ଷିକ ପୂଜା

### ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ



ଗଣିଆ,୧୬।୧(ଡି.ଏନ.ଏ.): ଗଣିଆ ବ୍ଲକ ଆଦିବାସୀ ଅଧ୍ୟୁଷିତ ବଡ଼ଶିଲିଙ୍ଗା ପଞ୍ଚାୟତର ଆରାଧ ଦେବୀ ମା’ ବାଟପଣ୍ଡେଇଙ୍କ ବାର୍ଷିକ ପୂଜା ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ମଙ୍ଗଳବାର ଶୁଭାଧିବାସ ପରେ ବୁଧବାର ଅପରାହ୍ନରେ ଆଦିବାସୀ ସମ୍ପ୍ରଦାୟର ପାରମ୍ପରିକ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା ହୋଇଥିଲା। ବଡ଼ଶିଲିଙ୍ଗା ପଞ୍ଚାୟତର ୩୩ ଗ୍ରାମର ଗ୍ରାମବାସୀଙ୍କ ସହଯୋଗରେ ଅନୁଷ୍ଠିତ ଉତ୍ସବରେ ହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଆଦିବାସୀ ସମ୍ପ୍ରଦାୟର ଏହା ମୁଖ୍ୟ ପର୍ବ ହୋଇଥିବାରୁ ପରମ୍ପରା ଅନୁସାରେ ବହୁ ମାନସିକଧାରୀ ବୋଦା, ଗଞ୍ଜା କୁକୁଡ଼ା ବଳି ପକାଇଥିଲେ। ବ୍ଲକର ଅନ୍ୟ ପଞ୍ଚାୟତରୁ ବହୁ ଶ୍ରଦ୍ଧାଳୁ ମା’ଙ୍କ ନିକଟକୁ ଆସି ଭୋଗଲାଗି କରି ଦର୍ଶନ କରିଥିଲେ। ସୂଚନା ଅନୁସାରେ ପୂର୍ବରୁ ମା’ଙ୍କ ପାଖରେ ପୋଢ଼ୁଅ ବଳି ଦିଆଯାଉଥିଲା। କିନ୍ତୁ ତାହା ବର୍ତ୍ତମାନ ବନ୍ଦକରି ବୋଦା ଓ କୁକୁଡ଼ା ବଳି ଦିଆଯାଉଛି। ଏହି ପୂଜା ଉତ୍ସବରେ ବିଭିନ୍ନ ଉଠାଦୋକାନ ଦେଖିବାକୁ ମିଳିଥିଲା। ପରିଚାଳନା କମିଟି ତରଫରୁ ରାତିରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ସ୍ଥାନୀୟ କଳାକାରଙ୍କ ଦ୍ୱାରା ସାମାଜିକ ନାଟକ ପରିବେଷଣ କରାଯାଇଥିଲା। ଶାନ୍ତିଶୃଙ୍ଖଳାକୁ ଦୃଷ୍ଟିରେ ରଖି ମାଦକ ଦ୍ରବ୍ୟ ସେବନ ଓ ବିକ୍ରୟ ନିଷେଧ କରାଯାଇଛି ବୋଲି ପରିଚାଳନା କମିଟି ସମ୍ପାଦକ ବିପ୍ରଚରଣ ମଲିକ କହିଛନ୍ତି। ଅନ୍ୟପଟେ ବଡ଼ଶିଲିଙ୍ଗା ପଞ୍ଚାୟତର ଅନେକ ଗ୍ରାମ ଦୁର୍ଗମ ଅଞ୍ଚଳରେ ରହୁଥିବାରୁ ରାଜସ୍ୱ ବିଭାଗ ପାଇଁ ଖଜଣା ଆଦାୟ କରିବା କଷ୍ଟସାଧ ହୋଇଥାଏ। ଏହି ଉତ୍ସବକୁ ପଞ୍ଚାୟତର ପ୍ରତ୍ୟେକ ଗ୍ରାମର ଲୋକମାନେ ଆସୁଥିବାରୁ ରାଜସ୍ୱ କର୍ମଚାରୀ ଉପସ୍ଥିତ ରହି ସେମାନଙ୍କଠାରୁ ସହଜରେ ଖଜଣା ଆଦାୟ କରିଥାନ୍ତି।

ଦଶପଲ୍ଲା କପ୍ ଫୁଟବଲ

### କେ.ଏଫ୍.ସି. ଖୋର୍ଦ୍ଧା ବିଜୟୀ

ଦଶପଲ୍ଲା, ୧୬।୧(ଡି.ଏନ.ଏ.): ଦଶପଲ୍ଲା କପ ଫୁଟବଲ୍ ଟୁର୍ନାମେଣ୍ଟର ୬ଷ୍ଠ ଦିବସରେ ’ବି ’ ଗ୍ରୁପର ଦ୍ୱିତୀୟ ଲିଗ୍ ମ୍ୟାଚ କେ.ଏଫ୍.ସି ଖୋର୍ଦ୍ଧା ଓ ହାଲ୍ ସୁନାବେଡା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଖୋର୍ଦ୍ଧା ଦଳ ହାଲ୍ ସୁନାବେଡାକୁ ୧-୦ରେ ହରାଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି । ଖେଳରେ ପୂର୍ତ୍ତବିଭାଗ ସହକରୀ ନିର୍ବାହୀ ଯନ୍ତ୍ରୀ ଭଗବାନ ସାହୁ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଖେଳ ପରିଚାଳନା କରିଥିଲେ ରାଜୁ ମହାନ୍ତି । ଗୁରୁବାର ମ୍ୟାଚ ଓଡିଶା ପୋଲିସ କଟକ ଓ ଇଷ୍ଟକୋଷ୍ଟ ରେଲୱେ ଜଟଣୀ ମଧ୍ୟରେ ଖେଳାଯିବ ।

# କାଳିଆ ଯୋଜନାରେ ସାମିଲ ପାଇଁ ଭିଡ଼

ନୟାଗଡ଼ ଅଫିସ,୧୬।୧

- ପ୍ରତ୍ୟାହାର କରିବାକୁ ପଛଘୁଞ୍ଚା
- ନାଲି ଫର୍ମରେ ଆବେଦନ କରିଛନ୍ତି ମାତ୍ର ୬୭୯
- ସବୁଜ ଫର୍ମରେ ଆବେଦନ ସଂଖ୍ୟା ୨ ଲକ୍ଷ ୭ ହଜାର

ନୟାଗଡ଼ ଜିଲାରେ କାଳିଆ ( କୃଷକ ଆସିଷ୍ଟାଣ୍ଟ ଫର ଲାଇଭ୍‌ଲିହୁଡ଼ ଆଣ୍ଡ ଇନ୍‌କମ୍ ଅଗ୍‌ମେଣ୍ଟେଶନ)ଯୋଜନାରେ ସାମିଲ ହେବା ପାଇଁ ଚାଷୀମାନେ ୧୯୪ଟି ପଞ୍ଚାୟତ କାର୍ଯ୍ୟାଳୟରେ ଭିଡ଼ ଲଗାଇଥିବାର ଦେଖିବାକୁ ମିଳିଥିଲା। ହେଲେ ପ୍ରତ୍ୟାହାର କରିବା ପାଇଁ ଅଯୋଗ୍ୟ ହିତାଧିକାରୀ ପଛଘୁଞ୍ଚା ଦେଇଥିବା ଦେଖିବାକୁ ମିଳିଛି। ଜିଲାର ୮ଟି ବ୍ଲକର ୧୭୦୨ଟି ଗ୍ରାମର ୨ ଲକ୍ଷ ୭ ହଜାର ୯୮୪ ଜଣ ଚାଷୀ ଯୋଜନାରେ ସାମିଲ ହେବା ପାଇଁ ଆବେଦନ କରିଥିବା ବେଳେ ପ୍ରତ୍ୟାହାର କରିବା ପାଇଁ ମାତ୍ର ୬୭୯ ଜଣ ଆବେଦନ କରିଛନ୍ତି।

ଜିଲା କୃଷି ଉପନିର୍ଦ୍ଦେଶକ କାର୍ଯ୍ୟାଳୟଠାରୁ ମିଳିଥିବା ସୂଚନା ଅନୁସାରେ, ସବୁଜ ଫର୍ମରେ ନୟାଗଡ଼ ବ୍ଲକର ୩୫,୧୦୮, ଓଡ଼ଗାଁର ୩୩,୩୨୫, ଖଣ୍ଡପଡ଼ାର ୨୫,୦୮୬ , ରଣପୁରର ୩୮,୨୪୭, ଭାପୁରର ୨୨,୦୧୩, ଦଶପଲ୍ଲାର ୨୨,୦୬୧, ନୂଆଗାଁର ୨୩,୯୧୫, ଗଣିଆର ୮୨୨୯ଜଣ ମୋଟ ୨ ଲକ୍ଷ ୭ ହଜାର ୯୮୪ ଜଣ ଚାଷୀ ଆବେଦନ କରିଛନ୍ତି। ସେହିଭଳି ନାଲି ଫର୍ମରେ ତାଲିକାରୁ ବାଦ୍ ପଡ଼ିବା ପାଇଁ ନୟାଗଡ଼ ବ୍ଲକରେ ୧୬୭, ଓଡ଼ଗାଁରେ ୧୨୦, ଖଣ୍ଡପଡ଼ାରେ ୪୩, ରଣପୁରରେ ୮୩, ଭାପୁରରେ ୬୭, ଦଶପଲ୍ଲାରେ ୬୧, ନୂଆଗାଁରେ ୫୫ ଓ ଗଣିଆ ବ୍ଲକରେ ୮୩ ଜଣ ମୋଟ ୬୭୯ ଜଣ ଆବେଦନ କରିଛନ୍ତି। ସୂଚନାଯୋଗ୍ୟ ଯେ ୪ ତାରିଖରେ ଜିଲାରେ ପ୍ରାଥମିକ ପର୍ଯ୍ୟାୟରେ ୬୫,୯୧୯ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ସାମିଲ କରାଯାଇଥିବା ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ତାଲିକା ପ୍ରକାଶ ପାଇଥିଲା। ନୟାଗଡ଼ ବ୍ଲକରେ ୧୧,୯୪୦, ଓଡ଼ଗାଁରେ ୧୩,୮୯୭, ରଣପୁରରେ ୯୭୯୧, ଖଣ୍ଡପଡ଼ାରେ ୭୮୭୦, ଭାପୁରରେ ୬୯୩୯, ଦଶପଲ୍ଲାରେ ୫୯୯୯, ନୂଆଗାଁରେ ୬୨୦୯ ଓ ଗଣିଆ ବ୍ଲକରେ ୩୨୭୪ ଜଣ ଚାଷୀଙ୍କୁ ଚିହ୍ନଟ କରାଯାଇଥିବା ତାଲିକା ପ୍ରକାଶ ପାଇଥିଲା। ୨ରୁ ୧୦ ତାରିଖ ତାଲିକାରେ ନାମ ଯୋଡ଼ିବା ପାଇଁ ପ୍ରତି ପଞ୍ଚାୟତରେ ନାଲି ଓ ସବୁଜ ରଙ୍ଗର ବାକ୍ସ ଦୁଇଟି ଟଙ୍ଗାଯିବା ସହ ଉଭୟ ରଙ୍ଗର ଫର୍ମରେ ଆବଦେନ କରିବା ପାଇଁ କୁହାଯାଇଥିଲା। ଚାଷୀମାନେ ନିଜ ନାମ ଅନ୍ତର୍ଭୁକ୍ତ କରିବା ପାଇଁ ସବୁଜ ଫର୍ମ ଓ ବାଦ୍ ପଡ଼ିବା ପାଇଁ ନାଲି ଫର୍ମରେ ଆବେଦନ କରିବାକୁ ଦର୍ଶାଯାଇଥିଲା। ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିବା ସରକାରୀ କର୍ମଚାରୀ, ପେନସନ୍‌ଧାରୀ ଓ ଟ୍ୟାକ୍ସ ପଇଠ କରୁଥିବା ଚାଷୀମାନେ ସେମାନଙ୍କ ନାମ ବାଦ୍ କରିବା ପାଇଁ ନାଲି ଫର୍ମରେ ଆବେଦନ କରିବାକୁ ସୂଚନା ଦିଆଯାଇଥିଲା। ଜିଲାରେ କାର୍ଯ୍ୟ କରୁଥିବା ସରକାରୀ କର୍ମଚାରୀମାନଙ୍କ ଯଦି ନାମ ତାଲିକାରେ ଅଛି ତାହା ହେଲେ ସେଥିରୁ ବାଦ୍ ପଡ଼ିବା ପାଇଁ ଜିଲାପାଳ ସମସ୍ତ ବିଭାଗକୁ ଚିଠି କରିଥିଲେ। ଯଦି କର୍ମଚାରୀମାନେ ଏହା ପାଳନ ନ କରନ୍ତି ଓ ପରେ ଧରାପଡନ୍ତି ତାହା ହେଲେ ତାଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମଧ୍ୟ ସୂଚନା ଦିଆଯାଇଛି। ଜିଲାର ବିଭିନ୍ନ ସ୍ଥାନରେ ଅଯୋଗ୍ୟ ହିତାଧିକାରୀମାନେ ତାଙ୍କ ନାମ ତାଲିକାରୁ ବାଦ୍ କରି ନ ଥିବା ଜଣାପଡ଼ିଛି। କୃଷି ବିଭାଗ ପକ୍ଷରୁ ଯେଉଁମାନେ ଅଯୋଗ୍ୟ ସେମାନଙ୍କ ନାମ କଟାଯିବ ବୋଲି ସୂଚନା ମିଳିଛି। ଚଳିତମାସ ୧୦ ତାରିଖ ଆବେଦନ ଓ ବାଦ୍ ପଡ଼ିବା ପାଇଁ ଶେଷ ତାରିଖ ଥିବା ବେଳେ କେବଳ ସବୁଜ ଫର୍ମରେ ଆବେଦନ କରିବା ପାଇଁ ପରବର୍ତ୍ତୀ ସମୟରେ ୧୫ ତାରିଖ ପର୍ଯ୍ୟନ୍ତ ଅବଧି ବଢ଼ାଯାଇଥିଲା। ୨୧ ରୁ ୨୫ ତାରିଖ ପର୍ଯ୍ୟନ୍ତ ପ୍ରାଥମିକ ପର୍ଯ୍ୟାୟରେ ୨୦୧୯ ରବି ଋତୁ ପାଇଁ ତାଲିକାରେ ପ୍ରକାଶ ପାଇଥିବା ଯୋଗ୍ୟ ଚାଷୀଙ୍କ ବ୍ୟାଙ୍କ୍ ଆକାଉଣ୍ଟକୁ ୫୦୦୦ ଟଙ୍କା ଯିବ। କାଳିଆ ଯୋଜନାରେ ଚାଷୀଙ୍କ ପାଇଁ ୫ଟି ପର୍ଯ୍ୟାୟରେ ୨୫ ହଜାର ଟଙ୍କା ସହାୟତା ରାଶି ପ୍ରଦାନ କରାଯିବ। ପ୍ରକାଶ ଯେ, ଜିଲାରେ ବର୍ତ୍ତମାନ ୧ ଲକ୍ଷ ୪୪ ହଜାର ୮୩ ଜଣ ଚାଷୀ ପଞ୍ଜୀକୃତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୧ ଲକ୍ଷ ୧୩ ହଜାର ନାମମାତ୍ର, ୧୮,୪୪୩ କ୍ଷୁଦ୍ର ଓ ୧୧,୯୧୦ ଜଣ ବଡ଼ ଚାଷୀ ଅଛନ୍ତି।




କାଳିଆ ଯୋଜନାରେ ସାମିଲ ପାଇଁ ଗଣିଆ ବ୍ଲକ ଛାମୁଣ୍ଡିଆ ପଞ୍ଚାୟତ କାର୍ଯ୍ୟାଳୟରେ ଭିଡ଼।

## ଆଇସିଏସ୍‌ଆଇ ଷ୍ଟଡ଼ି ସେଣ୍ଟର ଉଦ୍‌ଘାଟିତ

ନୟାଗଡ଼ ଅଫିସ,୧୬।୧

ନୟାଗଡ଼ ସ୍ୱୟଂଶାସିତ ମହାବିଦ୍ୟାଳୟଠାରେ ବୁଧବାର ଭାରତୀୟ କମ୍ପାନୀ ସଚିବ ଅନୁଷ୍ଠାନ (ଆଇସିଏସ୍‌ଆଇ) ନୂଆଦିଲ୍ଲୀ ପକ୍ଷରୁ କମ୍ପାନୀ ସେକ୍ରେଟାରୀ କୋର୍ସ ପାଇଁ ଷ୍ଟଡ଼ି ସେଣ୍ଟର ଉଦ୍‌ଘାଟିତ ହୋଇଯାଇଛି। ମହାବିଦ୍ୟାଳୟର ଅଧ୍ୟକ୍ଷା ଡ. ବିଜୟଲକ୍ଷ୍ମୀ ପରିଡ଼ା ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହି ଷ୍ଟଡ଼ି ସେଣ୍ଟରକୁ ଉଦ୍‌ଘାଟନ କରିଥିଲେ। କମ୍ପାନୀ ସେକ୍ରେଟାରୀ ଭୁବନେଶ୍ୱର ଚାପ୍ଟର ତରଫରୁ ଅଧ୍ୟକ୍ଷ ସୁରେନ୍ଦ୍ରନାଥ ମଲ୍ଲିକ, କମ୍ପାନୀ ସେକ୍ରେଟାରୀ ଏସ୍‌ଏସ୍ ମିଶ୍ର, ଉମେଶ ମିଶ୍ର ଏହାର ଇନଚାର୍ଜ ଭାବେ ଯୋଗ ଦେଇ କମ୍ପାନୀ ସେକ୍ରେଟାରୀ କୋର୍ସ ଏବଂ ଷ୍ଟଡ଼ି ସେଣ୍ଟର ବିଷୟରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟର ବାଣିଜ୍ୟ ବିଭାଗୀୟ ମୁଖ୍ୟ ବଂଶୀଧର ଗୌଡ଼, ଡ. ଲକ୍ଷ୍ମୀଧର ସାହୁ, ଅଧ୍ୟାପିକା, ଅଧ୍ୟାପକ, ଛାତ୍ରୀଛାତ୍ରମାନେ ଯୋଗ ଦେଇଥିଲେ। ଏହି ସେଣ୍ଟର ଖୋଲା ହେବା ଦ୍ୱାରା ନୟାଗଡ଼ ଜିଲାର ଛାତ୍ରୀଛାତ୍ରମାନେ ବହୁମାତ୍ରାରେ ଉପକୃତ ହେବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ।

## ବୋଲେରୋ-ବାଇକ୍ ମୁହାଁମୁହିଁ: ୩ ଗୁରୁତର



ଗୁରୁତର ୩ ଯୁବକ।

ନୂଆଗାଁ,୧୬।୧ (ଡି.ଏନ.ଏ.)

ନୟାଗଡ଼ ଜିଲା ନୂଆଗାଁ ଥାନା ମୁଦୁରାଙ୍ଗଠାରେ ବୁଧବାର ସନ୍ଧ୍ୟାରେ ବୋଲେରୋ-ବାଇକ୍ ମୁହାଁମୁହିଁ ଧକ୍କାହୋଇ ୩ଜଣ ଗୁରୁତର ହୋଇଛନ୍ତି। ତାଙ୍କୁ ଚିକିତ୍ସା ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଗୁରୁତରମାନେ ହେଲେ ମାଳିସାହି ସାନମଡା ଗ୍ରାମର ସିଲୁ ବେହେରା, ସନ୍ତୋଷ ପ୍ରଧାନ ଓ ସୁବଳ ପ୍ରଧାନ। ସମସ୍ତଙ୍କ ବୟସ ୨୫ରୁ ୩୦ ବର୍ଷ ମଧ୍ୟରେ ହେବ। ଏହି ୩ଜଣ ଏକ ନୂଆ ବାଇକ୍ (ନମ୍ବରବିହୀନ)ରେ ଦଶପଲ୍ଲାରୁ ଗ୍ରାମକୁ ଫେରୁଥିବାବେଳେ ନୟାଗଡରୁ ଦଶପଲ୍ଲା ଯାଉଥିବା ଓଆର୍ ୦୨ଏଏନ-୦୪୩୪ନଂ. ବୋଲେରୋ ସହ ଧକ୍କା ହୋଇଥିଲା। ଫଳରେ ବାଇକ୍‌ରୁ ଛିଟିକିପଡି ସମସ୍ତେ ଗୁରୁତର ହୋଇଥିଲେ। ଦୁର୍ଘଟଣାରେ ବାଇକ୍‌ଟି ଭାଙ୍ଗିରୁଜି ଯାଇଛି। ସ୍ଥାନୀୟ ଲୋକଙ୍କ ସହାୟତାରେ ଦମକଳବାହିନୀ ଗାଡି ଯୋଗେ ଆହତମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସନ୍ତୋଷ ଓ ସିଲୁଙ୍କୁ ଭୁବନେଶ୍ୱର ସ୍ଥାନାନ୍ତର କରାଯାଇଛି। ସୁବଳ ନୟାଗଡରେ ଚିକିତ୍ସିତ ହେଉଛନ୍ତି। ନୂଆଗାଁ ଥାନା ପୋଲିସ ଘଟଣାସ୍ଥଳରୁ ବାଇକ୍ ଓ ବୋଲେରୋ ଜବତ କରିଛି।

## ଶିଶୁ ମହୋତ୍ସବ କୁସୁମୀ ଓ ପଲ୍ଲିଶ୍ରୀ ମେଳା ଉଦ୍‌ଘାଟିତ

ନୟାଗଡ଼ ଅଫିସ,୧୬।୧

ନୟାଗଡ଼ ଜିଲା ଶରଣକୂଳ ଶିଶୁ ମହୋତ୍ସବ କୁସୁମୀ ଓ ପଲ୍ଲିଶ୍ରୀ ମେଳା ବୁଧବାର ନାରାୟଣ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ଶିଶୁମାନଙ୍କ କଳା, ସଂସ୍କୃତି, ପ୍ରତିଭା ଅନ୍ୱେଷଣ ପାଇଁ ଅନୁଷ୍ଠିତ ଏହି ଶିଶୁ ମହୋତ୍ସବକୁ ରଣପୁର ବିଧାୟକ ରବିନାରାୟଣ ମହାପାତ୍ର ମୁଖ୍ୟ ଅତିଥିଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ମହୋତ୍ସବର ସଭାପତି ବିକ୍ରମ କୁମାର ଦାଶଙ୍କ ପୌରାହିତ୍ୟରେ ଅନୁଷ୍ଠିତ ସାଂସ୍କୃତିକ ସଭାରେ ଓଡ଼ଗାଁ ତହସିଲଦାର ପ୍ରମୋଦ କୁମାର ନାୟକ, ସାମାଜିକକର୍ମୀ ସ୍ମିତା ସିଂ, ହରିହରପୁର ସରପଞ୍ଚ ସଂଯୁକ୍ତା ସିଠ, ଶରଣକୂଳ ସରପଞ୍ଚ ଯାମିନୀ ସାହୁ,ସମିତିସଭ୍ୟା ଦୀପ୍ତିମୟୀ ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗ ଦେଇଥିଲେ। ସେହିପରି ମହୋତ୍ସବରେ ଛାତ୍ରୀଛାତ୍ର ଓ ଶିଶୁମାନଙ୍କ ଦ୍ୱାରା ପରିବେଷିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ସୁବାଷ ଚନ୍ଦ୍ର ପଣ୍ଡା, ନାରାୟଣ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନାରାୟଣ ପରିଡ଼ା, କିଶୋର ଚନ୍ଦ୍ର କର, ଭଗବାନ ମିଶ୍ର ଅତିଥିଭାବେ ଯୋଗ ଦେଇ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିବସରେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ରଘୁରାଜପୁରର ଗୋଟିପୁଅ ନୃତ୍ୟ, ସରସ୍ୱତୀ ଡ୍ୟାନ୍ସ ଏକାଡ଼େମୀର ଦଶବତାର ନୃତ୍ୟ ଦର୍ଶକମାନଙ୍କୁ ମନମୁଗ୍ଧ କରିଥିଲା। ସେହିଭଳି ଟେଲି ଅଭିନେତ୍ରୀ ଆଶା ଓ ଶୁଭି ଙ୍କର ମନମୁଗ୍ଧକର ସଂଳାପ ଦର୍ଶକମାନଙ୍କୁ ବିମୁଗ୍ଧ କରିଥିଲା। ପ୍ରଶାନ୍ତ କୁମାର ଦାଶ ଓ ଶୈଳଜା ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ସାଂଗଠନିକ ବୈଠକ

ବୋଲଗଡ଼,୧୬।୧(ଡି.ଏନ.ଏ.)

ଚଳିତ ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ବିଭିନ୍ନ ଦଳୀୟ ନେତା ଏବଂ ଆଶାୟୀ ପ୍ରାର୍ଥୀମାନେ ନିଜ ନିଜର ସମର୍ଥକମାନଙ୍କୁ ସଂଗଠିତ କରିବାରେ ଲାଗିପଡିଛନ୍ତି । ବେଗୁନିଆ ଅଞ୍ଚଳରେ ଚର୍ଚ୍ଚାରେ ଥିବା ରାଜ୍ୟସଭା ସଦସ୍ୟ ପ୍ରଶାନ୍ତ ନନ୍ଦଙ୍କ ପୁଅ ରିଷଭ ନନ୍ଦ ବୁଧବାର ବିଭିନ୍ନ ସ୍ଥାନରେ ସାଂଗଠନିକ ବୈଠକ କରିଛନ୍ତି। ବୋଲଗଡ଼ ବ୍ଲକର ସାନପଦର, କଡ଼ବ ଏବଂ ଗୋପାଳପୁର ପଞ୍ଚାୟତ ଅଞ୍ଚଳର ସମର୍ଥକମାନଙ୍କୁ ନେଇ ସେ ବୈଠକ କରିଛନ୍ତି। ଏଥିରେ ସମ୍ପୃକ୍ତ ପଞ୍ଚାୟତର ବିଭିନ୍ନ ୱାର୍ଡରୁ ତାଙ୍କର ସମର୍ଥକମାନେ ଯୋଗଦେଇଥିଲେ ।

■ ଜିଲା ମୁଖ୍ୟ ଚିକିତ୍ସାଳୟରେ ଅବ୍ୟବସ୍ଥା

## ଜିଲାପାଳଙ୍କ କାର୍ଯ୍ୟାଳୟ ଘେରିଲା ଏସ୍‌ଆର୍‌କେ

ନୟାଗଡ଼ ଅଫିସ,୧୬।୧



ସଂଗଠନ ତରଫରୁ ନୟାଗଡ଼ ତହସିଲଦାରଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି ।

ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଦେଖାଦେଉଥିବା ଅବ୍ୟବସ୍ଥାର ପ୍ରତିବାଦରେ ଶାନ୍ତି ରକ୍ଷା କମିଟି (ଏସ୍‌ଆରକେ) ସଙ୍ଗଠନ ପକ୍ଷରୁ ବୁଧବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ ସହ ଘେରାଉ କରାଯାଇଥିଲା। ସଂଘର ସଦସ୍ୟମାନେ ଇଟାମାଟି ପୁରୁଣା ସିନେମା ହଲଠାରୁ ଏକ ବାଇକ୍ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟଠାରେ ପହଞ୍ଚିଥିଲେ। ସେଠାରେ ପହଞ୍ଚି ନାରାବାଜି ଦିଆଯିବା ସହ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଜିଲା ମୁଖ୍ୟ ଚିକିତ୍ସାଳୟରେ ଦେଖାଦେଇଥିବା ୧୩ଟି ମୁଖ୍ୟ ସମସ୍ୟାର ସମାଧାନ ପାଇଁ ସେମାନେ ଦାବି କରିଛନ୍ତି। ନୟାଗଡ଼ ଜିଲା ମୁଖ୍ୟ ଚିକିତ୍ସାଳୟରେ ଖାଲି ପଡ଼ିଥିବା ଡାକ୍ତର ଓ ନର୍ସ ପଦବୀ ପୂରଣ କରିବା, ଡାକ୍ତରଖାନାକୁ ଆମ୍ବୁଲାନ୍ସ ଯୋଗାଇଦେବା, ଡାକ୍ତରଖାନାରେ ସମସ୍ତ ଯନ୍ତ୍ରପାତିର ସୁବିଧା କରିବା ସହିତ ଏହାକୁ ଚାଳନ କରିବା ପାଇଁ ଟେକ୍‌ନିସିଆନ୍ ନିଯୁକ୍ତି, ସମସ୍ତ ବେଡ୍‌ରେ ସାଲାଇନ୍ ପାଇଁ ଷ୍ଟାଣ୍ଡର ବନ୍ଦୋବସ୍ତ କରିବା, ୱାର୍ଡ଼ର ଶଯ୍ୟା ସଂଖ୍ୟା ବୃଦ୍ଧି କରାଇବା, ଡାକ୍ତରଖାନାରେ ଆଇସିୟୁ ବନ୍ଦୋବସ୍ତ କରିବା ଭଳି ୧୩ଟି ଦାବିରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ବିକ୍ଷୋଭ ପରେ ସଂଘର ସଦସ୍ୟମାନେ ନୟାଗଡ଼ ତହସିଲଦାର ମନୋରଞ୍ଜନ ସାହୁଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଜିଲା ପ୍ରଶାସନ ତରଫରୁ ୨ ମାସରେ ଏହାର ସମାଧାନ କରାଯିବ ବୋଲି ପ୍ରତିଶ୍ରୁତି ଦିଆଯିବା ପରେ ବିକ୍ଷୋଭକାରୀମାନେ ହଟିଥିଲେ। ୨ ମାସ ଭିତରେ ସମସ୍ୟାର ସମାଧାନ କରା ନ ଗଲେ ନୟାଗଡ଼ରେ ବନ୍ଦ ଡାକରା ଦିଆଯିବ ବୋଲି ସଂଘ ପକ୍ଷରୁ ପ୍ରକାଶ କରାଯାଇଛି। ରାୟଗଡ଼ା ଜିଲା ଗୁଣୁପୁର ଏସ୍‌ଆରକେ ସଙ୍ଗଠନର ସଭାପତି ମୋହିନୀ ଆଚାର୍ଯ୍ୟଙ୍କ ନେତୃତ୍ୱରେ ହୋଇଥିବା ଏହି ଘେରାଉ କାର୍ଯ୍ୟକ୍ରମରେ ଇଟାମାଟି ସମ୍ପାଦକ ବୀରେନ୍ଦ୍ର ନାୟକ, ସଭାପତି ଅମିତ୍ କୁମାର ଅଗ୍ରୱାଲ, ସୁଶାନ୍ତ ସାହୁ, ମଣ୍ଟୁ ସାଥୁଆ, ଶିବଶଙ୍କର ମହାନ୍ତିଙ୍କ ସମେତ ବହୁ ସଦସ୍ୟ ଯୋଗ ଦେଇଥିଲେ।

## ପଞ୍ଚାୟତସ୍ତରୀୟ କର୍ମୀ ସମ୍ମିଳନୀ

ବୋଲଗଡ଼,୧୬।୧(ଡି.ଏନ.ଏ.)

ବୋଲଗଡ଼ ବ୍ଲକ ବଡକୁମାରୀ ପଞ୍ଚାୟତସ୍ତରୀୟ କଂଗ୍ରେସ କର୍ମୀ ସମ୍ମିଳନୀ ବୁଧବାର ହାଟବସ୍ତଠାରେ ଅନୁଷ୍ଠିତ ହୋଇଯାଇଛି । ଆୟୋଜିତ ବୈଠକରେ କଂଗ୍ରେସ ନେତା ଭଗବାନ ବେହେରା ସଭାପତିତ୍ୱ କରିଥିଲେ। ଏଥିରେ ବଡକୁମାରୀ ପଞ୍ଚାୟତର ପ୍ରାୟ ୧ଶହ କଂଗ୍ରେସ କର୍ମୀ ଯୋଗଦେଇଥିଲେ । ଖୋର୍ଦ୍ଧା ଜିଲା ପିସିସି ଉପସଭାପତି ତଥା ଆଇନଜୀବୀ ପ୍ରଶାନ୍ତ କୁମାର ପରିଡା, ସାଧାରଣ ସମ୍ପାଦକ ପ୍ୟାରୀମୋହନ ଦାସ ଓ କାର୍ଯ୍ୟକାରୀ କମିଟି ସଦସ୍ୟ ଫକିର ସାହୁ ପ୍ରମୁଖ ବୈଠକରେ ଯୋଗଦେଇଥିଲେ। ଆଗାମୀ ସାଧାରଣ ନିର୍ବାଚନ ଅବସରରେ ସଂଗଠନକୁ କ୍ରିୟାଶୀଳ କରିବାକୁ ଉପସ୍ଥିତ କର୍ମୀମାନଙ୍କୁ ଆହ୍ୱାନ ଦିଆଯାଇଥିଲା।

■ ନଦୀକୂଳ ଡମ୍ପିଂ ପ୍ୟାକିଂ ଖସୁଛି, କଣ୍ଟିଲୋ ପାଇଁ ବିପଦ ସୃଷ୍ଟି କରିବ

## ଦୀର୍ଘଦିନର ଦାବି ପରେ କାର୍ଯ୍ୟ ଆରମ୍ଭ

ଖଣ୍ଡପଡା,୧୬।୧(ସ୍ୱ.ପ୍ର.)

ଧରିତ୍ରୀ ପ୍ରଭାବ



ମହାନଦୀ ଦକ୍ଷିଣପାର୍ଶ୍ୱ ମାଳବନ୍ଧର ସୁରକ୍ଷା ପାଇଁ ଦୀର୍ଘବର୍ଷ ପୂର୍ବେ ନିର୍ମାଣ କରାଯାଇଥିବା ପଥର ପ୍ୟାକିଂ ଓ ଡମ୍ପିଂ ବନ୍ୟା ସମୟରେ ଭୁଶୁଡି ପଡୁଥିବା ପରିଲକ୍ଷିତ ହୋଇଥାଏ। ଏ ସମ୍ପର୍କରେ ଧରିତ୍ରୀରେ ଖବର ପ୍ରକାଶ ପାଇବା ପରେ ବିଭାଗ ପକ୍ଷରୁ କାର୍ଯ୍ୟ ଆରମ୍ଭ ହୋଇଛି।

ନୟାଗଡ଼ ଜଳସମ୍ପଦ ଡିଭିଜନର କଣ୍ଟିଲୋ ଜଳସମ୍ପଦ ବିଭାଗ ଅଧୀନରେ ଥିବା ମହାନଦୀ ଦକ୍ଷିଣପାର୍ଶ୍ୱ ମାଳବନ୍ଧ ତଥା ତଟବର୍ତ୍ତୀ ଅଞ୍ଚଳର ବିଭିନ୍ନ ଗ୍ରାମକୁ ସୁରକ୍ଷା ଦେବା ପାଇଁ କଣ୍ଟିଲୋ-ବାଣପୁର ମାଳବନ୍ଧ ନିର୍ମାଣ କରାଯାଇଛି। ଏହା ସତ୍ତ୍ୱେ ବିଭିନ୍ନ ସମୟରେ ମହାନଦୀରେ ବନ୍ୟାଆସି ମାଳବନ୍ଧଗୁଡିକର କ୍ଷୟକ୍ଷତି ଘଟାଇଥାଏ। ବନ୍ୟା ସ୍ରୋତରେ ନଦୀକୂଳ ଅଞ୍ଚଳ ମଧ୍ୟ ଧୋଇ ହୋଇଥାଏ। ଏ ସମ୍ପର୍କରେ ଧରିତ୍ରୀରେ ‘ନଦୀକୂଳ ଡମ୍ପିଂ ପ୍ୟାକିଂ ଖସୁଛି, କଣ୍ଟିଲୋ ପାଇଁ ବିପଦ ସୃଷ୍ଟି କରିବ’ ଶୀର୍ଷକ ଖବର ୨୦୧୮ ନଭେମ୍ବର, ଓ ଜାନୁୟାରୀରେ ପ୍ରକାଶ ପାଇଥିଲା। ଏହା ପରେ ଜଳସମ୍ପଦ ବିଭାଗ ପକ୍ଷରୁ ପଦକ୍ଷେପ ଗ୍ରହଣ କରାଯାଇଥିଲା। ଏହି କାର୍ଯ୍ୟ ପାଇଁ ପ୍ରାୟ ସାଢେ ୩ କୋଟି ଟଙ୍କା ବ୍ୟୟ ବରାଦ କରାଯାଇ ଟେଣ୍ଡର ମାଧ୍ୟମରେ ଠିକାଦାର ଗତ ସପ୍ତାହ ହେବ କାର୍ଯ୍ୟ ଆରମ୍ଭ କରିଛନ୍ତି। ନଦୀ କୂଳରେ ପୂର୍ବରୁ ହୋଇଥିବା ପଥର କାର୍ଯ୍ୟ ବନ୍ୟା ସମୟରେ ଖସୁଥିବାରୁ ପଥର ଲଞ୍ଚ୍ ଓ ପ୍ୟାକିଂ କାର୍ଯ୍ୟ ବର୍ତ୍ତମାନ ଚାଲୁଥିବା ବିଭାଗୀୟ ଯନ୍ତ୍ରୀ ଶଙ୍କର ଦଳେଇଙ୍କଠାରୁ ସୂଚନା ମିଳିଛି । ଅନ୍ୟପକ୍ଷେ ନଦୀପାର୍ଶ୍ୱ ପାହାଡ ଉପରେ ପ୍ରତିଷ୍ଠିତ ନୀଳମାଧବ ମନ୍ଦିରର ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ବର୍ଷା ଓ ବନ୍ୟାରେ ଉକ୍ତ ପାହାଡରୁ ପଥର ଖସୁଥିବାରୁ ଆଗାମୀ ଦିନରେ ମନ୍ଦିର ପାଇଁ ବିପଦ ସୃଷ୍ଟି ହେବା ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ। ଏ ଦିଗରେ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି । ସୂଚନାଯୋଗ୍ୟ ନଦୀ ତଟବର୍ତ୍ତୀ ଅଞ୍ଚଳ ସହ ମାଳବନ୍ଧର ସୁରକ୍ଷା ପାଇଁ ୨୦୦୯ ଜାନୁୟାରୀରେ ନୀଳମାଧବ ମନ୍ଦିର ପଶ୍ଚିମପାର୍ଶ୍ୱରୁ ଗାନ୍ଧୀ ପାର୍କ ପର୍ଯ୍ୟନ୍ତ ନଦୀ କୂଳେ କୂଳେ ଓସ୍‌ଡମା ପକ୍ଷରୁ ପ୍ରାୟ ୪ କୋଟି ଟଙ୍କା ବ୍ୟୟରେ ପଥର ଡ଼ମ୍ପିଂ ଓ ପ୍ୟାକିଂ କାର୍ଯ୍ୟ କରାଯାଇଥିଲା। ହେଲେ ବନ୍ୟା ପରେ ପରେ ଏହି କାର୍ଯ୍ୟ କରାଯାଇଥିବାରୁ ପାଣି ଛାଡି ନ ଥିବା ଅତଡା ସ୍ଥାନଗୁଡିକ ଠିକ୍ ଭାବେ ଡମ୍ପିଂ ଓ ପ୍ୟାକିଂ କାର୍ଯ୍ୟ ହୋଇପାରି ନ ଥିଲା। ଫଳରେ ପରବର୍ତ୍ତୀ ସମୟରେ ନଦୀରୁ ଛାଡିବା ପରେ ଏହି ପ୍ୟାକିଂ ଓ ଡ଼ମ୍ପିଂରୁ ପଥର ଖସିବାକୁ ଲାଗିଥିଲା। ନଦୀ ବଢି ସମୟରେ ଏହି ପଥର ଖସୁଥିବା ଦେଖିବାକୁ ମିଳିଥିଲା। ଏପରିସ୍ଥଳେ ୨୦୧୪ ନଭେମ୍ବର ୧୩ ତାରିଖରେ ଜଳସମ୍ପଦ ବିଭାଗର ସର୍ବୋଚ୍ଚ ଯନ୍ତ୍ରୀ ଜାନକୀ ବଲ୍ଲଭ ମହାପାତ୍ର କଣ୍ଟିଲୋ ପରିଦର୍ଶନରେ ଆସିଥିବା ସମୟରେ ଏ ସମ୍ପର୍କରେ ତାଙ୍କୁ ଅବଗତ କରାଯାଇଥିଲା। ଏହାର ପ୍ରତିକାର ଦିଗରେ ସେ ଦୃଷ୍ଟି ଦେବେ ବୋଲି ସୂଚନା ଦେଇଥିଲେ । ପରବର୍ତ୍ତୀ ସମୟରେ ଉକ୍ତ କାର୍ଯ୍ୟ ପାଇଁ ଅଟକଳ ପ୍ରସ୍ତୁତ ହୋଇଥିବା ବିଭାଗୀୟ ଅଧିକାରୀଙ୍କଠାରୁ ସୂଚନା ମିଳିଥିଲା।

# ମୋଷ୍ଟ ୱାଣ୍ଟେଡ୍ ଆଲୋକ ଗିରଫ

ଓଡ଼ଗାଁ,୧୬।୧(ସ୍ୱ.ପ୍ର.)



ଖବରଦାତା ସମ୍ମିଳନୀରେ ପୋଲିସ ସୂଚନା ଦେଉଛି।(ବାମ) ଗିରଫ ଆଲୋକ ସାହୁ।

ନୟାଗଡ଼ ସମେତ ଖୋର୍ଦ୍ଧା ଓ ଗଞ୍ଜାମ ଜିଲାର ବିଭିନ୍ନ ଥାନାରେ ମୋଷ୍ଟ ୱାଣ୍ଟେଡ୍ ତାଲିକାରେ ଥିବା ଆଲୋକ ସାହୁ(୨୨)ଙ୍କୁ ଓଡଗାଁ ଥାନା ପୋଲିସ ବୁଧବାର ଗିରଫ କରିଛି । ଆଲୋକଙ୍କ ଘର ଏହି ଥାନା ଅନ୍ତର୍ଗତ ରଙ୍ଗଣୀପାଟଣା ଗ୍ରାମରେ ହୋଇଥିବା ବେଳେ ସେ ମାତ୍ର ୨୨ ବର୍ଷ ବୟସରେ ୨୨ ଆପରାଧିକ ମାମଲାରେ ସମ୍ପୃକ୍ତ ଥିବା ପୋଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି। ସେ ଦୁଇ ବର୍ଷ ମଧ୍ୟରେ ଖୋର୍ଦ୍ଧା-ନୟାଗଡ଼-ଓଡ଼ଗାଁ-ଜଗନ୍ନାଥପ୍ରସାଦ-ଭଞ୍ଜନଗର ଏବଂ ଓଡ଼ଗାଁ-ବାହାଡ଼ାଝୋଲା-ମହୀପୁର ରାସ୍ତାରେ ଘଟିଥିବା ବିଭିନ୍ନ ରାହାଜାନି, ଛିନ୍‌ତାଇ, ଅସ୍ତ୍ରଶସ୍ତ୍ର ଓ ବିସ୍ଫୋରକ ବ୍ୟବହାର, ବୋମାମାଡ଼, ବାଇକ ଲୁଟ୍ ଆଦି ମାମଲାରେ ସମ୍ପୃକ୍ତ ଥିବା ଆଲୋକ ପୋଲିସ ଆଗରେ ସ୍ୱୀକାର କରିଛନ୍ତି । ସ୍ଥାନୀୟ ସଦର ବିଜ୍ଞାପିତ ଅଞ୍ଚଳ ସମେତ ପଡୋଶୀ ଗଞ୍ଜାମ ଜିଲାର ବିଭିନ୍ନ ଥାନା ଅଞ୍ଚଳରେ ଆଲୋକଙ୍କ ୧୬ ଜଣ ସହଯୋଗୀ ଥିବା ପୋଲିସ ତଦନ୍ତରୁ ଜାଣିପାରିଛି । ଜିଲା ତଥା ଜିଲା ବାହାର ଥାନାରେ ୨୨ ମାମଲାରେ ସମ୍ପୃକ୍ତ ଥିବା ବେଳେ କେବଳ ଓଡଗାଁ ଥାନାରେ ୬ଟି ମାମଲାରେ ଆଲୋକଙ୍କ ସମ୍ପୃକ୍ତି ଥିବା ପୋଲିସ ସୂଚନା ଦେଇଛି। ଏସବୁ ମଧ୍ୟରେ ଫାଇନାନ୍ସ କମ୍ପାନୀଙ୍କ ଟଙ୍କା ଲୁଟ୍, ଥାନା ପାର୍ଶ୍ୱରେ ଥିବା ସରକାରୀ ସ୍କୁଲ ସାମ୍‌ନାରେ ବୋମାମାଡ଼ କରିବା, ଜାରିଙ୍ଗୀରୁ ଟଙ୍କା ଲୁଟ, ବାହାଡ଼ାଝୋଲା ରାସ୍ତାରେ ଖବରକାଗଜ ଏଜେଣ୍ଟଙ୍କଠାରୁ ମୋବାଇଲ ଓ ଟଙ୍କା ଲୁଟ୍, କୋମଣ୍ଡ ରାସ୍ତାରେ କଲେଜ ଛାତ୍ରଙ୍କଠାରୁ ମୋବାଇଲ ଲୁଟ୍ ସହିତ କେତେକ ବାଇକ ଲୁଟ୍ ଭଳି ମାମଲା ରହିଛି । ଏତଦ୍ ବ୍ୟତୀତ ନିକଟରେ ଗଞ୍ଜାମ ପୋଲିସର ଏନକାଉଣ୍ଟରରେ ଆହତ ହୋଇ ପ୍ରାଣ ହରାଇଥିବା ଦୁର୍ଦ୍ଦାନ୍ତ ଅପରାଧୀ ବାବୁ ନାୟକଙ୍କୁ ଭଞ୍ଜନଗର ଜେଲରୁ ଫେରାର କରିବାରେ ସହଯୋଗ କରିବା ଭଳି ସଙ୍ଗିନ ମାମଲା ଆଲୋକଙ୍କ ନାମରେ ଭଞ୍ଜନଗର ଥାନାରେ ରହିଛି। ପୋଲିସର ପଚରାଉଚୁରା ବେଳେ ନିକଟସ୍ଥ ଗଞ୍ଜାମ ଜିଲା ଜଗନ୍ନାଥପ୍ରସାଦ ଥାନା ଅନ୍ତର୍ଗତ ପଞ୍ଚୁପାଣ୍ଡବ ମୁଣ୍ଡିଆରେ ସେମାନେ କ୍ୟାମ୍ପ କରି ଏକ ବଡଧରଣର ବ୍ୟାଙ୍କ ଡକାୟତି କରିବାକୁ ଯୋଜନା କରୁଥିବା ବେଳେ ବାବୁ ନାୟକଙ୍କୁ ପୋଲିସର ଏନକାଉଣ୍ଟର ଓ ଜଣେ ସହଯୋଗୀର ଗିରଫ ପରେ ସେମାନଙ୍କ ଯୋଜନା ଫସର ଫାଟିଯାଇଥିଲା । ପୋଲିସ ସେମାନଙ୍କ ଆଡ୍ଡା ଉପରେ ଚଢ଼ାଉ କରି ବହୁ ବିସ୍ଫୋରକ ସହିତ ବହୁ ପରିମାଣର ସୁନାରୁପା ଅଳଙ୍କାର ଜବତ କରିଥିଲା । ଜିଲା ଆରକ୍ଷୀ ଅଧୀକ୍ଷକ ଶଶୀଭୂଷଣ ଶତପଥୀଙ୍କ ନିର୍ଦ୍ଦେଶକ୍ରମେ ଶରଣକୁଳ ଏସଡିପିଓ ନାରାୟଣ ଚନ୍ଦ୍ର ବାରିକ, ଶରଣକୁଳ ଥାନା ଆଇଆଇସି ମନୋଜ ଶତପଥୀ, ଓଡ଼ଗାଁ ଥାନା ଆଇଆଇସି ଜ୍ୟୋତିପ୍ରକାଶ ପଣ୍ଡା, ସହ ଆରକ୍ଷୀ ନିରୀକ୍ଷକ ସଞ୍ଜୟ କୁମାର ପରିଡା ଓ ସହ ଆରକ୍ଷୀ ନିରୀକ୍ଷକ ବିରଞ୍ଚି ନାରାୟଣ ଅମାତ ଆଲୋକଙ୍କୁ ଗିରଫ କରିବା ନିମନ୍ତେ ଏକ ଟିମ୍ ଗଠନ କରିଥିଲେ। ବୁଧବାର ସକାଳେ ସେ ନିକଟସ୍ଥ କେନାଲ ଛକ ଦେଇ ଯାଉଥିବା ବେଳେ ଆଇଆଇସି ପଣ୍ଡା ତାଙ୍କ ସହଯୋଗୀଙ୍କ ସହିତ ଆଲୋକଙ୍କୁ ଗିରଫ କରିଥିବା ଏସଡିପିଓ ବାରିକ ଓଡଗାଁ ଥାନାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ସମସ୍ତ ସୂଚନା ଦେଇଛନ୍ତି । ଡାକ୍ତରୀମାଇନା ପରେ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିଲା ଏବଂ ଜାମିନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ପୋଲିସ ପ୍ରକାଶ କରିଛି ।